ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମେ ୬/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, May 6/2025 Page 12 ₹ 7.00
୫୧ଶ ଭାଗ ୧୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 160 ମୂଲ୍ୟ ₹୭/-

# ୭ରେ ସିଭିଲ୍ ମକ୍‌ଡ୍ରିଲ୍

**ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଚାଲିଛି। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ବୁଧବାର ସିଭିଲ୍ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍ ଡ୍ରିଲ୍ କରିବା ପାଇଁ ସୋମବାର ବିଭିନ୍ନ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରତିରକ୍ଷା ଅଭ୍ୟାସ ବେଳେ ଏୟାର ରେଡ୍ ୱାର୍ନିଂ ସାଇରନ୍‌କୁ ସକ୍ରିୟ କରାଯିବ। ସାଧାରଣ ନାଗରିକ ଏବଂ ଛାତ୍ରୀଛାତ୍ର କିପରି ନିଜକୁ ଆକ୍ରମଣରୁ ସୁରକ୍ଷିତ ରଖିପାରିବେ ସେନେଇ ପ୍ରଶିକ୍ଷଣ ଦିଆଯିବ। ଏଥିସହ ଗୁରୁତ୍ୱପୂର୍ଣ୍ଣ କାରଖାନା ବା ପ୍ରତିଷ୍ଠାନ ପାଇଁ ଆଗୁଆ ସୁରକ୍ଷା ବ୍ୟବସ୍ଥା ହେବ। ଉନ୍ନତ ସ୍ଥାନାନ୍ତରଣ ଲାଗି ଲୋକଙ୍କୁ ଅଭ୍ୟାସ କରାଯିବା ସକାଶେ କ୍ଷେତ୍ର ପ୍ରସ୍ତୁତ କରାଯାଉଛି।**

**ନୂଆଦିଲ୍ଲୀ,୫।୫**

ଆତଙ୍କବାଦୀ ଆକ୍ରମଣ ପରେ ଉଭୟ ଦେଶ ପରସ୍ପର ବିରୋଧରେ ଏକାଧିକ କୂଟନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାବେଳେ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇ କ୍ରମାଗତ ଗୁଳିବର୍ଷା ଲାଗିରହିଛି। ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ଭାରତ କହିଥିବାବେଳେ ପାକିସ୍ତାନ ୨ ଦିନରେ ୨ଟି କ୍ଷେପଣାସ୍ତ୍ର ପରୀକ୍ଷା କଲାଣି। ଭାରତ ଏହାର ସାମରିକ ପ୍ରସ୍ତୁତି ବଢ଼ାଇଛି। ଯେକୌଣସି ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ଥିବାରୁ ଜରୁରୀ ପ୍ରସ୍ତୁତିକୁ ବଢ଼ାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ନାଗରିକ ପ୍ରତିରକ୍ଷା ଅଭ୍ୟାସ କରିବାକୁ କହିଛି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ୩ ବାହିନୀର ମୁଖ୍ୟମାନଙ୍କ ସହ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ବସି ସେନାକୁ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ପରେ ନୌସେନା ଏବଂ ବାୟୁସେନା ମୁଖ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଅଲଗା ଅଲଗା ଭେଟି ସ୍ଥିତି ସମ୍ପର୍କରେ ଅବଗତ କରିଥିବାବେଳେ ସୋମବାର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି।

ପାକିସ୍ତାନ ସହ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ସମ୍ଭାବ୍ୟ ଯୁଦ୍ଧ ଆଶଙ୍କାରେ ଭାରତର ଗୋଳାବାରୁଦ କାରଖାନାଗୁଡ଼ିକରେ କର୍ମଚାରୀଙ୍କ ଲମ୍ବା ଛୁଟିକୁ ବାତିଲ କରାଯାଇଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଓ ମଧ୍ୟପ୍ରଦେଶର ଜବଲପୁରରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରି କର୍ମଚାରୀଙ୍କୁ ୨ ଦିନରୁ ଅଧିକ ଛୁଟି ଦିଆଯାଉ ନାହିଁ। ଲମ୍ବା ଛୁଟି ନ ଦେବାକୁ ଅଧିକାଂଶ ପ୍ଲାଣ୍ଟକୁ ନିର୍ଦ୍ଦେଶ ଦିଆଯାଇଛି।

ପାକିସ୍ତାନ ଶନିବାର ୪୫୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା। ସୋମବାର ଇସ୍‌ଲାମାବାଦ ଆଉ ଏକ ମିଶାଇଲ୍ ପରୀକ୍ଷା କରିଛି। ଫଂତାହ ନାମକ ଏହି ମିଶାଇଲ୍‌ର ଲକ୍ଷ୍ୟଭେଦ କ୍ଷମତା ୧୨୦ କିଲୋମିଟର ପର୍ଯ୍ୟନ୍ତ ବୋଲି ପାକ୍ ସେନାର ଗଣମାଧ୍ୟମ ଶାଖା ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେଶନ ପକ୍ଷରୁ କୁହାଯାଇଛି। ପହଲଗାମ୍ ଆକ୍ରମଣ ପରଠାରୁ ପାକିସ୍ତାନ କ୍ରମାଗତ ନିୟନ୍ତ୍ରଣରେଖା ଓ ଅନ୍ତର୍ଜାତୀୟ ସୀମାରେଖାରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତକୁ ଉସୁକାଇବାକୁ ଉଦ୍ୟମ କରିଆସୁଛି। ଭାରତ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଉଛି।

## ଭାରତକୁ ରୁଷିଆର ପୂର୍ଣ୍ଣ ସମର୍ଥନ

**ପହଲଗାମ୍ ଘଟଣା**



ଭ୍ଲାଡିମିର ପୁଟିନ୍

**ନୂଆଦିଲ୍ଲୀ,୫।୫**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍ ଯୋଗେ କଥା ହେବା ଅବସରରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ପର୍ଯ୍ୟଟକଙ୍କ ପାଇଁ ସେ ଗଭୀର ସମବେଦନା ଜଣାଇବା ସହ ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତକୁ ରୁଷିଆ ପୂର୍ଣ୍ଣ ସମର୍ଥନ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭାରତ-ରୁଷିଆ ସମ୍ପର୍କକୁ ଅଧିକ ଦୃଢ଼ ଓ ଘନିଷ୍ଠ କରିବା ଉପରେ ଉଭୟ ନେତା ରାଜି ହୋଇଛନ୍ତି। ରୁଷିଆର ୮୦ତମ ବିଜୟ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କୁ ଚଳିତ ବର୍ଷର ବାର୍ଷିକ ସମିଟ୍‌ରେ ଯୋଗଦେବା ନିମନ୍ତେ ଭାରତ ଗସ୍ତରେ ଆସିବାକୁ ଆମନ୍ତ୍ରଣ କରିଛନ୍ତି।

# ଏପ୍ରିଲ ୨୭ ଏସ୍‌ଆଇ ପରୀକ୍ଷା ରଦ୍ଦ କଲା ଓଏସ୍‌ଏସ୍‌ସି

## ଜୁଲାଇ ୬ରେ ସାରି ପରୀକ୍ଷା

**ଭୁବନେଶ୍ୱର,୫।୫(ସୁଚିସ୍ମିତା ସାହୁ)**

ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଏକ୍ସାଇଜ୍ ଓ ଟ୍ରାଫିକ ଏସ୍‌ଆଇ ପଦବୀ ପାଇଁ ଏପ୍ରିଲ ୨୭ରେ ହୋଇଥିବା ପରୀକ୍ଷାକୁ ରଦ୍ଦ କରାଯାଇଛି। ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ନଜରକୁ ଆସିବା ପରେ ଓଏସ୍‌ଏସ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ନିଷ୍ପତ୍ତି ଅନୁସାରେ, ଏସ୍‌ଆଇ ର୍‍ୟାଙ୍କର ବିଭିନ୍ନ ବର୍ଗର ପଦ ପଦବୀ ପାଇଁ ସମସ୍ତ ପରୀକ୍ଷା ରଦ୍ଦ କରାଯାଇଛି। ତେବେ ଜୁଲାଇ ୬ରେ ପୁଣିଥରେ ପରୀକ୍ଷା କରାଯିବ ବୋଲି ସୋମବାର ଓଏସ୍‌ଏସ୍‌ସି ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି।

ସୂଚନାଯୋଗ୍ୟ, ଏପ୍ରିଲ ୨୭ରେ ୨୧ଟି ଏସ୍‌ଆଇ ଟ୍ରାଫିକ ପଦବୀ (ଗ୍ରୁପ୍ ବି) ଓ ୧୦ଟି ଏକ୍ସାଇଜ୍ ଏସ୍‌ଆଇ ପଦବୀ ପାଇଁ ମିଳିତ ଭାବେ ଲିଖିତ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷା ପାଇଁ ହଜାର ହଜାର ସଂଖ୍ୟାର ପରୀକ୍ଷାର୍ଥୀ ରାଜ୍ୟର ସମସ୍ତ ଜିଲାରେ ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷାରେ ଅନ୍ୟ ବିଷୟର ପ୍ରଶ୍ନ ପଡିଥିଲା। ଏହାକୁ ନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ତଦନ୍ତ ପରେ ପରୀକ୍ଷା ପରିଚାଳନାରେ ଏଭଳି ତ୍ରୁଟି ହୋଇଥିବା ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ସ୍ୱୀକାର କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। ଏସବୁ ପରୀକ୍ଷାର ବିକଳ୍ପ ବ୍ୟବସ୍ଥା ନିମନ୍ତେ ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ମେ ୪ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କଠାରୁ ମତାମତ ଲୋଡିଥିଲେ।

**ଆଜିର ସମ୍ପାଦକୀୟ**

ତ୍ରୁଟିଙ୍କ ମାଡ଼






# ସମ୍ପୂର୍ଣ୍ଣ ଗାଜା ଦଖଲ ପାଇଁ ଇସ୍ରାଏଲ୍‌ର ଯୋଜନା

ତେଲ୍ ଆଭିଭ୍,୫।୫


ବେଞ୍ଜାମିନ ନେତାନ୍ୟାହୁ

ସମଗ୍ର ଗାଜାଷ୍ଟ୍ରିପ୍‌କୁ ଦଖଲ କରି ସେଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରହିବା ଯୋଜନାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କ୍ୟାବିନେଟ୍ ସୋମବାର ଅନୁମୋଦନ କରିଛି। ଏହା କାର୍ଯ୍ୟକାରୀ ହେଲେ ପାଲେଷ୍ଟାଇନ୍ ଅଞ୍ଚଳରେ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି ବଢ଼ିବ। ସୋମବାର ସକାଳେ ଇସ୍ରାଏଲ୍‌ର କ୍ୟାବିନେଟ ମନ୍ତ୍ରୀମାନେ ଭୋଟ ଜରିଆରେ ନୂଆ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଅନେକ ହଜାର ରିଜର୍ଭ ସୈନ୍ୟଙ୍କୁ ଡକାଯାଇଥିବା କିଛି ଘଣ୍ଟା ପୂର୍ବରୁ ଇସ୍ରାଏଲୀ ସେନା ମୁଖ୍ୟ କହିଥିଲେ। ହମାସ୍‌କୁ ପରାଜିତ କରି ଗାଜାକୁ ଆକ୍ରମଣରୁ ମୁକ୍ତ କରିବା ପାଇଁ ଏହି ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିବା ଜେରୁଜେଲମ୍ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ଲକ୍ଷାଧିକ ପାଲେଷ୍ଟିନୀୟ ଦକ୍ଷିଣ ଗାଜାରେ ପ୍ରବେଶ କରିବା ସୁଯୋଗ ପାଇବେ।

ମାର୍ଚ୍ଚ ମଧ୍ୟଭାଗରେ ଅସ୍ତ୍ରବିରତି ଚୁକ୍ତି ଭଙ୍ଗ ହେବା ପରେ ଇସ୍ରାଏଲ୍ ଗାଜାରେ ଜୋର୍‌ଦାର ଆକ୍ରମଣ ଚଳାଇଛି। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହା ଅନେକ ଅଞ୍ଚଳକୁ ଦଖଲ କରିବା ସହ ଗାଜାରେ ପାଖାପାଖି ୫୦ ପ୍ରତିଶତକୁ ନିଜ ନିୟନ୍ତ୍ରଣରେ ରଖିଛି। ୧୯ ମାସ ହେବ ଲାଗିରହିଥିବା ଯୁଦ୍ଧ ଯୋଗୁ ଗାଜାରେ ମାନବୀୟ ସଙ୍କଟ ଉତ୍କଟ ସ୍ଥିତିରେ ପହଞ୍ଚିଥିବାବେଳେ ଅସ୍ତ୍ରବିରତି ଉଲ୍ଲଂଘନ ପୂର୍ବରୁ ଇସ୍ରାଏଲ୍ ସେଠାକୁ ଖାଦ୍ୟ, ଇନ୍ଧନ, ପାଣି ଆଦି ମାନବୀୟ ସହାୟତା ବନ୍ଦ କରିଦେଇଥିଲା। ଫଳରେ କ୍ଷୁଧା ଓ ଖାଦ୍ୟାଭାବ ଯୋଗୁ ଗାଜାରେ ଲୁଟ୍‌ପାଟ ବଢ଼ିଛି। ଇସ୍ରାଏଲୀ ଅଧିକାରୀଙ୍କ କହିବା ଅନୁଯାୟୀ, ସମ୍ପୂର୍ଣ୍ଣ ଗାଜା ଦଖଲ ଫଳରେ ମାନବୀୟ ସହାୟତା ବଣ୍ଟନରୁ ହମାସ୍ ଆତଙ୍କବାଦୀଙ୍କୁ ଦୂରେଇ ରଖାଯିବ। ହମାସ୍ ଉକ୍ତ ସହାୟତାକୁ ନିଜ ପାଇଁ ରଖି ଏହାର ସାମର୍ଥ୍ୟ ବଢ଼ାଉଛି। ସହାୟତା ବନ୍ଦ ହେଲେ ହମାସ୍ ଉପରେ ଏହା ବଡ଼ ଆକ୍ରମଣ ହେବ। ଗାଜାକୁ ସମ୍ପୂର୍ଣ୍ଣ ଅକ୍ତିଆର କରି ଏହାର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଯୋଜନା ସମ୍ପର୍କରେ ଇସ୍ରାଏଲ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଅନ୍ୟ ଦେଶ ସହ ଆଲୋଚନା କରିଛି। ତେବେ ଇସ୍ରାଏଲ୍‌ର ଏଭଳି କାର୍ଯ୍ୟକୁ ଏହାର ସହଯୋଗୀ ୟୁରୋପୀୟ ରାଷ୍ଟ୍ର ଆରବ ଦେଶଗୁଡ଼ିକ ନିନ୍ଦା କରିଛନ୍ତି। ଅସ୍ତ୍ରବିରତି ଚୁକ୍ତିକୁ ଅଧିକ କୋହଳ କରିବା ପାଇଁ ଇସ୍ରାଏଲ୍ ହମାସ୍ ଉପରେ ଚାପ ପକାଇ ଆସୁଛି। ଅନ୍ୟପକ୍ଷରେ ନୂଆ ଚୁକ୍ତି ପାଇଁ ଉଭୟ ପକ୍ଷଙ୍କୁ ଏକାଠି କରିବା ଲାଗି ଅନ୍ତର୍ଜାତୀୟ ମଧ୍ୟସ୍ଥମାନେ ଉଦ୍ୟମ ଚଳାଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଚୁକ୍ତିନାମା ଆଣିବାକୁ ହମାସ୍ ଦାବି କରୁଛି। ତେବେ ହମାସ୍ ପରାଜିତ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ଚାହୁଁ ନାହିଁ।

# ପାକିସ୍ତାନକୁ ଚେନାବ ଜଳ ରୋକିଲା ଭାରତ

ନୂଆଦିଲ୍ଲୀ,୫।୫



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପ୍ରଥମ ପଦକ୍ଷେପ ସ୍ୱରୂପ ସିନ୍ଧୁନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିବାବେଳେ ରବିବାର ଜମ୍ମୁର ବାଗ୍ଲିହାର ଡ୍ୟାମ୍‌ରୁ ଚେନାବ ନଦୀଜଳ ପ୍ରବାହକୁ ସାମୟିକ ଭାବେ ରୋକିଛି। ବନ୍ଦିପୋର ନିକଟ କିଶନଗଙ୍ଗା ଡ୍ୟାମ୍‌ରୁ ମଧ୍ୟ ଅନୁରୂପ ଭାବେ ଜଳ ରୋକିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଜଣାପଡ଼ିଛି। କଶ୍ମୀରର ୨ଟି ଜଳବିଦ୍ୟୁତ୍ ପ୍ରକଳ୍ପର ଭଣ୍ଡାର ଜଳଧାରଣ କ୍ଷମତା ବଢ଼ାଇବାକୁ ସରକାର କାମ ଆରମ୍ଭ କରିଛନ୍ତି। ଏଥିସହିତ ଉକ୍ତ ଅଞ୍ଚଳରେ ଅଟକି ରହିଥିବା ୬ଟି ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବା ଆଶା କରାଯାଉଛି। ସେଗୁଡ଼ିକ ହେଲା ସାୱ୍ଲକୋଟ୍‌ର ୧,୮୫୬ ମେଗାୱାଟ ପ୍ରକଳ୍ପ, ୧,୩୨୦ ମେଗାୱାଟ୍ କ୍ଷମତା ବିଶିଷ୍ଟ କିର୍ଥାଇ-୧ ପ୍ରକଳ୍ପ ଏବଂ ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପକଲ ଡୁଲ୍। ଏହା ବ୍ୟତୀତ ଅନ୍ୟ ୩ଟି ପ୍ରକଳ୍ପରୁ ୨,୨୨୪ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହି ୬ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଜମ୍ମୁ-କଶ୍ମୀର ମୋଟ ୧୦ ହଜାର ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବା ସହ ଜଳସେଚନ ଓ ଘରୋଇ ବ୍ୟବହାର ପାଇଁ ଅଧିକ ଜଳ ପାଇପାରିବ। ତେବେ ସିନ୍ଧୁନଦୀ ଜଳ ଚୁକ୍ତି ଏବେ ମଧ୍ୟ କାର୍ଯ୍ୟକାରୀ ଥିବାରୁ ଉପରୋକ୍ତ ନିର୍ମାଣର ୬ ମାସ ପୂର୍ବରୁ ଭାରତ ପାକିସ୍ତାନକୁ ନୋଟିସ୍ କରିବାକୁ ପଡ଼ିବ। ଇସ୍‌ଲାମାବାଦ ପ୍ରକଳ୍ପକୁ ବିଳମ୍ବିତ କିମ୍ବା ବାତିଲ କରାଇବା ପାଇଁ ବିଭିନ୍ନ ଆଇନଗତ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ।

## ପରବର୍ତ୍ତୀ ସିଜେଆଇ ଗଭାଇଙ୍କ ଖଣ୍ଡପୀଠରେ ହେବ ୱାକ୍‌ଫ ଶୁଣାଣି

ନୂଆଦିଲ୍ଲୀ,୫।୫(ପି.ଟି.)

ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗଭାଇଙ୍କ ଖଣ୍ଡପୀଠରେ ଆସନ୍ତା ୧୫ ତାରିଖରୁ ଏହାର ଶୁଣାଣି ହେବ। ବର୍ତ୍ତମାନର ସିଜେଆଇ ସଞ୍ଜୀବ ଖାନ୍ନା ମେ' ୧୩ରେ ଅବସର ନେଉଥିବାରୁ ଶୁଣାଣିକୁ ନୂଆ ସିଜେଆଇଙ୍କ ଖଣ୍ଡପୀଠକୁ ସ୍ଥାନାନ୍ତର କରିବା ଲାଗି ସର୍ବୋଚ୍ଚ ଅଦାଲତ ସୋମବାର ନିଷ୍ପତ୍ତି ନେଇଛନ୍ତି। ଶୁଣାଣି ପାଇଁ ସୋମବାର ସିଜେଆଇ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ବସିଥିଲା। ସିଜେଆଇ କହିଥିଲେ, କେନ୍ଦ୍ର ସରକାରଙ୍କ ସହ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ଦିଗଗୁଡ଼ିକ ସ୍ପଷ୍ଟ ହେବା ଆବଶ୍ୟକ, ଯେଉଁଥିପାଇଁ ସମୟ ଲାଗିବ। ଅନ୍ତରୀଣ ପର୍ଯ୍ୟାୟରେ କୌଣସି ରାୟ ବା ନିର୍ଦ୍ଦେଶନାମାକୁ ସଂରକ୍ଷିତ ରଖିବାକୁ ସେ ଚାହୁଁ ନ ଥିବା କହିଥିଲେ।


ଜାପାନର ଓସାକାଠାରେ ଆୟୋଜିତ 'ଏକ୍ସପୋ ୨୦୨୫' ଇଭେଣ୍ଟର ଭାରତୀୟ ପାଭିଲିଅନରେ କେତେଜଣ ମହିଳା ପାରମ୍ପରିକ ପୋଷାକ ସହ ଫଟୋ ଉଠାଉଛନ୍ତି।

## ଆନ୍ଦୋଳନର ଦିନକ ପୂର୍ବରୁ ବହୁ କୃଷକ ନେତା ଗୃହବନ୍ଦୀ

ଚଣ୍ଡିଗଡ଼, ୫।୫

ପଞ୍ଜାବର ଫରିଦକୋଟ ଜିଲା ପୋଲିସ ସୋମବାର ଜଗଜିତ ସିଂ ଡାଲ୍ଲେୱାଲଙ୍କ ସମେତ ବହୁ କୃଷକ ନେତାଙ୍କୁ ଗୃହବନ୍ଦୀ କରିଛି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ପକ୍ଷରୁ ମଙ୍ଗଳବାର ଶମ୍ଭୁ ଥାନା ଘେରାଉ ଯୋଜନା ଥିବାବେଳେ ଏହା ପୂର୍ବରୁ ଫରିଦକୋଟ ଏସ୍‌ପି ମନବିନ୍ଦର ବୀର ସିଂଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଡାଲ୍ଲେୱାଲଙ୍କ ଘରେ ପହଞ୍ଚି ତାଙ୍କୁ ଗୃହବନ୍ଦୀ କରିଛନ୍ତି। ସେହିପରି କିଷାନ ମଜଦୁର ୟୁନିୟନର ମୁଖ୍ୟ ଦିଲ୍‌ବାଗ ସିଂଙ୍କୁ ତାଙ୍କ ଜୀବନପୁରସ୍ଥିତ ବାସଭବନରେ ଗୃହବନ୍ଦୀ କରାଯାଇଛି। ରାଜ୍ୟ ସରକାର ଲୋକଙ୍କ ସ୍ୱରକୁ ପ୍ରତିହତ କରୁଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ଅଭିଯୋଗ ଆଣିଛି।

## ଭାରତର ପ୍ରତିରକ୍ଷା ୱେବ୍‌ସାଇଟ୍ ହ୍ୟାକ୍ କଲେ ପାକ୍ ସାଇବର ଗ୍ରୁପ୍

ନୂଆଦିଲ୍ଲୀ,୫।୫

ଆତଙ୍କବାଦୀ ଆକ୍ରମଣକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ପାକିସ୍ତାନୀ ହ୍ୟାକରମାନେ ଭାରତୀୟ ପ୍ରତିରକ୍ଷା ୱେବ୍‌ସାଇଟ୍‌ଗୁଡ଼ିକୁ ଟାର୍ଗେଟ କରିଛନ୍ତି। ସେମାନେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକାଧିକ ୱେବ୍‌ସାଇଟ୍ ହ୍ୟାକ୍ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସେମାନେ ପ୍ରତିରକ୍ଷା ଅଧିକାରୀମାନଙ୍କ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଏବଂ ସେମାନଙ୍କ ଲଗ୍‌ଇନ୍ ପାସ୍‌ୱାର୍ଡ ଇତ୍ୟାଦିରେ ଜାଲିଆତି କରି ଅସୁବିଧାରେ ପକାଇପାରନ୍ତି ବୋଲି କୁହାଯାଉଛି। ହ୍ୟାକରମାନେ ମିଲିଟାରି ଇଞ୍ଜିନିୟରିଂ ସର୍ଭିସେସ୍ ଏବଂ ମନୋହର ପାରିକର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ ଆନାଲିସିସ୍‌ର ସମ୍ବେଦନଶୀଳ ତଥ୍ୟ ପାଇଥିବା ପାକିସ୍ତାନ ସାଇବର ଫୋର୍ସ ପକ୍ଷରୁ ଦାବି କରାଯାଇଛି। ଏହା ବ୍ୟତୀତ ସେମାନେ ଆର୍ମର୍ଡ ଭେହିକିଲ୍ ନିଗମ ଲିଃର ୱେବ୍‌ସାଇଟ୍‌କୁ ବିକୃତ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ଅଡିଟ ପାଇଁ ଉକ୍ତ ୱେବ୍‌ସାଇଟ୍‌କୁ ଅଫ୍‌ଲାଇନ୍‌ରେ ରଖାଯାଇଛି।

## ପାକିସ୍ତାନକୁ ପାଣ୍ଠି ହ୍ରାସ ପାଇଁ ଏଡିବି ଉପରେ ଭାରତର ଚାପ

ନୂଆଦିଲ୍ଲୀ,୫।୫

ଗତ ମାସ ୨୨ ତାରିଖରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତ ଏକାଧିକ କୂଟନୈତିକ କଟକଣା ଲଗାଇଥିବାବେଳେ ଏବେ ଆର୍ଥିକ ଆକ୍ରମଣ କରିବାକୁ ଲକ୍ଷ୍ୟ ରଖିଛି। ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଉଥିବା ଇସ୍‌ଲାମାବାଦକୁ ଅନ୍ତର୍ଜାତୀୟ ପାଣ୍ଠି ହ୍ରାସ କରାଇବା ପାଇଁ ଭାରତ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି) ଅଧ୍ୟକ୍ଷଙ୍କୁ ଭେଟି ପାକିସ୍ତାନକୁ ପାଣ୍ଠି ହ୍ରାସ କରିବାକୁ ଦାବି କରିଥିବା ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ପାକିସ୍ତାନକୁ ପୁଣିଥରେ ଫାଇନାନ୍‌ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫଏଟିଏଫ୍)ର ଗ୍ରେ ତାଲିକାରେ ରଖିବା ପାଇଁ ସୀତାରାମନ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ଆଲୋଚନା କରିଛନ୍ତି।

ଇଟାଲୀର ମିଲନଠାରେ ଅନୁଷ୍ଠିତ ଏଡିବି ବାର୍ଷିକ ବୈଠକରେ ଅର୍ଥମନ୍ତ୍ରୀ ଏଡିବି ଅଧ୍ୟକ୍ଷ ମାସାତୋ କାଣ୍ଡାଙ୍କୁ ଭେଟିଥିଲେ। ଏଥିସହିତ ସେ ଇଟାଲୀ ଅର୍ଥମନ୍ତ୍ରୀ ଗିଆନକାର୍ଲୋ ଗିଓର୍ଗେଟିଙ୍କୁ ଭେଟି ଅନୁରୂପ ଦାବି କରିଥିଲେ। ଆର୍ଥିକ ସଙ୍କଟ ମଧ୍ୟରେ ଥିବା ପାକିସ୍ତାନ ଏଡିବି ପାଣ୍ଠି ଉପରେ ଅତ୍ୟଧିକ ନିର୍ଭରଶୀଳ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ଏଡିବି ପାକିସ୍ତାନର ବିଭିନ୍ନ ସେକ୍ଟରକୁ ଆର୍ଥିକ ସହାୟତା ଯୋଗାଇ ଆସୁଛନ୍ତି। ପାକିସ୍ତାନକୁ ଆଇଏମ୍‌ଏଫ୍‌ର ୭ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ସହାୟତା ପ୍ୟାକେଜ୍‌କୁ ନେଇ ଭାରତ ନିଜର ଉଦ୍‌ବେଗ ଜଣାଇବ ବୋଲି ଆଶା କରାଯାଉଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ପାକିସ୍ତାନକୁ ଏଫ୍‌ଏଟିଏଫ୍ ଗ୍ରେ ତାଲିକାରେ ପୁନର୍ବାର ସାମିଲ କରାଇବା ପାଇଁ ଭାରତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଉପରେ ଚାପ ପକାଉଛି। ଅନ୍ତର୍ଜାତୀୟ ସହାୟତା ଯେପରି ଆଞ୍ଚଳିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କାର୍ଯ୍ୟକୁ ସହାୟତା ପାଇଁ ବିନିଯୋଗ ନ ହୁଏ, ସେଥିପାଇଁ କଡ଼ା ସର୍ତ୍ତ ରଖିବାକୁ ଭାରତ ଦାବି କରିଛି।

# ବିଦାୟ ନେଲା ସ୍କାଇପ୍

**'ମାଇକ୍ରୋସଫ୍ଟ ଟିମ୍ସ' ସହ ସମନ୍ୱିତ ହେଲା**

ୱାଶିଂଟନ, ୫।୫




ଲୋକପ୍ରିୟ ଭିଡିଓ କନ୍‌ଫରେନ୍ସି ପ୍ଲାଟଫର୍ମ ସ୍କାଇପ୍ ଆପ୍ଲିକେଶନ ସୋମବାରଠାରୁ ବନ୍ଦ ହୋଇଛି। ପ୍ରାୟ ୨ ଦଶନ୍ଧି ଧରି ଲୋକଙ୍କୁ ଯୋଡ଼ି ରଖିଥିବା ଏହି ଆପ୍ ଏବେ ଇତିହାସରେ ପରିଣତ ହୋଇଛି। ନିଜର ନୂତନ ଏବଂ ଅଧିକ ଶକ୍ତିଶାଳୀ କମ୍ୟୁନିକେଶନ ଟୁଲ୍ସ 'ମାଇକ୍ରୋସଫ୍ଟ ଟିମ୍ସ' ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ଲକ୍ଷ୍ୟ ରଖି ମାଇକ୍ରୋସଫ୍ଟ ସ୍କାଇପ୍ ସେବାକୁ ବନ୍ଦ କରିଛି। ମାଇକ୍ରୋସଫ୍ଟ ପକ୍ଷରୁ 'ମାଇକ୍ରୋସଫ୍ଟ ଟିମ୍ସ'କୁ ସ୍କାଇପର ଉତ୍ତରାଧିକାରୀ ଭାବେ ଘୋଷଣା କରାଯାଇଛି। ଏହା ସହ ମାଇକ୍ରୋସଫ୍ଟ ମାଲିକାନାରେ ଥିବା ସ୍କାଇପ୍ ଆପ୍ ମାଇକ୍ରୋସଫ୍ଟ ଟିମ୍ସ ସହ ସମନ୍ୱିତ ହୋଇଛି। ସ୍କାଇପ୍ ବନ୍ଦ ହେବା ପରେ ଯେପରି ଏହାର ୟୁଜର୍ସମାନେ ଅସୁବିଧାର ସମ୍ମୁଖୀନ ନ ହେବେ, ତାହାକୁ ଦୃଷ୍ଟିରେ ରଖି ସ୍କାଇପ୍‌ରୁ ମାଇକ୍ରୋସଫ୍ଟ ଟିମ୍ସକୁ ସ୍ଥାନାନ୍ତରିତ ହେବା ପାଇଁ ସେମାନଙ୍କୁ ବହୁ ପୂର୍ବରୁ ମାଇକ୍ରୋସଫ୍ଟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ମାଇକ୍ରୋସଫ୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସ୍କାଇପ୍ ବ୍ୟବହାରକାରୀଙ୍କ ନିକଟରେ ମାଗଣାରେ ମାଇକ୍ରୋସଫ୍ଟ ଟିମ୍ସକୁ ଯିବା ପାଇଁ ବିକଳ୍ପ ରହିଛି ଯାହା ସ୍କାଇପ୍ ଆପ୍‌ଠାରୁ ଅଧିକ ଭଲ ଫିଚର ପ୍ରଦାନ କରିବ।

୨୦୦୩ରେ ସ୍କାଇପ୍ ଆପ୍ଲିକେଶନ ଲଞ୍ଚ୍ ହୋଇଥିଲା। ଏହା ଏକ ସ୍ୱତନ୍ତ୍ର କମ୍ପାନୀ ଭାବେ ଆରମ୍ଭ ହୋଇଥିଲା ଏବଂ ଖୁବ୍‌ଶୀଘ୍ର ଏହା ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିଲା। ୨୦୦୫ରେ ଆମେରିକୀୟ ମଲ୍ଟିନ୍ୟାଶନାଲ ଇ-କମର୍ସ କମ୍ପାନୀ 'ଇବେ' ସ୍କାଇପ୍‌କୁ ୨.୬ ବିଲିୟନ ଡଲାରରେ କିଣିଥିଲା। ତେବେ 'ଇବେ'ର ଏହି ଅଧିଗ୍ରହଣ ସଫଳ ହୋଇ ନ ଥିଲା। ୨୦୦୯ରେ 'ଇବେ' ସ୍କାଇପ୍‌ର ୭୦% ଅଂଶକୁ 'ସିଲ୍‌ଭର ଲେକ ପାର୍ଟନର୍ସ' ଭଳି ନିବେଶକଙ୍କୁ ବିକ୍ରି କରିଥିଲା। ତେବେ ଏହାପରେ ୨୦୧୧ରେ ମାଇକ୍ରୋସଫ୍ଟ ୮.୫ ବିଲିୟନ ଡଲାର ମୂଲ୍ୟରେ ସ୍କାଇପ୍‌କୁ କିଣିଥିଲା। ଏହିପରି ଭାବେ ୨୦୦୩ରେ ଲଞ୍ଚ୍ ହୋଇଥିବା ସ୍କାଇପ୍ ଆପ୍ ୨୦୧୧ରେ ସମ୍ପୂର୍ଣ୍ଣ ଭାବେ ମାଇକ୍ରୋସଫ୍ଟର ମାଲିକାନା ଅଧୀନକୁ ଆସିଥିଲା।

# ବିଦେଶୀ ଫିଲ୍ମ ଉପରେ ଟ୍ରମ୍ପ୍‌ଙ୍କ ୧୦୦% ଟାରିଫ୍

ୱାଶିଂଟନ, ୫।୫

**'ହଲିଉଡ୍ ବ୍ୟାପକ କ୍ଷତି ସହୁଛି'**


ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ବାହାରେ ନିର୍ମିତ ଚଳଚ୍ଚିତ୍ର ୟୁଏସ୍‌ରେ ରିଲିଜ୍ ହେବାନେଇ ୧୦୦% ଟାରିଫ୍ ଲଗାଯିବ ବୋଲି ସୋମବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଘୋଷଣା କରିଛନ୍ତି। ଏହି ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ସେ ଆମେରିକାର ବାଣିଜ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଆମେରିକୀୟ ଚଳଚ୍ଚିତ୍ର ଶିଳ୍ପର ଦ୍ରୁତଗତିରେ ମୃତ୍ୟୁ ହେବାକୁ ଯାଉଛି। ଅନ୍ୟ ଦେଶଗୁଡ଼ିକ ବିଭିନ୍ନ ପ୍ରଲୋଭନ ଦେଖାଇ ଆମେରିକୀୟ ଫିଲ୍ମ ନିର୍ମାତାଙ୍କୁ ନିଜ ଦେଶ ପ୍ରତି ଆକୃଷ୍ଟ କରୁଛନ୍ତି। ଏହାଯୋଗୁ ହଲିଉଡ୍ ଏବଂ ଆମେରିକାର ବହୁ ଅଞ୍ଚଳ ବ୍ୟାପକ ମାତ୍ରାରେ କ୍ଷତି ସହୁଛନ୍ତି। ଏହା ନିହାତିପକ୍ଷେ ଅନ୍ୟ ଦେଶମାନଙ୍କର ଏକ ସଙ୍ଗଠିତ ଯୋଜନା। ତେଣୁ ଅନ୍ୟ ଦେଶରେ ନିର୍ମିତ ଫିଲ୍ମ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ହୋଇଥିବା ସେ କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଆମେରିକାରେ ଚଳଚ୍ଚିତ୍ର ନିର୍ମାଣ କ୍ରମାଗତ ଭାବେ ହ୍ରାସ ପାଉଛି। ୨୦୨୧ ତୁଳନାରେ ୨୦୨୩ରେ ଆମେରିକାରେ ହେଉଥିବା ଚଳଚ୍ଚିତ୍ର ନିର୍ମାଣରେ ୨୬% ହ୍ରାସ ଘଟିଛି। ଟ୍ରମ୍ପ୍‌ଙ୍କ ଏହି ଘୋଷଣା ପରେ ସାରା ବିଶ୍ୱରେ ଫିଲ୍ମ ଷ୍ଟୁଡିଓଜ୍, ପ୍ରଡକ୍ସନ ହାଉସ୍ ଏବଂ ଫିଲ୍ମ ନିର୍ମାତାମାନେ ଚିନ୍ତାରେ ପଡ଼ିଛନ୍ତି।

## ଚିନ୍ତାରେ ବଲିଉଡ୍ ଫିଲ୍ମ ନିର୍ମାତା

ବିଦେଶୀ ଚଳଚ୍ଚିତ୍ର ଉପରେ ଆମେରିକା ପକ୍ଷରୁ ୧୦୦% ଟାରିଫ୍ ଲଗାଯିବା ନେଇ ଟ୍ରମ୍ପ୍‌ଙ୍କ ଘୋଷଣା ପରେ ଅନେକ ଭାରତୀୟ ଫିଲ୍ମ ନିର୍ମାତା ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ବଲିଉଡ୍ ସମେତ ତେଲୁଗୁ, ତାମିଲ ଏବଂ ମାଲୟାଲମ ଇଣ୍ଡଷ୍ଟ୍ରିରେ ଫିଲ୍ମ ବ୍ୟବସାୟର ଏକ ବଡ଼ ଅଂଶ ଆମେରିକାରୁ ଆସିଥାଏ। ସେହିପରି ଅନେକ ସୁପରହିଟ୍ ଭାରତୀୟ ଫିଲ୍ମ କରିଥିବା ବ୍ୟବସାୟର ବଡ଼ ଅଂଶ ଆମେରିକାରୁ ରହିଥାଏ। ସେହିପରି ଗତ କିଛି ବର୍ଷ ଧରି ବଲିଉଡ୍ ଫିଲ୍ମ ନିର୍ମାତାମାନେ ସେମାନଙ୍କ ଫିଲ୍ମର ଶୁଟିଂ ପାଇଁ ଆମେରିକାଠାରୁ ୟୁରୋପୀୟ ଦେଶକୁ ବେଶି ପସନ୍ଦ କରୁଛନ୍ତି। ଶୁଟିଂ ସ୍ଥାନକୁ ଆଧାର କରି ଆମେରିକା ପକ୍ଷରୁ ବିଦେଶୀ ଚଳଚ୍ଚିତ୍ର ଉପରେ ଟାରିଫ୍ ଲଗାଗଲେ ଭାରତୀୟ ପ୍ରଡକ୍ସନ କମ୍ପାନୀଗୁଡ଼ିକୁ ବ୍ୟାପକ କ୍ଷତି ସହିବାକୁ ପଡ଼ିବ ବୋଲି ଫିଲ୍ମ ସମୀକ୍ଷକ କହିଛନ୍ତି।

**ଫୁରସତ୍**

# ବିନା ବିମାନରେ ବିଶ୍ୱ ଭ୍ରମଣ

କୋପେନ୍‌ହେଗେନ୍



ଥର ପେଡର୍ସନ

ସାଧାରଣତଃ ଲୋକମାନେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ଚାଲିଚଳନ, ସଂସ୍କୃତି ଆଦିକୁ ଜାଣିବାକୁ ଚାହିଁଥାନ୍ତି। ତେବେ ଅନେକେ ଦୈନନ୍ଦିନ ଜୀବନରେ ବ୍ୟସ୍ତ ରହି ନିଜର ଏହି ଇଚ୍ଛାକୁ ପୂରଣ କରି ପାରନ୍ତି ନାହିଁ। ଡେନ୍‌ମାର୍କ ନିବାସୀ ଥର ପେଡର୍ସନ (୪୬)ଙ୍କ ନାଁରେ ଏହାର ଠିକ୍ ବିପରୀତ ଏକ ଅନନ୍ୟ ଏବଂ ବିରଳ କୃତିତ୍ୱ ରହିଛି। ୨୦୨୩ରେ ସେ ବିମାନର ବ୍ୟବହାର ବିନା ୨୦୩ ଦେଶରେ ନିଜ ଭ୍ରମଣ ଶେଷକରି ଇତିହାସ ରଚିଥିଲେ।

ନିକଟରେ ଏକ ସାକ୍ଷାତ୍‌କାର ଦେଇ ଥର କହିଛନ୍ତି ସେ କେବଳ ଜାହାଜ, ବୋଟ୍, ଟ୍ରେନ୍ ଏବଂ ସଡ଼କ ମାର୍ଗରେ ବିଭିନ୍ନ ଯାନବାହନର ସହାୟତା ନେଇ ଏହି ବିଶ୍ୱ ଭ୍ରମଣକୁ ସଫଳତାର ସହ ଶେଷ କରିଥିଲେ। ଜାତିସଂଘ ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ୧୯୫ ଦେଶ ସହ ୱେଷ୍ଟର୍ନ ସାହାରା, ତାଇୱାନ୍ ପରି ମାନ୍ୟତା ମିଳି ନ ଥିବା ଅନ୍ୟ ୮ଟି ଦେଶ ମଧ୍ୟ ସେ ଭ୍ରମଣ କରିଥିଲେ। ଏହି ବିଶ୍ୱ ଭ୍ରମଣରେ ସେ ମୋଟ ୩୫୧ଟି ବସ, ୧୫୮ଟି ଟ୍ରେନ୍, ୩୭ଟି କଣ୍ଟେନର ଶିପ୍, ୩୩ଟି ବୋଟ, ୯ଟି ଟ୍ରକ୍, ୨ଟି କ୍ରୁଜ ଜାହାଜ, ଗୋଟିଏ ପୋଲିସ କାର୍ ଏବଂ ଗୋଟିଏ ଘୋଡ଼ା ଗାଡ଼ିର ବ୍ୟବହାର କରିଥିଲେ। ୨୦୧୮ର ଶେଷ ଭାଗ ଏବଂ ୨୦୧୯ର ପ୍ରାରମ୍ଭରେ ସେ ଭାରତ ଆସିଥିଲେ ବୋଲି ଥର କହିଛନ୍ତି। ୨୦୨୩ରେ ସେ ମାଲଦ୍ୱୀପ ପହଞ୍ଚି ନିଜର ଏହି ବିଶ୍ୱ ଭ୍ରମଣକୁ ସମୁଦାୟ ୩,୫୧୨ ଦିନରେ ଶେଷ କରିଥିଲେ। ଏହି ଅବଧି ମଧ୍ୟରେ ସେ ପ୍ରତ୍ୟେକ ଦେଶରେ ସର୍ବନିମ୍ନ ୨୪ ଘଣ୍ଟା ରହିଥିବା ଥର କହିଛନ୍ତି। ଥର ଆହୁରି କହିଛନ୍ତି, ସେ ୨୦୧୩ରେ ନିଜର ଏହି ବିଶ୍ୱ ଭ୍ରମଣ ଯାତ୍ରାକୁ ଆରମ୍ଭ କରିଥିଲେ। ସେତେବେଳେ ସେ ମାତ୍ର ୪ ବର୍ଷ ମଧ୍ୟରେ ପୂରା ବିଶ୍ୱ ଭ୍ରମଣ କରିବାକୁ ସ୍ଥିର କରିଥିଲେ। ତେବେ ବିଭିନ୍ନ ଦେଶରେ ରାଜନୈତିକ ଅସ୍ଥିରତା ଏବଂ କରୋନା ମହାମାରୀ ଯୋଗୁ ସେ ବିଳମ୍ବରେ ଏହି ଯାତ୍ରା ଶେଷ କରିଥିଲେ। କୋଭିଡ୍ ମହାମାରୀ ବେଳେ ସେ ୨ ବର୍ଷ ଧରି ହଂକଂରେ ଫସି ରହିଥିଲେ। ତେବେ ଭ୍ରମଣ କରିଥିବା ୨୦୩ ଦେଶ ମଧ୍ୟରୁ କ୍ୟୁବା ତାଙ୍କର ସବୁଠାରୁ ପସନ୍ଦଯୋଗ୍ୟ ଦେଶ ହୋଇଥିବା ଥର କହିଛନ୍ତି। ଅନ୍ୟ ଦେଶଗୁଡ଼ିକଠାରୁ କ୍ୟୁବାର ପରିବେଶ ସମ୍ପୂର୍ଣ୍ଣ ଭିନ୍ନ ଥିବା ସେ ଅନୁଭବ କରିଥିଲେ। ସେଠାକାର ଲୋକ ନିଜ କର୍ମମୟ ଜୀବନରେ ବାନ୍ଧି ନ ହୋଇ ନିଜ ନିଜର ଜୀବନକୁ ଉପଭୋଗ କରନ୍ତି ବୋଲି ଥର କହିଛନ୍ତି।

# ବଡ଼ ପରଦାରେ ଡେବ୍ୟୁ କରିବେ ରିଦ୍ଧିମା

ମୁମ୍ବାଇ



ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ବଡ଼ ଭଉଣୀ ରିଦ୍ଧିମା କପୁର ସହାନି ଖୁବ୍‌ଶୀଘ୍ର ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଗତ ବର୍ଷ ସେ ୱେବ୍ ସିରିଜ୍ 'ଫାବୁଲସ ଲାଇଭ୍ସ ଭର୍ସେସ୍ ବଲିଉଡ୍ ୱାଇଭ୍ସ' ସିରିଜ୍ ସହ ଓଟିଟିରେ ଡେବ୍ୟୁ କରିଥିଲେ। ସମ୍ପ୍ରତି ଶିମ୍‌ଲାର ଏକ ପାହାଡ଼ିଆ ଅଞ୍ଚଳରେ ରିଦ୍ଧିମାଙ୍କ ଡେବ୍ୟୁ ଫିଲ୍ମର ଶୁଟିଂ ଜାରି ରହିଛି। ରିଦ୍ଧିମା ଫିଲ୍ମରେ ନିଜ ସାଥୀ କଳାକାରଙ୍କ ସହ ଶୁଟିଂ ବେଳର କେତେକ ଫଟୋକୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ଫଟୋରେ ରିଦ୍ଧିମା ତାଙ୍କ ମା' ନୀତୁ କପୁର, କମେଡି କିଙ୍ଗ୍ କପିଲ ଶର୍ମା ଏବଂ ଫିଲ୍ମର ଅନ୍ୟ ଷ୍ଟାର୍‌କାଷ୍ଟଙ୍କ ସହ ନଜରକୁ ଆସିଛନ୍ତି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆଶିଷ ଆର୍ ମୋହନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଟାଇଟଲ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇ ନାହିଁ। ଗତ ଏପ୍ରିଲରେ ଚଣ୍ଡିଗଡ଼ରେ ଏହାର ଶୁଟିଂ ଆରମ୍ଭ ହୋଇଥିଲା। ଏବେ ଫିଲ୍ମର ଦ୍ୱିତୀୟ ପର୍ଯ୍ୟାୟ ଶୁଟିଂ ଶିମ୍‌ଲାର ପାହାଡ଼ିଆ ଅଞ୍ଚଳରେ ଜାରି ରହିଛି। ତେବେ ରିଦ୍ଧିମାଙ୍କ ଏହି ଡେବ୍ୟୁ ଫିଲ୍ମ କେବେ ରିଲିଜ୍ ହେବ, ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଏହି ଫିଲ୍ମରେ ନୀତୁ କପୁରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ରିଦ୍ଧିମା ଜଣେ ସଫଳ ବିଜ୍‌ନେସ୍ ୱମେନ୍ ହେବା ସହ ଫେଶନ ଉଦ୍ୟୋଗୀ ଭାବେ ବେଶ୍ ଜଣାଶୁଣା।




# ସିଡବ୍ଲ୍ୟୁସି ଅଧ୍ୟକ୍ଷାଙ୍କ ସହ ୪ ସଦସ୍ୟ ବହିଷ୍କୃତ

## ଶିଶୁକନ୍ୟାକୁ ବେଆଇନ ଭାବେ ପୋଷ୍ୟ ଗ୍ରହଣ ଘଟଣା

**ରାୟଗଡ଼ା,୫।୫ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ବ୍ଲକର ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ନିକଟସ୍ଥ ନୂଆପଡା କଲୋନୀରୁ ଏକ ନବଜାତ ଶିଶୁକନ୍ୟାକୁ ବେଆଇନ ଭାବରେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଥିବା ଘଟଣାରେ ସୋମବାର ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଅଧ୍ୟକ୍ଷାଙ୍କ ସହ ୪ ସଦସ୍ୟଙ୍କୁ ବହିଷ୍କୃତ କରାଯାଇଛି। ରାୟଗଡ଼ା ଜିଲାପାଳ ପାରୁଲ ପଟାଓ୍ୱରି ସିଡବ୍ଲ୍ୟୁସି ଭାଙ୍ଗିବା ପାଇଁ ସୁପାରିସ କରିବା ପରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ କର୍ତ୍ତବ୍ୟରେ ଅବହେଳା କରିଥିବା ଦର୍ଶାଇ ସିଡବ୍ଲ୍ୟୁସି ଅଧ୍ୟକ୍ଷା ବିଦ୍ୟୁଲତା ହୁଇକାଙ୍କ ସମେତ ୪ ସଦସ୍ୟଙ୍କୁ ପଦରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ କଲ୍ୟାଣ କମିଟିର ସଦସ୍ୟ ଗାଗାରିନ୍ ଶବର, ପ୍ରିୟଦର୍ଶିନୀ ମହାକୁଲ, କୈଳାସ ଚନ୍ଦ୍ର ପାଳ ଓ ଜ୍ୟୋତ୍ସ୍ନାମୟୀ ପାଢ଼ୀଙ୍କୁ ତୁରନ୍ତ ଦାୟିତ୍ୱରୁ ବହିଷ୍କାର କରିବା ସହ ତାଙ୍କ ନିକଟରେ ଥିବା ସମସ୍ତ ରେକର୍ଡ ଏବଂ ସମ୍ପତ୍ତି ଡିସିପିଓଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ନୂଆପଡ଼ାର ଦମ୍ପତି କୁମୁଦ ଗାଣ୍ଡା ଏବଂ ରାହୁଲ ଧନବାଦୀ ନିଜର ୯ ଦିନର ଶିଶୁକନ୍ୟାକୁ ଏକ ଅଣପଞ୍ଜୀକୃତ ପୋଷ୍ୟ ଗ୍ରହଣ ଡିଡ୍‌ରେ ସ୍ୱାକ୍ଷର କରି ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ (ମାନ୍ୟମ) ଜିଲାର ବାଲାଜୀପେଟାର କେ. ନନ୍ଦିନୀ ଏବଂ କେ. ରାଜଶେଖରଙ୍କୁ ଦେଇଥିଲେ। ଜିଲା ପ୍ରଶାସନ ଏହି ସମ୍ବେଦନଶୀଳ ଘଟଣା ବିଷୟରେ ସିଡବ୍ଲ୍ୟୁସିକୁ ରିପୋର୍ଟ ମାଗିଥିଲେ। ହେଲେ ସିଡବ୍ଲ୍ୟୁସି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଏବଂ ଅଣ-ପଞ୍ଜୀକୃତ ପୋଷ୍ୟସନ୍ତାନ ଗ୍ରହଣ ଡିଡ୍‌ର ଏକ କପି ପାଇବା ସତ୍ତ୍ୱେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିବା ତଦନ୍ତ କରୁଥିବା କମିଟି ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କୁ ପଚାରିବାରୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ଜିଲାପାଳଙ୍କୁ ଚିଠି କରାଯାଇଛି ବୋଲି କହିଛନ୍ତି। ଉକ୍ତ ଚିଠିରେ କାର୍ଯ୍ୟର ଅବହେଳା ନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଉଲ୍ଲେଖ ରହିଛି ବୋଲି ସେ କହିଛନ୍ତି।

# ବିପ୍ଳବୀ, ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର: ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରୁଛନ୍ତି।

## ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

### ୨୧୪ର ଭିତ୍ତିପ୍ରସ୍ତର, ୧୦୪ ପ୍ରକଳ୍ପ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୫।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

ବିପ୍ଳବୀ ସହ ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର। ଓଡ଼ିଶାରେ ବ୍ରିଟିଶ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ତାଙ୍କ ଦୃଢ଼ ସଂକଳ୍ପ, ଦେଶପ୍ରେମ ଓ ତ୍ୟାଗ ଆଜି ଯୁବପିଢ଼ି ପାଇଁ ପ୍ରେରଣା ହୋଇଛି। ରାଜ୍ୟ ସରକାର ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିପ୍ଳବୀ ଧରଣୀଧରଙ୍କ ମାଟିରେ ପ୍ରତିଷ୍ଠା ହେବ ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର। ଧରଣୀଧରଙ୍କ ନାମରେ, ଭୁବନେଶ୍ୱରରେ ଅତିଥି ଭବନ ପ୍ରତିଷ୍ଠା ହେବ ବୋଲି କେନ୍ଦୁଝର ସଦର ବ୍ଲକ୍ କୁସୁମିତା ଗ୍ରାମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ପୂଜ୍ୟପୂଜା ପରମ୍ପରାକୁ ଗୁରୁତ୍ୱ ଦେଇ ଆଜି ଆମ ସରକାର ସାରା ଓଡ଼ିଶାରେ ମହାପୁରୁଷଙ୍କ ଜୟନ୍ତୀ ସେମାନଙ୍କ ଜନ୍ମମାଟିରେ ପାଳନ କରୁଛି। ଏହା ହିଁ ଆମ ଅସ୍ମିତାର ପରିଚୟ। ଧରଣୀଧରଙ୍କ ଜୀବନୀ ହିଁ ଆମକୁ ଅଖଣ୍ଡତା ଓ ବିକାଶର ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷା ପ୍ରଦାନ କରେ। ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ। ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଆଜି ଧରଣୀଧର ନାହାନ୍ତି, ତାଙ୍କ ସ୍ମୃତି ଅଛି। ବିପ୍ଳବ କରିବାର ଯେଉଁ ଚେତନା ସେ ସୃଷ୍ଟି କରିଥିଲେ, ସେ ଚେତନା ଅଛି। ଆଜି ସ୍ୱାଧୀନତା ପାଇଁ ଲଢ଼ିବାର ନାହିଁ। ଆଜିର ସମୟ ହେଉଛି ବିକାଶ ପାଇଁ ଲଢ଼ିବାର ସମୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲାରେ ପ୍ରାୟ ୧୧୫୫ କୋଟି ଟଙ୍କା ବ୍ୟୟ ବରାଦର ସମୁଦାୟ ୩୪୦ ଗୋଟି ନୂତନ ପ୍ରକଳ୍ପର ଘୋଷଣା, ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ୮୭ କୋଟି ଟଙ୍କାରେ ୧୦୪ଟି ପ୍ରକଳ୍ପର ଉଦ୍‌ଘାଟନ, ୪୪୯ କୋଟି ଟଙ୍କାରେ ୨୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ୬୨୦ କୋଟି ଟଙ୍କାରେ ୨୨ଟି ନୂତନ ପ୍ରକଳ୍ପର ଘୋଷଣା କରିଥିଲେ। ବିପ୍ଳବୀଙ୍କ ଜନ୍ମ ଗ୍ରାମ କୁସୁମିତାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ମୃତିପୀଠରେ ଧରଣୀଧରଙ୍କ ପୈତୃକ ବାସଗୃହର ସଂରକ୍ଷଣ କରାଯିବ। ତାଙ୍କ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ କରି ରଖାଯିବ। ଧରଣୀଧରଙ୍କ ଘର ପାଖରେ ୨ ଏକର ଜମିରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ସହ ଏକ ବ୍ୟାଖ୍ୟାନ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହାକୁ ଏକ ପର୍ଯ୍ୟଟନ ଭାବେ ବିକଶିତ କରି ପାର୍କ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିସହ କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଷ୍ଟିଲ୍ ପ୍ଲାଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏଥିସହ କେନ୍ଦୁଝରରେ ସମୁଦାୟ ୧,୨୯,୮୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର କାଙ୍ଗାଳି ଚରଣ ନାଏକଙ୍କୁ ଧରଣୀଧର ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବିପ୍ଳବୀ ଧରଣୀଧରଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ।

କାର୍ଯ୍ୟକ୍ରମରେ ବିପ୍ଳବୀ ଧରଣୀଧର ନାଏକଙ୍କ ବଂଶଧର କଳାକର ନାଏକ ଯୋଗଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ପାଠ କରିଥିଲେ। ଜିଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଭୂୟାଁ ସାଂସ୍କୃତିକ ସଂଗଠନର ଉପଦେଷ୍ଟା ମମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଦୀଘା’ ଜଗନ୍ନାଥ ଧାମ ନୁହେଁ: ଗଜପତି

**ଭୁବନେଶ୍ୱର,୫।୫ (ରବିନାରାୟଣ ଜେନା)**

ପଶ୍ଚିମବଙ୍ଗର ‘ଦୀଘା’ରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ ନେଇ ଉପୁଜିଥିବା ବିବାଦରେ ପୁରୀ ଗଜପତି ରାଜା ଦିବ୍ୟସିଂହ ଦେବ ପ୍ରତିକ୍ରିୟା ରଖିଛନ୍ତି।

ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗଜପତି ମହାରାଜା କହିଛନ୍ତି, ‘ଦୀଘା’ଜଗନ୍ନାଥ ମନ୍ଦିର ‘ଜଗନ୍ନାଥ ଧାମ’ ନୁହେଁ। ସେ କହିଛନ୍ତି, ବିଭିନ୍ନ ଗଣମାଧ୍ୟମର ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ପୂର୍ବ ମେଦିନାପୁରର ଦୀଘାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ତଥା ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର ନାମରେ ନାମିତ କରାଯାଇଛି। ଏହି ପରିପ୍ରେକ୍ଷୀରେ, ଚଳିତମାସ ୩ରେ ଏକ ଚିଠି ମାଧ୍ୟମରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ମତାମତ ମାଗିଥିଲୁ, ଯାହାର ଉତ୍ତର ରବିବାର ମିଳିଛି।

ଗଜପତି ମହାରାଜା କହିଛନ୍ତି,କେବଳ ସ୍କନ୍ଦ ପୁରାଣ ନୁହେଁ ବରଂ ବ୍ରହ୍ମ-ପୁରାଣ, ନୀଳାଦ୍ରି ମହୋଦୟ ଏବଂ ଅନ୍ୟାନ୍ୟ ପବିତ୍ର ଓ ପ୍ରାଚୀନ ଶାସ୍ତ୍ରରେ ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀ ହିଁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ପରମ ପବିତ୍ର ଆବିର୍ଭାବ ଓ ଉପାସନା ପୀଠ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ସେହିପରି ପଦ୍ମପୁରାଣର ଷଷ୍ଠ ଅଧ୍ୟାୟରେ ଉଲ୍ଲେଖ ଅଛି, କେବଳ ଭଗବାନଙ୍କ ପବିତ୍ର ନିତ୍ୟ ନୀଳୟକୁ ହିଁ ‘ଧାମ’ ବୋଲି କୁହାଯାଇପାରିବ, ଅନ୍ୟ କୌଣସି ସ୍ଥାନ ନୁହେଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରଗୁଡ଼ିକ ଶ୍ରୀଜଗନ୍ନାଥ ଧାମ(ପୁରୀ) ମୂଳପୀଠର ମହାନ୍ ପ୍ରାଚୀନ ପରମ୍ପରା,ରୀତିନୀତି ଏବଂ ଶାସ୍ତ୍ରୀୟ ସିଦ୍ଧାନ୍ତକୁ ସମ୍ମାନ ଦେବା ସହିତ ଶ୍ରୀମନ୍ଦିର ଗୌରବକୁ ଅକ୍ଷୁଣ୍ଣ ରଖିବା ନିହାତି ଆବଶ୍ୟକ ବୋଲି ଗଜପତି ଦର୍ଶାଇଛନ୍ତି।

# ଆଇନ ମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ଦେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

## ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗ

- ଧାମ ଓ ମହୋଦଧି ଶବ୍ଦ ହଟାଇବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ଖୁବଶୀଘ୍ର ଚିଠି ଲେଖାଯିବ

**ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)**

ଦୀଘା ସ୍ଥିତ ଜଗନ୍ନାଥ ମନ୍ଦିରକୁ ନେଇ ଚାଲିଥିବା ବିବାଦରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଭୀର ଚିନ୍ତା ପ୍ରକଟ କରିବା ସହିତ ଏହି ଘଟଣାରେ ଏକ ଅନ୍ତରୀଣ ରିପୋର୍ଟ ପ୍ରସ୍ତୁତ କରି ଦେବା ଲାଗି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରିପୋର୍ଟ ପ୍ରସ୍ତୁତ କରିବା ପରେ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ସୋମବାର ମନ୍ତ୍ରୀ ହରିଚନ୍ଦନଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ଦୀଘାଠାରେ ଜଗନ୍ନାଥଙ୍କ ମନ୍ଦିର ହେବା, ମନ୍ଦିର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବା, ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ବାବଦରେ ଅନ୍ତରୀଣ କମିଟି ରିପୋର୍ଟ ପ୍ରସ୍ତୁତ କରିଛି। ଉକ୍ତ ରିପୋର୍ଟ ଗ୍ରହଣ କରିବା ପରେ ଆଇନ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ରିପୋର୍ଟ ହସ୍ତଗତ ହୋଇଛି। ମହାରଣା ସେବକ, ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ନିଯୋଗ, ଦଇତାପତି ନିଯୋଗ ଏବଂ ଯେଉଁମାନେ ଦୀଘା ମନ୍ଦିର ଯାଇଥିଲେ ସେମାନଙ୍କୁ ନେଇ ୩ ଦିନ ଧରି ଶ୍ରୀମନ୍ଦିର ପ୍ରଶାସନ ବୈଠକ କରିଛି। ଏହି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ସହିତ ସମ୍ପୂର୍ଣ୍ଣ ଅନୁଧ୍ୟାନ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଓ ପଦକ୍ଷେପ ଗ୍ରହଣ କରାଯିବ।



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି।

ସେ ଆହୁରି କହିଛନ୍ତି, ଯେକୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାର ସୁବିଧା ନାହିଁ। ଅନେକ ସ୍ଥାନରେ ନୀତିକାନ୍ତି ନେଇ ତାଳମେଳ ରହୁନାହିଁ। ତେଣୁ ମହାପ୍ରଭୁଙ୍କ ଦୈନନ୍ଦିନ କାର୍ଯ୍ୟ କ'ଣ ରହିବ ଏନେଇ ଶ୍ରୀମନ୍ଦିର ପକ୍ଷରୁ ସବୁ ଜଗନ୍ନାଥ ମନ୍ଦିରକୁ ମାର୍ଗଦର୍ଶିକା ଜାରି ହେବ। ଦେଶରେ କେବଳ ୪ଟି ଧାମ ରହିଛି। ତେଣୁ କେବଳ ପୁରୀ ବ୍ୟତୀତ ଅନ୍ୟ କେଉଁଠି ଧାମ ଶବ୍ଦ ଲେଖାଯାଇପାରିବ ନାହିଁ। ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗ ସରକାରଙ୍କୁ ଏନେଇ ପତ୍ର ଲେଖାଯିବ। ଦୀଘା ଠାରେ ମହୋଦଧି ନାଁ କାଟିବାକୁ ମଧ୍ୟ କୁହାଯିବ। ଅନ୍ୟପଟେ ସେବାୟତମାନେ କୌଣସି ସ୍ଥାନକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବାର ବିଧି ନାହିଁ। ରିପୋର୍ଟରୁ ଯାହା ଜଣାପଡିଛି, ବଳକା ଦାରୁ ବାହାରକୁ ଯାଇ ସେଥିରେ ବିଗ୍ରହ ନିର୍ମାଣ ହେବା ସମ୍ଭବ ନୁହେଁ। ଏହା ସମ୍ପୂର୍ଣ୍ଣ ମିଛ। ଦାରୁ ଘର ଭିତରେ କାଠ ସୁରକ୍ଷିତ ଅଛି। ସେ ସମସ୍ତ କାଠ ଦାରୁ ଘରକୁ ଆଣିକି ତା'ର ଗଣତି କରିବା ଲାଗି ୫ ଜଣିଆ କମିଟି ଗଠିତ ହୋଇଛି। ଦଇତାପତି ନିଯୋଗର ସମ୍ପାଦକଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଥିଲା ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନୋଟିସ୍ ଦିଆଯାଇଥିଲା। କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ହେବ ସେନେଇ ୭ ଦିନରେ ରିପୋର୍ଟ ଦେବାକୁ କୁହାଯାଇଛି ବୋଲି ସେ କହିଛନ୍ତି।

# ଏକକ ପିଜି ପ୍ରବେଶିକା ପରୀକ୍ଷା ଆରମ୍ଭ

**ଭୁବନେଶ୍ୱର,୫।୫ (ସୁଚିସ୍ମିତା ସାହୁ)**

୨୦୨୫-୨୬ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ସୋମବାରଠାରୁ ଏକକ ପ୍ରବେଶିକା ପରୀକ୍ଷା(ସିପିଇଟି-୨୦୨୫) ଆରମ୍ଭ ହୋଇଛି। ଏହି ପରୀକ୍ଷା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଦିନକୁ ୩ଟି ସିଫ୍ଟରେ ପରୀକ୍ଷା କରାଯାଉଛି। ପ୍ରଥମ ସିଫ୍ଟ ପରୀକ୍ଷା ସକାଳ ୯ଟାରୁ ୧୦ଟା ୨୦ ପର୍ଯ୍ୟନ୍ତ, ଦ୍ୱିତୀୟ ସିଫ୍ଟ ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧୨ଟା ୫୦ ଏବଂ ତୃତୀୟ ସିଫ୍ଟ ଅପରାହ୍ନ ୩ଟାରୁ ୪ଟା ୨୦ ପର୍ଯ୍ୟନ୍ତ ହେଉଛି। ପ୍ରତ୍ୟେକ ସିଫ୍ଟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ୩୦ ମିନିଟ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ମେରିଟ ଲିଷ୍ଟ ପ୍ରକାଶ ତାରିଖ ସମ୍ପର୍କରେ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ। ମେରିଟ ଲିଷ୍ଟରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଚୟନ ହୋଇଥିବା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ। ତେବେ ଚଳିତବର୍ଷ ତିନୋଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରତି ପର୍ଯ୍ୟାୟରେ ୪ ରାଉଣ୍ଡରେ ନାମଲେଖା ହେବ। ଶେଷ ରାଉଣ୍ଡରେ ସ୍ପଟ୍ ନାମଲେଖା କରାଯିବ। ଛାତ୍ରୀଛାତ୍ର ଯେଉଁ ରାଉଣ୍ଡରେ ନାମ ଲେଖାଇବା ନିମନ୍ତେ ଚୟନ ହେବେ ସେହି ପର୍ଯ୍ୟାୟରେ ନାମ ଲେଖାଇବେ। ନଚେତ ପରବର୍ତ୍ତୀ ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟାରୁ ବାଦ ପଡ଼ିବେ। ସୂଚନାଯୋଗ୍ୟ, ରାଜ୍ୟରେ ପିଜି ନାମଲେଖା ପାଇଁ ମୋଟ ୧୧୬ଟି ଶିକ୍ଷାନୁଷ୍ଠାନରେ ୨୯,୭୩୨ଟି ସିଟ୍ ରହିଛି। ଚଳିତ ବର୍ଷ ଏସବୁ ସିଟ୍‌ରେ ନାମଲେଖା ଲାଗି ଏକକ ପିଜି ପ୍ରବେଶିକା ପରୀକ୍ଷା ଦେବାକୁ ୬୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଥିଲେ।

# ବସ୍-ହାଇଓ୍ୱା ମୁହାଁମୁହିଁ ଧକ୍କା, ୩୩ରୁ ଊର୍ଦ୍ଧ୍ୱ ଆହତ

**ଆନନ୍ଦପୁର/ଠାକୁରମୁଣ୍ଡା, ୫।୫(ସୁଶାନ୍ତ କୁମାର ସାହୁ/ ତାରାକାନ୍ତ ପଟ୍ଟନାୟକ)**

କେନ୍ଦୁଝର ଜିଲା ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାର ସାତକୋଶିଆ ଘୋଡ଼ାଘାଟି ଛକ ନିକଟରେ ସୋମବାର ପୂର୍ବାହ୍ନରେ ୧ଟାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡ଼ି ସହ ହାଇଓ୍ୱା ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୨୩ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୧୩ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ, ଗୁରୁତରଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ କଟକରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ବସ୍ (ଓଆର୍ ୧୧ ଏଇ ୩୪୬୩)ଟି ଠାକୁରମୁଣ୍ଡାରୁ ନଦା ଆସୁଥିଲା। ଠାକୁରମୁଣ୍ଡା ଅଭିମୁଖେ ଏକ ହାଇଓ୍ୱା (ଜେଏଚ୍ ୦୫ ଟିସି ୨୩୯୫) ଯାଉଥିଲା। ସାତକୋଶିଆ ଘୋଡ଼ାଘାଟି ଛକରେ ହାଇଓ୍ୱା ସହ ମୁଖ୍ୟମନ୍ତ୍ରୀ ବସ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଡ୍ରାଇଭର ଗାଡ଼ିରେ ଚାପିହୋଇ ରହିଥିଲେ। ବସ୍‌ରେ ୫୦ ଊର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ବସ୍ ଡ୍ରାଇଭର କ୍ଷେତ୍ରମୋହନ ମହାନ୍ତଙ୍କ ସମେତ ୧୩ ଜଣ ଗୁରୁତର ହୋଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ବସ୍ ଓ ହାଇଓ୍ୱା।

୨୩ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆନନ୍ଦପୁର, ଘସିପୁରା ଅଗ୍ନିଶମ ବିଭାଗ ଓ ମହୁଲଡ଼ିହା, ଠାକୁରମୁଣ୍ଡା ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାରକରି ଆନ୍ଦନପୁର ଡାକ୍ତରଖାନାକୁ ପଠାଇଥିଲେ। ରେବତୀ ନାୟକ, ସୁରୁ ସିଂ, ପାନ ଶୁଣ୍ଡି, ବସନ୍ତ ନାୟକ, ବଳରାମ ନାୟକ, କ୍ଷେତ୍ରମୋହନ ମହାନ୍ତ, ବୁଧୁନି ହାଇବୁରୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜେସିବି ସାହାଯ୍ୟରେ ହଟାଯାଇଛି। ଦୁର୍ଘଟଣା ପରେ ପ୍ରାୟ ୧ ଘଣ୍ଟା ଧରି ରାସ୍ତା ଜାମ ହୋଇ ଯାନବାହନ ଚଳାଚଳ ବନ୍ଦ ହୋଇଥିଲା। ଠାକୁରମୁଣ୍ଡା ବିଡିଓ, ତହସିଲଦାର, କରଞ୍ଜିଆ ପିଏଆଇଟିଡିଏ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଗୁରୁତରଙ୍କ ଅବସ୍ଥା ପଚାରି ବୁଝିଥିଲେ।

# ୬ ସାଙ୍ଗଠନିକ ଜିଲା ସଭାପତି ନାଁ ଘୋଷଣା କଲା ବିଜେଡି

- ପ୍ରକାଶ ପାଇଲା ଫ୍ରଣ୍ଟାଲ ୱିଙ୍ଗ୍‌ସ, ଷ୍ଟେଟ୍ ଅଫିସ୍ ବିଅରର୍, ପଛୁଆ ବର୍ଗ, ସଂଖ୍ୟାଲଘୁ ସେଲ୍ ତାଲିକା
- ବିଜେଡି ରାଜନୈତିକ ବ୍ୟାପାର କମିଟି ଅଧ୍ୟକ୍ଷ ନବୀନ, ମୋଟ୍ ୧୦ ସଦସ୍ୟ ରହିଲେ

**ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)**

ବିଜେଡି ପକ୍ଷରୁ ଆଉ ୬ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ପୂର୍ବରୁ ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇସାରିଥିଲା। ଏବେ ମୋଟ୍ ୨୪ ଜିଲାର ସଭାପତିଙ୍କ ନାଁ ଘୋଷଣା ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲା କେନ୍ଦୁଝରରେ ଆଶିଷ ଚକ୍ରବର୍ତ୍ତୀଙ୍କୁ ଦଳ ସଭାପତି କରିଛି। ସେହିପରି ଭୁବନେଶ୍ୱର ଜିଲା ସଭାପତି ଭାବେ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କୁ ବଦଳାଯାଇଛି। ରାଉରକେଲାରେ ପ୍ରଦ୍ୟୁମ୍ନ ତ୍ରିପାଠୀ, ମୟୂରଭଞ୍ଜ-୨ରେ ଦେବାଶିଷ ମାରାଣ୍ଡି, ସମ୍ବଲପୁରରେ ରୋହିତ ପୂଜାରୀ ଏବଂ ବଲାଙ୍ଗୀରରେ ସରୋଜ କୁମାର ମେହେରଙ୍କୁ ଦଳ ଜିଲା ସଭାପତି ଭାବେ ନିଯୁକ୍ତ କରିଛି। ପୂର୍ବରୁ ଏହି ୬ ସାଙ୍ଗଠନିକ ଜିଲାରେ ଯେଉଁମାନେ ଦାୟିତ୍ୱରେ ଥିଲେ ସେମାନଙ୍କୁ ପରିବର୍ତ୍ତନ କରାଯାଇଛି। ମୋଟ୍ ୨୪ଟି ସାଙ୍ଗଠନିକ ଜିଲାର ସଭାପତିଙ୍କ ନାଁ ଘୋଷଣା ସରିଥିବା ବେଳେ ଆଉ ୯ଟି ଜିଲାର ସଭାପତି ଚୟନ ଏଯାଏଁ ବାକି ରହିଛି। ସେହିପରି ଦଳ ପକ୍ଷରୁ ଫ୍ରଣ୍ଟାଲ ୱିଙ୍ଗ୍‌ସ, ଷ୍ଟେଟ୍ ଅଫିସ ବିଅରର୍, ପଲିଟିକାଲ ଆଫେୟାର୍ସ କମିଟି, ପଛୁଆ ବର୍ଗ ସେଲ୍ ଏବଂ ଦଳର ସଂଖ୍ୟାଲଘୁ ସେଲ୍‌ର ଦାୟିତ୍ୱ ବଣ୍ଟନ ନେଇ ନେଇ ଘୋଷଣା କରାଯାଇଛି।

ଦଳ ପକ୍ଷରୁ ଏହି ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ବହୁ ଭାବିଚିନ୍ତି କରାଯାଇଥିବା ଦେଖିବାକୁ ମିଳିଛି। ତାଲିକାଗୁଡିକରେ ବହୁ ବରିଷ୍ଠ ନେତାଙ୍କୁ ସନ୍ତୁଷ୍ଟ କିରିବାକୁ ଚେଷ୍ଟା କରାଯାଇଛି। ଦଳ ପକ୍ଷରୁ କୃଷକ ଜନତା ଦଳର ବରିଷ୍ଠ ଉପସଭାପତି ଭାବେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଆଞ୍ଚଳିକ ବିକାଶ ମୋର୍ଚ୍ଚାର ବରିଷ୍ଠ ଉପସଭାପତି ଭାବେ ଅନଙ୍ଗ ଉଦୟ ସିଂଦେଓ, ସମବାୟ ମୋର୍ଚ୍ଚା ବରିଷ୍ଠ ଉପସଭାପତି ଭାବେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଶିକ୍ଷା ଓ ଶିକ୍ଷକ ମୋର୍ଚ୍ଚା ବରିଷ୍ଠ ଉପସଭାପତି ଭାବେ ବଦ୍ରି ନାରାୟଣ ପାତ୍ର, ଆଦିବାସୀ ମୋର୍ଚ୍ଚାର ବରିଷ୍ଠ ଉପସଭାପତି ଭାବେ ମଙ୍ଗଳା କିଷାନ, ଓବିସି ମୋର୍ଚ୍ଚା ଉପସଭାପତି ଭାବେ ବିଧାୟକ ଅରୁଣ କୁମାର ସାହୁ, ବରିଷ୍ଠ ନାଗରିକ ମୋର୍ଚ୍ଚା ଉପସଭାପତି ଭାବେ ଦେବାଶିଷ ସାମନ୍ତରାୟ, ଏସ୍‌ସି ସେଲ୍ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ମହେଶ ସାହୁ ଏବଂ ବିଜେଡି ଆଇଟି ସେଲ୍ ଏବଂ ସାମାଜିକ ଗଣମାଧ୍ୟମ ସେଲ୍ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ଅମର ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଦଳର ଷ୍ଟେଟ୍ ଅଫିସ୍ ବିଅରର୍ ଭାବେ ମୋଟ୍ ୭୧ ଜଣଙ୍କୁ ରଖାଯାଇଛି। ଏହି କମିଟିର ବରିଷ୍ଠ ଉପସଭାପତି ମୁଖ୍ୟାଳୟ ଭାବେ ଦେବୀ ପ୍ରସାଦ ମିଶ୍ରଙ୍କୁ ରଖାଯାଇଛି। ସେହିପରି ଉପ ସଭାପତି ମୁଖ୍ୟାଳୟ ଭାବେ ପ୍ରତାପ ଜେନା ଦାୟିତ୍ୱ ପାଇଛନ୍ତି। ଏହି କମିଟିରେ ୭ ଜଣ ବରିଷ୍ଠ ଉପସଭାପତି, ୮ ଜଣ ଉପସଭାପତି ଏବଂ ଜଣେ ଟ୍ରେଜେରର, ୧୯ ଜଣ ବରିଷ୍ଠ ସାଧାରଣ ସମ୍ପାଦକ ଏବଂ ୩୪ ଜଣଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

ସେହିପରି ବିଜେଡି ରାଜନୈତିକ ବ୍ୟାପାର କମିଟି ମଧ୍ୟ ଗଠନ କରିଛି। ଏଥିରେ ମୋଟ୍ ୧୦ ଜଣ ସଦସ୍ୟ ରହିଛନ୍ତି। କମିଟିର ଅଧ୍ୟକ୍ଷ ଭାବେ ଦଳର ସଭାପତି ନବୀନ ପଟ୍ଟନାୟକ ରହିଥିବା ବେଳେ ସଦସ୍ୟ ଭାବେ ବିକ୍ରମ କେଶରୀ ଆରୁଖ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ସସ୍ମିତ ପାତ୍ର ଏବଂ ସଂତୃପ୍ତ ମିଶ୍ର ରହିଛନ୍ତି। ସେହିପରି ଦଳ ସଂଖ୍ୟାଲଘୁ ସେଲ୍‌ର ଆବାହକ ଭାବେ ଦିଲୀପ ତିର୍କୀ, ସହ ଆବାହକ ଭାବେ ରିଜ୍‌ୱାନ୍ ବେଗମ, ଦକ୍ଷିଣାଞ୍ଚଳ ସଂଯୋଜକ ଭାବେ ମୁଜିବୁଲ୍ଲା ଖାନ୍, ପଶ୍ଚିମାଞ୍ଚଳରେ ସଂଯୋଜକ ଭାବେ ଆୟୁବ ଖାନ୍ ଏବଂ ମଧ୍ୟାଞ୍ଚଳ ସଂଯୋଜକ ଭାବେ ଏସ୍.କେ. ନିଜାମୁଦ୍ଦିନ୍‌ଙ୍କୁ ନବୀନ ଦାୟିତ୍ୱ ଦେଇଛନ୍ତି।

ତେବେ ଏଯାଏ ଦଳ ତା'ର ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର ସଭାପତି ଓ କମିଟି ଘୋଷଣା କରିନାହିଁ। ଆହୁରି ୯ଟି ସାଙ୍ଗଠନିକ ଜିଲାର ସଭାପତି ପଦ ମଧ୍ୟ ଖାଲି ପଡିଛି। ଦଳ ସବୁ ଫ୍ରଣ୍ଟାଲ ସେଲ୍‌ଗୁଡିକର ସଭାପତି ପଦରେ କାହାକୁ ବସାଇବ ନା ନାହିଁ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶ୍ୱ ଥାଲାସେମିଆ ଦିବସ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ଯୁଗ ପ୍ରବର୍ତ୍ତକ' ବିଷୁବ ସଂଖ୍ୟା-୨୦୨୫ର ଶୁଭ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା ୩୦।
- ପ୍ରତିମା ପୁରସ୍କାର ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଉତ୍କଳ ସାହିତ୍ୟ ସମାଜ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ ସମାରୋହ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ବୈଶାଖୀ ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୁଧହଂସା, ବସ୍ତା, ସମୟ: ଦିବସବ୍ୟାପୀ।
- ସ୍ୱାଭିମାନ ବାଲିଆପାଳିଆ ମଞ୍ଚ ପକ୍ଷରୁ ଆମରଣ ଅନଶନ.ସ୍ଥାନ: ଇଡ୍‌କୋ ହସ୍ପିଟାଲରେ ପରିସର, ବାଲିଆପାଳ,ସମୟ:ପୂର୍ବାହ୍ନ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ସତ୍ୟ ନାରାୟଣ ମନ୍ଦିର ହଲ, ଜଳେଶ୍ୱର,ସମୟ: ପୂର୍ବାହ୍ନ ୯ଟା।
- ସିଦ୍ଧେଶ୍ୱର (ବୁଢ଼ା ମହାଦେବ)ଙ୍କର ଘଟ ଉତ୍ତୋଳନ କାର୍ଯ୍ୟକ୍ରମ,ସ୍ଥାନ: ପଞ୍ଚୁଘୁଣ୍ଟା, ଜଳେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ମା ବାସୁଳୀଙ୍କ ବୈଶାଖୀ ଉତ୍ସବ ଶୁଭାରମ୍ଭ,ସ୍ଥାନ: ବାସୁଳି ପଡ଼ିଆ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ମନ୍ତ୍ରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ରଇପୁର, ଧାମନଗର, ସମୟ: ସକାଳ ୮ଟା।
- ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କାଞ୍ଚିଆପାଟ, ତିହିଡ଼ି, ସମୟ: ସକାଳ ୯ଟା।
- ମା' ଯୋଗେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ରତାଙ୍ଗ, ବାସୁଦେବପୁର, ସମୟ: ସକାଳ ୯ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାରଣା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ମାଟ୍ରିକ୍‌ରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା ଗୃହ, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜଳସେଚନ ବଙ୍ଗଳା, ଭଦ୍ରକ ବାଇପାସ୍, ସମୟ: ମଧ୍ୟାହ୍ନ ୧୨ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟ୍‌ବଲ ମ୍ୟାଚ୍‌ର ୨ୟ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ-୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଗ୍ରାମ କଣ୍ଠ ପଟ୍ଟା ବଣ୍ଟନ, ସ୍ଥାନ: ସଂସ୍କୃତି ଭବନ ହିଲପାଟଣା, ସମୟ: ସକାଳ ୯ଟା।

## ଗଜପତି
- ରାଜ୍ୟସ୍ତରୀୟ ପାରଳା ନାଟକ ମୋହତ୍ସବ ଉଦ୍‌ଯାପିତ, ସ୍ଥାନ: ନଗର ଭବନ, ସମୟ ସନ୍ଧ୍ୟା ୭ ଟା।

## ଢେଙ୍କାନାଳ
- କଂଗ୍ରେସ ପକ୍ଷରୁ ସମ୍ବିଧାନ ସୁରକ୍ଷା ଅଭିଯାନ, ସ୍ଥାନ: ଢେଙ୍କାନାଳ ବଜିଚୌକ, ସମୟ: ଅପରାହ୍ନ ସାଢ଼େ ୪ଟା।
- ପିସିସି ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ଅନୁଗୋଳ
- କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ପୂର୍ବାହ୍ନ ୧୧ ଘଟିକା।

## କେନ୍ଦ୍ରାପଡ଼ା
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ବେତାରୀ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ମା' ମଙ୍ଗଳା ମନ୍ଦିରର ୧୩ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭିକିପୁର ମନ୍ଦିର ପରିସର, ସମୟ : ସକାଳ ୬ଟା।

## ନୟାଗଡ଼
- ଚତୁର୍ଥରେ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ସପ୍ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ସପ୍ତମ ଦିବସ, ସ୍ଥାନ: ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ସମୂହ ମାତୃମଣ୍ଡଳୀର ବାର୍ଷିକ ମେଳଣ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ପାହାଡ ପାଦଦେଶ ଶୁଳିଆ ଠାକୁରାଣୀ, ସମୟ: ପ୍ରାତଃ ୫ଟା।

## ରାୟଗଡ଼ା
- ଖିଲାମଣ୍ଡା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପଦ୍ମପୁର ପାଖ ଲାଡଗୁଡା ଗ୍ରାମ, ସମୟ: ସକାଳ ୭ଟା।
- ନୂତନ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ନବରଙ୍ଗପୁର
- ଆଗୁଆ ସାର ଯୋଗାଣ ନେଇ ସମୀକ୍ଷା, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ରାଜ୍ୟ ୭ଥ ବ୍ରଡ୍ ବ୍ୟାଣ୍ଡ କମିଟିର ବୈଠକ, ସ୍ଥାନ: ଓସ୍ୱାନ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଅସୀଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର ସମୟ: ସକାଳ ୬ଟା।

## ରାଉରକେଲା
- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୬ଟା ୩୦।
- ନାଟ୍ୟବନ୍ଧୁ ଅଶୋକ ବଳଙ୍କ ଶେଷଦର୍ଶନ, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ସକାଳ ୯ଟା।
- ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ତାରିଣୀ ମନ୍ଦିର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଅସୀମ ପ୍ରେମ ଅନୁଷ୍ଠାନ ପକ୍ଷରୁ ଜଳସେବା, ସ୍ଥାନ: ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବହୁଭାଷୀ ନାଟ୍ୟ ମହୋତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର- -୧୫, ସମୟ: ପୂର୍ବାହ୍ନ ୧୧ଟା।
- କଳ୍ପତରୁ ଆଶ୍ରମରେ ଶ୍ରୀମଦ୍ ଭଗବତ୍ ଗୀତା ପାରାୟଣ, ସ୍ଥାନ: ବାସନ୍ତୀ କଲୋନି ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ସକାଳ ୮ଟା।

## ବୌଦ୍ଧ
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ୧୦ଟା ୩୦।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର,ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: ସିନାପାଲି ବ୍ଲକ କରନବାହାଲି ପଞ୍ଚାୟତ କୁଳିଆଡୋଙ୍ଗରୀ ଗାଁ, ସମୟ: ପ୍ରାତଃ ୪ଟା ୩୦।

# ଅନ୍‌ଲାଇନ୍‌ରେ ଉପଲବ୍ଧ ହେଲା ମାଟ୍ରିକ୍ ସାର୍ଟିଫିକେଟ

**କଟକ,୫।୫(କାର୍ତ୍ତିକ ସାହୁ)**

ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ଡିଜିଟାଇଜ୍‌ଡ ସାର୍ଟିଫିକେଟ ସୋମବାରଠାରୁ ଉପଲବ୍ଧ କରାଯାଇଛି। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ମଧ୍ୟ ସେମାନଙ୍କ ସାର୍ଟିଫିକେଟ ଅନ୍‌ଲାଇନ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବସାଇଟ୍ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିବାର ବ୍ୟବସ୍ଥା ହୋଇଛି। ସେଥିରେ ପରୀକ୍ଷାର ନାମ, ବର୍ଷ, ଜନ୍ମ ତାରିଖ, ରୋଲ ନମ୍ବର ଓ ମୋବାଇଲ ନମ୍ବର ଲେଖିବା ପରେ ମୋବାଇଲକୁ ଓଟିପି ଆସିବ। ଓଟିପି ପୂରଣ କରିବା ପରେ ସାର୍ଟିଫିକେଟ ଡାଉନ୍‌ଲୋଡ୍ ହୋଇଯିବ। ଚଳିତ ମାସ ୨ ତାରିଖ ଅପରାହ୍ନରେ ପରୀକ୍ଷାଫଳ ପ୍ରକାଶ ପରେ ୭୨ ଘଣ୍ଟା ମଧ୍ୟରେ ଅନ୍‌ଲାଇନ୍‌ରେ ସାର୍ଟିଫିକେଟ ଉପଲବ୍ଧ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ ପରୀକ୍ଷାର୍ଥୀମାନେ ଫଳ ପ୍ରକାଶନର ୭ ଦିନ ମଧ୍ୟରେ ଦେୟମୁକ୍ତ ଭାବେ ଅନ୍‌ଲାଇନ୍‌ରୁ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ। ଏହି ସମୟ ପରେ ଏଥିପାଇଁ ଦେୟ ଦେବାକୁ ପଡ଼ିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# କଠୋର କାର୍ଯ୍ୟାନୁଷ୍ଠାନର ଅନ୍ତରୀଣ ରହିତାଦେଶ ବଳବତ୍ତର

## ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା

**କଟକ,୫।୫(କାର୍ତ୍ତିକ ସାହୁ)**


ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ଲଗାଇଥିବା ରୋକ୍ ବଳବତ୍ତର ରହିଛି। ସୋମବାର ମାମଲାର ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ହାଇକୋର୍ଟରେ ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣିକୁ ମେ ୭ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି। ସେ ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୭ ତାରିଖକୁ ଧାର୍ଯ୍ୟ ହୋଇଛି।

# ଫୁସଫୁସ୍‌ଜନିତ ସମସ୍ୟାର ସମାଧାନ 'ପତଞ୍ଜଳି ବ୍ରୋଙ୍କୋମ୍'

**ଭୁବନେଶ୍ୱର,୫।୫ (ଅନୁରାଧା ମହାରଣା)**




ପ୍ଲାଷ୍ଟିକ୍ ବ୍ୟବହାର କାରଣରୁ ବର୍ତ୍ତମାନ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ମାଇକ୍ରୋପ୍ଲାଷ୍ଟିକର କ୍ଷୁଦ୍ର କଣିକା ଫୁସ୍‌ଫୁସ୍‌ଜନିତ ରୋଗ ସୃଷ୍ଟି କରୁଛି। ଏପରି ସମସ୍ୟାର ସମାଧାନ ପାଇଁ ପତଞ୍ଜଳିର ଆୟୁର୍ବେଦିକ ଔଷଧ 'ବ୍ରୋଙ୍କୋମ' ବେଶ୍ ସହାୟକ ହେଉଛି। ଆଚାର୍ଯ୍ୟ ବାଳକୃଷ୍ଣ ଏହି ସୂଚନା ପ୍ରଦାନ କରି କହିଛନ୍ତି, ମାନବ ଶରୀରରେ ଫୁସ୍‌ଫୁସ୍‌ରେ ପୋଡ଼ାଜଳା ଓ ଫୁଲା ସମସ୍ୟା ହେଉଥିଲେ ବ୍ରୋଙ୍କୋମ ସେବନ ଦ୍ୱାରା ଏଥିରୁ ଉପଶମ ମିଳିଥାଏ। ପତଞ୍ଜଳି ବୈଜ୍ଞାନିକମାନେ ମୂଷା ଉପରେ ଏହି ଔଷଧର ସଫଳ ପରୀକ୍ଷଣ ପରେ ଏହାକୁ ବଜାରରେ ଉପଲବ୍ଧ କରାଯାଇଛି। ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ଉପାଧ୍ୟକ୍ଷ ତଥା ବୈଜ୍ଞାନିକ ଡା. ଅନୁରାଗ ବାର୍ଷ୍ଣେୟ କହିଛନ୍ତି, ସନାତନ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସଙ୍ଗମ ସମଗ୍ର ବିଶ୍ୱକୁ ନିରୋଗ ରଖିବାରେ ସହାୟକ ହେବ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ ପଶିଲା, ଜର ଆଣିଲା,**
**ମୋ କତରା କାହିଁ ?**
**ଭାତ ଫୁଟିଲା, ଜର ଛୁଟିଲା,**
**ମୋ ପଥୁରି କାହିଁ ?**

କାମ କରିବାକୁ କହିଲେ ଅନେକେ ଦେହ ଖରାପ ଥିବା ନେଇ ନାନା ବାହାନା ଦେଖାଇଥାନ୍ତି। କାମଦାମ କଲାବେଳକୁ ଜରର ଛଳନା ଓ ଭାତ ଖାଇବା ବେଳକୁ ଜର ଛାଡିଯିବା ଭଳି ତୁଚ୍ଛା ବାହାନା କରୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାଈ ଆଗରେ ପେଟ ଲୁଚାଇବା।**

ସାଧାରଣତଃ ଅଭିଜ୍ଞ ବ୍ୟକ୍ତିଙ୍କ ପାଖରେ କୌଣସି ଖବର ଗୁପ୍ତ ହୋଇ ରହିପାରେ ନାହିଁ। ଏଭଳି ବ୍ୟକ୍ତିଙ୍କ ଆଖିରେ ଧୂଳି ପକାଇବା ଅତ୍ୟନ୍ତ କାଠିକର ପାଠ ହୋଇଥିବା ବେଳେ ଏପରି କରାଯାଉଥିବା ଅପଚେଷ୍ଟା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜ୍‌ମା ପ୍ରତି ସତର୍କତା ଜରୁରୀ





ଶ୍ୱାସକ୍ରିୟା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ଏହାଦ୍ୱାରା ଆମେ ବାୟୁମଣ୍ଡଳରେ ଥିବା ବାୟୁକୁ ପ୍ରଶ୍ୱାସରେ ନେଇ ସେଥିରୁ ଅମ୍ଳଜାନ ଆହରଣକରି ଶରୀରରେ ସୃଷ୍ଟି ହେଉଥିବା ଅଦରକାରୀ ଅଙ୍ଗାରକାମ୍ଳକୁ ବାହାରକୁ ନିଃଶ୍ୱାସ ମାଧ୍ୟମରେ ଛାଡ଼ିଥାଉ। ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରଶ୍ୱାସ ବା ବାୟୁ ଆହରଣ ଏକ ବଳଯୁକ୍ତ କାର୍ଯ୍ୟ ମାତ୍ର ନିଃଶ୍ୱାସ ଯେଉଁଥିରେ ଆମେ ଲଙ୍ଗ୍‌ସ (ଫୁସ୍‌ଫୁସ୍)ରୁ ବାୟୁ ବାହାରକୁ ଛାଡ଼ିଥାଉ ତାହା ପାଇଁ ବଳ ଖର୍ଚ୍ଚ କରିବାକୁ ପଡ଼ି ନ ଥାଏ। ଶ୍ୱାସ ବା ବ୍ରୋଙ୍କିଆଲ୍ ଆଜ୍‌ମା ହେଉଛି ଏପରି ଏକ ରୋଗ ଯେଉଁଥିରେ ରୋଗୀକୁ ଶ୍ୱାସକ୍ରିୟା କରିବାରେ କଷ୍ଟ ହୋଇଥାଏ। ଏହା ଆମର ଶ୍ୱାସନଳୀର ସଙ୍କୋଚନ ଯୋଗୁ ହୋଇଥାଏ ଓ ସେଥିପାଇଁ ଶ୍ୱାସରୋଗୀ ପ୍ରଶ୍ୱାସ ନେବା ଏବଂ ନିଃଶ୍ୱାସ ଛାଡ଼ିବା ବେଳେ ବଂଶୀବାଜିବା ପରି ଶବ୍ଦ ବାହାରିଥାଏ। ଆଜ୍‌ମାର ଦୁଇଟି ମୁଖ୍ୟ କାରଣ ହେଲା-ଶ୍ୱାସନଳୀ ସଙ୍କୋଚନ ଏବଂ ଏହା ଉପରେ ସଂକ୍ରମଣ। ସାଧାରଣତଃ ପ୍ରଥମଟି ଆଲର୍ଜି ବା ହାଇପର ସେନ୍‌ସିଟିଭ ଯୋଗୁ ହୋଇଥାଏ। ଏଣୁ ଏହାର ଚିକିତ୍ସା ପାଇଁ ଆଣ୍ଟିହିଷ୍ଟାମିନ୍ ଯଥା ସେଟ୍ରିଜିନ୍, ଲିଭୋସେଟ୍ରିଜିନ୍, ମଣ୍ଟେଲୁକାଷ୍ଟ, ଫେକ୍ସୋଫେନାଡନ୍ ଇତ୍ୟାଦି ଔଷଧ ବ୍ୟବହାର କରାଯାଏ। ସାଲବ୍ୟୁଟାମଲ ଓ ଟର୍ବୋଟେଲିନ୍ ପରି ଶ୍ୱାସନଳୀ ପ୍ରସାରକ ଔଷଧ ଇନ୍‌ହେଲର, ତରଳ ଅଥବା ଟାବ୍‌ଲେଟ ଆକାରରେ ବ୍ୟବହାର କରାଯାଏ। ଏହି ରୋଗ ଅତ୍ୟଧିକ ହେଲେ ଇନ୍‌ହେଲର ଷ୍ଟିରଏଡ୍ ଇଞ୍ଜେକସନ୍ ଆକାରରେ ମଧ୍ୟ ଦିଆଯାଏ। ଅତି ଗୁରୁତର ହେଲେ ହସ୍ପିଟାଲରେ ରହି ଆଇସିୟୁରେ ଚିକିତ୍ସା ହେବାକୁ ପଡ଼ିଥାଏ। ଅକ୍ସିଜେନ୍ ଓ ଭେଣ୍ଟିଲେଟରର ଆବଶ୍ୟକତା ପଡ଼େ। ଶ୍ୱାସରୋଗ ପାଇଁ ସତର୍କ ରହିବା ବିଧେୟ। ଏହି ରୋଗୀମାନେ ଜାଣିବା ଉଚିତ ଯେ ତାଙ୍କର କ'ଣ ଆଲର୍ଜି ରହିଛି। ଫୁଲରେଣୁ, ଗୁଣ୍ଡ, ଧୂଳିଧୂଆଁ, ଚିଙ୍ଗୁଡ଼ି, ଅଣ୍ଡା, କେତେକ ରଙ୍ଗ, ଅବିର ଏବଂ ଆହୁରି ଅନେକ ଜିନିଷ ଆଲର୍ଜି କରିଥାଏ। ଦରଜ ହ୍ରାସକାରୀ ଔଷଧ ଏବଂ ଆସ୍ପିରିନ୍‌ରୁ ମଧ୍ୟ ଆଲର୍ଜି ହେବାର ଆଶଙ୍କା ରହିଛି। ତେଣୁ ଏଭଳି ଆଲର୍ଜିଠାରୁ ଦୂରେଇରହିବା ଭଲ। ତା'ସହ ଆଇସ୍‌କ୍ରିମ, ଥଣ୍ଡା ପାନୀୟ, ଥଣ୍ଡା ପାଣି ଇତ୍ୟାଦି ନ ଖାଇବା ଭଲ। ଏଥିରୁ ଉପଶମ ପାଇବା ଲାଗି ଶ୍ୱାସପ୍ରଶ୍ୱାସର ପ୍ରାଣାୟାମ ଏବଂ ସକାଳେ ଏବଂ ସନ୍ଧ୍ୟାରେ ଶଙ୍ଖ ଫୁଙ୍କିବା ମଧ୍ୟ ଏକ ଉତ୍ତମ ବ୍ୟାୟାମ। ଉଷୁମ ଖାଦ୍ୟ ଖାଇବା ସହ ଚା' ଏବଂ କଫି ପିଇପାରନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପ୍ରକାର ଷ୍ଟିରଏଡ୍ ବ୍ୟବହାର କରିବା ଉଚିତ ନୁହେଁ।

**- ଡା. ରାମଚନ୍ଦ୍ର ରାଉତ,**
ବରିଷ୍ଠ ଚିକିତ୍ସକ

### ଏ ବର୍ଷର ବାର୍ତ୍ତା

ମେ' ୬ ତାରିଖରେ ପାଳିତ ହେଉଛି 'ବିଶ୍ୱ ଆଜ୍‌ମା ଦିବସ'। ଆଜ୍‌ମା ଏଭଳି ଏକ ସମସ୍ୟା ଯେଉଁଥିଲାଗି ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି-'ସମସ୍ତଙ୍କ ପାଇଁ ଇନ୍‌ହେଲଡ୍ ଚିକିତ୍ସା ଉପଲବ୍ଧ କରିବା।' ଚଳିତ ବର୍ଷ




ଉକ୍ତ ଦିବସ ପାଳନ ଅବସରରେ ଏହା ଉପରେ ଅଧିକ ଗୁରୁତ୍ୱ ଦେବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପକ୍ଷରୁ ସୂଚନା ଦିଆଯାଇଛି। ଏହି ରୋଗର କାରଣ ବିଷୟରେ ଅବଗତ ହେବା ମାତ୍ରେ ତାହାର ଉପଯୁକ୍ତ ଚିକିତ୍ସା କରାଇନେବା ଦରକାର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କ ଦୈହିକ ଓ ଆତ୍ମବଳଯୁକ୍ତ କାରଣରୁ ପାରିବାରିକ, ପରିବହନ, ନିର୍ମାଣକାର୍ଯ୍ୟ ଭଲରେ ଚାଲିବ। ଆନୁଷ୍ଠାନିକ ଆଲୋଚନାରେ ସଫଳତା ଲାଭ କରିବାରେ ଅସୁବିଧା ହେବନାହିଁ। ଆତ୍ମୀୟଙ୍କ ଆରୋଗ୍ୟ ଲାଭ ପାଇଁ ଚିନ୍ତା ବଢ଼ିପାରେ। ନିଜର ଇଚ୍ଛା ବିରୋଧରେ କୌଣସି କାମକରି ଅନୁତାପ କରିବାକୁ ପଡ଼ିପାରେ।

**ବୃଷ** ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରି କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ସାମାଜିକ ଜୀବନକୁ ଋଦ୍ଧିମନ୍ତ କରିବ। ବାହାର ଲୋକଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସାଙ୍ଗସାଥୀମାନଙ୍କ ସହ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ** ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ମୂଲ୍ୟବାନ୍ ଦ୍ରବ୍ୟ ହଜିଯିବା କିମ୍ବା ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହୋଇପାରନ୍ତି। ବିଳାସକାରକ ଶୁକ୍ର ପ୍ରଭାବରୁ ସବୁ କଥା ଓ କାମ ପଛକୁ ପକାଇ ଖୁସି ମିଜାଜରେ କାମ କରିବେ। ମନରେ ବିଭିନ୍ନ କଳ୍ପନାର ରଙ୍ଗିନ ପ୍ରତିଛବି ଉଙ୍କିମାରିପାରେ। ବ୍ୟବସାୟକୁ ନୂତନ ରୂପଦେବାକୁ ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି।

**କର୍କଟ** ଅସଜଡ଼ା କାମକୁ ସଜାଡ଼ିରେ ଦୂରଯାତ୍ରାର ପୂର୍ଣ୍ଣ ସମ୍ଭାବନା ରହିଛି। ଅଫିସ୍ କାମକୁ ନେଇ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ସାଧାରଣ କଥାକୁ ନେଇ ପରିବାରରେ କଥା କଟାକଟି ଓ ଟଣାଓଟରା ଦେଖାଦେବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, ଆଇନ ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସଫଳତା ପାଇବେ।

**ସିଂହ** ଦୃଢ଼ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ସ୍ୱାଭିମାନୀ କାରଣରୁ କିଏ କିଛି କହିଲେ ସହଜରେ ହଜମ କରିବା କଷ୍ଟକର ହେବ। ଅଫିସ୍‌ରେ ସରକାରୀ ସ୍ତରରୁ ଆସିଥିବା କୌଣସି ଖବର ପାଇ ଖୁସି ହେବେ। ଜମିଜମା, ମାଲିମକଦ୍ଦମା, ମାଙ୍ଗଳିକ କାର୍ଯ୍ୟ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି ହୋଇପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବାରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ଅର୍ଥହାନି, ଯାତ୍ରାରେ ସମସ୍ୟା ଓ ମତାନ୍ତରଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ। ଲେଖାପଢ଼ା, ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆତ୍ମତୃପ୍ତି ପାଇବେ। ନିଜ ନିଜର କର୍ମଜଞ୍ଜାଳ ବୃଦ୍ଧି ସହ ସମ୍ମାନ, ପ୍ରତିଷ୍ଠା ଓ ବନ୍ଧୁଙ୍କ ସଦ୍‌ଭାବ ଉଚ୍ଚା ହେବନି।

**ତୁଳା** ଆପଣଙ୍କ ଉଚ୍ଚାଶା ସାଙ୍ଗକୁ କାର୍ଯଶୈଳୀ ପ୍ରତ୍ୟେକ କ୍ଷେତ୍ରରେ ଗ୍ରହଣୀୟ ହେବ। ପାରିବାରିକ କ୍ଷେତ୍ର, ବୈଷୟିକ ଅଭିବୃଦ୍ଧି, କ୍ରୟ ବିକ୍ରୟର ଅଭିଳାଷ ପୂରଣ ଦିଗରେ ଯତ୍ନବାନ୍ ହୋଇପାରନ୍ତି। ରବିଙ୍କ ସୁପ୍ରଭାବରୁ ଆର୍ଥିକ, ରାଜନୈତିକ, ଆନୁଷ୍ଠାନିକ କାମକୁ ତ୍ୱରାନ୍ୱିତ କରାଇବ। ପରିବାରରେ ମତପାର୍ଥକ୍ୟ ମାନସିକ ଅଶାନ୍ତି ସୃଷ୍ଟି କରିପାରେ।

**ବିଛା** ଯାହା କରିବାକୁ ମନସ୍ଥ କରିଥିବେ ତାହା ବଦଳିଯିବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ କେତେକ କଥା ଯାହାକି ଆପଣ ପଣା ବୋଲି ପିଙ୍ଗିପାରିବେ ନାହିଁ କିମ୍ବା ପାଣି ବୋଲି ପିଇ ପାରିବେ ନାହିଁ। ସ୍ୱାର୍ଥବାଦୀ ବନ୍ଧୁଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହେବେ। ଅବହେଳିତ କାମ ସକାଶେ କୈଫିୟତ ତଲବ ଆଶଙ୍କା ରହିଛି।


**ଧନୁ** କିଛି ଅସୁବିଧା ନ ହେଲେ ମଧ୍ୟ ଆପଣଙ୍କ ଜିଦ୍ ଓ କଡ଼ା କଥା ସମସ୍ୟା ସୃଷ୍ଟି କରିପାରେ। ଯାହା ଚିନ୍ତା କରୁଥିଲେ ଆଜି ତାହା ବାସ୍ତବତାରେ ପରିଣତ ହୋଇଯିବ। ପୂର୍ବ ସ୍ଥିରୀକୃତ ଏବଂ ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ନ ହୋଇପାରେ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର** ଆପଣଙ୍କ ସୁସଂଯତ ଉପସ୍ଥାପନା ପ୍ରଣାଳୀ ପ୍ରତ୍ୟେକ କ୍ଷେତ୍ରରେ ଅସହିଷ୍ଣୁଙ୍କ ଗାତ୍ରଦାହ କରାଇବ। ସ୍ୱାସ୍ଥ୍ୟ ମଧ୍ୟମ ପ୍ରକାର ରହିବା ସହ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ସୂଚନା ମୁତାବକ ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ ଉତ୍‌ଫୁଲ୍ଲିତ ହେବେ। ସାମାଜିକ ସ୍ତରରେ ସୁଯୋଗ ହରାଇବାରୁ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ** ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ଆପଣଙ୍କ ଆଶା ଓ କାମନା ପୂରଣ କରିବାରେ ସମର୍ଥ ହେବ। ସାମାଜିକ ସ୍ତରରେ ମରମ କଥାଟି କହି ପରୋକ୍ଷ ଶତ୍ରୁତାକୁ ଡାକିଆଣିପାରନ୍ତି। ବାଣିଜ୍ୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବଢ଼ିପାରେ। ସାହାଯ୍ୟ ଓ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟିଯିବେ।

**ମୀନ** ମନ କଥାକୁ ମନ ଭିତରେ ସାଇତି ରଖି କାମ କରିବାକୁ ବାଧ୍ୟ ହୋଇପାରନ୍ତି। ରୋଗପୀଡ଼ାରେ ଉପଶମ ଅନୁଭବ କରିବା ସହ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସିହେବେ। ବୈଷୟିକ ଅଭିବୃଦ୍ଧି ସହ ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ର ସମସ୍ୟାର ସମାଧାନ ହେବ। ବ୍ୟବସାୟ, ଜମିଜମା କ୍ରୟବିକ୍ରୟ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ମେ ୬ ତାରିଖ, ବୈଶାଖ ଶୁକ୍ଳ ନବମୀଯୁକ୍ତ ଦଶମୀ ମଙ୍ଗଳବାର। ରାଶିନକ୍ଷତ୍ର-ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୩୧ ଗତେ, ଘ.୧୦।୨୬ ମଧ୍ୟେ, ଘ.୦୧।୦୦.ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୫ ଗତେ, ଘ.୦୪।୩୧ ମଧ୍ୟେ ରାହୁକାଳ।




ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କା ତାଙ୍କ ରଚିତ ପୁସ୍ତକ 'ଅନ୍ୱେଷଣ– ସତ୍ୟର ସନ୍ଧାନ'କୁ ସୋମବାର ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି।

# ଅଟୋ ଚାଳକଙ୍କୁ ଗିରଫ କଲା ପୋଲିସ

## ମହିଳାଙ୍କୁ ଅପହରଣ, ଅସଦାଚରଣ ଘଟଣା

■ ୨ ଅଭିଯୁକ୍ତ ଫେରାର

ଯାଜପୁର ଟାଉନ,୫।୫(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଜଣେ ମହିଳାଙ୍କୁ ଅପହରଣ ଓ ଅସଦାଚରଣ ଘଟଣାରେ ଯାଜପୁର ଟାଉନ ଥାନା ପୋଲିସ ସମ୍ପୃକ୍ତ ଅଟୋ ଚାଳକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ୨ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ଅଟୋଚାଳକ ହେଲେ ଦଶରଥପୁର ଥାନା କୁଆଁରପୁର ଗ୍ରାମର ବଳରାମ ଦାଶ(ନନ୍ଦ)। ଅଟୋରେ ସମ୍ପୃକ୍ତ ମହିଳାଙ୍କୁ ଜୋର ଜବରଦସ୍ତ ନିଆଯାଇଥିବା ଅଟୋ ଚାଳକ ତାଙ୍କ ବୟାନରେ ସ୍ୱୀକାର କରିଛନ୍ତି। ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀତିକଣ୍ଠ କାନୁନଗୋ ଏହି ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ମୁତାବକ, ଯାଜପୁର ଟାଉନର ଏକ ଘରୋଇ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଜଣେ ମହିଳା ନିଜ ଘରକୁ ଯିବାପାଇଁ ଗତ ମାସ ୨୨ତାରିଖ ସନ୍ଧ୍ୟାରେ ଗାନ୍ଧୀ ଛକରେ ଅଟୋକୁ ଅପେକ୍ଷା କରିଥିଲେ। ଏହି ସମୟରେ ଜଣେ ଅଟୋ ଚାଳକ ଆସି ତାଙ୍କୁ ନିଜ ଗ୍ରାମ ବିରଜାପୁରକୁ ନେଇ ଯାଇଥିଲେ। ମାର୍କେଟ ଛକରେ ୨ଜଣ ମୁଖା ପିନ୍ଧା ଯୁବକ ଏହି ଅଟୋରେ ଚଢ଼ିଥିଲେ। ଅଟୋ ଚାଳକ ଅଟୋକୁ ରାମବାଗ ଅଞ୍ଚଳକୁ ନେବା ପରିବର୍ତ୍ତେ ଅନ୍ୟ ଏକ ସ୍ଥାନକୁ ନେଇଥିଲେ। ସଂପୃକ୍ତ ମହିଳା ଏହାର ପ୍ରତିବାଦ କରିଥିଲା। ଏହି ସମୟରେ ସମ୍ପୃକ୍ତ ମହିଳାଙ୍କୁ ୨ଜଣ ଯୁବକ ଜୋର ଜବରଦସ୍ତ ଅସଦାଚରଣ କରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ସମ୍ପୃକ୍ତ ମହିଳା ପାଟି କରିବାରୁ ୨ ଯୁବକ ଫେରାର ହୋଇଯାଇଥିଲେ। ଏହା ପୂର୍ବରୁ ଅଟୋଚାଳକ ଅଟୋ ନେଇ ପଳାଇଥିଲେ। ମହିଳା ଜଣକ ଆହତ ଅବସ୍ଥାରେ ପଡ଼ି ରହିଥିଲେ। ତାଙ୍କୁ ଲୋକେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ମହିଳାଙ୍କ ସ୍ୱାମୀ ଗଣିଆ ଲୋହାର ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୯୪/୨୫ ମାମଲା ରୁଜୁ କରିଥିଲା। ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି ମାମଲାର ତଦନ୍ତ ଆରମ୍ଭ କରିଥିଲେ। ୨ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଶୀଘ୍ର ଗିରଫ କରିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କାନୁନଗୋ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ସାମ୍ବାଦିକ ସମ୍ମିଳନୀରେ ପୋଲିସ ଅଧିକାରୀମାନେ ସୂଚନା ଦେଉଛନ୍ତି।

# ପଞ୍ଚମୁଖୀ ହନୁମାନଙ୍କ ବାର୍ଷିକ ଉତ୍ସବ

ଯାଜପୁରରୋଡ୍,୫।୫(ପବିତ୍ର ରଞ୍ଜନ ମହାନ୍ତି)



ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଧବଳଗିରିସ୍ଥିତ ପଞ୍ଚମୁଖୀ ହନୁମାନଙ୍କ ୧୨ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର କଳସ ସ୍ଥାପନ କରାଯାଇଥିଲା। ଶନିବାର ପ୍ରାତଃ ସମୟରୁ ହନୁମାନଙ୍କର ମହାସ୍ନାନ କରାଯାଇ ନୂତନ ବସ୍ତ୍ର, ଅଳଙ୍କାର ଓ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ପରେ ସୂର୍ଯ୍ୟପୂଜା, ଗୋ ପୂଜା, ଚଣ୍ଡୀ ପାଠ, ଯଜ୍ଞ ହୋମ କରାଯାଇ ରବିବାର ସାନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନି, ଘଣ୍ଟ ଓ ଶଙ୍ଖ ବାଦନରେ ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଧବଳଗିରିର ଧବଳେଶ୍ୱର ଗୌର ହରି ଭକ୍ତଙ୍କ ଦ୍ୱାରା ସାନ୍ଧ୍ୟାରେ ହରିନାମ ସଂକୀର୍ତ୍ତନ ସହ ଭଜନ ପରିବେଷଣ କରାଯାଇଥିଲା। ଅଞ୍ଚଳର ବହୁ ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ, ମାନ୍ୟ ଗଣ୍ୟ ବ୍ୟକ୍ତି, ଖବରଦାତା ଯୋଗଦେଇ ପଞ୍ଚମୁଖୀ ହନୁମାନଙ୍କ କୃପା ଲାଭ କରିଥିଲେ। କର୍ତ୍ତା ଭାବେ ସୁରେଶ ଭାରତୀ, ପ୍ରମୋଦ ରାଉତ, ଶ୍ରୀକାନ୍ତ ମହାନ୍ତି, ରାମେଶ୍ୱର ବିଶ୍ୱାଳ, ରୋମ୍ୟ ରଞ୍ଜନ ପୁହାଣ ଶସ୍ତ୍ରିକ ଅଂଶଗ୍ରହଣ କରିଥିଲେ। ପୂଜକ ଅଭିରାମ ପଣ୍ଡା ଓ ବିଶ୍ୱନାଥ ପରିଜା ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। କମିଟି ପକ୍ଷରୁ ୩ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସହରବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

## ବରପଦା ଅଗ୍ନିକାଣ୍ଡ ଘଟଣାରେ ଆଉ ଜଣଙ୍କର ମୃତ୍ୟୁ

ପାଣିକୋଇଲି,୫।୫(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମର ଅନାମ ଖଟୁଆଙ୍କ ଘରେ ଗତ ଶୁକ୍ରବାର ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ସୋମବାର ଆଉ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଅନାମଙ୍କ ନାତି ଅଶୋକ(୨୫)। ଘଟଣା ଦିନ ଅନାମଙ୍କ ସ୍ତ୍ରୀ ଲକ୍ଷ୍ମୀ ଜୀବନ୍ତ ଦଗ୍ଧ ହେବା ସହ ପରଦିନ ଗୁରୁତର ଅନାମଙ୍କ କଟକରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ନାତି ଅଶୋକ ଅର୍ଦ୍ଧଦଗ୍ଧ ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। ଅଶୋକଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଏକ ଶୋକାକୂଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସରପଞ୍ଚ ଜୟନ୍ତ ନାୟକ, ସମିତିସଭ୍ୟ ମଧୁସୂଦନ ନନ୍ଦୀ, ଗୋଲକ ମାଝୀ, ସଞ୍ଜୀବ ନାୟକ, ନିତ୍ୟାନନ୍ଦ ପରିଡା, ବାସୁଦେବ ପରିଡ଼ାଙ୍କ ସମେତ ଗ୍ରାମାବସୀ ଶବାଧାରରେ ସାମିଲ ହୋଇଥିଲେ।

# ଅଙ୍ଗନୱାଡ଼ି କର୍ମୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର




ଦାବିପତ୍ର ଦେବାକୁ ଆସିଥିବା ଅଙ୍ଗନୱାଡି କର୍ମୀ।

ଯାଜପୁର ଟାଉନ,୫।୫
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ ଡାକରାରେ ଯାଜପୁର ଜିଲା ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଶ୍ରମ କମିଶନରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସର୍ବନିମ୍ନ ମାସିକ ଦରମା ୨୬ ହଜାର ଟଙ୍କା କରିବା, କର୍ମୀଙ୍କୁ ସୁପରଭାଇଜର ପଦକୁ ପଦୋନ୍ନତି କରିବା, ୪ ଶ୍ରମ କୋର୍ଡକୁ ବାତିଲ କରିବା, ସର୍ବନିମ୍ନ ଆବଶ୍ୟକ ଯୋଗାଇ ଦେବାକୁ ଦାବିପତ୍ରରେ ଦର୍ଶାଯାଇଛି। ଜିଲାରୁ ଶତାଧିକ ଅଙ୍ଗନୱାଡି କର୍ମୀ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

# ନବଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ଦାବିପତ୍ର




ନବଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଯାଜପୁର ଟାଉନ,୫।୫
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ନବଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। କର୍ନାଟକର ମାଙ୍ଗାଲୋର ସହରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଗୋ-ରକ୍ଷା ପ୍ରମୁଖ ସୁହାସ ଜୀ ସେଟ୍ଟୀଙ୍କୁ ସଂଘବଦ୍ଧ ଭାବେ ସର୍ବସାଧାରଣରେ ହତ୍ୟା କରାଯାଇଛି। ଏହାକୁ ବିରୋଧ କରି ସଙ୍ଗଠନ ପକ୍ଷରୁ ଗାନ୍ଧୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସଂପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ହିନ୍ଦୁଙ୍କ ସୁରକ୍ଷା ନିମନ୍ତେ କଠୋର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ସଙ୍ଗଠନ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ୭ ଅଭିଯୁକ୍ତ ଗିରଫ ପରେ ପୁଣି ଚୋରି

ଦଶରଥପୁର,୫।୫(ସୁଶାନ୍ତ କୁମାର ବେହୁରିଆ)

ମଙ୍ଗଳପୁର ଥାନା ଅଞ୍ଚଳରେ ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବାର କେଇ ଘଣ୍ଟା ପରେ ପୁଣି ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ଉକ୍ତ ଥାନା ଅନ୍ତର୍ଗତ କନିକାପଡ଼ା ପଞ୍ଚାୟତ ନରଣାପାଟ ଗ୍ରାମର ଡାକ୍ତର ଶେଷଦେବ ପୃଷ୍ଟିଙ୍କ ଘରେ ପଶି ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ତାଙ୍କ ଗଡ୍‌ରେଜ ଆଲମାରି ଭାଙ୍ଗି ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟଇ ନେଇଛନ୍ତି। ଏ ସମ୍ପର୍କରେ ଶେଷଦେବଙ୍କ ଭାଇ ସଦାଶିବ ପୃଷ୍ଟି ପୋଲିସକୁ ଜଣାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ପୁଣି ୨ ଶ୍ରମିକଙ୍କୁ ଆକ୍ରମଣ

## କ୍ରଶରରେ ଶ୍ରମିକଙ୍କୁ ହତ୍ୟା ଘଟଣା

ଚଣ୍ଡିଖୋଲ,୫।୫(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଏକ ଷ୍ଟୋନ କ୍ରଶରରେ ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ଘଟଣା ଥମି ନ ଥିବା ବେଳେ ସୋମବାର ପୁଣି ୨ ଶ୍ରମିକଙ୍କୁ ଆକ୍ରମଣ କରାଯାଇଛି। ଆକ୍ରମଣ ଶିକାର ୨ ଶ୍ରମିକ ହେଲେ ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଆ ଗ୍ରାମର ସୁଜିତ ଜେନା(୩୨) ଓ ତୁରଙ୍ଗ ଗ୍ରାମର ଚିତ୍ତରଞ୍ଜନ ଜେନା (୪୦)। ଉଭୟ ଗୁରୁତର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସୁଜିତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ରାହାଡପୁର କ୍ରଶରରେ ଟଙ୍କା ହେରଫେରକୁ ନେଇ ୫ଜଣ ଶ୍ରମିକଙ୍କୁ ମାଡ଼ ମରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅରଜିତ ଜେନା ନାମକ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଅରଜିତଙ୍କ ମୃତ୍ୟୁକୁ ନେଇ କେତେଜଣ ଶ୍ରମିକ ପ୍ରତିବାଦ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ଉଠିଛି। ଘଟଣା ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନାପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଏସ୍‌ୟୁସିଆଇ ପକ୍ଷରୁ ପ୍ରତିବାଦ ସଭା

ଧର୍ମଶାଳା,୫।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଜାରକାସ୍ଥିତ ଜାମୁବଣିଆ ଗ୍ରାମର ଅରଜିତ ଜେନାଙ୍କ ହତ୍ୟାକୁ ନେଇ ଜାରକାଠାରେ ଏସୟୁସିଆଇ ଧର୍ମଶାଳା ଶାଖା ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଛି। କମ୍ରେଡ ଦମୟନ୍ତୀ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଧୁସ୍ମିତା ସାହୁ, ପ୍ରଶାନ୍ତ ସ୍ୱାଇଁ, ପ୍ରଭାତୀ ମଲିକ, ଅକ୍ଷୟ ମଲିକ ଓ କବି ସେଠି ପ୍ରମୁଖ ଯୋଗଦେଇ ହତ୍ୟାକାଣ୍ଡକୁ ୪ ଦିନ ବିତି ଯାଇଥିଲେ ମଧ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହିତ ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ପରେ ଏସୟୁସିଆଇର ଏକ ପ୍ରତିନିଧି ଦଳ ଥାନା ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

# ଜନଶୁଣାଣି ଶିବିରରେ ୨୦୨ ଅଭିଯୋଗର ଫଇସଲା

ଯାଜପୁର ଟାଉନ,୫।୫
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଛନ୍ତି। ବିଭାଗୀୟ ଅଧିକାରୀ ଅଭିଯୋଗଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଶିବିରରେ ମୋଟ ୩୧୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୧୨୦, ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ୧୫ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୭୭ ଅଭିଯୋଗ ରହିଥିଲା। ୨୦୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମନ୍ତ ମହନ୍ତ, ଯାଜପୁର ତହସିଲଦାର ରବି ନାରାୟଣ ପାଢ଼ୀ ପ୍ରମୁଖ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ।

# ପ୍ରଶାସନର ୨ ବୈଠକ ବିଫଳ

## ୧୮ ଦିନରେ ଶ୍ରମିକଙ୍କ ଧାରଣା

କାଳିଆପାଣି,୫।୫(ଅସିତ ମହାନ୍ତ)

ଇଙ୍ଗା ଖଣି ଲୋଡିଂ ଶ୍ରମିକଙ୍କ ଧାରଣା ସୋମବାର ୧୮ ଦିନରେ ପହଞ୍ଚିଥିବାବେଳେ ପ୍ରଶାସନର ଦୁଇ ବୈଠକ ବିଫଳ ହୋଇଥିବା ଜଣାପଡିଛି। ପ୍ରଶାସନର ପ୍ରଚେଷ୍ଟାରେ ରବିବାର ସନ୍ଧ୍ୟାରେ କଳିଙ୍ଗନଗରସ୍ଥିତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରଶ୍ନ ମଲ୍ଲିକ, କାଳିଆପାଣି ଥାନା ଅଧିକାରୀ ଶିବଚରଣ ବେହେରା, ଶ୍ରମିକ ସଂଘ ସଭାପତି ସବ୍ୟସାଚୀ ବଳସାମନ୍ତ, ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା, ଶ୍ରମିକ ପ୍ରତିନିଧି, କମ୍ପାନୀର ଭିପି ସନ୍ଦୀପ ବାପୁ ନାରାଡେ ଓ ମାନବ ସମ୍ବଳ ଏଜିଏମ ପୋଦାରବିନ୍ଦ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ଶ୍ରମିକ ସଂଘ ୨୬ ଦିନ କାର୍ଯ୍ୟ ଦାବି କରିଥିବାବେଳେ କମ୍ପାନୀ ପକ୍ଷରୁ ଖଣିରେ ପ୍ରତିଦିନ ୫୦ରୁ ଅଧିକ ଶ୍ରମିକ ଲୋଡିଂ କରିପାରିବେ ନାହିଁ ବୋଲି କୁହାଯାଇଥିଲା। ଶ୍ରମିକ ସଂଘ ୨୦ ଦିନ କାର୍ଯ୍ୟ ପାଇଁ ସହମତି ହେଇଥିଲେ ମଧ କମ୍ପାନୀ ପ୍ରତିନିଧି ରାଜି ହୋଇ ନ ଥିଲେ। ଫଳରେ ବୈଠକ ବିଫଳ ହୋଇଥିଲା। ସୋମବାର ଅନୁଗୋଳସ୍ଥିତ ସହକାରୀ ଶ୍ରମ ଆୟୁକ୍ତ ବିକାଶ ସିଂ ସମାଧାନ ବୈଠକ ଆହ୍ୱାନ କରିଥିଲେ। ତାଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମ୍ପାନୀର ପ୍ରତିନିଧି ପୋଦାରବିନ୍ଦ ସାବତ, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ବେହୁରା, ସଂଘ ସଦସ୍ୟ ବାଟୁଲି ନାୟକ ଓ ସବିତା ମହାନ୍ତଙ୍କୁ ନେଇ ଆଲୋଚନା ହୋଇଥିଲା। ସବୁ ଆଲୋଚନା ପରେ କମ୍ପାନୀ ପକ୍ଷରୁ ପ୍ରତିଦିନ ୫୦ରୁ ଅଧିକ ଶ୍ରମିକ ଲୋଡିଂରେ ନିଯୁକ୍ତି କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା। ଫଳରେ ବୈଠକରେ କିଛି ନିର୍ଯାଶ ବାହାରି ପାରି ନ ଥିଲା। ଦୁଇ ବୈଠକ ବିଫଳ ପରେ ଧାରଣା ବଳବତ୍ତର ରହିବ ବୋଲି ଶ୍ରମିକ ସଂଘ ସାଧାରଣ ସମ୍ପାଦକ ବେହୁରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଉତ୍ପାଦନ ଓ ପରିବହନ ବନ୍ଦ ଯୋଗୁ କମ୍ପାନୀ ବିପୁଳ କ୍ଷତିର ସମ୍ମୁଖୀନ ହେଉଛି ବୋଲି ଜଣାପଡିଛି। ସେହିପରି କର୍ମଚାରୀ ଓ ଶ୍ରମିକଙ୍କୁ ଭୟଭୀତ କରିବାକୁ କମ୍ପାନୀ ନୋ ୱାର୍କ ନୋ ପେ ଆଦେଶ ଲାଗୁ କରି ନାରାୟଣୀ ଓ ମାହେଶ୍ୱରୀ କମ୍ପାନୀ କର୍ମଚାରୀଙ୍କୁ କାର୍ଯ୍ୟ କରିବାକୁ ଆଦେଶ ଦେଇଛି। ଶ୍ରମିକଙ୍କୁ ଗେଟରେ ଭର୍ତ୍ତି କରିବା କାର୍ଯ୍ୟ କମ୍ପାନୀର ରହିଛି। ହେଲେ କମ୍ପାନୀ ତାହା ନ କରିବାରୁ ଆମେ କାର୍ଯ୍ୟକୁ ଜାଇପାରୁନୁ ବୋଲି ମାହେଶ୍ୱରୀ କମ୍ପାନୀର ଶ୍ରମିକ ଜହରଲାଲ ମହାନ୍ତ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କମ୍ପାନୀ ମାନବ ସମ୍ବଳ ମୁଖ୍ୟ ପୋଦାର ବିନ୍ଦ ସାବତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ଉତ୍ତର ଦେଇ ନ ଥିଲେ।




ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ପୋଲିସ ଏବଂ ଶ୍ରମିକ ସଂଘର କର୍ମକର୍ତ୍ତା।

## କଳା ବ୍ୟାଜ୍ ପରିଧାନ କଲେ ଅମଲା ସଂଘ କର୍ମଚାରୀ

ଯାଜପୁର ଟାଉନ,୫।୫(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଯାଜପୁର ଜିଲାରେ କାର୍ଯ୍ୟରତ ଅମଲା କର୍ମଚାରୀମାନେ ସୋମବାର କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିଛନ୍ତି। ଏପ୍ରିଲ ୨୮ରେ ବିଧାୟକ ଓ ତାଙ୍କ ସମର୍ଥକ ବ୍ଲକ୍‌ରେ କାର୍ଯ୍ୟରତ କନିଷ୍ଠ କିରାଣି ଅମର ନାୟକଙ୍କୁ ଆକ୍ରମଣ କରିଥିବା ବରୀ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ସେହିପରି ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅମଲା ସଂଘ ଜିଲା ପ୍ରଶାସନ ଓ ପୋଲିସ ନିକଟରେ ଦାବି କରିଛି। ମାତ୍ର ପୋଲିସ ଓ ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଜିଲା ଅମଲ ସଂଘ ଏହି ଆନ୍ଦୋଳନ କରିଥିବା କୁହାଯାଇଛି।






ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କା ତାଙ୍କ ରଚିତ ପୁସ୍ତକ 'ଅନ୍ୱେଷଣ– ସତ୍ୟର ସନ୍ଧାନ'କୁ ସୋମବାର ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି ।

## ମାଟ୍ରିକ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଦଶପଲ୍ଲା,୫।୫(ପ୍ରକାଶ କୁମାର ପାଣି)**

ସୋମବାର ଦଶପଲ୍ଲା ବ୍ଲକ ଖମାରସାହି ନୋଡାଲ ହାଇସ୍କୁଲ ପରିସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଉକ୍ତ ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ରୀ ସାଇନା ସୁଚରିତା ସୁନ୍ଦରାୟ ଏ୧, ପ୍ରିୟଦର୍ଶିନୀ ଦାସ ଏ୨, ପ୍ରୀତିପ୍ରଜ୍ଞା ମହାପାତ୍ର ଏ୨, ଭାସ୍କର ପ୍ରଧାନ ଏ୨, ପ୍ରଭୃଦତ୍ତ ବିଶ୍ୱାଳ ଏ ୨, ଶୁଚୀସ୍ମିତା ପାତ୍ର ଏ୨ଙ୍କୁ ଅତିଥିମାନେ ଫୁଲତୋଳା ଦେଇ ସମ୍ମାନିତ କରାଯିବା ସହ ସେମାନେ ବିଦ୍ୟାଳୟ ଟେକ ରଖିଥିବାରୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଦେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ବିଦ୍ୟାଳୟ କମିଟି ସଭାପତି ପ୍ରଫୁଲ୍ଲ ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ଯୋଗଦାନ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା।

# ଗୋଷ୍ଠୀ ସଂଘର୍ଷ ପରେ ଅଶାନ୍ତ କୁସୁପଲ୍ଲା

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ନୟାଗଡ଼/ରଣପୁର,୫।୫(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ତହସିଲ ଚାନ୍ଦପୁର ଥାନା ପଡିଆ ପଞ୍ଚାୟତର କୁସୁପଲ୍ଲା ଆଦିବାସୀଙ୍କ ଜମି ହଡପ ଘଟଣାକୁ ନେଇ ସୃଷ୍ଟି ଗୋଷ୍ଠୀ ସଂଘର୍ଷ ପରେ ଗାଁ ଅଶାନ୍ତ ହୋଇ ପଡ଼ିଛି। ଗିରଫଦାରୀ ଭୟରେ ଗାଁରେ ପୁରୁଷ ଓ ମହିଳାଙ୍କୁ ଦେଖିବାକୁ ମିଳୁନି। ଏଭଳିସ୍ଥଳେ ଗାଁରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ ଅନୁରୂପ ଭୟ ସୃଷ୍ଟି କରିଛି। ଶରଣକୁଳ ଏସ୍‌ଡିପିଓ, ଚାନ୍ଦପୁର ଏବଂ ରଣପୁର ଥାନା ଆଇଆଇସି, ଜିଲାର ବିଭିନ୍ନ ଥାନା ଓ ଫାଣ୍ଡିର ଏସଆଇ, ଏଏସ୍‌ଆଇ, ୪୦ରୁ ଊର୍ଦ୍ଧ୍ୱ କନେଷ୍ଟବଲ, ଫୋର୍ସ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଜମି ମାଫିଆ ଓ ଆଦିବାସୀଙ୍କ ମଧ୍ୟରେ ଶନିବାର ଅପରାହ୍ନରେ ଗୋଷ୍ଠୀ ସଂଘର୍ଷ ଘଟି ଚାନ୍ଦପୁର ଥାନା ଉପେନ୍ଦ୍ରପୁର ଗାଁର ସିନ୍ଧୁ ସାଗର ଜେନା ଓ ନୂଆପଡ଼ା ଗାଁର ଚିତ୍ତ ରଞ୍ଜନ ମହାନ୍ତି ଆହତ ହୋଇଥିଲେ। ଆହତଙ୍କ ପକ୍ଷରୁ ଅଭିଯୋଗ ପରେ ପୋଲିସ ୧୪ ପୁରୁଷ ଓ ୧୮ ମହିଳା ଏପରି ୩୨ ଜଣ ଅଦିବାସୀ ମହିଳାପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗାଁର ୩୨ଜଣ ଏବେ ଜେଲରେ ଅଛନ୍ତି। ପୋଲିସ ଫ୍ଲାଗ୍‌ମାର୍ଚ୍ଚ ପରେ ଗାଁ ଆଖପାଖରେ ରହିଥିବା ଆଦିବାସୀ ପରିବାର ସଦସ୍ୟମାନେ ଭୟରେ ବାହାରକୁ ଯିବା ଆରମ୍ଭ କରିଛନ୍ତି। କେତେଜଣ ଆଦିବାସୀ ଯୁବକ ନିଜ ନାମ ଗୋପନ ରଖି କହିଛନ୍ତି ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥିବାବେଳେ ନୟାଗଡ଼ ଜିଲାରେ ଆଦିବାସୀ ନ୍ୟାୟ ପାଉ ନାହାନ୍ତି। ଆଦିବାସୀଙ୍କୁ ମିଛି ମାମଲାରେ ଫସାଇ ଜେଲ ପଠାଯାଇଛି। ଆଦିବାସୀଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରୁନାହିଁ। ଏପରିସ୍ଥିତିରେ ମୁଖ୍ୟମନ୍ତ୍ରୀ କ'ଣ ପଦକ୍ଷେପ ନେଉଛନ୍ତି ବୋଲି ତାହା ସ୍ପଷ୍ଟ ହେଉନି।



କୁସୁପଲ୍ଲା ଗାଁରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ ।

# ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଘର ବୈଠକ

**ଖଣ୍ଡପଡ଼ା,୫।୫(ଅଜୟ କୁମାର ମହାରଣା)**

ସୋମବାର ସ୍ଥାନୀୟ ମା'ଉମାଦେବୀ ପୀଠ ପରିସରରେ ଖଣ୍ଡପଡ଼ା ବ୍ଲକ୍ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘର ଏକ ବୈଠକ ସଂଘର ସମ୍ପାଦକ ଦୀନବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘର ଗୋଟିଏ ଗୋଷ୍ଠୀ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟକଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ସମ୍ପର୍କରେ ଆଲୋଚନା କରିଥିଲେ। ଏପରିକି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ବିଭିନ୍ନ କାର୍ଯ୍ୟ ପାଇଁ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଅଟେ ବୋଲି ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ କର୍ମକର୍ତ୍ତା କହିଥିଲେ। କ୍ରମାଗତ ଭାବେ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରି ଆସୁଥିବା କେତେଜଣ ଶିକ୍ଷକଙ୍କ ବେତନ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନ୍ଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେହି ଶିକ୍ଷକମାନେ ପ୍ରତିଶୋଧ ପରାୟଣ ହୋଇ ବ୍ଲକ ଶିକ୍ଷାଧିକାରୀଙ୍କ ବିରୋଧରେ କୁତ୍ସାରଟନା ରଟିଥିବା ନେଇ ନୂତନ ପେନସନ ଭୁକ୍ତ ସଂଘର ସଦସ୍ୟମାନେ ମତ ଦେଇଥିଲେ। ଅଭିଯୋଗ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କୁ ପଚାରିବାରେ ବିଦ୍ୟାଳୟର ଉନ୍ନତିକରଣ ପାଇଁ ପ୍ରଦାନ କରାଯାଇଥିବା ଅନୁଦାନ ଅର୍ଥ କେଉଁ ବାବଦରେ ଖର୍ଚ୍ଚ ହେଲା ସେ ସଂପର୍କୀତ ବିନିଯୋଗ ପ୍ରମାଣପତ୍ର କେତେଜଣ ଶିକ୍ଷକ ଦେଉ ନ ଥିବା ବେଳେ କମ୍ପୋଜିଟ ଗ୍ରାଣ୍ଟ ଅନୁଦାନ ଅର୍ଥକୁ ମନଇଚ୍ଛା ଖର୍ଚ୍ଚ କରି ମିଥ୍ୟାରେ ବିଲ ପାସ କରାଇଦେବା ପାଇଁ ତାଙ୍କ ଉପରେ ଚାପ ପ୍ରୟୋଗ କରୁଥିବା ସେ ପ୍ରକାଶ କରିଛନ୍ତି। ସେଥିରେ ବିଇଓ ରାଜି ନ ହେବାରୁ ନିର୍ଦ୍ଦିଷ୍ଟ ଏକ ଶିକ୍ଷକ ଗୋଷ୍ଠୀ ତାଙ୍କୁ ବଦନାମ କରିବା ପାଇଁ ଏଭଳି ପ୍ରୟାସ କରିଥିବା ସେ ମତ ଦେଇଥିଲେ।



ବୈଠକରେ ସାମିଲ ହୋଇଥିବା ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ।

# ଲାଠିପଡ଼ାରେ କାର୍ଲମାର୍କ୍ସ ଜୟନ୍ତୀ

**ନୟାଗଡ଼,୫।୫(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ ଲାଠିପଡ଼ାରେ କାର୍ଲମାର୍କ୍ସ ଜୟନ୍ତୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ସିଆଇଟିୟୁ ନେତା ବିଶ୍ୱନାଥ ମହାପାତ୍ର ଯୋଗ ଦେଇ କହିଲେ ପୃଥିବୀ ସାମ୍ରାଜ୍ୟବାଦ, ଉପନିବେଶବାଦ ଓ ପୁଞ୍ଜିବାଦର ଦଂଶନରେ ତ୍ରାହି ତ୍ରାହି ଡାକୁଥିଲା ବେଳେ ସର୍ବହରା ଶ୍ରେଣୀ ମୁକ୍ତିମନ୍ତ୍ରର ଉଦ୍‌ଗାତା କାର୍ଲମାର୍କ୍ସ ୧୮୧୮ ମେ'୫ତାରିଖରେ ଜର୍ମାନୀରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଲେଖା କମ୍ୟୁନିଷ୍ଟ ଇସ୍ତାହାର ଓ ଦାସ କ୍ୟାପିଟାଲ ସାରା ବିଶ୍ୱରେ ନିପୀଡ଼ିତ ଶ୍ରେଣୀର ମୁକ୍ତି ଆନ୍ଦୋଳନକୁ ଚଳଚଞ୍ଚଳ କରିଥିଲା। ଏପରି କି ପ୍ୟାରୀକମ୍ୟୁନ, ଆମେରିକା ଚିକାଗୋର ଶ୍ରମିକ ଆନ୍ଦୋଳନ, ଋଷ ବିପ୍ଳବ, ଭାରତର ସାଧୀନତା ସଂଗ୍ରାମରେ ମାର୍କସବାଦ ମୁଖ୍ୟ ଚାଳିକାଶକ୍ତି ଭାବେ କାର୍ଯ୍ୟ କରିଥିଲା ବୋଲି ବର୍ଣ୍ଣନା କରି ଆସନ୍ତା ମେ'୨୦ ହରତାଳକୁ ସଫଳ କରିବା ପାଇଁ ଆହ୍ୱାନ କରିଥିଲେ। କମ୍ରେଡ ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସରେ ଶ୍ରମିକ ନେତା ପବିତ୍ର ଇନ୍ଦ୍ରଜିତ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଏହି ଧର୍ମଘଟକୁ ସଫଳ କରିବାକୁ ଅନୁରୋଧ କରିଥିଲେ।



କାର୍ଲମାର୍କ୍ସଙ୍କ ଜୟନ୍ତୀରେ ସିଆଇଟିୟୁ କର୍ମକର୍ତ୍ତା ।

# ଖଣ୍ଡପଡ଼ା ବାଇପାସ୍ ସହ ଦହିଖାଇ–ବରକୋଳି ରାସ୍ତାର ସଂଯୋଗୀକରଣ ଦାବି

**ଖଣ୍ଡପଡ଼ା,୫।୫(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ାଠାରୁ ବାଣପୁର, ରାଜକିଆରୀ ଛକ ଓ ସିଧାମୂଳା ମହାନଦୀ ସେତୁ ଦେଇ ଅନୁଗୋଳ, ତାଳଚେର ଓ ଅବିଭକ୍ତ କଟକ ଜିଲାର ବିଭିନ୍ନ ଅଞ୍ଚଳକୁ ଦୂରଗାମୀ ଯାତ୍ରୀବାହୀ ବସ, ଭାରିଯାନ ଗୁଡିକ ଦୀର୍ଘବର୍ଷ ଧରି ଚଳାଚଳ କରୁଛି। ଖଣ୍ଡପଡ଼ାରୁ ଖଳିସାହି–ବେଣାଗାଡ଼ିଆ ଛକ ଦେଇ କଣ୍ଟିଲୋ ଓ ରାଜକିଆରୀ ଛକକୁ ସଂଯୋଗ କରୁଥିବା ଜନଗହଳିପୂର୍ଣ୍ଣ ରାସ୍ତାରେ ଭାରିଯାନ ଚଳାଚଳ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା/ ଅଘଟଣ ଘଟି ଧନ ଜୀବନ କ୍ଷୟକ୍ଷତି ହେଉଛି। ଜନଗହଳିପୂର୍ଣ୍ଣ ଖଳିସାହି ବଜାର, ମର୍ଦ୍ଦରାଜପୁର, ବେଣାଗାଡିଆ ଗ୍ରାମ ଦେଇ ଶତାଧିକ ଯାନବାହନ ଚଳାଚଳ କରୁଛି। ଫଳରେ ଅଧିକାଂଶ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଭାରିଯାନଗୁଡିକ ସୁବିଧାରେ ଚଳାଚଳ ପାଇଁ ଖଣ୍ଡପଡ଼ା ବାଇପାସ ରାସ୍ତା ନିର୍ମାଣ କରାଯାଇଛି। ବାଇପାସ୍ ରାସ୍ତା ପାର୍ଶ୍ୱ ଉଠାଦୋକାନୀ ଓ ହୋଟେଲ ମାଲିକଙ୍କ କବ୍‌ଜାରେ ରହିଥିବାରୁ ବିଭିନ୍ନ ସମୟରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଜନଗହଳିପୂର୍ଣ୍ଣ ରାସ୍ତାକୁ ବାଦ ଦେଇ ଏକ ବିକଳ୍ପ ରାସ୍ତା ଭାବେ ଦହିଖାଇରୁ ନିକଟସ୍ଥ ବରକୋଳି ଛକକୁ ଗତ ୫ବର୍ଷ ତଳେ ଏକ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ରାସ୍ତା ଦେଇ ଭାରିଯାନଗୁଡିକ ଅବାଧରେ ଚଳପ୍ରଚଳ କରୁଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ବାଇପାସ ସହ ଦହିଖାଇ–ବରକୋଳି ରାସ୍ତାର ସଂଯୋଗୀକରଣ କରାଗଲେ ଯାନବାହନ ଚଳାଚଳ ବେଶ୍ ସୁଗମ ହୋଇପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ, ନୟାଗଡ ନିର୍ବାହୀଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଉକ୍ତ ୨ଟି ରାସ୍ତାର ସଂଯୋଗୀକରଣ କରାଗଲେ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପ୍ରଭୁଶ୍ରୀ ନୀଳମାଧବ କ୍ଷେତ୍ର କଣ୍ଟିଲୋକୁ ସଡ଼କ ପଥରେ ପର୍ଯ୍ୟଟକ ଓ ଜନସାଧାରଣ ସୁବିଧାରେ ଯାତାୟତ କରିବାର ସୁଯୋଗ ସୃଷ୍ଟି ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



# ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଶରଣକୁଳ,୫।୫(ଦୀପକ କର)**

ଶରଣକୁଳ କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ସୋମବାର ମଦନଗାଡ଼ିଆ ସହିତ ପାଟୁଳିସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମଦନଗାଡ଼ିଆ ଦଳ ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତ୍ତି ନେଇ ୧୨ ଓଭରରେ ୧୪୭ ରନ ସଂଗ୍ରହ କରିଥିଲା। ବିପକ୍ଷରେ ପାଟୁଳିସାହି ଦଳ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୭ ରନ ହାସଲ କରି ପରାଜୟ ବରଣ କରିଥିଲା। ଏହି ମ୍ୟାଚକୁ ପରିଚାଳନା କରିଥିଲେ ବାଦଲ କୁମାର ବାରିକ ଓ ଚନ୍ଦ୍ରଶେଖର ମହାପାତ୍ର। ଉକ୍ତ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଯୋଗଦାନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ସାହୁ, ପ୍ରମୋଦ କୁମାର ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ ଓ ଶରଣକୁଳ କୋ–ଅପରେଟିଭ ସୋସାଇଟି ସମ୍ପାଦକ ପଦ୍ମଚରଣ ସାହୁ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ମଦନଗାଡିଆ ଦଳକୁ ଚମ୍ପିୟାନ ଟ୍ରଫି ପ୍ରଦାନ କରିବା ସହିତ ପାଟୁଳିସାହି ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ସଦସ୍ୟ ଅଜୟ କୁମାର ସାହୁ, ଦାଶରଥି ପରିଡ଼ା, ଅମ୍ରିତ ପ୍ରସାଦ ସାହୁ, ଚନ୍ଦନ କୁମାର ସାହୁ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଲିଙ୍କୁନ ସାଥୁଆ, ଅଭିଷେକ ଶତପଥୀ,ବିଜୟ କୁମାର ଘଡ଼ାଇ, ଅଜୟ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



କୃତୀ ଖେଳାଳିଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି ।

## ଯୁବକଙ୍କୁ ଆକ୍ରମଣ ଘଟଣା, ୨ ଅଟକ

**ଗୋପାଳପୁର,୫।୫(ନବୀନ ରାଜ ଆଚାରୀ)**

ଗୋପାଳପୁର ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ପଥର ଛେଚି ଆକ୍ରମଣ କରିବା ଘଟଣାରେ ପୋଲିସ ଖୋଡାସିଂ ଅଞ୍ଚଳର ବିରୁ ଦାସ ଓ ଡ଼ମ୍ବରୁ ଦାସଙ୍କୁ ଧରିଆଣି ଥାନାରେ ଅଟକ ପଚାର ଉଚରା କରୁଛି। ଆକ୍ରମଣରେ ଆହତ ଯୁବକ ଜଣକ ହେଲେ ବ୍ରହ୍ମପୁର ମହାନଗର ଆଙ୍କୁଲି ମାଳି ସାହିର ସମିର ମଣ୍ଡଳ। ଖୋଡାସିଂ ନିକଟରେ ଥିବା ବ୍ଲକ ସି ବାର ନିକଟରେ ଶନିବାର ରାତି ୧୧ଟାରେ ସମିର ଓ ତାଙ୍କ ସାଙ୍ଗ ଆଶିଷ ଚୌଧୁରୀଙ୍କ ସହ ୫/୬ ଜଣ ଅପରିଚିତ ଲୋକଙ୍କ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେମାନେ ଉଭୟଙ୍କୁ ମାରପିଟ୍ କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ କେସ ନଂ. ନଂ ୧୩୨/୨୫ରେ ମାମଲା ରୁଜୁ କରି ବିରେ ଓ ଡ଼ମ୍ବରୁଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି।

# ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଅସହଯୋଗକୁ ନେଇ ବିକ୍ଷୋଭ




ସ୍କୁଲ ସମ୍ମୁଖରେ ଅଭିଭାବକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- ଜିଲାପାଳ ଓ ଡିଇଓଙ୍କୁ ଫେରାଦ୍ ହେଲେ ଛାତ୍ରୀଛାତ୍ର
- ପ୍ରାକ୍ଟିକାଲ ନମ୍ବର ଲୁଚାଇବାକୁ ନେଇ ପ୍ରତିବାଦ
- ଅଧ୍ୟକ୍ଷାଙ୍କୁ ଲିଖିତ ମତାମତ ମଗାଇଲେ ଡିଇଓ

**ନୟାଗଡ଼,୫।୫(ଲୋକନାଥ ମିଶ୍ର)**

ନୟାଗଡ଼ ସହରସ୍ଥିତ ହୋଲି ଫ୍ୟାମିଲି ଇଂଲିଶ୍ ମିଡିୟମ ସ୍କୁଲରେ ୧୦ମ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ ନମ୍ବର ଲୁଚାଇବାକୁ ନେଇ ଛାତ୍ରୀଛାତ୍ର ଅସନ୍ତୋଷ, ଉଦ୍‌ବେଗ ଓ କ୍ଷୋଭ ପ୍ରକାଶ କରିଛନ୍ତି। ଏପରିକି ସ୍କୁଲ କର୍ତ୍ତୃପକ୍ଷଙ୍କ ଅସହଯୋଗକୁ ଦାୟୀ କରି ସ୍କୁଲ ସମ୍ମୁଖରେ ଅଭିଭାବକମାନେ ବିକ୍ଷୋଭ କରିଛନ୍ତି। ଅନ୍ୟପକ୍ଷେ ଛାତ୍ରୀଛାତ୍ରଙ୍କ ପାସ୍ ନମ୍ବର ଦେଖାଇବା ଓ କମ୍ ନମ୍ବର ଥିବା ଛାତ୍ରୀଛାତ୍ରଙ୍କୁ ଠିକ୍ ନମ୍ବର ଦାବି କରି ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଅବଗତ କରାଇଛନ୍ତି। ଅଭିଯୋଗ ପାଇବା ପରେ ଜିଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ସ୍କୁଲର ଅଧ୍ୟକ୍ଷାଙ୍କ ଲିଖିତ ମତାମତ ମଗାଇଛନ୍ତି।

ଏନେଇ କେତେଜଣ ଛାତ୍ରୀଛାତ୍ର ନାମ ଗୋପନ ରଖି କହିଛନ୍ତି, ପ୍ରାକ୍ଟିକାଲ ନମ୍ବର ପ୍ରଦାନରେ ପ୍ରୀୟାପ୍ରତି ତୋଷଣ କରାଯାଇଛି। ଯେଉଁ ଛାତ୍ରୀଛାତ୍ର ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଖରେ ଟିଉଶନ ହେଉଥିଲେ ସେମାନେ ଭଲ ନମ୍ବର ପାଇଛନ୍ତି। ଯେଉଁମାନେ ଟିଉଶନ ହେଉ ନ ଥିଲେ ସେମାନଙ୍କୁ ଜାଣିଶୁଣି କମ୍ ନମ୍ବର ଦିଆଯାଇଛି। କମ୍ ନମ୍ବର ପ୍ରଦାନ ଯୋଗୁ ଅନେକ ଛାତ୍ରୀଛାତ୍ର ଭଲ ପାଠ ପଢ଼ିଥିଲେ ବି ସେମାନଙ୍କ ଡିଭିଜନ ପାଇଁ ନମ୍ବର ପାଇଲା ନାହିଁ। ଏଣୁ ଅନେକଙ୍କ ଭବିଷ୍ୟତ ନଷ୍ଟ ହୋଇଗଲା। ପ୍ରାକ୍ଟିକାଲ ନମ୍ବର କେଉଁ ଛାତ୍ରୀଛାତ୍ରଙ୍କୁ କେତେ ଦିଆଯାଇଛି ସେନେଇ ବାରମ୍ବାର ଅଧ୍ୟକ୍ଷାଙ୍କୁ ପ୍ରଦାନ କରିବାକୁ କହି ଥକି ଗଲୁଣି। ହେଲେ ସହଯୋଗ ମିଳୁନି।


ଅଭିଭାବକ ସଂଘର ସଭାପତି ନିରଞ୍ଜନ ପାଢ଼ୀ କୁହନ୍ତି, ପ୍ରାକ୍ଟିକାଲ ନମ୍ବରରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଅଳ୍ପ ନମ୍ବର ଦିଆଯାଉଥିବାର ଆଭାସ ମିଳୁଛି। ଭଲ ଛାତ୍ରୀଛାତ୍ରଙ୍କ ଥିଓରୀରେ ଅଧିକ ନମ୍ବର ଆସିଥିବାବେଳେ ପ୍ରାକ୍ଟିକାଲରେ କମ୍ ନମ୍ବର ଆସୁଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅସହଯୋଗ କାରଣରୁ ଛାତ୍ରୀଛାତ୍ର ପ୍ରାକ୍ଟିକାଲ ଓ ଥିଓରୀରେ କେତେ ନମ୍ବର ପାଇଛନ୍ତି ଜାଣି ପାରୁ ନାହାନ୍ତି। ଯଦି ପ୍ରାକ୍ଟିକାଲ ନମ୍ବରରେ ସ୍ୱଚ୍ଛତା ରହିଛି ଛାତ୍ରୀଛାତ୍ରଙ୍କୁ ଅସହଯୋଗ କରିବାର କାରଣ ବୁଝାପଡୁନି। ଧୀରେ ଧୀରେ ଛାତ୍ର ଅଶାନ୍ତି ଓ ଅଭିଭାବକଙ୍କ ଅଶାନ୍ତି ବଢୁଛି। ଯାହା ସ୍କୁଲ ଉପରେ ଖରାପ ପ୍ରଭାବ ପକାଇବ। ଆମେ ସ୍କୁଲକୁ ହଇରାଣ କରିବାକୁ ଚାହୁଁନୁ କିନ୍ତୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳା ଖେଳିବାକୁ ସୁଯୋଗ ଦେବୁନାହିଁ। ଏଣୁ ସ୍କୁଲ ଅଧ୍ୟକ୍ଷା ସହଯୋଗ କରି ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ ନମ୍ବର କେତେ ରହିଛି ଜଣାଇବା ଦରକାର। ଅଭିଭାବକ ଦିଲୀପ ଜେନା କୁହନ୍ତି, ଛାତ୍ରୀଛାତ୍ରଙ୍କ ୫ଟି ବିଷୟରେ ୨୦ ନମ୍ବର ଲେଖାଏ ୧୦୦ ନମ୍ବର ପ୍ରାକ୍ଟିକାଲ ନମ୍ବର ରହିଛି। ଭଲ ଛାତ୍ରୀଛାତ୍ରଙ୍କୁ ୨୦ ନମ୍ବରରୁ ୨ରୁ ୬ ମଧ୍ୟରେ ଦିଆଯାଉଥିବା ସନ୍ଦେହ କରାଯାଉଛି। ଥିଓରୀରେ ଭଲ ନମ୍ବର ଆସିବାକୁ ଥିବାବେଳେ ଉଭୟ ମିଶାଇଲା ବେଳକୁ ନମ୍ବର କମ୍ ହୋଇ ଯାଇଛି। ପ୍ରାକ୍ଟିକାଲ ନମ୍ବର କେତେ ରହିଲା ଜଣା ପଡିଗଲେ ଥିଓରୀ ନମ୍ବର ଜଣାପଡିବ। ହେଲେ ଅଧ୍ୟକ୍ଷା ଅସହଯୋଗ କରିବାରୁ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ଏହାର ତଦନ୍ତ କରାଯାଇ ପ୍ରତିକାର କରା ନ ଗଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହୋଇଯିବ ବୋଲି କହିଛନ୍ତି। ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀ ଏହାର ତଦନ୍ତକାରୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଜିଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ କୁହନ୍ତି, ପ୍ରାକ୍ଟିକାଲ ନମ୍ବରରେ ସମସ୍ୟା ନେଇ ଅଭିଯୋଗ ମିଳିବା ପରେ ହୋଲି ଫ୍ୟାମିଲି ଇଂଲିଶ ମିଡିୟମ ସ୍କୁଲର ଅଧ୍ୟକ୍ଷାଙ୍କୁ ଲିଖିତ ମତାମତ ମଗାଯାଇଛି। ମଙ୍ଗଳବାର ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପ୍ରାକ୍ଟିକାଲ ନମ୍ବରକୁ ନେଇ ଦେଖା ଦେଇଥିବା ବିବାଦ ସମ୍ପର୍କରେ ଜାଣିବା ପାଇଁ ସ୍କୁଲ ଅଧ୍ୟକ୍ଷା ହେଲେନା ଜର୍ଜଙ୍କ ଫୋନ ନମ୍ବର ୯୯୩୭୭୧୫୧୦୬କୁ ବାରମ୍ବାର କଲ୍ କରାଯାଇଥିଲା। ହେଲେ ଯୋଗାଯୋଗ ସମ୍ଭବ ହୋଇ ପାରି ନାହିଁ ।

## ବିଷାକ୍ତ ଛତୁ ଖାଇ ଜଣେ ଗୁରୁତର

**ମୋହନା,୫।୫(ମନ୍ମଥ ମିଶ୍ର)**

ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା ଗ୍ରାମରେ ବିଷାକ୍ତ ଛତୁ ଖାଇ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ସୁବାସ ଦଣ୍ଡସେନା। ସୋମବାର ପୂର୍ବାହ୍ନ ୧୦ଟାରେ ସୁବାସ ଜଙ୍ଗଲରୁ ଛତୁ ତୋଳିଆଣି ନିଜ ବାଡ଼ରେ ରୋଷେଇ କରି ଖାଇଥିଲେ।



ଏକ ସମୟରେ ମନୁଷ୍ୟ ପାଇଁ ପାପବୋଧ ଦରକାର ଥିଲା। ତା’ଫଳରେ ତା’ର ନିଜକୃତ ଦୋଷତ୍ରୁଟି ଉପରେ ଘୃଣା ଆସେ। ଏହା ଯେପରି ମଣିଷର ଅହଂକାର ଉପରେ ଭଗବାନଙ୍କର ସମାର୍ଜନୀ ! କିନ୍ତୁ ଭଗବାନଙ୍କର ଏହି କୌଶଳଟିର ବିରୁଦ୍ଧରେ ମଣିଷ ଅହଂକାର ସ୍ଥାପନ କଲେ, ନିଜ ପାପ ସମ୍ବନ୍ଧେ ବୋଧ କମିଯାଏ ଓ ଅନ୍ୟର ପାପ ସମ୍ବନ୍ଧେ ବୋଧ ବଢ଼ିଯାଏ। –ଶ୍ରୀଅରବିନ୍ଦ

# ହୁତିଙ୍କ ମାଡ଼

ଇରାନ୍ ସମର୍ଥିତ ୟେମେନ୍‌ର ହୁତି ଉଗ୍ରବାଦୀମାନେ ମେ ୪ ତାରିଖରେ ଇସ୍ରାଏଲର ବୃହତ୍ତମ ସହର ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ବାଲାଷ୍ଟିକ ମିଶାଇଲ ମାଡ଼ କରିଛନ୍ତି। ଏହି ମିଶାଇଲ ଇସ୍ରାଏଲର ୪ ସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମକୁ ଭେଦ କରି ଲକ୍ଷ୍ୟରେ ପହଞ୍ଚିଥିବାରୁ ସେଠାରେ ୨୦ ଫୁଟିଆ ଗର୍ତ୍ତ ସୃଷ୍ଟି ହୋଇଛି। ଏପରି କି ପ୍ରଥମ ଥର ପାଇଁ ଇସ୍ରାଏଲର ଆରୋ ହେଉ ଏବଂ ଆମେରିକାର ଥାଡ୍ ଏୟାର ଡିଫେନ୍ସ ସିଷ୍ଟମକୁ ଚକ୍‌ମା ଦେଇଛି ହୁତିର ବାଲାଷ୍ଟିକ ମିଶାଇଲ। ଏହି ଆକ୍ରମଣ ପରେ ବେନ୍ ଗୁରିଅନ୍ ଏୟାରପୋର୍ଟକୁ ସମସ୍ତ ବିମାନ ସେବା ବନ୍ଦ କରାଯାଇଛି। ସୂଚନା ଦିଆଯାଇପାରେ ଯେ ଏୟାର ଇଣ୍ଡିଆର ବିମାନ ତେଲ ଆଭିଭରେ ଅବତରଣ କରିବାର ଏକ ଘଣ୍ଟା ପୂର୍ବରୁ ହୁତି ଆକ୍ରମଣ କରିଥିଲା। ଫଳରେ ସମ୍ପୃକ୍ତ ବିମାନକୁ ଆବୁଧାବିକୁ ନିଆଯାଇଥିଲା। ତେବେ ଏଭଳି ଆକ୍ରମଣ ସୂଚିତ କରିଛି, ଉଗ୍ରବାଦୀମାନେ ଅଧିକ କ୍ଷମତାସମ୍ପନ୍ନ ମିଶାଇଲର ଅଧିକାରୀ ହୋଇଗଲେଣି। ପୂର୍ବରୁ ସେମାନେ ଡ୍ରୋନ୍ ବ୍ୟବହାର କରିବା ଦେଖାଯାଇଛି। ଏବର ମିଶାଇଲ ଆକ୍ରମଣ ଏକ ଚିନ୍ତାଜନକ ବିଷୟ। ଅନେକ ଥର ଆମେରିକା ସମେତ ନାଟୋର ସାମରିକ କାର୍ଯ୍ୟାନୁଷ୍ଠାନ ହୁତିଙ୍କୁ ଉଗ୍ରବାଦରୁ କ୍ଷାନ୍ତ କରିପାରିନାହିଁ। ଉଲ୍ଲେଖଯୋଗ୍ୟ, ୧୯୯୦ ଦଶକରେ ହୁସେନ-ଅଲ୍-ହୁତିଙ୍କ ଦ୍ୱାରା ଗଠିତ ଏହି ସଂଗଠନର ନେତୃତ୍ୱ ସେହି ପରିବାର ନେଇଆସୁଛି। ଏବେ ତାହାର ନେତୃତ୍ୱରେ ଅଛନ୍ତି ଅବଦୁଲ୍ ମଲିକ ଅଲ୍ ହୁତି। ଏହା ୟେମେନ୍ ସରକାରଙ୍କ ଦୁର୍ନୀତି ଓ ସେଠାରେ ପାଶ୍ଚାତ୍ୟର ପ୍ରଭାବକୁ ବିରୋଧ କରିଆସୁଛି ଏବଂ ସ୍ଥଳବିଶେଷରେ ଗୃହଯୁଦ୍ଧ ସ୍ଥିତି ସୃଷ୍ଟି କରିଛି। ହୁତି ଆମେରିକା ଓ ଇସ୍ରାଏଲର ଦୃଢ଼ ବିରୋଧୀ ଭାବେ ଜଣାଶୁଣା।

୭ ଅକ୍ଟୋବର ୨୦୨୩ରେ ପାଲେଷ୍ଟାଇନ୍‌ର ହମାସ ଉଗ୍ରବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ସେମାନେ ବିଦେଶୀଙ୍କ ସମେତ ପାଖାପାଖି ୧୨୦୦ ଲୋକଙ୍କୁ ହତ୍ୟା କରିବା ପରେ ସେହିଦିନ ଇସ୍ରାଏଲ ହମାସ ଉପରେ ପ୍ରତିଆକ୍ରମଣ ଆରମ୍ଭ କରିଦେଇଥିଲା। ଅଦ୍ୟାବଧି ଲାଗି ରହିଥିବା ଏହି ଯୁଦ୍ଧରେ ୫୦ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟାଇନୀ ଓ ୧,୭୦୦ରୁ ଅଧିକ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଲାଣି। ପ୍ରାରମ୍ଭିକ ସ୍ତରରେ ଇସ୍ରାଏଲ ଓ ହମାସ ଯୁଦ୍ଧରେ ହୁତି ପ୍ରତିକ୍ରିୟା ପ୍ରକାଶ କରି ଲୋହିତସାଗରରେ ଇସ୍ରାଏଲକୁ ଆସୁଥିବା ଜାହାଜଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା ଏବଂ ଏବେ ସୁଦ୍ଧା ତାହା ଜାରି ରଖିଛି। ହୁତିର କାର୍ଯ୍ୟକଳାପ ସାମ୍ନାକୁ ଆସିବା ପରେ ଲେବାନନର ହେଜ୍‌ବୁଲ୍ଲା ଉଗ୍ରବାଦୀମାନେ ହମାସ ସପକ୍ଷରେ ସମର୍ଥନ ଘୋଷଣା କରି ଇସ୍ରାଏଲକୁ ଶତ୍ରୁ ଦୃଷ୍ଟିରେ ଦେଖିଥିଲେ। ଫଳରେ ଇସ୍ରାଏଲ ହିଜ୍‌ବୁଲ୍ଲା ଉପରେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ନେଇଛି। ଦେଖିବାକୁ ଗଲେ ଏହିସବୁ ଉଗ୍ରବାଦୀ ଗୋଷ୍ଠୀଙ୍କୁ ଇରାନ ଆର୍ଥିକ ଓ ସାମରିକ ସହଯୋଗ କରିଆସୁଛି। ଏହାକୁ କେନ୍ଦ୍ରକରି ଇସ୍ରାଏଲ ଏବଂ ଇରାନ ଅନେକ ସମୟରେ ମୁହାଁମୁହିଁ ହେଉଛନ୍ତି। ତେବେ ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଜାନୁଆରୀ ୨୦୨୫ରେ ପୁନଃକ୍ଷମତାକୁ ଆସିବା ପରେ ତାଙ୍କ ପ୍ରଶାସନର ହସ୍ତକ୍ଷେପ ଯୋଗୁ ଯୁଦ୍ଧବିରତି ସହ ଇସ୍ରାଏଲ ପଣବନ୍ଦୀ ଓ ହମାସ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ କିଛିଦିନ ଚାଲିଲା। ଆଶା କରାଯାଇଥିଲା ମଧ୍ୟପ୍ରାଚ୍ୟ ଶାନ୍ତ ପଡ଼ିଯିବ କିନ୍ତୁ ତାହା ହେଲା ନାହିଁ। ବୁଝାମଣା ବିଫଳ ହେଲା ଓ ପୁନର୍ବାର ଅସ୍ଥିରତା ପରେ ମାର୍ଚ୍ଚରୁ ପୁନର୍ବାର ଇସ୍ରାଏଲ ହମାସ ଉପରେ ଆକ୍ରମଣ କରିଦେଲା। ତେବେ ହୁତିର ଏବକାର ମିଶାଇଲ ଆକ୍ରମଣ ପରେ ଏକ ନୂଆ ଦିଗ ବାହାରିଲାଣି। କେବଳ ଇସ୍ରାଏଲ ଏବଂ ହମାସ ମଧ୍ୟରେ ସୀମିତ ରହିବା ପରିବର୍ତ୍ତେ ଏହି ଯୁଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି; ଯାହା ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଅନ୍ୟ ଦେଶଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିଛି। ଡୋନାଲ୍ଡ ଟ୍ରମ୍ପଙ୍କ ହମାସକୁ ଦେଇଥିବା ଧମକର କୌଣସି ପ୍ରତିକ୍ରିୟା ପ୍ରକାଶ ପାଇଲା ନାହିଁ। ଟ୍ରମ୍ପ ବିବୃତି ଦେଇ ହମାସକୁ ୪୮ ଘଣ୍ଟା ମଧ୍ୟରେ ସବୁ ପଣବନ୍ଦୀଙ୍କୁ ମୁକ୍ତ କରିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତତ୍‌ସହିତ ମାର୍ଚ୍ଚ ୬ ତାରିଖରେ କହିଥିଲେ, ଯଦି ହମାସ ତାଙ୍କ କଥା ନ ଶୁଣେ ତେବେ ସବୁକିଛି ଧ୍ୱଂସ କରିଦେବେ। ହମାସ ଗାଲୁଆମି କରି ଟ୍ରମ୍ପଙ୍କ ଧମକକୁ ପାଣିରେ ଗାର ଭାବେ ପ୍ରମାଣ କରିଦେଲାଣି। ସେଭଳି ପରିସ୍ଥିତିରେ ଆମେରିକା ତାହାର ଭାବମୂର୍ତ୍ତି ସମ୍ପୂର୍ଣ୍ଣ ଭାବେ ହରାଇ ସାରିଲାଣି। ମନେହୁଏ, ପୃଥିବୀରେ ଏକ ନୂଆ ପର୍ଯ୍ୟାୟ ସୃଷ୍ଟି ହେବାର ଏହା ପ୍ରଥମ ଲକ୍ଷଣ । ଏଥିରେ ଭାରତ ଭଳି ଦେଶର ଗୁରୁତ୍ୱ ଓ ଭୂମିକା ଆହୁରି ଅଧିକ ଗୌଣ ହେବାର ସମ୍ଭାବନା ସ୍ପଷ୍ଟ ଜଣାପଡ଼ୁଛି।

# ପ୍ରତିକାର ଛାଟ

ପର୍ବତାରୋହଣ ଦୁଃସାହସିକ କ୍ରୀଡ଼ା ପର୍ଯ୍ୟାୟଭୁକ୍ତ। କିନ୍ତୁ ସେଥିରେ ପ୍ରତିଦ୍ୱନ୍ଦ୍ୱିତା ଶୀର୍ଷ ଛୁଇଁଥିବାରୁ ଗିରିଶୃଙ୍ଗରେ ପହଞ୍ଚିବାର ରୋମାଞ୍ଚ ପୂର୍ବଭଳି ଆକର୍ଷଣ ସୃଷ୍ଟି କରୁନାହିଁ। ବରଂ ଏହା ଅନେକ ଅନଭିଜ୍ଞଙ୍କ କୋଳାହଳ ଯୋଗୁ ଏକ ଫ୍ୟାଶନ ପାଲଟି ଯାଇଛି। କେବଳ ସେତିକିରେ ଅଟକି ଯାଉନାହିଁ ଯାତ୍ରା। ଠିକ୍ ପ୍ରଶିକ୍ଷିତ ହୋଇ ନ ଥିବା ବହୁ ପର୍ବତ ଚଢ଼ାଳିଙ୍କୁ ଉପରକୁ ଉଠିବା ପାଇଁ ଅନୁମତି ଦିଆଯାଉଥିବାରୁ ଅନେକ ଦୁର୍ଘଟଣା ଘଟୁଛି ଓ ସ୍ଥଳବିଶେଷରେ ସେମାନଙ୍କ ସୁରକ୍ଷା ପ୍ରଶ୍ନବାଚୀରେ ରହିଲାଣି। ଏ ସବୁକୁ ଦେଖି ନେପାଳ ସରକାର ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଚଢ଼ିବା ନିୟମକୁ କଡ଼ା କରିବାକୁ ଯାଉଛନ୍ତି। ମିଳିଥିବା ଖବର ଅନୁଯାୟୀ ହିମାଳୟବ୍ୟାପ୍ତ ଦେଶରେ ଥିବା କୌଣସି ଗିରିଶୃଙ୍ଗରେ ପୂର୍ବରୁ ୭ ହଜାର ମିଟର ବା ୨୨ ହଜାର ୯୬୫ ଫୁଟ ଚଢ଼ିବାର ଅଭିଜ୍ଞତା ରଖିଥିବା ପର୍ବତାରୋହୀଙ୍କୁ ଏଭରେଷ୍ଟ ଯିବାର ସୁଯୋଗ ମିଳିବ। ଉଲ୍ଲେଖଯୋଗ୍ୟ, ଏଭରେଷ୍ଟର ଉଚ୍ଚତା ୮ ହଜାର ୮୪୮ ମିଟର ବା ୨୯,୦୩୨ ଫୁଟ। ଏଥିସହିତ ଗାଇଡ୍ ବା ସେର୍ପାମାନେ ନେପାଳୀ ନାଗରିକ ହୋଇଥିବା ବାଞ୍ଛନୀୟ। ନେପାଳ ସରକାର ଏଭଳି ଚିଠା ଆଇନ ପ୍ରସ୍ତୁତ କରିବା ପଛରେ ରହିଛି ଏଭରେଷ୍ଟରେ ଗହଳି ହ୍ରାସ ଓ ସୁରକ୍ଷା ଦିଗକୁ ଧ୍ୟାନଦେବା। ସୂଚନା ଦିଆଯାଇପାରେ ଯେ ୨୦୨୩ରେ ଏଭରେଷ୍ଟ ଚଢ଼ାଳିଙ୍କ ମଧ୍ୟରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ନିଖୋଜ ହୋଇଥିଲେ। ଗତବର୍ଷ ମଧ୍ୟ ୮ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଥିଲା।

ନେପାଳ ସରକାର ଆଣିବାକୁ ଯାଉଥିବା ନୂଆ ଆଇନ ଆଉ ଗୋଟେ ଦୃଷ୍ଟିରୁ ପରିବେଶ ଅନୁକୂଳ ହେବ ବୋଲି କୁହାଯାଇପାରେ। ଅନେକ ପର୍ବତାରୋହୀଙ୍କୁ ଚଢ଼ିବା ଲାଗି ଅନୁମତି ଦିଆଯିବା ପଛରେ ଅଧିକ ଅର୍ଥ ଉପାର୍ଜନର ଚିନ୍ତା ରହିଛି। କାରଣ ଯେଉଁମାନେ ପର୍ବତ ଚଢ଼ନ୍ତି ସେମାନଙ୍କୁ ଅନୁମତି ପାଇବା ନିମନ୍ତେ ଋତୁକାଳୀନ ସ୍ଥିରୀକୃତ ଆମେରିକୀୟ ଡଲାର ଦେବାକୁ ପଡ଼ିଥାଏ, ଯାହା ନେପାଳ ସରକାରଙ୍କ ପାଖକୁ ଯାଇଥାଏ। ତେବେ ଯେଉଁଭଳି ହାରରେ ଚଢ଼ାଳିଙ୍କ ସଂଖ୍ୟା ବଢ଼ିଛି, ତାହା ଦ୍ୱାରା ସେହି ଅଞ୍ଚଳ ଦିନକୁ ଦିନ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ଗଦାଗଦା ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ହିମାଳୟର ଏହି ଅଞ୍ଚଳରୁ ଜନ୍ମ ନେଇଥିବା ଅନେକ ନଦୀର ଜଳ ମଧ୍ୟ ଦୂଷିତ ହେଉଛି। ଏଥିସହିତ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମାଟି ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। କହିବାକୁ ଗଲେ ବିସ୍ତୃତ ହିମାଳୟ ଆସ୍ତେ ଆସ୍ତେ ଜୈବ ବିବିଧତା ହରାଉଛି। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ସିଧାସଳଖ ଅନୁଭବ କରୁଥିବା ବେଳେ ଜୈବ ବିବିଧତାର ଗନ୍ତାଘର ଭାବେ ଦଣ୍ଡାୟମାନ ହିମାଳୟ ଭଳି ମେରୁ ପ୍ରଦୂଷଣ ଯୋଗୁ ଦୋହଲି ଗଲେ ବିପଦ ଆଗକୁ ଆହୁରି ବଡ଼ ରୂପ ଧାରଣ କରିବ। ନେପାଳ ସରକାର ପର୍ବତାରୋହୀଙ୍କ ପାଇଁ କରିଥିବା କଡ଼ା ନିୟମକୁ ପ୍ରତିକାରର ଏକ ଛାଟ ରୂପେ ବିବେଚନା କରାଯାଉ।

# କାରାଗାର ଏବେ ଅଣନିଃଶ୍ୱାସୀ



ସୁକାନ୍ତ କୁମାର ପଟେଲ

ଭାରତୀୟ କାରାଗାରଗୁଡିକ ଏବେ ଅଣନିଶ୍ୱାସୀ। ଏହା ହିଁ ବାସ୍ତବତା, ଯାହା ସରକାରୀ ତଥ୍ୟ ଉପରେ ପର୍ଯ୍ୟବସିତ। ଆମ ଦେଶରେ ଜନସଂଖ୍ୟା ବୃଦ୍ଧି ଅନୁସାରେ ଅପରାଧୀଙ୍କ ସଂଖ୍ୟା ବଢୁଛି। ବିଡମ୍ବନାର ବିଷୟ, ସେହି ଅନୁସାରେ କାରାଗାର ସଂଖ୍ୟା କିମ୍ବା ଏହାର ଅନ୍ତେବାସୀ ଆସନ କ୍ଷମତା ବୃଦ୍ଧି ଘଟୁନାହିଁ। ଭାରତରେ ମୋଟ ୧୩୮୨ କାରାଗାର ଥିବାବେଳେ ଏହାର ଅଧାରୁ ଅଧିକରେ ଆସନ କ୍ଷମତାଠାରୁ ଅଧିକ କଏଦୀ ଅଛନ୍ତି। ଅନେକରେ ଏହାର ଚାରିଗୁଣ ଅଧିକ କଏଦୀ ରହୁଛନ୍ତି। ଦେଶର ସବୁଠାରୁ ବଡ଼ କାରାଗାର ‘ତିହାର’ରେ ଏହାର କ୍ଷମତାଠାରୁ ୮ ଗୁଣ ଅଧିକ କଏଦୀ ରହିଛନ୍ତି। ନିକଟରେ ପ୍ରକାଶିତ ‘ଇଣ୍ଡିଆ ଜଷ୍ଟିସ ରିପୋର୍ଟ’ ଅଥବା ଭାରତୀୟ ନ୍ୟାୟ ରିପୋର୍ଟ ଅନୁସାରେ ମୋଟ ୧୩୮୨ କାରାଗାର ମଧ୍ୟରୁ ୧୭୬ଟିରେ ୪ଗୁଣ ଅଧିକ କଏଦୀ ଅଛନ୍ତି। ଏହି ରିପୋର୍ଟ ମୁତାବକ ଜାତୀୟ ସ୍ତରରେ ଧାର୍ଯ୍ୟ କ୍ଷମତାଠାରୁ ୧୩୧ ପ୍ରତିଶତ ଅଧିକ କଏଦୀ କାରାଗାରଗୁଡ଼ିକରେ ରହୁଛନ୍ତି। ଆହୁରି ମଧ୍ୟ ୩୪ କାରାଗାରରେ ୨୫୦ରୁ ଅଧିକ ଏବଂ ୮୫ କାରାଗାରରେ ୨୦୦ ପ୍ରତିଶତରୁ ଅଧିକ କଏଦୀ ରହିଛନ୍ତି।

କାରାଗାର ଗହଳି କ୍ଷେତ୍ରରେ ଉତ୍ତରପ୍ରଦେଶ ଆଗୁଆ ଏବଂ ଏହାର ୧୮ଟି କାରାଗାର ମଧ୍ୟରୁ କେବଳ ମୋରାଦାବାଦରେ କଏଦୀଙ୍କ ସଂଖ୍ୟା ୪୯୭ ପ୍ରତିଶତ ଅଧିକ। ଦିଲ୍ଲୀର ‘ତିହାର’ର ଦୁଇଟି କାରାଗାରରେ ଯଥାକ୍ରମେ ୪୧୧ ଏବଂ ୪୬୭ ପ୍ରତିଶତ ଅଧିକ କଏଦୀ ଅଛନ୍ତି। ତେବେ କାରାଗାରଗୁଡିକ ଅଣନିଃଶ୍ୱାସୀ ହେବାର ଏକମାତ୍ର କାରଣ ହେଉଛି ବିଚାରାଧୀନ କଏଦୀଙ୍କ ଦୀର୍ଘ ଅବସ୍ଥାନ। ରିପୋର୍ଟ ଅନୁଯାୟୀ ପ୍ରାୟ ୭୬ ପ୍ରତିଶତ କଏଦୀଙ୍କ ଦୀର୍ଘ ଅବସ୍ଥାନ ଯୋଗୁ କାରାଗାରଗୁଡିକରେ ଅଯଥା ଭିଡ଼ ଦେଖାଦେଇଛି। ବିଗତ ଏକ ଦଶନ୍ଧି ଅର୍ଥାତ୍ ୨୦୧୨ରୁ ୨୦୨୨ ମଧ୍ୟରେ କାରାଗାର କ୍ଷମତା ୨୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ କଏଦୀଙ୍କ ସଂଖ୍ୟା ୪୮ ପ୍ରତିଶତ ବୃଦ୍ଧି ପାଇଥିଲା। ଏଥିମଧ୍ୟରୁ ବିଚାରାଧୀନ କଏଦୀଙ୍କ ସଂଖ୍ୟା ପ୍ରାୟ ୬୬ରୁ ୭୬ପ୍ରତିଶତ ବୃଦ୍ଧି ଘଟିଛି। ସୂଚନାଯୋଗ୍ୟ ଯେ ଦିଲ୍ଲୀର କାରାଗାରଗୁଡିକରେ ଏହି ବିଚାରାଧୀନ କଏଦୀଙ୍କ ସଂଖ୍ୟା ପ୍ରାୟ ୯୧ ପ୍ରତିଶତ। ସଂଖ୍ୟାଧିକ କଏଦୀଙ୍କ ପାଇଁ ରାଜକୋଷ ଉପରେ ଅତିରିକ୍ତ ବୋଝ ପଡୁଛି ଏବଂ ପ୍ରତିବର୍ଷ ବଜେଟରେ କାରାଗାର ବାବଦ ବ୍ୟୟ ଅଟକଳ ବୃଦ୍ଧି ପାଉଛି। ପ୍ରତି କଏଦୀଙ୍କ ମୁଣ୍ଡପିଛା ଖର୍ଚ୍ଚ ୬୨ ଟଙ୍କାରୁ



୧୨୧ ଟଙ୍କା ଅର୍ଥାତ୍ ୯୬ ପ୍ରତିଶତ ବୃଦ୍ଧି ଘଟିଛି। ସେହି ହିସାବରେ ପୂର୍ବ ଦଶନ୍ଧି ତୁଳନାରେ ବ୍ୟୟ ଅଟକଳ ୧୫୬ରୁ ୧୯୨ ପ୍ରତିଶତକୁ ବୃଦ୍ଧିପାଇଛି।

ପ୍ରାୟ ୫୦ ପ୍ରତିଶତ ରାଜ୍ୟରେ ସର୍ବାଧିକ ମାମଲା ତିନି ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ରହିଛି। ଉଦାହରଣ ସ୍ୱରୂପ ବିହାରରେ ବିଭିନ୍ନ ଅଦାଲତରେ ୭୧ ପ୍ରତିଶତ ମାମଲା ପଡ଼ି ରହିଥିବା ବେଳେ ଏହା ପଛକୁ ଅଛି ପଶ୍ଚିମବଙ୍ଗ ଏବଂ ଓଡ଼ିଶା। ଅଧିକନ୍ତୁ ପଞ୍ଜାବ, ଛତିଶଗଡ, ଉତ୍ତରାଖଣ୍ଡ ଏବଂ ହରିୟାଣାରେ ଏହି ସଂଖ୍ୟା ଅପେକ୍ଷାକୃତ ଭାବେ କମ୍ ରହିଛି। ନ୍ୟାୟପାଳିକାରେ ନ୍ୟାୟ ପ୍ରଦାନରେ କଚ୍ଛପ ଗତି ଯୋଗୁ ଆଜିର ଏ ପ୍ରକାର ଅବସ୍ଥା। ବିଶେଷକରି ବିଚାରାଧୀନ କଏଦୀଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧିପାଉଛି। କାରାଗାର ସଂଶୋଧନ କମିଟି ରିପୋର୍ଟ ଅନୁଯାୟୀ ୬୮ ପ୍ରତିଶତ କଏଦୀ ଭଲଭାବେ ଶୋଇପାରୁଥିବା ବେଳେ ଅବଶିଷ୍ଟ କଏଦୀଙ୍କ ନିମନ୍ତେ ଉପଯୁକ୍ତ ସ୍ଥାନାଭାବ ରହିଛି।

ସୀମିତ ନ୍ୟାୟିକ ସହାୟତା ସହ ବିଚାରପତିଙ୍କ ସଂଖ୍ୟା କମ୍ ଥିବାରୁ ମାମଲା ଫଇସଲା ପ୍ରକ୍ରିୟାରେ ଅତିଶୟ ବିଳମ୍ବ ଘଟୁଛି। ଯଦି ଭାରତର ଜନସଂଖ୍ୟା ୧୪୦ କୋଟି ଥିବାବେଳେ ବିଚାରପତିଙ୍କ ସଂଖ୍ୟା ୨୧,୨୮୫। ଅର୍ଥାତ୍ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୧୫ ଜଣ ବିଚାରପତି। ବିଚାରପ୍ରକ୍ରିୟା ତ୍ୱରାନ୍ୱିତ ନ ହେଲେ କାରାଗାରଗୁଡିକର ଅବସ୍ଥା ସାଂଘାତିକ ହେବ ଏଥିରେ ଆଦୌ ସନ୍ଦେହ ନାହିଁ। ଭାରତୀୟ ନ୍ୟାୟ ରିପୋର୍ଟ–୨୦୨୫ ଅନୁସାରେ ୨୦୨୨ ସୁଦ୍ଧା ୪ ଲକ୍ଷ ୩୬ ହଜାର କଏଦୀ ରହିବା ନିମନ୍ତେ ଉଦ୍ଦିଷ୍ଟ କାରାଗାରଗୁଡିକରେ ୫ ଲକ୍ଷ ୭୩ ହଜାର କଏଦୀ ରହିଥିଲେ। ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ ଏହି ହାରରେ ୨୦୩୦ ସୁଦ୍ଧା ଆମ ଦେଶରେ ମୋଟ କଏଦୀଙ୍କ ସଂଖ୍ୟା ୬ ଲକ୍ଷ ୬୦ ହଜାର ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ।


ସାଧାରଣତଃ ସ୍ଥାନ, କାଳ, ପରିସ୍ଥିତି, ଭାବନାତ୍ମକ ଉଦ୍‌ବେଗ ଏବଂ ଆପରାଧିକ ମନୋବୃତ୍ତି ଯୋଗୁ ଜଣେ ଅପରାଧ ଜଗତରେ ପାଦ ଥାପି ଅପରାଧୀ ହୋଇ କାରାଗାରରେ ରହିଥାଏ। କିନ୍ତୁ କାରାଗାର ନିର୍ମାଣର ଉଦ୍ଦେଶ୍ୟ ହେଉଛି ଅପରାଧୀଙ୍କୁ ସୁଧାରିବା ଏବଂ କାରାଗାରରେ ରହିବା ସହ ସମାଜଠାରୁ ସ୍ୱତନ୍ତ୍ର ରହି ସ୍ୱକୀୟ କର୍ମର ପଶ୍ଚାତ୍ତାପ କରିବା। ଏହା ଅନ୍ୟ ଅର୍ଥରେ ସୁଧାର ଗୃହ। ଏଠାରେ ଅବସ୍ଥାନ କରିବାର ଅର୍ଥ ନୁହେଁ ଦଣ୍ଡ ଭୋଗିବା ବରଂ କୃତକର୍ମକୁ ମାନସିକ ଭାବେ ବିଶ୍ଲେଷଣ କରି ଭବିଷ୍ୟତରେ ଏହା ନ କରିବା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା। କିନ୍ତୁ ‘ଇଣ୍ଡିଆ ଜଷ୍ଟିସ ରିପୋର୍ଟ–୨୦୨୫ ଅନୁସାରେ ଭାରତର କାରାଗାରଗୁଡିକର ଯେଉଁ ବିକଳ ଅବସ୍ଥା ତାହା ଏହି ଉଦ୍ଦେଶ୍ୟକୁ ପରିପୂରଣ କରିବାରେ ନିଶ୍ଚିତଭାବେ ଅସମର୍ଥ।

ସ୍ଥାନାଭାବ ଯୋଗୁ ବିଭିନ୍ନ ସମସ୍ୟା ହିଁ ଚିନ୍ତାର କାରଣ। ଏଠାରେ ମାନବାଧିକାର ପ୍ରଶ୍ନ ଉଠିବା ସ୍ୱାଭାବିକ ବିଷୟ। କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବୃଦ୍ଧି ପାଇବାବେଳେ ଆମ କାରାଗାର ପାଇଁ ଅଛନ୍ତି ମାତ୍ର ୨୫ ଜଣ ମନୋଚିକିତ୍ସକ। ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ବିଚାରାଧୀନ ବନ୍ଦୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ କାରାଗାରଗୁଡିକରେ ୪୩ ପ୍ରତିଶତ ଚିକିତ୍ସା ଅଧିକାରୀଙ୍କ ସଂଖ୍ୟା ଖାଲି ପଡିଛି। ଅତଏବ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ କଏଦୀମାନେ ମାନସିକ ଏବଂ ଶାରୀରିକ ଉଭୟ କ୍ଷେତ୍ରରେ ଯନ୍ତ୍ରଣାର ଶିକାର ହେବା ସ୍ୱାଭାବିକ। ଏହା ସାଙ୍ଗକୁ କାରାଗାରଗୁଡିକରେ ବଞ୍ଚିତ, ନିରକ୍ଷର ଏବଂ ଆର୍ଥିକ ଭାବେ ଦୁର୍ବଳ ତଥା ଅନଗ୍ରସର ବର୍ଗର କଏଦୀଙ୍କୁ ସମୟାନୁସାରେ ବିନା ମୂଲ୍ୟରେ ଆଇନ ସେବା ପ୍ରଦାନ କରାଯାଇପାରୁନାହିଁ। ଅନେକ କାରାଗାର ସଂସ୍କାର କମିଟି ନିଜର ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଇପାରିନାହିଁ। ଏହା ବ୍ୟତୀତ ସର୍ବୋଚ୍ଚ ଅଦାଲତ ଦୀର୍ଘକାଳୀନ ଜେଲ ସୁଧାର ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ ମଧ୍ୟ ଆମ ଦେଶର ପ୍ରଶାସନର ଉଦାସୀନତା ଉପରୋକ୍ତ ସମସ୍ୟାକୁ ଦ୍ୱିଗୁଣିତ କରିଛି।

ପରିଶେଷରେ କୁହାଯାଇପାରେ ଯେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବୃଦ୍ଧି ପାଇ ଚାଲିଛି। ଯଦି ଉପଯୁକ୍ତ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବା ସହ ବିଚାରପତି ପଦବୀଗୁଡିକ ସମୟାନୁସାରେ ପରିପୂରଣ କରାଯାଇପାରନ୍ତା ତେବେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ନିଶ୍ଚିତ ଭାବେ ହ୍ରାସ ଘଟନ୍ତା ଏବଂ କାରାଗାରରେ କଏଦୀଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ଘଟନ୍ତା ନାହିଁ। ସୁତରାଂ ସରକାର ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବା ଜରୁରୀ, ଯାହା ଦ୍ୱାରା କାରାଗାରଗୁଡ଼ିକର ସମସ୍ୟାର ସମାଧାନ ହୋଇପାରିବ।

**ପାର୍ବତୀ ଭବନ, ବସୁନ୍ଧରା ଲେନ–୨, ବିଡାନାସୀ, କଟକ, ମୋ: ୭୦୦୮୩୫୦୪୭୭**

# ଠିଆ ଖିଆ, ମାଗି ଖିଆ



ସତ୍ୟନାରାୟଣ ଦେହୁରୀ

ମଣିଷ ଯେଉଁ ଦିନରୁ ସାମାଜିକ ପ୍ରାଣୀ ଭାବରେ ଗଣା ହେଲା, ସେହିଦିନଠାରୁ ତା’ର ଏକ ନିର୍ଦ୍ଦିଷ୍ଟ ପ୍ରଥା, ପରମ୍ପରା ଓ ଚଳଣି ସୃଷ୍ଟି ହେଲା। ଗୋଟିଏ ପରିବାରର ସମସ୍ତ ସଦସ୍ୟ ଏକତ୍ର ବସି ଏକ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କରିବା ଧାରା ଆରମ୍ଭ ହେଲା। ତାହା ପୁଣି ଦଳଗତ ଭାବରେ। ପରିବାରର ପୁରୁଷମାନେ ପ୍ରଥମେ ଭୋଜନ କରିବେ, ତା’ପରେ ସ୍ତ୍ରୀମାନେ ଏକତ୍ର ଭୋଜନ କରିବାର ପରମ୍ପରା ଆରମ୍ଭ ହେଲା। ଏବେ ମଧ୍ୟ ଏହି ପରମ୍ପରା କେତେକ ପରିବାରରେ ପ୍ରଚଳିତ ଅଛି। ବଡ଼ ପରିବାରମାନଙ୍କରେ ଏକତ୍ର ବସି ଖଲିପତ୍ରରେ ଭୋଜନ କରିବାର ଆନନ୍ଦ କହିଲେ ନ ସରେ।

ଆସନରେ ବସି ଖାଦ୍ୟ ଖାଇବା ବଦଳରେ ଏବେ ଆରମ୍ଭ ହେଲାଣି ଠିଆ ଖିଆ। ସବୁ ଜାଗାରେ ଲୋକମାନେ ଠିଆରେ ଖାଦ୍ୟ ଖାଇଲେଣି। ଭୋଜିଭାତଠୁ ଆରମ୍ଭ କରି ହୋଟେଲରେ ଖାଇବା ମଧ୍ୟ ଠିଆରେ ହେଲାଣି। ରାସ୍ତା ପାର୍ଶ୍ୱ ଉଠା ଦୋକାନଗୁଡ଼ିକରେ ଅନେକ ଲୋକ ଠିଆରେ ଜଳଖିଆ ଖାଇବାକୁ ପସନ୍ଦ କରୁଛନ୍ତି। କୌଣସି ହୋଟେଲରେ ବସି ଖାଇବାକୁ ବେଶି ଲୋକ ପସନ୍ଦ କରୁନାହାନ୍ତି। କାହାରି ପାଖରେ ସମୟ ନାହିଁ। ହୋଟେଲରେ ବସି ଅଧିକ ସମୟ ଦେବାକୁ । ଠିଆରେ ଖାଦ୍ୟ ଖାଇବାର କୁପ୍ରଭାବ କଥା କେହି ଚିନ୍ତା କରନ୍ତି ନାହିଁ। ଏହା ଆମର ରେଚନ କ୍ରିୟାରେ ବାଧା ସୃଷ୍ଟି କରିଥାଏ। ଠିଆ ହୋଇ ଖାଦ୍ୟ ଖାଇବା କିମ୍ବା ପାଣି ପିଇବା ଦ୍ୱାରା ଆମର କିଡ୍‌ନୀ ଉପରେ ପ୍ରଭାବ ପକାଏ। ଠିଆରେ ଖାଦ୍ୟ ଖାଇଲେ ଶୀଘ୍ର ଶୀଘ୍ର ଖାଦ୍ୟ ଖାଇବା ଦ୍ୱାରା ରେଚନ କ୍ରିୟା ବାଧା ପାଏ। ଏବେ ଅନେକ ଜାଗାରେ ଖାଦ୍ୟ ବିକ୍ରି କରାଯାଉଛି କିନ୍ତୁ ବସିବା ପାଇଁ କୌଣସି ବ୍ୟବସ୍ଥା ନ ଥାଏ। ଫଳରେ ଅନେକ ଲୋକ ଠିଆ ହୋଇ ଖାଦ୍ୟ ଖାଇଥାଆନ୍ତି। କେହି ବସିବା ଜାଗା ଖୋଜନ୍ତି ନାହିଁ। କାରଣ ସମସ୍ତେ ଅଭ୍ୟସ୍ତ ହୋଇଗଲେଣି ଠିଆ ଖିଆରେ।

ବାହାଘର, ବ୍ରତଘର କିମ୍ବା ଜନ୍ମଦିନ ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମରେ ଯେଉଁ ଭୋଜିର ଆୟୋଜନ ହୋଇଥାଏ, ସେଗୁଡ଼ିକ ସବୁ ବଫେ। ଲମ୍ବା ଲାଇନରେ ଠିଆ ହୋଇ ଖଲି ଧରି ଖାଦ୍ୟ ମାଗି କରି ଠିଆରେ ହିଁ ଖାଇବାକୁ ପଡ଼ିଥାଏ। ଖାଦ୍ୟର ପସରା ମେଳା ହୋଇଥାଏ। ନିଜର ପସନ୍ଦ ଅନୁସାରେ ଖାଦ୍ୟ ମାଗି ଠିଆରେ ଖାଇବାକୁ ହୁଏ। ଖାଦ୍ୟ ସରିଗଲେ ଆଉଥରେ ଲାଇନରେ ଯାଇ ଖାଦ୍ୟ ମାଗିବାକୁ ପଡ଼ିଥାଏ। ସବୁ ଲୋକ ଏହି ଠିଆ ଖିଆ, ମାଗି ଖିଆକୁ ପସନ୍ଦ କରନ୍ତି ନାହିଁ। ଅନେକ ଲୋକ ଖାଦ୍ୟ ମାଗି ଆଣି ଜାଗାଦେଖି ବସି ପଡ଼ନ୍ତି ଓ ଖାଦ୍ୟ ଖାଇଥାଆନ୍ତି। ଯେଉଁମାନଙ୍କର ଠିଆ ଖାଇବାର ଅଭ୍ୟାସ ନ ଥାଏ ସେମାନେ କୌଣସି ମତେ ବସି ଖାଇବାକୁ ଚେଷ୍ଟା କରନ୍ତି। ଆଜିକାଲି ସହରମାନଙ୍କରେ ଆଉ ବସି ଖାଇବାର ବ୍ୟବସ୍ଥା କରା ଯାଉନାହିଁ। ସବୁ ଜାଗାରେ ଠିଆ ଖିଆ, ମାଗି ଖିଆ। କିନ୍ତୁ ଗାଁ ଗହଳରେ କିଛି



ପରିମାଣରେ ଭୋଜି ଭାତ ହେଲେ ଟେବୁଲ, ଚୌକିର ବ୍ୟବସ୍ଥା କରାଯାଉଛି। ଯଦିଓ ଟିକିଏ ଅପେକ୍ଷା କରିବାକୁ ପଡ଼ିଥାଏ, ତଥାପି ବସି ଖାଇବାର ସୁଯୋଗ ମିଳିଥାଏ। ଗାଁ ଗହଳରେ ଥିବା ବୁଢ଼ୀବୁଢ଼ାମାନଙ୍କୁ ଏହି ବ୍ୟବସ୍ଥା ସୁହାଇଥାଏ। ସେମାନେ ଅନ୍ତତଃ ଭୋଜି ଖାଇବାର ସୁଯୋଗ ପାଇଥାଆନ୍ତି।

୨୦୦୦ ମସିହା ପରଠାରୁ ଠିଆ ଖିଆ ସଂସ୍କୃତି ଆରମ୍ଭ ହୋଇଛି। ତା’ ପୂର୍ବରୁ ସବୁ ବସି ଖାଇବା ସଂସ୍କୃତି ଥିଲା। ଆଗରୁ ତଳେ ବସି ଭୋଜି ଖିଆ ଯାଉଥିଲା। ତା’ପରେ ଟେବୁଲ ,ଚୌକି ବ୍ୟବସ୍ଥା କରାଗଲା। ଟେବୁଲ, ଚୌକିରେ ଥରକରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଲୋକ ଖାଦ୍ୟ ଖାଇପାରିଲେ। କିନ୍ତୁ ତଳେ ଖାଇଲେ ଏକକାଳୀନ ଅନେକ ଲୋକ ଖାଦ୍ୟ ଖାଇ ପାରୁଥିଲେ। କାହାରିକୁ ଅପେକ୍ଷା କରିବାକୁ ପଡୁ ନ ଥିଲା। ଯିଏ ଯେତେବେଳେ ଆସିଲେ ଯେକୌଣସି ଜାଗାରେ ବସି ଖାଦ୍ୟ ଖାଇ ପାରୁଥିଲେ। ପରିମାଣର କୌଣସି ସୀମା ନ ଥାଏ। ଏଥିରେ ଖାଦ୍ୟ ନଷ୍ଟ ହୁଏ ନାହିଁ। ଯିଏ ଯାହା ଖାଏ ତାହା ତାଙ୍କୁ ପଚାରି ପଚାରି ଦିଆଯାଇଥାଏ। କିନ୍ତୁ ଠିଆ ଖିଆ ବା ବଫେରେ ଜଣେ ଯେତିକି ଖାଦ୍ୟ ମାଗି ଆଣି ଥାଆନ୍ତି ତାହା ଖାଇ ନ ପାରିଲେ ଫୋପାଡ଼ି ଚାଲିଯାଆନ୍ତି। କାରଣ ସମସ୍ତଙ୍କୁ ସମାନ ପରିମାଣର ଖାଦ୍ୟ ଦିଆ ଯାଉଥାଏ। ଆଉ ଯଦି କେହି ଦ୍ୱିତୀୟ ଥର ଖାଇବାର ଇଚ୍ଛା ଥାଏ ଗହଳି ଲାଇନ ଦେଖି ଆଉ ଯିବାକୁ ଇଚ୍ଛା କରେ ନାହିଁ। ଫଳରେ ତାଙ୍କୁ ସେହି ଥରକରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଥାଏ। ଏଠାରେ ଅଳ୍ପ ଖାଦ୍ୟ ବେଶି ଲୋକ ଖାଇପାରନ୍ତି। କାରଣ କମ୍ କମ୍ ଖାଦ୍ୟ ପରଷା ଯାଏ। ଯିଏ ଅଧିକ ଥର ମାଗି ଖାଇପାରେ ସେ ପେଟ ଭରି ଖାଇପାରେ। ଯିଏ ଥରକରେ ଆଉ ଧାଡ଼ିକୁ ଯାଏ ନାହିଁ ତା’ର ପେଟ ପୂରି ନ ଥାଏ। ଲାଜ କରୁଥିବା ଲୋକ ଏଠାରେ ଭୋକିଲା ରହିବାକୁ ପଡ଼େ। ନିଲଜିଆ ହୋଇ ବାରମ୍ବାର ଧାଡ଼ି ଧରିଲେ ପେଟପୂରା ଖାଇ ପାରିବ। ଏହି ଠିଆ ଖିଆକୁ ଆମ ସଂସ୍କୃତି ବୋଲି ଭାବିବାକୁ ପଡ଼ିବ।

ଏବେ ପରିବାରରେ ମଧ୍ୟ ଆଉ ବସି ଖାଇବାର ସୁଯୋଗ ନାହିଁ। କାରଣ ସବୁ ପରିବାରରେ ଡାଇନିଂ ଟେବୁଲ ସବୁ ଘରର ଶୋଭା ବଢ଼ାଉଛି। ଆଜିକାଲି ଘରେ ଦାମୀ ଡାଇନିଂ ଟେବୁଲ ରଖି ଘର ସଜାଇବାର ଏକ ଫେଶନରେ ପରିଣତ ହୋଇଗଲାଣି। ପଡ଼ୋଶୀ ଘର ସହ ପ୍ରତିଯୋଗିତାମୂଳକ ଭାବରେ ଡାଇନିଂ ଟେବୁଲ କିଣା ଯାଉଛି। ଏହି ଟେବୁଲରେ ବସି ଖାଇବା ଅଭ୍ୟାସ କରିବା ଫଳରେ ଅନେକ ଲୋକଙ୍କର ଆଣ୍ଠୁ ସମସ୍ୟା ଦେଖାଦେଉଛି। ଆଉ ତଳେ ଚକା ପକାଇ ବସିପାରୁ ନାହାନ୍ତି। ମନ୍ଦିରମାନଙ୍କୁ ପ୍ରସାଦ ସେବନ ପାଇଁ ଗଲେ ଆଉ ତଳେ ବସି ପ୍ରସାଦ ସେବନ କରିପାରୁ ନାହାନ୍ତି। ଏହି ସମସ୍ୟା ପାଇଁ ପୁଣି ଯୋଗର ସାହାରା ନେବାକୁ ପଡୁଛି।

**ରାଧାନଗର, ବୌଦ୍ଧ, ମୋ:୯୯୩୮୭୫୮୩୫୩**

## ଏଇ ଭାରତରେ

ଗ୍ରୀଷ୍ମ ଲହରିରେ ପଶୁପକ୍ଷୀ ପାଣି ବିନା ଡହଳବିକଳ ହେଉଛନ୍ତି ଓ ଖାଦ୍ୟ ପାଇପାରୁନାହାନ୍ତି। ଫଳରେ ସେମାନେ ଅସୁସ୍ଥ ହୋଇପଡୁଛନ୍ତି ଓ ଅନେକ କ୍ଷେତ୍ରରେ ସେମାନଙ୍କର ମୃତ୍ୟୁ ମଧ୍ୟ ଘଟୁଛି। ରାଜସ୍ଥାନରେ ଏଭଳି ଜଳ ଓ ଖାଦ୍ୟ ସଙ୍କଟ ଦୂର କରି ପ୍ରାଣୀଙ୍କ ଜୀବନ ରକ୍ଷା କରିବା ପାଇଁ ‘ଜୀବଜନ୍ତୁ ପ୍ରେମୀ ବନ୍ଧୁ ସଂସ୍ଥା’(ପିଏଫ୍‌ଏ)ର ସଦସ୍ୟମାନେ ୩୫ଟି ଗାଁରେ ପଶୁପକ୍ଷୀଙ୍କ ପାଇଁ ପିଇବା ପାଣି ଓ ଖାଦ୍ୟ ବ୍ୟବସ୍ଥା କରୁଛନ୍ତି। ପିଏଫ୍‌ଏରେ ୬୯୦ ସଦସ୍ୟ ଅଛନ୍ତି। ସେମାନେ ଗାଁଗୁଡ଼ିକରେ ପାଣି ଟାଙ୍କି ନିର୍ମାଣ କରିବା ସହ ପୋଖରୀଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଯୋଧପୁର ନିକଟସ୍ଥ ବଓ୍ୱାର୍ଲା ଗାଁରେ ପ୍ରଥମେ ୭ଜଣ ସରକାରୀ କର୍ମଚାରୀ ଏକାଠି ହୋଇ ପାତ୍ରରେ ପାଣି ଓ ଖାଦ୍ୟ ରଖିବା ଆରମ୍ଭ କରିଥିଲେ। ପ୍ରଥମେ ସେମାନେ ନିଜେ ଟଙ୍କା ଦେଇ ଏହା କରିଥିଲେ। ପରେ ସେମାନେ ମାର୍ଚ୍ଚ ୨୦୨୧ରେ ‘ଜୀବଜନ୍ତୁ ପ୍ରେମୀ ବନ୍ଧୁ ସଂସ୍ଥା’ ଗଠନ କରି ମାସକୁ ପ୍ରତ୍ୟେକ ସଦସ୍ୟ ୧୦୦୦ ଟଙ୍କା ଦେଇ ପାଣିଟାଙ୍କି ନିର୍ମାଣ ସହ ପୋଖରୀଗୁଡ଼ିକର ପୁନରୁଦ୍ଧାର ଏବଂ ଖାଦ୍ୟ ଯୋଗାଣ କାର୍ଯ୍ୟ ଚଳାଇଛନ୍ତି। ଏ ବାବଦରେ ଏବେ ସୁଦ୍ଧା ସେମାନେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୬ ମେ ୧୯୭୬

- ଜରୁରୀ ପରିସ୍ଥିତି ଜାରି ହେବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ୧୦,୦୦୦ କର୍ମଚାରୀଙ୍କୁ ଅପାରଗତା ବା ଦୁର୍ନୀତି କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।
- ୨୧ କୋଟି ୫୦ ଲକ୍ଷ ଡଲାର କ୍ଷତିପୂରଣ ଦାବି କରି ଆମେରିକାର ୫ଟି ଶସ୍ୟ କମ୍ପାନୀ ବିରୁଦ୍ଧରେ ଭାରତର ମୋକଦ୍ଦମା।

## ଚିରନ୍ତନୀ

ନିଦାଘ ପଥେ ରଖି ନୟନ
ସ୍ୱପନ କଲି କେତେ ଚୟନ
ଶରତ ଆକାଶର ଇନ୍ଦ୍ରଧନୁ ଟାଣି
କରିଲି କେତେ ଶର ମୋଚନ।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | 3 | | | | |
| 2 | 4 | | 1 | | | | 3 | |
| | 7 | | | 5 | | | 6 | |
| 1 | | 2 | | 6 | 7 | | | |
| | | | 3 | | | | | |
| | | | 9 | | | 2 | | |
| 3 | | | | | | | | |
| 5 | | 9 | 8 | | | | | 6 |
| | 1 | | 5 | | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 6 | 8 | 3 | 1 | 5 | 4 | 2 |
| 1 | 3 | 5 | 7 | 4 | 2 | 8 | 9 | 6 |
| 4 | 2 | 8 | 5 | 9 | 6 | 7 | 3 | 1 |
| 7 | 4 | 3 | 9 | 6 | 8 | 1 | 2 | 5 |
| 5 | 6 | 2 | 3 | 1 | 4 | 9 | 7 | 8 |
| 8 | 1 | 9 | 2 | 5 | 7 | 4 | 6 | 3 |
| 2 | 9 | 1 | 6 | 7 | 5 | 3 | 8 | 4 |
| 6 | 5 | 7 | 4 | 8 | 3 | 2 | 1 | 9 |
| 3 | 8 | 4 | 1 | 2 | 9 | 6 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ୱାକ୍‌ଫ ଆଇନର ସଂସ୍କାର ଜରୁରୀ ଥିଲା

ମହାଶୟ,

ବହୁ ବିତର୍କିତ ୱାକ୍‌ଫ ସଂଶୋଧନ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି । ଦୁର୍ଭାଗ୍ୟ ଯେ, ସଂଶୋଧିତ ୱାକ୍‌ଫ ଆଇନକୁ ନେଇ ବିରୋଧୀମାନଙ୍କ ଦେଶବ୍ୟାପୀ ଅପପ୍ରଚାରର ଉତ୍ତାପ ଦୁର୍ବଳ ହେଉନାହିଁ । ୱାକ୍‌ଫ ବିଧିବ୍ୟବସ୍ଥାରେ ଅଣାଯାଇଥିବା ପରିବର୍ତ୍ତନ ଅନୁକୂଳଧର୍ମୀ । ଏହା କାହାରି ପ୍ରାଧାନ୍ୟକୁ ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ରାଜନୈତିକ ପ୍ରଭାବ ହରାଉଥିବା ବିରୋଧୀ ଆଇନର ବାସ୍ତବତା ଉପରେ ଭ୍ରମର ପ୍ରଲେପ ଦେବା ପାଇଁ ବ୍ୟସ୍ତ ହୋଇପଡିଛନ୍ତି । ମୁସଲିମ୍ ଜନମାନସକୁ ଭୁଲ୍ ଦିଗରେ ନେବା ପାଇଁ ଉଦ୍ୟମ କରୁଛନ୍ତି । ୱାକ୍‌ଫର ପରିଚାଳନାରେ ସଂସ୍କାର ଆଣିବା ଜରୁରୀ ଥିଲା । ସ୍ୱଚ୍ଛତା, ଦାୟିତ୍ୱ ଓ ଦକ୍ଷତାର ସହ କୌଣସି ଅନୁଷ୍ଠାନର ସମ୍ପତ୍ତିକୁ ପରିଚାଳନା କରାଯିବା ଭଲ । ଧୈର୍ଯ୍ୟ ଓ ସହିଷ୍ଣୁତା ଗୁଣରେ ଆଇନର ଉପକାରୀ ଦିଗକୁ ସ୍ୱାଗତ କରାଯାଉ । ୱାକ୍‌ଫ ବୋର୍ଡ ଅଧୀନରେ ଥିବା ସମ୍ପତ୍ତି କାହା ସୁବିଧାରେ ବ୍ୟବହୃତ ହେଉଛି ବୋଲି ସେ ବିଷୟରେ ଜ୍ଞାତ ହେବା ଆମର ଅଧିକାର । ଦେଶରେ ବସବାସ କରୁଥିବା ଗରିବ, ବିଧବା, ସ୍ୱାମୀ ପରିତ୍ୟକ୍ତା ମୁସଲିମ ମହିଳାଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ସଂଶୋଧିତ ଆଇନରେ ପ୍ରାବଧାନ ରହିବା ଉତ୍‌ଥାନର ଦିଗକୁ ସୂଚାଉଛି, ଦମନର ଦିଗକୁ ନୁହେଁ ।

**–ଦୁଃଶାସନ ବିଶ୍ୱାଳ, କାଜିପୁର, ନିମାପଡ଼ା,**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ହତ୍ୟାରେ ସମ୍ପୃକ୍ତ ଫେରାର ମାଓବାଦୀ ଗିରଫ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ସୁକ୍‌ମା ଜିଲା ଚିନ୍ତାଲନାର ଥାନା ପୋଲିସ ଓ ୭୪ ବାହିନୀ ସିଆର୍‌ପିଏଫ୍ ମିଳିତ ଭାବେ ନାଗାରାମଠାରେ ସର୍ଚ୍ଚ ଅପରେଶନ ସମୟରେ ହତ୍ୟାରେ ସମ୍ପୃକ୍ତ ଥିବା ଜଣେ ଫେରାର ମାଓବାଦୀଙ୍କୁ ସୋମବାର ଗିରଫ କରିଛନ୍ତି। ସେ ହେଲେ କୁନାମ ସୋମଡୁ ଓରଫ ସୋମାରୁ। ମାଓବାଦୀ ଜଣକ ୨୦୧୫ରେ ନାଗାରାମ ଗ୍ରାମର ଜଣଙ୍କୁ ହତ୍ୟା ଘଟଣାରେ ସାମିଲ ଥିଲେ। ଏହି ମାଓବାଦୀଙ୍କ ନାମରେ ଚିନ୍ତାଲନାର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ସେ ଫେରାର ହୋଇଯାଇଥିଲେ।

# ୬.୦୪ କୋଟି ଟଙ୍କାର ସାଇବର ଠକେଇ

## ପଶ୍ଚିମବଙ୍ଗରୁ ୨ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ




ଗିରଫ ୨ ଅଭିଯୁକ୍ତ।

କଟକ,୫।୫(କାର୍ତ୍ତିକ ସାହୁ)

ଶେୟାର ମାର୍କେଟରେ ଟଙ୍କା ବିନିଯୋଗ କରି ଅଧିକ ଲାଭ ପାଇବା ଆଶାରେ ୬ କୋଟି ୪ ଲକ୍ଷ ୫୩ ହଜାର ଟଙ୍କାର ଠକେଇ ହୋଇଛି। ଏହି ଠକେଇରେ ସାମିଲ ଅଭିଯୋଗରେ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ୨ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରି ଓଡ଼ିଶା ଆଣିଛି। ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ସିଲିଗୁଡ଼ି ପ୍ରଧାନନଗର ଅଞ୍ଚଳର ଅଶୋକ ନନ୍ଦ (୫୩) ଓ ଉତ୍ତର ୨୪ ପ୍ରଗଣାର ଜୟାରାଣୀ ବସାକ (୩୮)। ଏନେଇ କ୍ରାଇମ୍‌ବ୍ରାଞ୍ଚର ସାଇବର ଥାନାରେ ଏକ ମାମଲା (ନଂ. ୨/୨୦୨୫) ରୁଜୁ ହୋଇଛି।

ସୂଚନା ଅନୁସାରେ, ଠକେଇର ଶିକାର ହୋଇଥିବା ଅଭିଯୋଗକାରୀ ସାଢ଼େ ୩ ମାସ ମଧ୍ୟରେ ଶେୟାର ମାର୍କେଟରେ ଉପରୋକ୍ତ ପରିମାଣର ଅର୍ଥରାଶି ବିନିଯୋଗ କରିଥିଲେ। ସାଇବର ଅପରାଧୀଙ୍କ ନିର୍ଦ୍ଦେଶ ମୁତାବକ ଏକାଧିକ ଆକାଉଣ୍ଟରେ ଅଭିଯୋଗକାରୀ ଟଙ୍କା ଜମା କରିଥିଲେ। ସାଇବର ଅପରାଧୀମାନେ ତାଙ୍କୁ ଆଇପିଓ ଏବଂ ଓଟିସି ଟ୍ରେଡିଂରେ ଟଙ୍କା ବିନିଯୋଗ କରି ମୋଟା ଅଙ୍କର ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗକାରୀ ନିର୍ଦ୍ଧାରିତ ସମୟ ପରେ ଟଙ୍କା ଉଠାଇ ନ ପାରିବାରୁ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରି ଥିଲେ। ଏ ନେଇ ସେ କଟକସ୍ଥିତ ସାଇବର କ୍ରାଇମ୍ ଥାନାରେ ଅଭିଯୋଗ କରିଥିଲେ।

ଅଭିଯୋଗ ଆଧାରରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲା। ଠକେଇ ଅର୍ଥରାଶିକୁ ଅଭିଯୋଗକାରୀ ୨୨ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ତନ୍ମଧ୍ୟରୁ ୮ଟି ଆକାଉଣ୍ଟ ନିଜର ହୋଇଥିବା ବେଳେ ଅନ୍ୟ ଆକାଉଣ୍ଟଗୁଡ଼ିକ ସହଯୋଗୀଙ୍କ ଥିଲା। ଟଙ୍କା ଜମା ହେବା ପରେ ଏଟିଏମ୍, ଚେକ୍ ଅଥବା ଆକାଉଣ୍ଟ ଟ୍ରାନ୍ସଫର ଜରିଆରେ ସାଇବର ଅପରାଧୀଙ୍କ ଅନ୍ୟ ଆକାଉଣ୍ଟକୁ ଯାଉଥିଲା। ଏହାପରେ ଏଟିଏମ୍ ବା ଚେକ୍ ଜରିଆରେ ଉଠାଯାଇଥିଲା ବୋଲି କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଦ୍ୱୟ ପଶ୍ଚିମବଙ୍ଗର ବୋଲି ଜଣାଯିବା ପରେ କ୍ରାଇମବ୍ରାଞ୍ଚ ସେଠାକୁ ଯାଇଥିଲା। ଉଭୟଙ୍କୁ ଗିରଫ କରି ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଥିଲା। ପରେ ଦୁହିଁଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ, ସିମ୍ କାର୍ଡ, ଆଧାର କାର୍ଡ ଓ ପାନ୍ କାର୍ଡ ଜବତ କରାଯାଇଛି। ଅଭିଯୁକ୍ତ ଅଶୋକ ସିଲିଗୁଡ଼ିର ବାସିନ୍ଦା ହୋଇଥିବା ବେଳେ ସେଠାରେ ସେ ହୋଟେଲ ବ୍ୟବସାୟ କରନ୍ତି। ଠକେଇ ଅର୍ଥରୁ ୧.୧୧ କୋଟି ସିଧା ତାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ସେହିପରି ଅନ୍ୟ ଅଭିଯୁକ୍ତ ଜୟାରାଣୀଙ୍କ ଆକାଉଣ୍ଟକୁ ଅଭିଯୁକ୍ତ ଅଶୋକଙ୍କ ଆକାଉଣ୍ଟକୁ ସିଧା ୬ ଲକ୍ଷ ଟ୍ରାନ୍ସଫର ହୋଇଥିଲା। ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ ଜାରି ରହିଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ଅପରପକ୍ଷରେ ଦିନକୁ ଦିନ ଏଭଳି ସାଇବର ଠକେଇ ବଢ଼ିଚାଲିଥିବା ବେଳେ କ୍ରାଇମବ୍ରାଞ୍ଚ ଲୋକମାନଙ୍କୁ ଏ ନେଇ ସତର୍କ କରାଇଛି। ସୋସିଆଲ ମିଡିଆ ଅଥବା ମେସେଜିଂ ଆପ୍‌ରେ ଆସୁଥିବା ଇନ୍‌ଭେଷ୍ଟ ଅଫରଗୁଡ଼ିକଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ତେବେ କେହି ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ହେଲ୍‌ପଲାଇନ ନମ୍ବର ୧୯୩୦ କିମ୍ବା ନିକଟତମ ଥାନାରେ ଜଣାଇବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଗଞ୍ଜାମରେ ବ୍ୟବହାର ହେଉଥିଲା ବୟାଳିଶିମୌଜା ବନ୍ଧୁକ

## ତଦନ୍ତ ଆରମ୍ଭ କଲା ଏସ୍‌ଟିଏଫ୍

- ମାଷ୍ଟରମାଇଣ୍ଡ୍ ଆଲୋକ ପ୍ରଧାନଙ୍କୁ ଖୋଜାଚାଲିଛି
- ଖୁବ୍‌ଶୀଘ୍ର ମୁଙ୍ଗେର ଯିବ ଏସ୍‌ଟିଏଫ୍ ଟିମ୍



ଭୁବନେଶ୍ୱର,୫।୫
(ସତ୍ୟଜିତ୍ ରାଉତ)

କଟକ ଜିଲା ବୟାଳିଶିମୌଜାରେ ତିଆରି ହେଉଥିବା ବନ୍ଧୁକ ଓଡ଼ିଶାର ବିଭିନ୍ନ ଜିଲାରେ ବିକ୍ରି ହୋଇଛି। ବିଶେଷକରି ରବିବାର ଗଞ୍ଜାମ ପୋଲିସ ୧୮ ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରି ସେମାନଙ୍କଠୁ ଯେଉଁ ୧୭ଟି ବନ୍ଧୁକ ଜବତ କରିଥିଲା ତାହା ବୟାଳିଶିମୌଜାରେ ପ୍ରସ୍ତୁତ ହୋଇଥିଲା ବୋଲି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜାଣିବାକୁ ପାଇଛି। ବନ୍ଧୁକଗୁଡ଼ିକ ବୟାଳିଶିମୌଜାରୁ ଭାୟା ବିହାର ମୁଙ୍ଗେର ହୋଇ ପୁଣି ଓଡ଼ିଶାକୁ ଚାଲାଣ ହେଉଥିଲା। ଏହି ଚାଲାଣର ମାଷ୍ଟରମାଇଣ୍ଡ ଆଲୋକ ପ୍ରଧାନଙ୍କୁ ଧରିବାକୁ ଖୋଜାଚାଲିଛି ବୋଲି ସୋମବାର ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୨ ବିଳମ୍ବିତ ରାତିରେ ବୟାଳିଶିମୌଜାର ଧୂଳେଶ୍ୱର ଗାଁରେ ସିଉଁଆ ନଦୀ କୂଳରେ ଏସ୍‌ଟିଏଫ୍ ଟିମ୍ ଏକ ବନ୍ଧୁକ ତିଆରି କାରଖାନା ଠାବ କରିଥିଲା। ସେଠାରୁ ୧୯ ବନ୍ଧୁକ ସମେତ ବନ୍ଧୁକ ପ୍ରସ୍ତୁତ ଉପକରଣ ଜବତ ହୋଇଥିଲା। ଏଥିସହ ୪ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଜଣେ ପଶ୍ଚିମବଙ୍ଗ ଏବଂ ଦୁଇଜଣ ବିହାର ମୁଙ୍ଗେରର ଥିଲେ। ଗଞ୍ଜାମରୁ ମିଳିଥିବା ବନ୍ଧୁକ ଗିରଫ ଦୁଇ ଅଭିଯୁକ୍ତଙ୍କ ଦ୍ୱାରା ହିଁ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ବୟାଳିଶିମୌଜାରେ ବନ୍ଧୁକ ତିଆରି ହେବା ପରେ ତାହାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ପୁଣି ମୁଙ୍ଗେର ନିଆଯାଉଥିଲା। ମାଷ୍ଟରମାଇଣ୍ଡ ଆଲୋକ କିଛିଦିନ ତଳେ ମୁଙ୍ଗେରରୁ ୨୦ଟି ବନ୍ଧୁକ ଆଣି ଗଞ୍ଜାମ ଜିଲାରେ ସହଯୋଗୀମାନଙ୍କୁ ବିକ୍ରି କରିଥିଲେ। ତେବେ ୧୭ଟି ବନ୍ଧୁକ ଜବତ ହୋଇଥିବାବେଳେ ଆଉ ୩ଟି ମଧ୍ୟ ଅନ୍ୟ ଅପରାଧୀଙ୍କ ପାଖରେ ରହିଛି। ପୋଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଟିଫ୍ ଏସ୍‌ପି ଶତପଥୀ ରବିବାର ଗଞ୍ଜାମ ଯାଇ ଛାନ୍‌ଭିନ୍ କରିଥିବା କହିଛନ୍ତି। ମାଷ୍ଟରମାଇଣ୍ଡ ଆଲୋକଙ୍କ ନାମରେ ଏକାଧିକ ହତ୍ୟା ମାମଲା ଥିବାବେଳେ ସେ ସୁପାରି କିଲର ଭାବେ କାମ କରନ୍ତି। ଆଲୋକ ମୁଙ୍ଗେରରୁ ୬୦ ହଜାର ଟଙ୍କାରେ ବନ୍ଧୁକ ଆଣି ରାଜ୍ୟର ବିଭିନ୍ନ ଜିଲାରେ ୮୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଖୋର୍ଦ୍ଧା, କଟକ, ବାଲେଶ୍ୱର, ପୁରୀ ଆଦିରେ ଅପରାଧୀମାନଙ୍କୁ ଚାଲାଣ କରିଥିଲେ। ଗଞ୍ଜାମରୁ ମିଳିଥିବା ତଥ୍ୟ ଆଧାରରେ ବନ୍ଧୁକ ଜବତ ଘଟଣାରେ ଅଧିକ ତଦନ୍ତ ପାଇଁ ଖୁବ୍‌ଶୀଘ୍ର ଏସ୍‌ଟିଏଫ୍ ଟିମ୍ ମୁଙ୍ଗେର ଯିବ ବୋଲି ଏସ୍‌ପି ଶତପଥୀ କହିଛନ୍ତି। ତେବେ ଗଞ୍ଜାମରୁ ଗିରଫ ୧୮ଜଣ ଯୁବପିଢ଼ିର ହୋଇଥିବାବେଳେ ଅପରାଧ ଘଟାଇବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ହେଲେ କୌଣସି ବଡ଼କାଣ୍ଡ ଘଟାଇବା ପୂର୍ବରୁ ପୋଲିସ ହାତରେ ଧରାପଡ଼ିଯାଇଥିଲେ।

# ନାବାଳିକାଙ୍କୁ ବଳାତ୍କାର ପରେ ଛାତରୁ ଡେଇଁ ଅଭିଯୁକ୍ତ ଆହତ

ରାଉରକେଲା,୫।୫ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଜଣେ ନାବାଳିକା(୮)ଙ୍କୁ ବଳାତ୍କାର କରି ଖସିଯିବାକୁ ଉଦ୍ୟମ ବେଳେ ଅଭିଯୁକ୍ତ ଛାତରୁ ଡେଇଁ ଆହତ ହୋଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମହତାବ ରୋଡ୍ ପୁରୁଣା ଆର୍‌ଡିଏ ବିଲ୍ଡିଂ ନିବାସୀ ଏମ୍‌ଡି ସଦାମ ହୁସେନ(୨୭)। ତାଙ୍କୁ କାବୁ କରି ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ସୁସ୍ଥ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ଲାଣ୍ଟସାଇଟ୍ ଥାନା ମହତାବରୋଡ୍‌ରେ ରହୁଥିବା ଅଭିଯୁକ୍ତ ସଦାମଙ୍କ ଭଉଣୀଙ୍କ ପାଖକୁ ପୀଡ଼ିତା ନାବାଳିକା ଟ୍ୟୁଶନ ହେବାକୁ ଯାଉଥିଲେ। ରବିବାର ସନ୍ଧ୍ୟା ୭ଟାରେ ନାବାଳିକା ଟ୍ୟୁଶନ ଯାଇଥିବା ବେଳେ ଘରେ ସଦାମଙ୍କ ଭଉଣୀ ଅର୍ଥାତ୍ ନାବାଳିକାଙ୍କ ଟ୍ୟୁଶନ ଶିକ୍ଷୟିତ୍ରୀ ନ ଥିଲେ। ସେ କୌଣସି କାମରେ ବଜାରକୁ ଯାଇଥିଲେ। ଅଭିଯୁକ୍ତ ଉକ୍ତ ନାବାଳିକାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ଉକ୍ତ ବିଲ୍ଡିଂରେ ରହୁଥିବା ପଡ଼ୋଶୀ ସେଠାକୁ ଆସିବା ଦେଖି ସଦାମ ଖସିଯିବାକୁ ଉଦ୍ୟମ କରିଥିଲେ। ସେ ବିଲ୍ଡିଂ ଛାତ ଉପରୁ ଡେଇଁ ଫେରାର ହେବାକୁ ଚେଷ୍ଟା କରିବାବେଳେ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ଗୋଡ ଭାଙ୍ଗିଯିବା ସହ ଅଣ୍ଟାରେ ଆଘାତ ଲାଗିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ପୋଲିସ ସୋମବାର ପୂର୍ବାହ୍ନ ୧୦ଟାରେ ଏକ ମାମଲା (ନଂ.୩୫୯/୨୫) ରୁଜୁ କରି ତଦନ୍ତ କରୁଛି ବୋଲି ଜୋନ୍–୨ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ସୂଚନା ଦେଇଛନ୍ତି।

# ୮୩୧ ବୋତଲ କଫ ସିରପ୍ ଜବତ, ୨ ଗିରଫ

ବରଗଡ଼,୫।୫
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ପୋଲିସ ରବିବାର ଡୋରାଛକ ନିକଟରେ କଫ ସିରପ୍ ବୋଝେଇ ଏକ ଟାଟା ଏସିଇ ଗାଡ଼ି(ନଂ–ଓଡି୧୭ଏସି ୫୦୧୬)କୁ ଜବତ କରିଛି। ସେଥିରେ ରହିଥିବା ୮୩୧ ବୋତଲ କଫ୍ ସିରପ୍‌କୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଉପ କାରାଗାର ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ, ଡୋରା ଲକ୍ଷ୍ମୀପଡ଼ା ନିବାସୀ ମନୋଜ ସ୍ୱାଇଁ(୨୭) ଏବଂ ଜୀବନ ସ୍ୱାଇଁ(୩୨)।

ଜବତ ଟାଟା ଏସିଇ ଗାଡ଼ିରେ କଫ ସିରପ୍ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି କଫ୍ ସିରପ୍ ବୋଝେଇ ଗାଡ଼ିକୁ ଜବତ କରିଥିଲେ। ୨ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ୍ ଏକ ମାମଲା(ନଂ–୨୦୮/୨୫) ରୁଜୁ କରିଛି।

# ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ୍‌ର ୩ ଗିରଫ



ଗିରଫ ଅଭିଯୁକ୍ତ।

## ମାଉଜର ସହ ମାରଣାସ୍ତ୍ର ଜବତ

ବାଲିଗୁଡ଼ା/କ.ନୂଆଗାଁ,୫।୫
(ସଞ୍ଜୟ କୁମାର ପାଣିଗ୍ରାହୀ/ କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ଫୁଲବାଣୀ–ବାଲିଗୁଡା ରାସ୍ତାରେ ସାରଙ୍ଗଡ଼ ଥାନା ପୋଲିସ୍ ସୋମବାର ସକାଳେ ଗାଡ଼ି ମୋଟର ଯାଞ୍ଚ କରିବା ବେଳେ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହାରାଷ୍ଟ୍ରର ମହମ୍ମଦ ଆରିଫ ଅନସାରୀ (୨୩), ଶାହାବନ ଶାହା (୧୮), ଶେଖ୍ ମୁସ୍ତାଫା (୧୮)। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡଙ୍କ ସହ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗାଡିରୁ ଗୋଟିଏ ମାଉଜର, ଏୟାର୍ ଗନ୍, ଭୁଜାଲି, ୨ଟି ଛୁରି ଓ କିଛି ଟଙ୍କା ଜବତ ହୋଇଛି।

ସାରଙ୍ଗଡ଼ ପୋଲିସ ଫୁଲବାଣୀ ଠାରୁ ବାଲିଗୁଡ଼ା ରାସ୍ତାରେ ଆସୁଥିବା କାର୍ (ନଂ. ଏମ୍‌ଏଚ୍ ୦୨ ଏ ୱାଇ ୭୧୭୨)କୁ ସନ୍ଦେହରେ ଅଟକାଇଥିଲା। ଗାଡ଼ି ଯାଞ୍ଚ କରିବାରୁ ସେଥିରୁ ବନ୍ଧୁକ ଓ ମାରଣାସ୍ତ୍ର ମିଳିଥିଲା। କାରରେ ବସିଥିବା ୫ ଜଣଙ୍କୁ ପଚରାଉଚରା ବେଳେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହି ସମୟରେ କୌଶଳକ୍ରମେ ମାଷ୍ଟର ମାଇଣ୍ଡଙ୍କ ସହ ଅନ୍ୟ ଜଣେ ଚମ୍ପଟ ମାରିଥିବା ବେଳେ ପୋଲିସ୍ ୩ ଜଣଙ୍କୁ କାବୁ କରିଥିଲା। ଏ ନେଇ ସାରଙ୍ଗଡ ଥାନାରେ ନଂ.୬୭/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଜି.ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି ସୂଚନା ଦେଇଛନ୍ତି।


**कार्यपालक अभियंता का कार्यालय**
**पथ निर्माण विभाग,**
**पथ प्रमण्डल, डालटनगंज**
(E-mail: eercdmedini-jhr@nic.in)

**शुद्धि-पत्र**

एतद द्वारा सूचित करना है कि इस कार्यालय द्वारा दिनांक–24.04.2025 को विभिन्न समाचार पत्रों के माध्यम से ई–निविदा पत्रांक सं0–1/RCD/Daltonganj/2025-26/ 401 आमंत्रित की गई है, जिसका PR No. 351028 Road ( 25-26)D है, जिसमें क्रमांक–4 में अंकित Time of Completion 18 Months के स्थान पर 24 Months पढ़ा / समझा जाय। निविदा की अन्य शर्तें यथावत रहेगी।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR.NO.351689 Road(25-26):D

**ଦ.ପୂ. ରେଳପଥ – ଟେଣ୍ଡର**

**ଖୋଲା ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍-ଟାଟା-୦୨-୨୦୨୫-୨୬, ତାରିଖ: ୦୨।୦୫।୨୦୨୫ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଏସ୍)/ଟାଟାନଗର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ–ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଇ–ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ବର୍ଣ୍ଣନା:** ୦୨ ବର୍ଷ ପାଇଁ ଇଲେକ୍ଟ୍ରିକ୍ ଲୋକୋ ଶେଡ୍/ଟାଟାନଗରର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକରର ପ୍ରମୁଖ ଉପକରଣ ତଥା ଏମ୍‌ଆଣ୍ଡପି ସାମଗ୍ରୀର ସଫେଇ ଓ ରକ୍ଷଣାବେକ୍ଷଣ । **ଟେଣ୍ଡର ମୂଲ୍ୟ:** ₹୧,୫୧,୩୮,୮୭୬.୪୮ । **ଇ.ଏମ୍.ଡି.:** ₹୨,୨୫,୭୦୦/–। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/–। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୬।୦୫।୨୦୨୫ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ:** ତା୨୬।୦୫।୨୦୨୫ରିଖ ଟିଆର୍‌ଏସ୍/ଟାଟାନଗରଠାରେ । ଟେଣ୍ଡର ୱେବ୍‌ସାଇଟ୍: **http://www.ireps.gov.in** ରେ ଦେଖାଯାଇପାରିବ । ଇ–ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ଯଦି ଟେଣ୍ଡର ଖୋଲାଯିବା ତାରିଖ ବନ୍ଦ କିମ୍ବା ଛୁଟିଦିନ ଘୋଷିତ ହୁଏ, ତେବେ ଟେଣ୍ଡରକୁ ପରବର୍ତ୍ତୀ କାର୍ଯ୍ୟଦିବସରେ ସମାନ ସମୟରେ ଖୋଲାଯିବ । (PR-118)

प्रपत्र सं0–1

**कार्यपालक अभियंता का कार्यालय**
राष्ट्रीय उच्च पथ प्रमंडल, देवघर।
ई–प्रोक्योरमेंट सूचना
अल्पकालीन ई–निविदा प्रसंग
सं0– NH/DEOGHAR/SBD/02/2024-25 (4th Call)
दिनांक:– 03.05.2025

| | | |
|---|---|---|
| 1. | कार्य का नाम | Widening & Strengthening Work of Meharma bypass starting from Sidhokanho Chowk to meet at Ch. 11.2 at Meharma from Km 9.300 to Km 11.200 of NH-133 (total Length- 1.710 Km) |
| 2. | प्राक्कलित राशि (रूपये में) | 4,99,72,033=72 |
| 3. | कार्य समाप्ति की अवधि | 05 माह |
| 4. | वेबसाईट पर निविदा प्रकाशित होने की तिथि एवं समय | 09.05.2025 (12:30 PM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 26.05.2025 (05:00 PM) |
| 6. | निविदा खोलने की तिथि एवं समय | 27.05.2025 (03:00 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें।

ह0/–
कार्यपालक अभियंता
राष्ट्रीय उच्च पथ प्रमंडल, देवघर।

PR 351696 Deoghar(25-26)D

**Office of the Executive Engineer**
**Drinking Water & Sanitation Division, Sahibganj**

**Very-Very Short Term Tender e-Procurement Notice, (7th Call)**

e-Tender Reference No. :- **DWSD/SAHIBGANJ- 13/2024-25** **Date- 03.05.2025**

| Sl. No. | Name of work | Group No. | No. of Schemes | Block | Panchayat | Village | Habitations | PVTGs HH in Habitation | Estimated Cost (In Rs.) | Earnest Money (In Rs.) | Cost of BOQ (In Rs.) | Time of Completion |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | Construction of Solar Motor Pump based Mini Water Supply Scheme in PvTG village having no drinking water facilites in Sahibganj District under PM-JANMAN Yojna under D.W&S. Division Sahibganj for the year 2024-25. | PVTG-160 | 1 | Taljhari | Karanpura | Kagbhitha | Kagbhitha | 20 | ₹ 12,40,016.00 | ₹ 24,900.00 | ₹ 2,500.00 | 3 Month |

| | | |
|---|---|---|
| 3 | Date & Time of Publication of Tender on website | 06.05.2025/ 06:00 P.M |
| 4 | Last Date & Time for receipt of Bid | 13.05.2025/ 05:00 P.M |
| 5 | Last date/ time of Online submission of Earnest Money and Cost of BOQ (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | 13.05.2025/ 05:00 PM |
| 6 | Date & Time of Opening of Tender | 14.05.2025 / 05:00 PM |
| 7 | Name & address of office inviting tender | Executive Engineer, Drinking Water & Sanitation Division,Sahibganj, Jharkhand |
| 8 | Name & address of Opening officer | Executive Engineer, Drinking Water & Sanitation Division, Sahibganj Jharkhand |
| 9 | Contact No. of Procurement Office | 9264195681 |
| 10 | Helpline No. of e-procurement cell | 9264195681 |

Note :-No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
Further details can be seen on website http://jharkhandtenders.gov.in, Estimated cost may be increase or decrease.

Executive Engineer,
D.W.&.S, Division, Sahibganj.

PR 351640 Drinking Water and Sanitation(25-26)#D

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮–ବି, ୧ମ ମହଲା, ୟୁନିଟ୍ – ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର–୭୫୧୦୦୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍‌ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ନିମନ୍ତେ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

| ଶାଖା / ଆକାଉଣ୍ଟ/ଋଣଗ୍ରହୀତା/ନିର୍ଦ୍ଦେଶକମାନଙ୍କ ନାମ ଏବଂ ଠିକଣା | ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସିକ୍ୟୁରିଟାଇଜେସନ୍ ନୋଟିସ୍ ଦ୍ୱାରା ଦାବି କରାଯାଇଥିବା ରାଶି | ସିକ୍ୟୁରିଟାଇଜେସନ୍ ନୋଟିସ୍ ତାରିଖ / ଦଖଲ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| **ସିଡିଏ ଶାଖା /** ଋଣଗ୍ରହୀତା: ମେସର୍ସ ଫାଷ୍ଟ ଏମ୍ ଟ୍ରେଡର୍ସ ପ୍ରାଇଭେଟ୍ ଲିମିଟେଡ / ନିର୍ଦ୍ଦେଶକମାନେ: ୧) ଶିବାଜୀ ମିଶ୍ର, ୨) ସୁଷମା ମିଶ୍ର, ୩) ସ୍ୱାତୀ ନାୟକ, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ଗ୍ୟାରେଣ୍ଟିଦାତାମାନେ: ୧) ଲାଲାଜୀ ମିଶ୍ର, ୨) ପାପାଜୀ ମିଶ୍ର / ବନ୍ଧକଦାତା: ଶିବାଜୀ ମିଶ୍ର, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ୨୫.୧୨.୨୦୨୪ ସୁଦ୍ଧା ଟ.୫୧,୯୯,୮୨୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୬.୧୨.୨୦୨୪ / ୩୦.୦୪.୨୦୨୫ | **ଶିବାଜୀ ମିଶ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୫୩/୧୧୨୩, ପ୍ଲଟ୍ ନଂ.: ୧୫୧/୪୦୯୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୧୪୯/୪୦୯୭, କ୍ଷେତ୍ର: ଏକର୦.୦୬୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୭୫ ଡିସିମିଲି,** ମୌଜା: ଖମାରଙ୍ଗ, ଥାନା: ବାଙ୍କୀ, |
| ତହସିଲ: ବାଙ୍କୀ, ଜିଲ୍ଲା: କଟକ, **ପ୍ଲଟ୍ ନଂ.: ୧୫୧/୪୦୯୬ର ଚାରିପାର୍ଶ୍ୱରେ** ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୫୧, **ପ୍ଲଟ୍ ନଂ.: ୧୪୯/୪୦୯୭ର ଚାରିପାର୍ଶ୍ୱରେ** ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ନିଜସ୍ୱ, ଦକ୍ଷିଣ: ସୁଷମା ମିଶ୍ର | | | | |
| **ସିଡିଏ ଶାଖା /** ଋଣଗ୍ରହୀତାମାନେ: ୧) ସୁଷମା ମିଶ୍ର, ସ୍ୱାମୀ: କେଳୁଚରଣ ମିଶ୍ର, ୨) ମାଷ୍ଟର ଲାଲାଜୀ ମିଶ୍ର, ପିତା: କେଳୁଚରଣ ମିଶ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ବନ୍ଧକଦାତା: ସୁଷମା ମିଶ୍ର, ସ୍ୱାମୀ: କେଳୁଚରଣ ମିଶ୍ର, ପ୍ଲଟ୍ ନଂ.: ୮୧/ଏଲ/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ୦୨.୦୧.୨୦୨୫ ସୁଦ୍ଧା ଟ.୨୫,୯୪,୫୮୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୦୩.୦୧.୨୦୨୫ / ୩୦.୦୪.୨୦୨୫ | **ସୁଷମା ମିଶ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବନମାଳିପୁର, ଥାନା: ଚୌଦ୍ୱାର, ତହସିଲ: ଟାଙ୍ଗି-ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୮/୨୬୬, ପ୍ଲଟ୍ ନଂ.: ୧୧୩/୫୨୪, କ୍ଷେତ୍ର: ଏକର୦.୨୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: |
| ୧୧୩ର ବଳକା ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୩ର ବଳକା ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୩୯, ଉତ୍ତର: ପ୍ଲଟ୍ ନଂ.: ୧୧୩ର ୨୦ଫୁଟିଆ ଚଉଡା ରାସ୍ତା | | | | |
| **କଟକ ପୁରୀ ରୋଡ ଶାଖା /** ଋଣଗ୍ରହୀତାମାନେ: ୧) ସନ୍ତୋଷ ପରିଡା, ୨) ଲକ୍ଷ୍ମୀଧର ପରିଡା, ଉଭୟଙ୍କ ଠିକଣା- ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | ବନ୍ଧକଦାତା: ଲକ୍ଷ୍ମୀଧର ପରିଡା, ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | ୨୪.୧୨.୨୦୨୪ ସୁଦ୍ଧା ଟ.୧୪,୭୭,୦୨୭/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୬.୧୨.୨୦୨୪ / ୦୨.୦୫.୨୦୨୫ | **ଲକ୍ଷ୍ମୀଧର ପରିଡା**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଝିଣ୍ଟି ଶାସନ, ଥାନା: ବାଲିପାଟଣା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୬୧, ପ୍ଲଟ୍ ନଂ.: ୧୮୭୦, କ୍ଷେତ୍ର: |
| ଏକର୦.୦୭୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଶି ପରିଡା, ପଶ୍ଚିମ: ଦିନବନ୍ଧୁ ପରିଡା, ଦକ୍ଷିଣ: କାଶିନାଥ ପରିଡା, ଉତ୍ତର: ରାସ୍ତା | | | | |

**ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୫.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

No. W-3

न्याय सब के लिए — ACCESS TO JUSTICE FOR ALL

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫**
**୧୦।୦୫।୨୦୨୫ (ଦ୍ୱିତୀୟ ଶନିବାର)**

**ବିଶେଷ ସୂଚନା**

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩) ୧୦।୦୫।୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ–ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍–ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର–୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ–ମେଲ୍: oslsa2020@gmail.com

OIPR-18008/11/0016/2526

# ମହାକାଳପଡ଼ାରେ ବ୍ରାଉନସୁଗାର କାରବାର ବଢୁଛି

## ମତ୍ସ୍ୟଜୀବୀ, ଶ୍ରମିକ ସାଜି ପାରାଦୀପରୁ ଆସୁଛି ନିଶା

ମହାକାଳପଡ଼ା,୫।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଉପକୂଳ ଅଞ୍ଚଳରେ କିଛି ମାସ ହେବ ବ୍ରାଉନସୁଗାର ବେଆଇନ କାରବାର ବୃଦ୍ଧି ପାଉଛି ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ କେତେଜଣ ଶ୍ରମିକ କହିଛନ୍ତି। ଏମାନଙ୍କ କହିବା କଥା ନିର୍ଦ୍ଦିଷ୍ଟ ସମୟରେ ବିଳମ୍ବିତ ରାତିରେ ଡଙ୍ଗା ସାହାଯ୍ୟରେ ପାରାଦୀପରୁ ମହାନଦୀ ପାରହୋଇ ରାମନଗର ଅଞ୍ଚଳକୁ ବ୍ରାଉନସୁଗାର ଆସୁଛି। ଏହି ଅଞ୍ଚଳର ଗୁପ୍ତରେ ନିର୍ଦ୍ଦିଷ୍ଟ ସ୍ଥାନର କାଜୁ ଜଙ୍ଗଲରେ ଯୁବଗୋଷ୍ଠୀ ମିଳିତ ହୋଇ କାରବାର ଚଳାଇ ଆସୁଥିବା ଖବର ମିଳିଛି। ଫଳରେ କେବଳ ରାମନଗର ନୁହେଁ ଜମ୍ବୁ, ଖରିନାସୀ, ଜଗରିଜୋର, ତନ୍ତିଆପାଳ, ବାବର ଓ ରାଜନଗର ଅଞ୍ଚଳକୁ କେତେଜଣ ବ୍ୟବସାୟୀ ଚାଲାଣ କରୁଛନ୍ତି।

ଏହି ବେଆଇନ ବ୍ରାଉନସୁଗାର ବ୍ୟବସାୟୀ ଅତି ଚତୁରତାର ସହ କେତେଜଣ ନିର୍ଦ୍ଦିଷ୍ଟ ମହିଳାଙ୍କ ସହାୟତାରେ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି ବୋଲି କୁହାଯାଉଛି। କେବଳ ବ୍ରାଉନସୁଗାର ନୁହେଁ ଗଞ୍ଜେଇ, ଅଫିମ, ଚରସ, ନିଶା ଟାବ୍‌ଲେଟ ଆଦି ବହୁ ମାତ୍ରାରେ ବ୍ୟବହୃତ କରୁଥିବା ଯୁବ ସମାଜ ପଥ ଭ୍ରଷ୍ଟ ହେଉଛନ୍ତି। ଏଥିରେ ଉଚ୍ଚ ପରିବାର ଓ ଉଚ୍ଚ ଶିକ୍ଷିତ ଯୁବକମାନେ ସାମିଲ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଅନେକ ସମୟରେ ପରିବାରରେ ଅସନ୍ତୋଷ ସହ ରାସ୍ତା ଦୁର୍ଘଟଣାରେ ଯୁବକଙ୍କ ଅକାଳ ଜୀବନ ଯାଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ଏହାର ମୁଖ୍ୟ କାରଣ ଅଧିକାଂଶ ଯୁବ ସମାଜ ବେରୋଜଗାରୀ ଯୋଗୁ ଏହା ପ୍ରମୁଖ କାରଣ ପାଲଟିଛି ବୋଲି କୁହାଯାଇଛି। ଅପରପକ୍ଷରେ ହାଟ ବଜାର ଛକ ଗଳି କନ୍ଦିରେ ଯୁବଗୋଷ୍ଠୀ ମିଳିତ ହୋଇ ତାସଖେଳରେ ଜୁଆଖେଳ ବୃଦ୍ଧି ପାଉଛି। ସେହିପରି ଉପକୂଳ ଅଞ୍ଚଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯାନିଯାତ୍ରା ପର୍ବପର୍ବାଣିରେ କୁକୁଡ଼ା ଲଢ଼େଇରେ ପଇସା ବାଜି ମାରି ଖେଳ ଚାଲିଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହିପରି ବେଆଇନ ଭାବେ ନିଶା କାରବାର, ଜୁଆ ଆଡ୍ଡା ଜମାଇବା ଓ କୁକୁଡ଼ା ଲଢ଼େଇ ଯୁବକମାନେ ନୂଆ ଚାଲ ଆପଣେଇଛନ୍ତି। ଏହି ସମ୍ବେଦନଶୀଳ ବେଆଇନ ଚାଲାଣ କାରବାର ଓ ଜୁଆ ଆଡ୍ଡା ଖେଳକୁ ରୋକିବାକୁ ହେଲେ ଜନ ସଚେତନତା ଏବଂ ପୋଲିସ ପ୍ରଶାସନ ଗୁରୁତର ସହ ନେବା ସହ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଉପକୂଳ ଅଞ୍ଚଳରେ ଦୀର୍ଘବର୍ଷ ଧରି ବେଆଇନ ଭାବେ ପର୍ବପାଳନ ବେଳେ ନିଶା କାରବାର ବୃଦ୍ଧି ପାଉଛି। ଏଥିପ୍ରତି ସ୍ଥାନୀୟ ପୋଲିସ ଓ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ନଚେତ୍ ଅଞ୍ଚଳର ଯୁବ ସମାଜ ଅଧିକ ମାତ୍ରାରେ ପ୍ରଭାବିତ ହୋଇ ଜୀବନ ପ୍ରତି ବିପଦ ଓ ଆର୍ଥିକ ଅବସ୍ଥା ସର୍ବସ୍ୱାନ୍ତ ହେଉଛନ୍ତି ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ଜିଲା ଅବକାରୀ ଅଧୀକ୍ଷକ ବିପ୍ଳବ କୁମାର ମଣ୍ଡଳଙ୍କୁ ପଚାରିବାରେ ଏହି ଘଟଣା ଏକ ସମ୍ବେଦନଶୀଳ ସମସ୍ୟା। ନଜରରେ ରଖି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ। ସମ୍ବେଦନଶୀଳ ଅଞ୍ଚଳରେ ଅଧିକ କଡ଼ାକଡ଼ି ଯାଞ୍ଚ କରାଯିବ। କୌଣସି ଗୁପ୍ତ ସୂଚନାକାରୀ ବ୍ୟକ୍ତି ଉଚିତ ତଥ୍ୟ ଦେଲେ ସରକାରୀ ଭାବେ ଆର୍ଥିକ ରାଶି ଦେବାର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସରକାରୀ ଜମିରେ ଘର ନିର୍ମାଣ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ରାଜନଗର, ୫।୫(ଭାସ୍କର ରାଉତରାୟ)

ରାଜନଗର ତହସିଲ ଅନ୍ତର୍ଗତ ନୋଧାବସନ୍ତ ମୌଜାରେ ପ୍ଲଟ୍ ନମ୍ବର ୨୩୮/୪୯୯କୁ ସେହି ଗାଁର ବିଧବା ବୃଦ୍ଧା ଦେବକୀ ଜେନା(୭୦) ଚାଷକରି ଆସୁଥିଲେ। ଗାଁର ପ୍ରଭାତ ଜେନା ସେହି ସ୍ଥାନରେ ଜୋରଜବରଦସ୍ତ ସ୍ଥାୟୀ ଘର ନିର୍ମାଣ କରୁଛନ୍ତି। ଏ ନେଇ ଦେବକୀ ରାଜନଗର ତହସିଲରେ ଅଭିଯୋଗ କରିଥିଲେ। ରାଜସ୍ୱ ନିରୀକ୍ଷକ ସେହି ସ୍ଥାନରେ ପହଞ୍ଚି ତଦନ୍ତକରି ଆସିବା ପରେ ମଧ୍ୟ ସ୍ଥାୟୀ ଭାବେ କଂକ୍ରିଟ ପିଲାର ଉଠାଇ ଘର ନିର୍ମାଣ ଚାଲିଛି। ଏ ସମ୍ପର୍କରେ ମେ ୧ ତାରିଖରେ ଅନ୍‌ଲାଇନ ଯୋଗେ ବୃଦ୍ଧା ଦେବକୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### କୃତୀ ମାଟ୍ରିକ ପିଲାଙ୍କୁ ସମ୍ବର୍ଦ୍ଧନା

ଆଳି,୫।୫ (ବନମାଳୀ ସେନାପତି)

ମାଟ୍ରିକ ପରୀକ୍ଷାରେ ଚଳିତବର୍ଷ ଆଳି ବ୍ଲକରେ ସର୍ବାଧିକ ନଂ. ରଖି ଟପ୍ପର ହୋଇଥିବା ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ସାହୁ ଓ କୃତୀ ଛାତ୍ରୀଛାତ୍ରଙ୍କୁ ସୋମବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଳି ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପ୍ରମୋଦ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ନନ୍ଦୀ ଓ ସିଆର୍‌ସିସି ହଳଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏ' ଗ୍ରେଡ଼ ପାଇଥିବା ୭ ଜଣ ଛାତ୍ରୀଛାତ୍ର, ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପିଲା, ଏନ୍‌ଏମ୍‌ଏସ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦଶରଥ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ରବୀନ୍ଦ୍ର ବାରିକ, ପ୍ରକାଶ କୁମାର ନାଏକ, ବନମାଳୀ ପାଣି, ରିତେଶ ବେହେରା, ଅରଜିତ ବିଶ୍ୱାଳ, ଉତ୍କଳ ପ୍ରଧାନ, ବିଭୂତି ରାଉତ, ରୀତାଞ୍ଜଳି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଙ୍ଗଳପୁର ଘେରି ଅଞ୍ଚଳରେ ଜଳ ନିଷ୍କାସନର ହେବ ସ୍ଥାୟୀ ବ୍ୟବସ୍ଥା

#### ସାଇଫନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

ଡେରାବିଶ, ୫।୫ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ଘେରି ଅଞ୍ଚଳରେ ଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ସ୍ତରରେ ସୋମବାର ତତ୍ପରତା ପ୍ରକାଶ ପାଇଛି। ବିଭାଗୀୟ ସ୍ତରରେ ସାଇଫନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବାବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୂଚନାଯୋଗ୍ୟ, ମଙ୍ଗଳପୁର ପଞ୍ଚାୟତର ଘେରି ଅଞ୍ଚଳରେ ବର୍ଷାଋତୁ ଆସିଲେ ଅନେକ ପରିବାରର ଦୁଃଖ ବଢ଼ିଯାଏ। ବହୁ ପରିବାର ଜଳବନ୍ଦୀ ହୋଇ ରହିବା ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମରେ ତଥା ସାମାଜିକ କର୍ମୀ ସୁଧୀର ଭୂୟାଁଙ୍କ ଚେଷ୍ଟାରେ ଜଳସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ୟାକୁ ହୃଦୟଙ୍ଗମ କରି ଜଳସମ୍ପଦ ବିଭାଗ ପକ୍ଷରୁ ଘେରି ଅଞ୍ଚଳରେ ସାଇଫନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଫଳରେ ଘେରି ଅଞ୍ଚଳର ଶତାଧିକ ପରିବାର ଉପକୃତ ହେବା ସହ ଦୀର୍ଘଦିନର ସମସ୍ୟାରୁ ମୁକୁଳିପାରିବେ। ଏଥିପାଇଁ ଅଞ୍ଚଳବାସୀ ପ୍ରଶାସନ ସମେତ ସ୍ଥାନୀୟ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଏମ୍‌ଏନ୍ ହାଇସ୍କୁଲରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ, ୫।୫(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲର ଛାତ୍ରୀମାନେ ଚଳିତ ମାଟ୍ରିକ ପରୀକ୍ଷାରେ ବିଶେଷ ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଅନନ୍ୟା ସ୍ଥିତପ୍ରଜ୍ଞା ସାହୁ ୫୬୦, ସାଇ ସ୍ୱରୂପା ନନ୍ଦ ୫୪୮, କରିଶ୍ମା ପ୍ରିୟଦର୍ଶନୀ ସାହୁ ଓ ସମୀକ୍ଷା କର ୫୪୩ ନମ୍ବର ରଖି ଏ ୧ ଗ୍ରେଡ୍ ପାଇବାରେ ସଫଳ ହୋଇଛନ୍ତି। କୃତୀ ଛାତ୍ରୀମାନଙ୍କୁ ସ୍କୁଲ ପକ୍ଷରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜୟ ରାଉତରାୟ, ସହକାରୀ ଶିକ୍ଷକ ତାପସ ବେହେରା, ଅନିଲ ଦାସ, ଶଶାଙ୍କ ଶେଖର ସାହୁ, ବିନୋଦ ବିହାରୀ ନାଥ ଉତ୍ତରାୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପ୍ରଶାସନିକ ଶୁଣାଣି ଶିବିରରେ ୧୬୬ ଅଭିଯୋଗ



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କେନ୍ଦ୍ରାପଡ଼ା, ୫।୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନ ହଲ୍‌ଠାରେ ପ୍ରଶାସନିକ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୬୬ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୧୫୧ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ରହିଥିଲା। ସେହିପରି ୧୫ଟି ସାମୂହିକ ଅଭିଯୋଗ ପତ୍ରରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେକ ସମସ୍ୟାର ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କେତେଜଣ ହିତାଧିକାରୀଙ୍କୁ ରେଡ୍‌କ୍ରସ୍‌ରୁ ସହାୟତା ଓ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିଲା। ଶିବିରରେ ଏଏସ୍‌ପି ସୁଧାକର ସାହୁ, ଉପଜିଲାପାଳ ଅରୁଣ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ସିଏସ୍‌ଓ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

# ଯାଦବ ମହାସଭାର ଦୋଳ ମହୋତ୍ସବ

ମାର୍ଶାଘାଇ, ୫।୫ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କାନପୁର ରାଉତରାୟପୁର ଗିରି ଗୋବର୍ଦ୍ଧନ ପୀଠରେ ମାର୍ଶାଘାଇ ମହାକାଳପଡ଼ା ଯାଦବ ମହାସଭା ପକ୍ଷରୁ ରବିବାର ରାତିରେ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ସଭାପତି ପ୍ରଭାକର ପଲାଇ, ଜିଲା କାର୍ଯ୍ୟକାରୀ ସଭାପତି ଧୀରେନ୍ଦ୍ର ପ୍ରସାଦ ପୃଷ୍ଟି, ମନୋଜ କୁମାର ପରିଡା, ଅନ୍ୟତମ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପରିଡା, ମହାସଭା ଉପଦେଷ୍ଟା ରଞ୍ଜିତ କୁମାର ଦାସ, ଉପଦେଷ୍ଟା ନାରାୟଣ ଦାସ, ଉପଦେଷ୍ଟା ଡ. ଚୌଧୁରୀ ରମାକାନ୍ତ ଦାସ, ଜିଲା ଯାଦବ ମହାସଭା ଉପସଭାପତି ଚିତ୍ତରଞ୍ଜନ ଦାସ, ଜିଲା ମହିଳା ସଭାନେତ୍ରୀ ମିନତି ଦାସ, ସମ୍ପାଦିକା ରୀନାବାଳା ଦାସ, ପୂର୍ବତନ ପ୍ରାଧ୍ୟାପକ ପ୍ରମୋଦ କୁମାର ଦାସ, ମାର୍ଶାଘାଇ ବ୍ଲକ ସଭାପତି ମଧୁସୂଦନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କେନ୍ଦ୍ରାପଡ଼ା ପୌରାଞ୍ଚଳ ନଗର ଯାଦବ ସଭାପତି ଅଜୟ ଦାସ, ମହାକାଳପଡ଼ା ବ୍ଲକ ସଂଘ ସଭାପତି ପ୍ରଦୀପ ମହାପାତ୍ର, ରାଜକନିକା ପଞ୍ଚାନନ ଦାସ, ରାଜକନିକା ଯୁବ ସଭାପତି ରଙ୍ଗାଧର ଦାସ, ମାର୍ଶାଘାଇ ଯାଦବ ଯୁବ ସଭାପତି ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯାଦବ ମହାସଭା ସଦସ୍ୟ ରଘୁନାଥ ଦାସଙ୍କ ଲଉଡ଼ି ସଙ୍ଗୀତ ଏବଂ କୃଷ୍ଣଚନ୍ଦ୍ର ଦାସଙ୍କ ଲଉଡ଼ି ନୃତ୍ୟ ଟିମ ନୃତ୍ୟକଳା ପରିବେଷଣ କରିଥିଲେ। ଯାଦବ ମହାସଭା ସମ୍ପାଦକ ଚିନ୍ମୟ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାର୍ଶାଘାଇ, ଶିଳିପୁର, କାନପୁର, ବାଘଡ଼ିଆ, ପଳାସପୁର, ମଧୁରଗଣ୍ଡ, ଅମେଇପାଳ, ତିଖିରୀ, ମହାକାଳପଡ଼ା ଆଦି ଅଞ୍ଚଳରୁ ବହୁ ଯାଦବ ସଦସ୍ୟ ଯୋଗଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରାଜେନ୍ଦ୍ର



@ ଦେବିପ୍ରିୟା



@ ଉମାଶଙ୍କର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫକିର ମୋହନ ମାଝି ନୂଆ ଡିଆଇପିଆରଓ

କେନ୍ଦ୍ରାପଡ଼ା,୫।୫ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ାରେ ନୂତନ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଭାବେ ଫକିର ମୋହନ ମାଝି ସୋମବାର ପୂର୍ବାହ୍ଣରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଭଞ୍ଜନଗର ଓ ରେଢ଼ାଖୋଲରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଏବଂ ସମ୍ବଲପୁରରେ ଦୀର୍ଘ ୩ ବର୍ଷ ଧରି ଡିଆଇପିଆରଓ ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଗୁଡ଼ିକ ତୃଣମୂଳସ୍ତରେ ଗଣମାଧ୍ୟମ ଦ୍ୱାରା ପହଞ୍ଚାଇବା ଲକ୍ଷ୍ୟ ରହିବ।

# ତଥ୍ୟ ନ ମିଳିବାରୁ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା

ରାଜନଗର, ୫।୫(ଭାସ୍କର ରାଉତରାୟ)




ରାଜନଗର ବ୍ଲକ୍‌ର ବିଭିନ୍ନ ବିଭାଗରେ ସୂଚନା ଅଧିକାରରେ ତଥ୍ୟ ମାଗିଲେ ମିଳୁନାହିଁ। ବ୍ଲକ୍, ତହସିଲଠାରୁ ଆରମ୍ଭକରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟଜଳ ଆଦି ତଥ୍ୟ ସୂଚନା ଅଧିକାର ଆଇନରେ ମିଳୁନାହିଁ। ବିଭାଗୀୟ ଅଧିକାରୀ ଜାଣିଶୁଣି ତଥ୍ୟ ଦେଉନାହାନ୍ତି। ପ୍ରତିବାଦରେ ସୋମବାର ରାଜନଗର ବ୍ଲକ୍ ଅଫିସ ସମ୍ମୁଖରେ ସୂଚନା ଅଧିକାର କର୍ମୀମାନେ ଧାରଣାରେ ବସିଛନ୍ତି। ୩ ଦିନ ଧରି ଧାରଣାରେ ବସିବେ, ସୁଫଳ ନ ମିଳିଲେ ଆମରଣ ଅନଶନରେ ବସିବେ ବୋଲି ରାଜନଗର ବ୍ଲକ୍ ସୂଚନା ଅଧିକାର କର୍ମୀ ସଭାପତି ସୋମନାଥ ବାରିକ, ସମ୍ପାଦକ ଅଲେଖ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ଭୂୟାଁ, ହେମନ୍ତ କୁମାର ବେହେରା ପ୍ରମୁଖ ଧାରଣାରେ ବସିଛନ୍ତି।

# 'ସନ୍ଦିଗ୍ଧମାନେ ସ୍ଥାନୀୟ ଅଞ୍ଚଳର, ଗ୍ୟାସ ଅବା ତେଲ ଟ୍ୟାଙ୍କର ଚାଳକ'

ପାରାଦୀପ,୫।୫(ଶରତ ରାଉତ)

## ପାରାଦୀପରେ ସନ୍ଦିଗ୍ଧ ଖସିଯିବା ଘଟଣା

ପାରାଦୀପର ଷଣ୍ଢକୁଦ ବସ୍ତିରେ ରବିବାର ସନ୍ଧ୍ୟାରେ ୬ ଜଣ ସନ୍ଦିଗ୍ଧ ନାଗରିକ ବୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ପଚରାଉଚୁରା କରିବା ପରେ ସେମାନଙ୍କ ପଡା ମିଳିନ ଥିଲା। ଉକ୍ତ ଘଟଣା ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବାପରେ ସୋମବାର ଜଗତ୍‌ସିଂହପୁର ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା ଗଣମାଧ୍ୟମ ଆଗରେ ବୟାନ ରଖିଛନ୍ତି। ପାରାଦୀପ ସର୍କିଟ ହାଉସରେ ଏସ୍‌ପି ଉଦଗାତା କହିଛନ୍ତି, ଯେଉଁମାନେ ଷଣ୍ଢକୁଦ ବସ୍ତି ପାଖରେ ବୁଲୁଥିଲେ ସେମାନେ ଗ୍ୟାସ ଅବା ଅଏଲ ଟ୍ୟାଙ୍କର ଚାଳକ ଏବଂ ସେମାନେ ସ୍ଥାନୀୟ ଅଞ୍ଚଳର ବୋଲି ତଦନ୍ତ ସମୟରେ ଜଣାପଡ଼ିଛି। ରବିବାର ଥିବାରୁ ସେମାନେ ସମୁଦ୍ର କୂଳରେ ବୁଲାବୁଲି କରି ଷଣ୍ଢକୁଦଠାରେ ଥିବା ମଦ ଦୋକାନ ପାଖକୁ ଯାଇଥିଲେ। ସେଠାରେ କେତେଜଣ ଲୋକ ତାଙ୍କୁ ପଚରାଉଚରା କରିଥିଲେ ଏବଂ ଫଟୋ ଭିଡିଓ କରିଥିଲେ। ସେମାନଙ୍କର ଆଇଡି କାର୍ଡ ମଧ୍ୟ ଅଛି ବୋଲି ଉଦ୍‌ଗାତା କହିଛନ୍ତି।

କିନ୍ତୁ ସନ୍ଦିଗ୍ଧ କେଉଁ କମ୍ପାନୀର ଚାଳକ ଏବଂ ସେମାନେ ଏବେ କେଉଁଠି ପ୍ରଶ୍ନରେ ଏସ୍‌ପି ଉଦ୍‌ଗାତା କହିଥିଲେ, ତାହା ପ୍ରକାଶ କରିହେବ ନାହିଁ। ଏଥିଯୋଗୁ ସ୍ଥାନୀୟ ଲୋକେ ଭୟଭୀତ ହେବାର କୌଣସି କାରଣ ନାହିଁ। ଏସ୍‌ପି ଉକ୍ତ ବୟାନ ଦେବା ପରେ ମଧ୍ୟ ପ୍ରଶାସନିକ ସ୍ତରରେ ଯାଞ୍ଚ ଚାଲିଥିବା ଜଣାପଡିଛି। ବିଶେଷକରି ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଗତ୍‌ସିଂହପୁର ଜିଲାପାଳ ଜେ.ସୋନାଲଙ୍କ ସମେତ ଅନ୍ୟ ଏଜେନ୍ସି ଏ ବିଷୟରେ ତଦନ୍ତ କରୁଥିବା ଜଣାପଡିଛି। ତେବେ ଏସ୍‌ପିଙ୍କ ବୟାନରେ କେତେକ ଅସାମଞ୍ଜସ୍ୟ ରହିଛି। ଲୋକେ ସେମାନଙ୍କୁ ରବିବାର ପଚରାଉଚୁରା କରିବା ସହ ତଲାସି କରିବାବେଳେ ଜଣଙ୍କ ଠାରୁ ଜମ୍ମୁ କଶ୍ମୀର ପରିଚୟପତ୍ର ମିଳିଥିବାରୁ ସ୍ଥାନୀୟ ଅଞ୍ଚଳର କିପରି ହେଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାଛଡ଼ା ସେମାନେ କେଉଁ କମ୍ପାନୀର ଟ୍ୟାଙ୍କର ଚାଳକ ତାହା ମଧ୍ୟ ଅସ୍ପଷ୍ଟ ରହିଛି।

# ବନ୍ଦ ହେଉନି ଇଟା ପୋଡ଼ା, ତାତି ବଢୁଛି

ପଟ୍ଟାମୁଣ୍ଡାଇ, ୫।୫ (କଳ୍ପତରୁ ନାୟକ)

## ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ଗ୍ରାମାଞ୍ଚଳରେ ବେଆଇନ୍ ଇଟାଭାଟି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳଠାରୁ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଏକାଧିକ ବେଆଇନ ମାଟି ଇଟା ପୋଡ଼ା ଚାଲୁଛି। ଏହି ଅଞ୍ଚଳରେ ଲଗାତର କିଛି ଦିନ ହେବ ତାପମାତ୍ରା ୩୭ ଡିଗ୍ରୀ ପାଖାପାଖି ରହୁଛି। ଇଟାଭାଟିରୁ ନିର୍ଗତ ନିଆଁ ପ୍ରକୋପରେ ଅସ୍ୱାଭାବିକ ଭାବେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଇଟାଭାଟି ନିଆଁ ଝାସ ଓ ଧୂଆଁ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ସରକାରଙ୍କ କୌଣସି କଟକଣାକୁ ଖାତିର ନ କରି ଏହି ଅଞ୍ଚଳରେ ବେଆଇନ ଭାବେ ବ୍ୟବସାୟୀ ଇଟାଭାଟି ଚଳାଇଥିବା ଅଭିଯୋଗ ହୋଇଆସୁଛି। ଅନ୍ୟପକ୍ଷେ ଗତ ୨ ବର୍ଷ ଧରି ବେଆଇନ ମାଟି ଇଟା, ବାଲି ଉପରେ କାର୍ଯ୍ୟାନୁଷ୍ଠାନ ଦାୟିତ୍ୱ ଲଘୁ ଖଣିଜ ବିଭାଗକୁ ସରକାର ପ୍ରଦାନ କରିଛନ୍ତି। ଲଘୁ ଖଣିଜ କାର୍ଯ୍ୟାଳୟ କେବଳ ଜିଲାସ୍ତରରେ ଗୋଟିଏ ରହିଛି। କ୍ଷେତ୍ରୀୟ କର୍ମଚାରୀମାନେ ଯେଉଁ କାର୍ଯ୍ୟ ତୁଲାଇ ପାରୁ ନ ଥିଲେ ତାହାକୁ ଲଘୁ ଖଣିଜ ଜିଲା କାର୍ଯ୍ୟାଳୟ ତୁଲାଇବା ଅସମ୍ଭବ ବୋଲି କୁହାଯାଉଛି। ପୂର୍ବରୁ ରାଜସ୍ୱ ନିରୀକ୍ଷକ ଓ ତହସିଲ ଯାହାବି କିଛି ଜରିମାନା ବେଆଇନ ଇଟା ପୋଡ଼ା ଉପରୁ ଆଦାୟ କରୁଥିଲେ ସେତେକ ବି ବନ୍ଦ ହୋଇପଡ଼ିଛି ବୋଲି ଆଲୋଚନା ହେଉଛି।

ପ୍ରଶାସନର ଉଦାସୀନତା ଯୋଗୁ ବେଧଡ଼କ ଇଟାପୋଡ଼ା ଚାଲିଥିବାରୁ ବିପୁଳ ରାଜସ୍ୱହାନି ସହିତ ଲଘୁଖଣିଜ ଦ୍ରବ୍ୟ ଆଇନ ସହ ରାଜସ୍ୱ ଆଇନ ଖୋଲାଖୋଲି ଉଲ୍ଲଂଘନ ହେବାରେ ଲାଗିଛି ବୋଲି ମତ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ବିଭୂତି ମହାପାତ୍ର କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବର୍ଷାଦିନ ବ୍ୟତୀତ ଅନ୍ୟ ସବୁ ସମୟରେ ଦିନରାତି ୨୪ ଘଣ୍ଟା ନଦୀ ଶଯ୍ୟାର ମାଟିକୁ ଖୋଳି ବେଆଇନ ଭାବେ ଇଟା ପ୍ରସ୍ତୁତ ହୋଇ ଭାଟିରେ ଜଳୁଥିବା ଦେଖାଯାଉଛି। ସାଧାରଣ ଲୋକ ମୁହଁ ଫିଟାଇଲେ ପ୍ରଭାବଶାଳୀ ଇଟା ବ୍ୟବସାୟୀଙ୍କ ରାଗର ଶିକାର ହେଉଛନ୍ତି। ଇଟା ବ୍ୟବସାୟୀମାନେ ନଦୀ ଶଯ୍ୟା ବାଲି ମାଟିରେ ଇଟା ପ୍ରସ୍ତୁତ କରି ନିଜେ ମାଲାମାଲ ହେଉଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ସମ୍ପ୍ରତି ଗ୍ରୀଷ୍ମ ପ୍ରବାହରେ ତାପମାତ୍ରା ବଢୁଥିବାବେଳେ ବେଆଇନ ଇଟା ମାଟିର ନିଆଁ ଓ ଧୂଆଁ ପାରିପାର୍ଶ୍ୱିକ ତାପମାତ୍ରାକୁ ଆହୁରି ବୃଦ୍ଧି କରି ପକାଉଛି। କିଛି ସ୍ଥାନରେ ଜନବସତି ମଧ୍ୟରେ ମଧ୍ୟ ବେଆଇନ ଇଟାଭାଟି ଜଳୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଏହା ଉପରେ କିଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାକୁ ନେଇ ବିଭାଗ ମଧ୍ୟରେ ଟଣାଓଟରା ସାମ୍ନାକୁ ଆସିଛି। ତେବେ ଯଦି ଆଖି ଆଗରେ ରାଜସ୍ୱ ଲୁଟ୍‌କୁ ସରକାରଙ୍କ ଦୁଇ ପ୍ରମୁଖ ବିଭାଗ ଏପରି ନିଜ ଆଡୁ ଦୋଷଛଡ଼ା ହେବାକୁ ଉଦ୍ୟମ କରିବେ ତେବେ କିଏ ଏହାକୁ ସୁରକ୍ଷା ଦେବ ବୋଲି ସହରର ବୁଦ୍ଧିଜୀବୀ ଓ ସାଧାରଣ ଜନତା ପ୍ରଶ୍ନ ଉଠାଇଛନ୍ତି। ରବୀନ୍ଦ୍ର ଭଞ୍ଜ କହିଛନ୍ତି, ସରକାରଙ୍କ ରାଜସ୍ୱ ଆଇନ ଯେତେ କଠୋର ହେଉଛି ସମ ପରିମାଣରେ ତୃଣମୂଳ ସ୍ତରରେ ରାଜସ୍ୱ ସଂଗ୍ରହ ଆଇନକୁ ଜଳାଞ୍ଜଳି ଦିଆଯାଉଛି। ଅନ୍ୟପକ୍ଷରେ ଇଟାଭାଟି ନିଆଁ ଧାସରେ ଅନେକ ପନିପରିବା ଚାଷୀଙ୍କ କ୍ଷତି ହେଉଛି। ଇଟାଭାଟି ମାଲିକଙ୍କୁ ଡରି ସେମାନେ ମୁହଁ ଖୋଲୁନାହାନ୍ତି। ଫଳରେ ସେମାନଙ୍କ ଫସଲ ହାନି ଘଟୁଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଯେଉଁଠାରେ ଇଟାଭାଟି ଗଢି ଉଠିଛି ସେଠାରେ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଉଛି ବୋଲି ସେ କହିଛନ୍ତି।



ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ଇଟାଭାଟି।

# ଓଡ଼ିଆ ନାମଫଳକରେ ବନାନ ତ୍ରୁଟିକୁ ନେଇ ଉଦ୍‌ବେଗ

■ରାସ୍ତା ପାର୍ଶ୍ୱ ଲେନ୍‌ରେ ୨ ପ୍ରକାର ନାମଫଳକ
■ପ୍ରତିବାଦ ପରେ ବି ସଂଶୋଧନ କରୁନି ପୂର୍ତ୍ତ ବିଭାଗ
■ଓଡ଼ିଆ ଅସ୍ମିତା ଉପରେ ଉଠିଲା ପ୍ରଶ୍ନ

ନୟାଗଡ଼,୫ା୫(ଲୋକନାଥ ମିଶ୍ର)










ଲଗାଯାଇଥିବା ନାମଫଳକରେ ବନାନ ତ୍ରୁଟି।

ନୟାଗଡ଼ ସହରର ବିଭିନ୍ନ ଲେନ୍‌ରେ ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ଓଡ଼ିଆ ନାମଫଳକରେ ବନାନ ତ୍ରୁଟିକୁ ନେଇ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇଛି। ଦୁଃଖର ବିଷୟ ରାସ୍ତାରେ ଗୋଟିଏ ପାର୍ଶ୍ୱରେ ତ୍ରୁଟିପୂର୍ଣ୍ଣ ନାମଫଳକ ଥିବାବେଳେ ଅପରପାର୍ଶ୍ୱରେ ଠିକ୍ ନାମଫଳକ ରହିଛି। ଗୋଟିଏ ଲେନ୍‌ର ନାଁକୁ ପୂର୍ତ୍ତ ବିଭାଗ ଭିନ୍ନ ଭିନ୍ନ ଲେଖିବା ପରେ ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନ ଉଠାଯାଇ ପ୍ରତିବାଦ କରାଯାଇଛି। ପ୍ରତିବାଦ ପରେ ବି ପୂର୍ତ୍ତ ବିଭାଗ ନାମଫଳକରେ ସଂଶୋଧନ ଆଣୁ ନ ଥିବାର ଅଭିଯୋଗ ହେଉଛି।

ପ୍ରକାଶ ଯେ, ନୟାଗଡ଼ ସହରର ବିଭିନ୍ନ ଲେନ୍‌ର ରାସ୍ତାକୁ ପୂର୍ତ୍ତ ବିଭାଗ ନିର୍ମାଣ କରୁଛି। ରାସ୍ତା ନିର୍ମାଣ ପରେ ସେହି ଲେନ୍‌ର ନାମଫଳକ ଓଡ଼ିଆରେ ଲେଖାଯାଉଛି। ତେବେ ଫଳକରେ ବନାନ ତ୍ରୁଟି ରହିଛି। ସେହି ତ୍ରୁଟିକୁ ସଂଶୋଧନ କରିବା ପାଇଁ ସ୍ଥାନୀୟ ଲୋକମାନେ ଏକାଧିକ ଥର ଅଭିଯୋଗକଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଉଦାହରଣ ସ୍ୱରୂପ ନୟାଗଡ଼ ପୁରୁଣାସହରର ଏମ୍ପ୍ଲୟମେଣ୍ଟ ଅଫିସ ପାର୍ଶ୍ୱ ଦେଇ ଯାଇଛି ଚିଦାନନ୍ଦ ବିହାର ଲେନ୍। ପୂର୍ବରୁ ଏହି ରାସ୍ତାରେ ପୂର୍ତ୍ତ ବିଭାଗ ଚିଦାନନ୍ଦ ବିହାର ଲେଖିଥିଲା। ପୁରୁଣା ଫଳକ ଏବେ ବି ଅଛି। ଏବେ ନୂଆ ଫଳକରେ 'ଚିତାନନ୍ଦ ବିହାର' ଲେଖାଯାଇଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ଠିକ ନାମ ଚିଦାନନ୍ଦ ବିହାର ଫଳକ ଓ ଅପରପାର୍ଶ୍ୱରେ ତ୍ରୁଟିପୂର୍ଣ୍ଣ ଚିତାନନ୍ଦ ବିହାର ନାମ ଫଳକ ଲାଗିଛି। ପ୍ରଶ୍ନ ଉଠୁଛି ଗୋଟିଏ ବିଭାଗ ଲେନ୍‌ର ନାଁକୁ ୨ ପ୍ରକାର ଲେଖିବା ତା'ର ଦାୟିତ୍ୱହୀନତାକୁ ପଦାରେ ପକାଇଛି। ସେହିପରି ମହର୍ଷି ସ୍କୁଲ ପାର୍ଶ୍ୱ ଦେଇ ମହର୍ଷି ବିହାର ଗଢ଼ି ଉଠିଛି। ମହର୍ଷି ବିହାରକୁ କେହି କେହି ଶାନ୍ତି ଗୋପାଳ ବିହାର ବୋଲି କହୁଛନ୍ତି। ଏଣୁ ଗୋଟିଏ ଲେନ୍‌ର ୨ଟି ନାମ ରହିଛି। ତେବେ ପୂର୍ତ୍ତ ବିଭାଗ ତା'ର ନାମ ଫଳକରେ ମହର୍ଷି ବିହାର ସ୍ଥାନରେ ତ୍ରୁଟିପୂର୍ଣ୍ଣ ଭାବେ 'ମହର୍ଷ ବିହାର' ଲେଖିଛି। ଅନ୍ୟପକ୍ଷେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସନ୍ତ ବିହାର ରହିଛି। ସ୍ଥାନୀୟ ଲେନ୍ ବାସିନ୍ଦା ନିଜ ଲେନ୍‌ର ନାମ ବସନ୍ତ ବିହାର ଠିକ୍ ଭାବେ ଫଳକ ଲଗାଇଛନ୍ତି। ତେବେ ଲେନ୍ ବାସିନ୍ଦାଙ୍କ ଫଳକ ପାଖରେ ପୂର୍ତ୍ତ ବିଭାଗ ଲଗାଇଥିବା ଫଳକରେ ତ୍ରୁଟିପୂର୍ଣ୍ଣ ଭାବେ 'ବଶନ୍ତ ବିହାର' ଲେଖିଛି। ବିଭିନ୍ନ ଲେନ୍‌ର ଫଳକରେ ଲେନ୍‌ର ନାମ ଭୁଲ୍ ପରେ ପ୍ରତିବାଦ, ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ପୂର୍ତ୍ତ ବିଭାଗ ଲେନ୍ ବାସିନ୍ଦାଙ୍କ ସଂଶୋଧନ ଦାବିକୁ ଅଣଦେଖା କରୁଥିବାର ଅଭିଯୋଗ ହୋଇଛି।

### ଉଭୟ ପାର୍ଶ୍ୱରେ ରହୁ ଲେନ୍‌ର ନାମ

ସହରର ବିଭିନ୍ନ ଲେନ୍‌ରେ ପୂର୍ତ୍ତ ବିଭାଗ ଲଗାଉଥିବା ନାମଫଳକରେ ଉଭୟ ପାର୍ଶ୍ୱରେ ଲେନ୍‌ର ନାମ ରହୁଥିଲା। ଏବେ କେବଳ ଗୋଟିଏ ପାର୍ଶ୍ୱରେ ଲେନ୍‌ର ନାମ ରହୁଛି। ନୂଆ ନାମଫଳକକୁ ଦେଖିଲେ ଯେଉଁ ପାର୍ଶ୍ୱରେ ନାମ ଲେଖାଯାଇଛି କେବଳ ଗୋଟିଏ ପାର୍ଶ୍ୱର ଲୋକେ ଲେନ୍‌ର ନାମ ଜାଣିପାରିବେ। ସେହିପରି ପୂର୍ବ ନାମଫଳକରେ ମଧ୍ୟ ଲେନ୍‌ର ନାମ ଓଡ଼ିଆ ତଳେ ଇଂଲିଶ ରହୁଥିଲା। ଏବେ ନୂଆ ନାମଫଳକରେ କେବଳ ଓଡ଼ିଆ ରହୁଛି। ଏନେଇ ବି ପ୍ରତିବାଦ ଦେଖାଦେଇଛି। ପୂର୍ତ୍ତ ବିଭାଗର ଓଡ଼ିଆରେ ନାମଫଳକର ଲେଖା ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନ ଉଠାଇଛି। ସଂଶୋଧନ ଫଳକରେ ଏହାକୁ ଦୃଷ୍ଟିଦେଇ ପ୍ରତିକାର କରିବାକୁ ଦାବି ଉଠିଛି। ଏନେଇ ଅଶୋକ ସାହୁ, ମାନସ ମହାପାତ୍ର, ସନ୍ତୋଷ ମହାପାତ୍ର, ପରିକ୍ଷିତ ସାହୁ ପ୍ରମୁଖ କୁହନ୍ତି, ପୂର୍ତ୍ତ ବିଭାଗ ଲେନ୍‌ର ନାମଫଳକଗୁଡ଼ିକୁ ତୁରନ୍ତ ସଂଶୋଧନକରୁ। ପୁଣି ଓଡ଼ିଆ ନାମ ତଳେ ଇଂଲିଶରେ ଲେନ୍‌ର ନାମ ରହୁ। ଗୋଟିଏ ପାର୍ଶ୍ୱ ଲେନ୍‌ର ନାମ ବଦଳରେ ଉଭୟ ପାର୍ଶ୍ୱରେ ଲେନ୍‌ର ନାମ ରହୁ। ନୟାଗଡ଼ ସହରର ବିଭିନ୍ନ ଲେନ୍‌ର ନାମଫଳକରେ ତ୍ରୁଟି ସମ୍ପର୍କରେ ମତାମତ ପାଇଁ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ବେହେରାଙ୍କୁ ତାଙ୍କ ଫୋନ ନଂ.୮୫୯୮୦୬୮୦୬ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରାଜେନ୍ଦ୍ର


@ ଦେବିପ୍ରିୟା


@ ଉମାଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଣ୍ଡପଡ଼ା ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ


ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ ପରେ ଜନପ୍ରତିନିଧିମାନେ ଧାରଣା ଦେଇଛନ୍ତି।

ଖଣ୍ଡପଡ଼ା,୫ା୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନରେ ପଞ୍ଚାୟତ ସମିତିର ୧୦ମ ସାଧାରଣ ବୈଠକ ବ୍ଲକ ଅଧକ୍ଷା ଉପମା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଜିଲା ପରିଷଦ ଉପାଧକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବ୍ଲକ୍ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂଙ୍କ ସମେତ ବ୍ଲକ୍ ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପୂର୍ବ ଅଧିବେଶନର ବିବରଣୀ ପାଠ କରାଯାଇଥିଲା। ପରେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ ବ୍ଲକ ପ୍ରଶାସନ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ପଞ୍ଚାୟତ ଜନପ୍ରତିନିଧିମାନେ ପାଟିତୁଣ୍ଡ କରିବା ଯୋଗୁ ବୈଠକରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଅଧକ୍ଷାଙ୍କୁ କୌଣସି ସୂଚନା ଦିଆଯାଉ ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ନେଇ ପ୍ରତିବାଦ ସ୍ୱରୂପ ତଳେ ବସି ହରତାଳ କରିଥିଲେ। ପଞ୍ଚାୟତ ଜନପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ବିଡିଓ ଦେବାକୁ ନେଇ ପ୍ରତିକ୍ରୀୟା ପ୍ରକାଶ ପାଇବାରେ ବିଧାୟକ ଘଟଣାରେ ହସ୍ତକ୍ଷେପ କରିଥିଲେ। ଫଳରେ ପରିସ୍ଥିତି ଶାନ୍ତ ପଡିଥିଲା। ଆସନ୍ତା ୭ ଦିନ ମଧରେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ବ୍ଲକ୍ ପ୍ରଶାସନ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ ବଡସେଟ ଓ ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟକଳାପକୁ ନେଇ ଦୀର୍ଘ ମାସ ଧରି ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଥିଲା। ଏହାକୁ ନେଇ ଜନପ୍ରତିନିଧି ମାନଙ୍କ ପଞ୍ଜୀଭୂତ ଅସନ୍ତୋଷ ପଞ୍ଚାୟତ ସମିତି ବୈଠକରେ ପ୍ରତିଫଳିତ ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

# ଶୂଳିଆ ଠାକୁରାଣୀଙ୍କ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଖଣ୍ଡପଡ଼ା,୫ା୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବେଣାଗାଡ଼ିଆ ପଞ୍ଚାୟତ ଗୋପୀନାଥପୁର ଗ୍ରାମ ନିକଟ ତଥା ବାଣପୁର-ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତା ନିକଟ ଶୂଳିଆ ଛକସ୍ଥିତ ମା'ଶୂଳିଆ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ୩ ଦିନ ବ୍ୟାପୀ ୪୨ ମୌଜା ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାମ ସଂକୀର୍ତ୍ତନ ପୁରୋଧା ଦେବାଶିଷ ମିଶ୍ରଙ୍କ ପୌରୋହିତ୍ୟରେ ଗୋପୀନଥପୁର ଚୈତନ୍ୟପୁର, ବାଣପୁରର ମହିଳା ଓ ପୁରୁଷ ଗୋଷ୍ଠୀ ସଂକୀର୍ତ୍ତନ ମଣ୍ଡଳୀର ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଦର୍ଶନ ପାଇଁ ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯଜ୍ଞକର୍ମରେ ପୁରୋଧା ଭାବେ ଶ୍ରୀକାନ୍ତ ମିଶ୍ର, ବୀର କିଶୋର ମିଶ୍ର ଓ ଆଚାର୍ଯ୍ୟ ଭାବେ ସୁଧାଂଶୁ ଶେଖର ମିଶ୍ର, ନିରଞ୍ଜନ ମିଶ୍ର, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କର୍ତ୍ତା ଭାବେ ଗୋବର୍ଦ୍ଧନ ବେହେରା ଓ ତାଙ୍କ ସ୍ତ୍ରୀ ବିଳାସିନୀ ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ରାଜ କିଶୋର ସାମଲ, ଗ୍ରାମ୍ୟ କମିଟି ସଦସ୍ୟ ସୁଦର୍ଶନ ରାଉତ, ସନାତନ ବେହେରା, ସତ୍ୟବାଦୀ ଜେନା, ତ୍ରିନାଥ ରାଉତ, କପିଳେଶ୍ୱର ପାତ୍ର, ମହେନ୍ଦ୍ର କୁମାର ଜେନା, ଅରୁଣ ବରାଡ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ପୋଲିସର ସ୍ୱତନ୍ତ୍ର ଅଭିଯାନ,୧୧୭ ନିଖୋଜ ବ୍ୟକ୍ତି ଉଦ୍ଧାର

ନୟାଗଡ଼.୫ା୫(ଲୋକାନଥ ମିଶ୍ର)

ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର ଓ ଖୋଜିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଏପ୍ରିଲ ୧୫ରୁ ୨୩ ପର୍ଯ୍ୟନ୍ତ ୯ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ଼ ଜିଲା ପୋଲିସ ୨୫ ଜଣ ନାବାଳକ ଓ ନାବାଳିକାଙ୍କ ସମେତ ୧୧୭ ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଛି । ପରେ ଘଟଣାର ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

# ଗଣିଆରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଗଣିଆ,୫ା୫(ସନ୍ତୋଷ କୁମାର ପ୍ରଧାନ)

ହାଇଟେକ୍ ମେଡିକାଲ କଲେଜ ଓ ହସ୍‌ପିଟାଲ ତରଫରୁ ଗଣିଆ ଗ୍ରାମ ପଞ୍ଚାୟତ ପରିସରରେ ସୋମବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଣିଆ ସରପଞ୍ଚ ଗିରିଧାରୀ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଗଣିଆ ମଣ୍ଡଳ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ ଉକ୍ତ ଶିବରକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୨ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ମେଡିସିନ ବିଭାଗ ଡାକ୍ତର ଆଶିଷ ପାଣି, ସୌରଭ ଅଗ୍ରୱାଲ ଓ ଅସ୍ଥିଶଲ୍ୟ ବିଭାଗର ସତ୍ୟପ୍ରିୟା ସମ୍ଭିତ, ଆଶୁତୋଷ ତ୍ରିପାଠୀ ଓ ଅଭିଷେକ ପଣ୍ଡାଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଶିବିର ୨ଦିନ ଚାଲିବ ହାଇଟେକ ମେଡିକାଲର ମାର୍କେଟିଂ ବିଭାଗର ଡାକ୍ତର ନିର୍ମଳ ଚନ୍ଦ୍ର ମିଶ୍ର କହିଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଯେଉଁ ରୋଗୀମାନଙ୍କ ଅପରେଶନ ଓ ଉଚ୍ଚତର ଚିକିତ୍ସା ଆବଶ୍ୟକ ସେମାନେ ଆସନ୍ତା ୭ ତାରିଖରେ ହାଇଟେକ ମେଡିକାଲରେ ସେହି ସୁବିଧା ପାଇ ପାରିବେ ବୋଲି ଡା. ମିଶ୍ର କହିଛନ୍ତି ।

# ଦଶପଲ୍ଲାରେ କାର୍ଲମାର୍କସଙ୍କ ଜୟନ୍ତୀ ପାଳିତ



ଦଶପଲ୍ଲା,୫ା୫
(ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲାସ୍ଥିତ ଇଲେଭେନ ଷ୍ଟାର କ୍ଲବ୍‌ଠାରେ ମହାନ ଦାର୍ଶନିକ, ରାଜନୀତି ବିଜ୍ଞାନୀ, ଅର୍ଥନୀତିଜ୍ଞ, ସମାଜ ବିଜ୍ଞାନୀ କାର୍ଲ ମାର୍କସଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି। କୃଷକ ନେତା ବ୍ରଜବନ୍ଧୁ ପ୍ରଧାନଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବକ୍ତାମାନେ କର୍ଲମାର୍କ୍ସଙ୍କ ଜୀବନ ଆଦର୍ଶ, ଶ୍ରମିକ ଶ୍ରେଣୀ ପାଇଁ ଲଢେଇର ବାସ୍ତବ ଅଭିଜ୍ଞତା ଓ ମାନବ ସମାଜ ପାଇଁ ସାମ୍ୟବାଦ ଭଳି ଏକ ଯୁଗାନ୍ତକାରୀ ତଥ୍ୟ ପ୍ରଦାନ କରି ଯାଇଥିବା କହିଥିଲେ। ଶୋଷିତ ମଣିଷର ମୁକ୍ତି ପାଇଁ ଏହା ଅମୋଘ ଅସ୍ତ୍ର ଅଟେ ବୋଲି ବକ୍ତାମାନେ ମତ ଦେଇଥିଲେ। ଏହି ସଭାରେ ବିଶିଷ୍ଟ ବାମପନ୍ଥୀ ନେତା ଶରତ ଚନ୍ଦ୍ର ବେହେରା, ପ୍ରକାଶ ମଣ୍ଡଳ, ଜୟନ୍ତୀ ଦାଶ, ବିପିନ ବାଲୁ, ଶଙ୍କର ବରାଦ, ତ୍ରିନାଥ ବେହେରା, ନିରଞ୍ଜନ ନାୟକ, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ

## ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

■ପ୍ରକଳ୍ପରେ ପାଣି ଅଛି, ପାଇପ୍ ଲାଇନରେ ସମସ୍ୟା
■ଗ୍ରାମ୍ୟ କମିଟି ପକ୍ଷରୁ ସ୍ଥିତି ଅନୁଧ୍ୟାନ
■ସମସ୍ୟା ନ ସୁଧୁରିଲେ ଆନ୍ଦୋଳନ ଚେତାବନୀ

ଖଣ୍ଡପଡ଼ା,୫ା୫(ଅଜୟ କୁମାର ମହାରଣା)


ଗ୍ରାମ କମିଟି ଗାଁର ପାଣି ସମସ୍ୟା ଅନୁଧ୍ୟାନ କରୁଛି।


ଜଣେ ବୃଦ୍ଧା ପାଇପ୍‌ରୁ ପାଣି ସଂଗ୍ରହ କରୁଛନ୍ତି।

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ବେଣାଗାଡିଆ ପଞ୍ଚାୟତ କାଦୁଆ ଗ୍ରାମରେ ଆବଶ୍ୟକତା ଅନୁସାରେ ଅଞ୍ଚଳବାସୀଙ୍କ ପାଖରେ ପାନୀୟ ଜଳ ପହଞ୍ଚି ପାରୁନି। ଗୋଟିଏ ସାହିର ବାସିନ୍ଦା ଠିକରେ ପାଣି ପାଉଥିବା ବେଳେ ଅନ୍ୟସାହିର ଲୋକେ ସେଥିରୁ ବଞ୍ଚିତ ହେଉଛନ୍ତି। ଏହାକୁନେଇ ସାହିବାସିନ୍ଦାଙ୍କ ମଧ୍ୟରେ କଳି ଝଗଡ଼ା ଲାଗିଥିଲା। ବିବାଦୀୟ ପରିସ୍ଥିତି ଯୋଗୁ ପ୍ରକଳ୍ପର ପାଣିକୁ ବନ୍ଦ କରି ଦିଆଯାଇଥିଲା। ଗତ ୪ରୁ ୫ ଦିନ ହେବ ଜଳ ଯୋଗାଣ ବନ୍ଦ ରହିଛି। ଏନେଇ ରବିବାର ରାତିରେ ଗ୍ରାମ ସଭାପତି ଲକ୍ଷ୍ମୀଧର ରାଉତଙ୍କ ଅଧକ୍ଷତାରେ ଏକ ବୈଠକ ବସିଥିଲା। ଗ୍ରାମକୁ ଜଳ ଯୋଗାଣ ସମସ୍ୟା ସମ୍ପର୍କରେ ପ୍ରଶାସନିକ ଅଧିକାରୀ ଓ ଖଣ୍ଡପଡ଼ା ବିଧାୟକଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ସୋମବାର ସକାଳୁ ଗ୍ରାମ କମିଟି ସହ ଗ୍ରାମବାସୀ ପ୍ରକଳ୍ପର ପାଣିକୁ ଚାଲୁ କରିଥିଲେ। ପ୍ରତି ସାହିକୁ ଯାଇ ସେମାନେ ଜଳ ଯୋଗାଣର ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ପ୍ରକଳ୍ପରେ ଯଥେଷ୍ଟ ପାଣି ମହଜୁଦ ରହିଥିଲେ ମଧ ବିଛାଯାଇଥିବା ପ୍ଲାଷ୍ଟିକ ପାଇପ୍ ଲାଇନର ଏକାଧିକ ସ୍ଥାନ ଭାଙ୍ଗିରୁଜି ଯାଇଛି। କେତେକ ସ୍ଥାନରେ ଆବର୍ଜନା ରହି ଜଳ ପ୍ରବାହରେ ସମସ୍ୟା ସୃଷ୍ଟି କରୁଥିବା ସୂଚନା ମିଳିଛି। ସେଥିପାଇଁ ଲୋକମାନେ ଘର ପାଖ ରାସ୍ତା ଖୋଳି ପାଣି ସଂଗ୍ରହ କରୁଛନ୍ତି। ହେଲେ ଜଳର ପ୍ରବାହ ଏତେ କମ୍ ରହୁଛି ଯେ, ମହିଳାମାନେ ବେଲା, ଡାଟିଆରେ ପାଣି ସଂଗ୍ରହ କରୁଛନ୍ତି। ଗୋଟିଏ ବାଲଟି ପାଣି ସଂଗ୍ରହ କରିବାକୁ ପ୍ରାୟ ୨୦ରୁ ୨୫ ମିନିଟ ସମୟ ଲାଗୁଛି। ପ୍ଲାଷ୍ଟିକ ପାଇପ୍ ପରିବର୍ତ୍ତେ ଲୁହା ପାଇପ ବିଛାଗଲେ ଲୋକେ ଠିକ ଭାବେ ପାଣି ପାଇ ପାରିବେ ବୋଲି ଗ୍ରାମ କମିଟି ପକ୍ଷରୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ରାଜରାଜୁଡା ଅମଳରେ ଗାଁର ନାମ ଦିଆଯାଇଛି କାଦୁଆ। ଏବର ସ୍ଥିତିକୁ ଲକ୍ଷ୍ୟ କଲେ ଏହି ଗାଁର ନାମ କାଦୁଆ ଦେବାର ଯଥାର୍ଥତା ରହିଛି। ଲୋକେ କାଦୁଅ ପୋଖରୀ ପାଣିରେ ସ୍ନାନ ଶୌଚାଦି ଶେଷ କରୁଛନ୍ତି। ଭଲ ପାନୀୟ ଜଳ ମୁନ୍ଦେ ମିଳୁନାହିଁ। ଲୋକେ ବାଧ ହୋଇ ଦୂଷିତ ପାଣି ପିଉଛନ୍ତି। ସଂପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ସ୍ନାନ ଶୌଚାଦି ନିମନ୍ତେ ଗୃହପାଳିତ ପଶୁଙ୍କ ସହିତ ସ୍ଥାନୀୟ ଲୋକମାନେ ଗାଁର ୨ଟି ପୋଖରୀ ଉପରେ ନିର୍ଭର କରୁଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ପୋଖରୀର ପାଣି ସ୍ତର କମି କର୍ଦ୍ଦମାକ୍ତ ହୋଇଛି। ସୂଚନାଯୋଗ୍ୟ, କାଦୁଆ ଗ୍ରାମର ୫,୬ ଓ ୭ନଂ ୱାର୍ଡର ପ୍ରାୟ ୧୨ଶହରୁ ଉର୍ଦ୍ଧ୍ୱ ଲୋକ ବାସକରନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଓ ବିଧାୟକଙ୍କ ଘରଠାରୁ ମାତ୍ର ୧ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମର ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସବୁଠୁ ବଡ଼ ସମସ୍ୟା ସାଜିଛି ପାନୀୟ ଜଳର ଅଭାବ। ଗ୍ରାମର ଉପକଣ୍ଠ ଗଡିଶ୍ୱରଦେବଙ୍କ ମନ୍ଦିର ସମ୍ମୁଖରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଓଭରହେଡ ପାଣି ଟାଙ୍କି, ଇନ୍‌ଟେକୱାଲ ସହ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପମ୍ପ ହାଉସ ପ୍ରତିଷ୍ଠା କରାଯାଇଛି। ଇନ୍‌ଟେକୱାଲର ଜଳଧାରଣା କ୍ଷମତା ସହ ପ୍ରଚୁର ପାଣି ମହଜୁଦ ରହିଛି। ମାତ୍ର ଅନିୟମିତତା ଭାବେ ପାଇପ୍ ଲାଇନ ବିଛାଯାଇଥିବାରୁ ଅଧିକାଂଶ ସ୍ଥାନରେ ତାହା ଚାପି ହୋଇ ଜଳ ପ୍ରବାହରେ ବାଧକ ସାଜିଛି। ପାଇପ୍ ଲାଇନରେ ଶିଉଳି ସୃଷ୍ଟି ହୋଇ ଜଳ ଯୋଗାଣ ପ୍ରବାହରେ ବାଧକ ସାଜିଛି। ଫଳରେ ପାଇପ୍ ଲାଇନରେ ଆବଶ୍ୟକ ଜଳ ଯୋଗାଣ ସମ୍ଭବପର ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ସେ କୁହନ୍ତି, ପ୍ଲାଷ୍ଟିକ ପାଇପ୍ ବଦଳରେ ଜିଆଇ ପାଇପ୍ ପକାଇବା ପାଇଁ ଗ୍ରାମବାସୀ ଦାବି କରୁଛନ୍ତି। ମାତ୍ର ପ୍ରାୟ ୧ କିମି ଲୁହା ପାଇପ୍ ପକାଇବାରେ ୧୦ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଏତେ ପରିମାଣର ଅର୍ଥ ଖର୍ଚ୍ଚ କରିବା ସମ୍ଭବ ନୁହେଁ। ଅପରପକ୍ଷେ ବିଛାଯାଇଥିବା ପ୍ଲାଷ୍ଟିକ ପାଇପ୍ ଲାଇନରେ ଯଦି କୌଣସି ଜାଗାରେ ନଷ୍ଟ ହୋଇ ପାଣି ଯିବାରେ ସମସ୍ୟା ସୃଷ୍ଟି ହେଉଛି, ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ସେ ସୂଚନା ଦେଇଛନ୍ତି। ଏ ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ ହୋଇଥିଲେ ହେଁ ପରିସ୍ଥିତି ଦୃଷ୍ଟିରୁ ସ୍ଥାନୀୟ ବାସିନ୍ଦା ନଳକୂପର ପାଣିକୁ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ତେବେ ଗ୍ରାମର ସଭାପତି ଲକ୍ଷ୍ମୀଧର ରାଉତ, ଗ୍ରାମ କମିଟି ସଭ୍ୟ ସରୋଜ କୁମାର ଗୁରୁ, ପ୍ରଫୁଲ୍ଲ ପାତ୍ର, ସନ୍ତୋଷ ରାଉତ, ମଦନ ପାତ୍ର, ବାବୁଲି ପାତ୍ର, ଶୀର୍ଷକ ଜେନା, ସୁବାସ ଚନ୍ଦ୍ର ପରିଡ଼ା, ବିଦ୍ୟାଧର ସାହୁ, କେଦାର ନାଥ ରାଉତ, ପତିତପାବନ ଜେନା, ଗୌରା ମଲିକ, ହାଡି ଗୁରୁ, ଶବର ମଲିକ ପ୍ରମୁଖ ଜଳ ଯୋଗାଣର ଏପରି ଦୟନୀୟ ସ୍ଥିତି ଦେଖିବା ପରେ ତୁରନ୍ତ ସମସ୍ୟାର ସମାଧାନ ଦିଗରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରା ଯାଏ ତେବେ ଆଗାମୀ ଦିନରେ ମହିଳା ପୁରୁଷମାନେ ଗରା ବାଲଟି ଧରି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମରେ ଥିବା ଦଶମାଣ, ତଳସାହି ଓ ବ୍ରାହ୍ମଣ ସାହିରେ ୩ କୂଅ ଶୁଖିଲା ପଡିଛି। ଗ୍ରାମରେ ଥିବା ୨ଟି ପୋଖରୀ ମଧ୍ୟରୁ ପଞ୍ଚାୟତ ଅଧୀନରେ ଥିବା ଭଗବାନ ସାଗର ପୋଖରୀର ପାଣି କ୍ରମଶଃ ହ୍ରାସ ପାଉଥିବା ବେଳେ ପୋଖରୀର ଉପରିଭାଗରେ ନାଳି ନେଳି ରଙ୍ଗର ଆସ୍ତରଣ ରହିଛି। ସେହିପରି ଗଡିଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା ଜଗନ୍ନାଥଙ୍କ ପୋଖରୀଟି ଖଣ୍ଡପଡ଼ା ରାଜ ପରିବାର ତତ୍ତ୍ୱାବଧାନରେ ଥିବାରୁ ସେହି ପୋଖରୀ ଉପରେ ସମସ୍ତ ଗ୍ରାମବାସୀ ନିର୍ଭର କରୁଛନ୍ତି।

# ବିନା ସିଓଆର୍‌ରେ ଚାଲିଛି ସ୍କୁଲ

## ଖରାଛୁଟିରେ ବି ଯୁକ୍ତ ୨ ପାଠପଢ଼ା

**ଯାଜପୁର,୫।୫ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା କୋରେଇ ବ୍ଲକରେ ଏକ ଇଂଲିଶ ମିଡିୟମ୍ ସ୍କୁଲ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ସ୍ୱୀକୃତି ପ୍ରମାଣପତ୍ର (ସାର୍ଟିଫିକେଟ୍ ଅଫ୍ ରିକଗନାଇଜେଶନ ବା ସିଓଆର୍) ବିନା ଚାଲିଥିବା ଅଭିଯୋଗ ହୋଇଛି। ଏହି ସ୍କୁଲର ଛାତ୍ରୀଛାତ୍ର ପ୍ରଥମ ମାଟ୍ରିକ ବ୍ୟାଚ୍ ପରୀକ୍ଷା ଏଯାଏ ଦେଇନାହାନ୍ତି। ତେବେ ୨୦୨୩-୨୪ରେ ଆରମ୍ଭ ହୋଇଥିବା ଏହି ସିବିଏସ୍ଇ ସ୍କୁଲରେ କିପରି ୪ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୬ରୁ ୯ମ ଶ୍ରେଣୀ ଯାଏ ପିଲାମାନେ ନାମ ଲେଖାଇପାରିଛନ୍ତି ତାହା ତଦନ୍ତସାପେକ୍ଷ। ବିନା ସିଓଆର୍‌ରେ ଚାଲିଥିବାରୁ ଉକ୍ତ ସ୍କୁଲର ଛାତ୍ରୀଛାତ୍ର ଆଗକୁ ସମସ୍ୟାରେ ପଡ଼ିବା ଆଶଙ୍କା ରହିଛି। ଏହାବାଦ୍ ସରକାର ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସମସ୍ତ ସ୍କୁଲ କଲେଜ ବନ୍ଦ ନିର୍ଦ୍ଦେଶ ଦେଇଥିବାବେଳେ ଉକ୍ତ ସ୍କୁଲର ଯୁକ୍ତ ୨ ବିଜ୍ଞାନ ଶ୍ରେଣୀରେ ପାଠପଢ଼ା ଚାଲିଛି। ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ପାଠପଢ଼ା ଚାଲୁଥିବାରୁ ପିଲାମାନେ ଟାଣଖରାରେ ଘରକୁ ଯାଉଥିବା ଦେଖିବାକୁ ମିଳିଛି। ସରକାରଙ୍କ ଏହି ନିର୍ଦ୍ଦେଶକୁ ଲୁଚାଇବାକୁ ଯାଇ ବିନା ୟୁନିଫର୍ମରେ ସ୍କୁଲକୁ ଆସିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି।

ଆଇନଗତ ଅଧିକାର ନ ଥିବା ଏଭଳି ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଭିଭାବକମାନେ ତାଙ୍କ ପିଲାମାନଙ୍କ ନାମ ଲେଖାଇ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବୁଝି ବିଚାରି ଏଭଳି ଆଇନଗତ ଅଧିକାର ନ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଲାଙ୍କ ନାମ ଲେଖାଇବାକୁ ୨୦୧୮ ଡିସେମ୍ବରରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏକ ନୋଟିସ ମାଧ୍ୟମରେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ତଥାପି ଏଯାଏ ଏକାଧିକ ବିଦ୍ୟାଳୟ ସ୍ୱୀକୃତି ପାଇ ନ ଥିବାରୁ ସେହି ସ୍କୁଲଗୁଡ଼ିକରେ ଅଧ୍ୟୟନରତ ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୧୨ ଜୁଲାଇ ୧୯ରେ ସମସ୍ତ ସ୍କୁଲ ଓ କଲେଜର ଭିତ୍ତିଭୂମି ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏଯାଏ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇନାହିଁ। କେତେକ ସ୍କୁଲ, କଲେଜର ଭିତ୍ତିଭୂମି ତଥା ଅନ୍ୟାନ୍ୟ ଦିଗଗୁଡିକୁ ଯାଞ୍ଚ କରା ନ ଯାଇ ସ୍ୱୀକୃତି ଦିଆଯାଇଛି। ସ୍ୱୀକୃତି ପାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଆବଶ୍ୟକ ଜମି ଏବଂ ଶ୍ରେଣୀଗୃହ ଅଛି କି ନାହିଁ, ଉପଯୁକ୍ତ ଫୋରମରେ ପରିଚାଳନା କମିଟି ଗଠନ ହୋଇଛି ନା ନାହିଁ, କମିଟି ରେଜିଷ୍ଟ୍ରିଭୁକ୍ତ କି ନୁହେଁ, ଅଗ୍ନି ନିରୋଧକ ବ୍ୟବସ୍ଥା ରହିଛି କି ନାହିଁ ଆଦି ଦିଗଗୁଡିକ ଉପରେ ଏକ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ କୌଣସି ଯାଞ୍ଚ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସରକାରୀ ଅଧିକାରୀମାନେ ଲାଞ୍ଚ ନେଇ ଆଖିବୁଜି ଦେଉଥିବା ଅଭିଯୋଗ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ବିନା ସିଓଆର୍‌ରେ ଉପରୋକ୍ତ ସ୍କୁଲଟି ଚାଲିଥିଲେ ହେଁ ଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ସଂକ୍ରାନ୍ତରେ କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ସ୍କୁଲକୁ ସିଓଆର୍ ଏଯାଏ ମିଳିନାହିଁ। ଅଗ୍ନି ନିରୋଧକ ପ୍ରମାଣପତ୍ର ନ ଥିବାରୁ ଉକ୍ତ ସ୍କୁଲକୁ ଅନୁମତି ମିଳିପାରିନାହିଁ।

## ପଙ୍ଖାରେ ଝୁଲିପଡ଼ିଲେ ଯୁବକ

**ନାଉଗାଁ,୫।୫(ସୁଧା ବେହୁରା)**

ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ଗ୍ରାମରେ ଜଣେ ଯୁବକ ରବିବାର ବିଳମ୍ବିତ ରାତିରେ ପଙ୍ଖାରେ ଝୁଲି ପଡ଼ିଥିବା ଆଶଙ୍କା କରାଯାଉଛି। ସେ ହେଲେ ଏହି ଗ୍ରାମର ଅଭିମନ୍ୟୁ ମହାନ୍ତି (୩୭) ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ଆଶଙ୍କା କରାଯାଉଛି। ସ୍ତ୍ରୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ସମସ୍ତେ ଶୋଇବା ପରେ ଘରର ପଛ ପାର୍ଶ୍ୱ କବାଟ ବନ୍ଦ କରି ଅଭିମନ୍ୟୁ ପଙ୍ଖାରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ। କିଛି ସମୟ ପରେ ସ୍ତ୍ରୀ କବାଟ ଖୋଲିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ଖୋଲି ନ ଥିଲା। ଏନେଇ ସେ ପଡୋଶୀଙ୍କୁ ଜଣାଇଥିଲେ। ସେମାନେ ପହଞ୍ଚି କବାଟ ଭାଙ୍ଗିବା ପରେ ଅଭିମନ୍ୟୁଙ୍କୁ ଝୁଲୁଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ବାଇକ୍‌ରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ସେଠାରେ ଅଭିମନ୍ୟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଥାନା ପକ୍ଷରୁ ମୃତଦେହ ଜବତ କରାଯିବା ସହ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଡିଏଭି ପବ୍ଲିକ ସ୍କୁଲ୍‌ର ବାର୍ଷିକ ଉତ୍ସବ ଉର୍ଜା ପାଳିତ


ବାର୍ଷିକ ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

**ଯାଜପୁର ସଦର,୫।୫ (ସମର ବିଜୟ ଶରଣ):**

ଯାଜପୁର ବ୍ଲକ ନିକଟ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଉର୍ଜା ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ପ୍ରକଳ୍ପ ଅଧିକାରୀ ଅଶୋକ ବେହୁରିଆ, ସମ୍ମାନିତ ଅତିଥି ଭାବେ ଡିଏଭି ସ୍କୁଲ ଚେୟାରମ୍ୟାନ ମଦନ ମୋହନ ପଣ୍ଡା, ଟାଙ୍ଗୀ ଡିଏଭି ସ୍କୁଲ ଅଧ୍ୟକ୍ଷା ବିନୋଦିନୀ ଦାସ, ଭଦ୍ରକ ଡିଏଭି ସ୍କୁଲ୍ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ, କଳିଙ୍ଗନଗର ଡିଏଭି ଅଧ୍ୟକ୍ଷ ବଳରାମ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଯାଜପୁର ଡିଏଭି ସ୍କୁଲର ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସ୍କୁଲ୍‌ର କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବର ସଫଳତା ପାଇଁ ଡିଏଭି ସ୍କୁଲ ପରିଚାଳନା କମିଟି ସଦସ୍ୟା ଶୁଭ୍ରମଲ୍ଲିକା ମହାପାତ୍ର, ଅଧ୍ୟକ୍ଷ ପ୍ରଧାନ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ।

# ରାମମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

**ଧର୍ମଶାଳା,୫।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଉତ୍ତର ଶାସନ ଗ୍ରାମ ମଠ ପଡ଼ିଆରେ ରାମ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି। ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସମସ୍ତଙ୍କ ସହଯୋଗରେ ମନ୍ଦିର ନିର୍ମାଣ ଶେଷ ହେବ ବୋଲି ଜାରକା ସରପଞ୍ଚ ସୁଦାମ ଚରଣ ବେହେରା ସୂଚନା ଦେଇଥିଲେ। ଧର୍ମଶାଳା ପୂଜା ମହୋତ୍ସବ କମିଟି ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ଜାରକା ରୋଟାରି କ୍ଲବ୍ ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ଭାଜପା ନେତା ଉପେନ୍ଦ୍ର କର, ବାମଦେବ ମିଶ୍ର, ଖବରଦାତା ସୀତାକାନ୍ତ ସାମଲ ଓ ଆଇନଜୀବୀ ଧ୍ରୁବ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂଜକ ମଙ୍ଗୁ ଦାଶ ପୂଜାର୍ଚ୍ଚନା କରିଥିଲେ। ବ୍ୟବସାୟୀ କୃଷ୍ଣଚନ୍ଦ୍ର ପରିଡ଼ା ସତ୍ୱିକ ସଂକଳ୍ପ କରିଥିଲେ। ବରିଷ୍ଠ ନାଗରିକ ମାୟାଧର ମହାରଣା, ଅଭିରାମ ମହାନ୍ତି, ରାୟାଧର ମହାରଣା, ଅଚ୍ୟୁତାନନ୍ଦ ସାମଲ, ଶ୍ୟାମସୁନ୍ଦର ମହାନ୍ତି, ଜୟନ୍ତ ସାମଲ, ହାଡ଼ିବନ୍ଧୁ ବେହେରା, କିଶୋର ସାମଲ, ଭାଜପା ନେତା ମନୋଜ ସାମଲ, ଅମର ମହାନ୍ତି, ଗଣେଶ ସାହୁ, ବାବନ ମହାନ୍ତି, ବିଚିତ୍ର ସାମଲ, ଯୁବନେତା ଦୀପକ ଖଟୁଆ ଓ ଅଭିଜିତ୍ ବେହେରାଙ୍କ ସମେତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


ରାମମନ୍ଦିର ଭୂମିପୂଜନ କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ ।

# କଳାବ୍ୟାଜ ପିନ୍ଧିଲେ ଦର୍ପଣ ତହସିଲ କର୍ମଚାରୀ


କଳାବ୍ୟାଜ ପିନ୍ଧିଥିବା ତହସିଲ କର୍ମଚାରୀମାନେ ।

**ଚଣ୍ଡିଖୋଲ,୫।୫(ପ୍ରଦୀପ୍ତ କୁମାର ପୃଷ୍ଟି):** ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ବରୀ ବ୍ଲକର କନିଷ୍ଠ କିରାଣି ଅମର ନାୟକଙ୍କୁ ମାଡ଼ ମାରବା ଘଟଣାକୁ ନେଇ ଆନ୍ଦୋଳନ ଆରମ୍ଭ ହୋଇଛି। ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଜିଲା ସାରା ଅମଲାମାନେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ଏଥିରେ ଦର୍ପଣ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି। କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ତହସିଲ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

# ଡାକ ବିଭାଗ ପକ୍ଷରୁ ଜ୍ଞାନ ପୋଷ୍ଟ ଉଦ୍‌ଘାଟିତ

**ଯାଜପୁର,୫।୫(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ମୁଖ୍ୟ ଡାକଘର ପରିସରରେ ସୋମବାର ପୁସ୍ତକ ଓ ଅଧ୍ୟୟନ ସାମଗ୍ରୀ ପାଇଁ ଏକ ନୂତନ ସେବା 'ଜ୍ଞାନ ପୋଷ୍ଟ' ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଡିଭିଜନର ଡାକ ଅଧୀକ୍ଷକ ଶୁଭ୍ରକାନ୍ତ ନାୟକ ଏହାର ଉଦ୍‌ଘାଟନ କରି ସାରା ଦେଶରେ ପୁସ୍ତକ ଏବଂ ଅଧ୍ୟୟନ ସାମଗ୍ରୀ ଡାକ ଦ୍ୱାରା ପଠାଇବାର ସୁଲଭତା ବୃଦ୍ଧି କରିବ ବୋଲି କହିଥିଲେ। ଅନ୍‌ଲାଇନ୍ ଟ୍ରାକିଂ ସେବା ସହିତ ଜିନିଷର ଯାତ୍ରା ବିଷୟରେ ଜାଣି ହେବ। ଯେକୌଣସି ପୋଷ୍ଟ ଅଫିସ କାଉଣ୍ଟରରେ ଜ୍ଞାନ ପୋଷ୍ଟ ଜିନିଷଗୁଡ଼ିକୁ ସହଜରେ ବୁକ୍ କରିହେବ। ଏହାବ୍ୟତୀତ ଜ୍ଞାନ ପୋଷ୍ଟ ପ୍ରେରକମାନଙ୍କୁ ବିତରଣ ପାଇଁ ପ୍ରକ୍ରିୟାକରଣ ହେବା ପୂର୍ବରୁ ପୋଷ୍ଟ ହୋଇଥିବା ଜିନିଷର ଠିକଣା ପ୍ରତ୍ୟାହାର କିମ୍ବା ପରିବର୍ତ୍ତନ ପାଇଁ ଅନୁରୋଧ କରିବାର ବିକଳ୍ପ ପ୍ରଦାନ କରିଥାଏ। ଜ୍ଞାନ ପୋଷ୍ଟ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷଣ ସାମଗ୍ରୀ ବାଣ୍ଟିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ବିଶେଷ ଭାବରେ ଲାଭଦାୟକ ହେବ ବୋଲି ସେ ସୂଚନା ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅଧିକାରୀ ।

# ହାଣ୍ଡିଭଙ୍ଗାରେ ଘର ଭାଙ୍ଗିଲା ଦନ୍ତା

**କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ସଦର ବ୍ଲକ୍ ହାଣ୍ଡିଭଙ୍ଗା ପଞ୍ଚାୟତ ହାଣ୍ଡିଭଙ୍ଗା ଗୋଡ଼ାସାହିରେ ଏକ ଦନ୍ତା ଘର ଭାଙ୍ଗିଛି। କାଣ୍ଡେ ମୁଣ୍ଡା ଓ ଅର୍ଜୁନ ନାଗଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଜଙ୍ଗଲକୁ ପଳାଇ ଯାଇଥିବା ସାହି ଲୋକେ କହିଛନ୍ତି।

ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ ଦନ୍ତା ହାତୀ ଖପରାଖାଇ, ବଉଳମାଳ ଗ୍ରାମ ଦେଇ ହାଣ୍ଡିଭଙ୍ଗାଗ୍ରାମର ଗୋଡ଼ାସାହିକୁ ପ୍ରବେଶ କରିଥିଲା। ୨ ଜଣଙ୍କ ଘର ଭାଙ୍ଗି ଚାଉଳ, ଧାନ ଖାଇ ଜଙ୍ଗଲକୁ ପଳାଇଯାଇଛି। ବନ ବିଭାଗ ଏହି ଦନ୍ତା ହାତୀର ଗତି ବିଧି ଉପରେ ନଜର ନ ରଖିବା ଅତି ଦୁର୍ଭାଗ୍ୟର ବିଷୟ ବୋଲି ଗାଁ ଲୋକେ କହିଛନ୍ତି।

# ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

**ଧର୍ମଶାଳା,୫।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ ଜାମୁବଣିଆଠାରେ ରହୁଥିବା ଅରଜିତ ଜେନାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନ ଶୀତଳତା ରହିଛି। ଏନେଇ ଧର୍ମଶାଳା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ସୋମବାର ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛି। ଏଥିସହିତ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିନିଧି ଦଳ ପକ୍ଷରୁ ଏସ୍‌ପିଙ୍କୁ ଏକ ଲିଖିତ ଦିବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟି ତଦନ୍ତରେ ୪ଟି ବିଷୟକୁ ଗୁରୁତ୍ୱ ଦେବାକୁ ଦାବି କରିଛି। ଏନେଇ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତ ପ୍ରମୁଖ ଏକ ପ୍ରତିନିଧି ଦଳ ୩ ତାରିଖରେ ଧର୍ମଶାଳା ଥାନା ଅଧିକାରୀଙ୍କୁ ଭେଟି ହତ୍ୟା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ହେଲେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏସ୍‌ପିଙ୍କୁ ଅବଗତ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରଫୁଲ୍ଲ ରାୟ, ବସନ୍ତ ପରିଡ଼ା, ଦୀପକ ବଳ ଓ ପୂର୍ଣ୍ଣଚନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଫଟୋ: ଏସ୍‌ପିଙ୍କୁ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।


କଂଗ୍ରେସ ପ୍ରତିନିଧି ଦଳ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଉଛି ।

# ଅରଜିତଙ୍କ ପରିବାରକୁ ଭେଟିଲେ ସୁଲତା, ପ୍ରଣବ

**ଧର୍ମଶାଳା,୫।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ କୁମାରୀ ପଞ୍ଚାୟତ ଜାମୁବଣିଆଠାରେ ରହୁଥିବା ଅରଜିତ ଜେନା(୨୨)ଙ୍କୁ ରାହାଡ଼ପୁରଠାରେ ଏକ କ୍ରଶରରେ ପିଟି ମାରିଦିଆଯାଇଛି। ଏହି ଘଟଣାକୁ ନେଇ ନାନା ଆଲୋଚନା ଚାଲିଥିବାବେଳେ ସୋମବାର ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଓ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ କୋଠର ଦଣ୍ଡ ଦେବାକୁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଆବଶ୍ୟକ ପଡିଲେ ପୋଲିସ ଡିଜି ଓ ଆଇଜିଙ୍କୁ ଅବଗତ କରାଇବେ ବୋଲି ସେମାନେ କହିଛନ୍ତି। ଉଭୟଙ୍କ ସହ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଧର୍ମଶାଳା ବ୍ଲକ୍ ବିଜେଡି ସଭାପତି ପ୍ରସନ୍ନ ରାଉତ, ଜିଲା ବିଜେଡି ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳଙ୍କ ସମେତ ବିଜେଡିର ବହୁ କର୍ମୀ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।

ଅରଜିତାଙ୍କ ପରିବାର ଲୋକଙ୍କ କହିବା ମୁତାବକ, ଟଙ୍କା ହିସାବକୁ ନେଇ ତାଙ୍କ ପୁଅଙ୍କୁ ଲୁହା ରଡରେ ପିଟିବା ସହିତ ଗରମ ତେଲ ଢାଳି ମାରି ଦିଆଯାଇଛି। ହେଲେ ଘଟଣାରେ ଏପର୍ଯ୍ୟନ୍ତ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପାରିନାହିଁ। ଅନ୍ୟପକ୍ଷରେ ଶାନ୍ତ ଧର୍ମଶାଳା ଏବେ ଅଶାନ୍ତର କେନ୍ଦ୍ରବିନ୍ଦୁ ପାଲଟିଛି ଏବଂ ଧର୍ମଶାଳା ଲୋକଙ୍କର ଏବେ ପୋଲିସ ଉପରୁ ବିଶ୍ୱାସ ଓ ଭରସା ତୁଟିଯିବାକୁ ବସିଲାଣି। ଧର୍ମଶାଳାକୁ ଅଶାନ୍ତ କରିବାରେ ଖଣି ମାଫିଆ ଓ କ୍ରଶର ମାଲିକଙ୍କ ସାଥିରେ ପୋଲିସର ମଧୁଚନ୍ଦ୍ରିକା ଥିବା ସାଧାରଣରେ ଚର୍ଚ୍ଚା ହେଉଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।


ମୃତକଙ୍କ ପରିବାର ସହ ଆଲୋଚନା କରୁଛନ୍ତି ସୁଲତା ଦେଓ ଏବଂ ପ୍ରଣବ ବଳବନ୍ତରାୟ ।

# ପଲ୍ଲୀ ଅଞ୍ଚଳରେ କଳା, ସାହିତ୍ୟର ବିକାଶ ଜାରି ରହିଛି

## ହରେକୃଷ୍ଣ ଦାସ ସ୍ମୃତି ସମ୍ମାନ ସମାରୋହ ଓ କବିତା ପାଠୋତ୍ସବ

**ସିଂହପୁର,୫।୫(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନଳିନୀପ୍ରଭା ଦାସ ଫାଉଣ୍ଡେଶନ ପକ୍ଷରୁ ହରେକୃଷ୍ଣ ଦାସ ସ୍ମୃତି ସମ୍ମାନ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ନଳିନୀ ପ୍ରଭା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାତିଲିପସା ବଳ ଓ ଇତିଶ୍ରୀ ରାଉତଙ୍କଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଅନୁଷ୍ଠାନକୁ ଭୂୟଂସୀ ପ୍ରଶଂସା କରିବା ସହ ଦିବଂଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ବକ୍ତାରୂପେ ଅଭୟ ସୁତାର ଯୋଗଦେଇ ପଲ୍ଲୀ ଅଞ୍ଚଳରେ କଳା, ସାହିତ୍ୟ, ସଂସ୍କୃତିର ବିକାଶ ଜାରି ରହିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଅରୁଣ ପାତ୍ର, ଚଳଚ୍ଚିତ୍ର ଅଭିନେତା


କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସମ୍ବିତ ସାହୁ, କଣ୍ଠଶିଳ୍ପୀ ଏଞ୍ଜୋଲା ମିଶ୍ର, ଯୁବ ସାମାଜିକ କର୍ମୀ ପଦ୍ମାକର ଗୁରୁ, ଖବରଦାତା ଧୀରେନ୍ଦ୍ର ମଲ୍ଲିକ ଓ ଶିକ୍ଷକ ସଞ୍ଜୟ ସାମଲ ଯୋଗଦେଇ ସାହିତ୍ୟ ଏବଂ ପିଲାମାନଙ୍କଠାରେଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଉପରେ କହିଥିଲେ।

ଅନ୍ୟତମ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ଦାସ ଯୋଗଦେଇ ଅନୁଷ୍ଠାନର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିଲେ। ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନାଟ୍ୟ ନିର୍ଦ୍ଦେଶକ ସୁଶାନ୍ତ ନାୟକ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରବି ପ୍ରସାଦ ସାମଲ, ସ୍ତମ୍ଭକାର ରବିନାରାୟଣ ସାମଲ, ଯୁବ ସାମାଜିକ କର୍ମୀ ଦିଲୀପ ରାଉଳ, ପ୍ରକୃତିପ୍ରେମୀ ବଟକୃଷ୍ଣ ପଣ୍ଡା, ଶ୍ରମିକନେତା, କବି ଧନେଶ୍ୱର ରାଉତ ଓ କବି ବିନୋଦ ବିହାରୀ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏକ ଶହରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ପ୍ରି-ବୋର୍ଡ ଓ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ କବି ବିନୋଦ ବିହାରୀ ଦାସଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ପ୍ରଭାତ ମଲ୍ଲିକ, କବି ପ୍ରଦୀପ୍ତ ଦାସ ଓ କବୟିତ୍ରୀ କ୍ରିଷ୍ଣା କଲ୍ୟାଣୀ ବେହେରା କବିତା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶମ୍ଭୁନାଥ ଦାଶ, ସିପନ ବେହେରା, ଖଗେଶ୍ୱର ଯେନା, ମୁମସାଦ ଖାନ, ଶିକ୍ଷୟିତ୍ରୀ ବିଜୟା ମଲ୍ଲିକ, ନବ କିଶୋର ସାହୁ, ବିଶ୍ୱନାଥ ପଣ୍ଡା ଓ ସମରଜିତ ସାହୁ ପ୍ରମୁଖ ସଞ୍ଚାଳନ କରିଥିଲେ। କନକଲତା ବିଦ୍ୟାଧର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିନୋଦ ବିହାରୀ ଦାସ ଧନ୍ୟବାଦ ଦେଇଥିଲେ।

**ଚୋରା ମଦକୁ ବିରୋଧ**

# ବଜାର କମିଟିର ରାସ୍ତାରୋକୋ

ନାଉଗାଁ,୫।୫(ସୁଧା ବେହୁରା)



ରାସ୍ତା ଅବରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ହାଟରେ ବ୍ୟାପକ ଚୋରା ମଦ କାରବାର ଚାଲିଥିବା ନେଇ ସ୍ଥାନୀୟ ବଜାର କମିଟି ପକ୍ଷରୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ସୋମବାର ଶାଳିକଣ୍ଠା-ତିରୁଣା ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅବରୋଧ କରାଯାଇଥିଲା। ଏଥିଯୋଗୁ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ବଜାର କମିଟି ସଭାପତି ନରେଶ ସେଠୀ ଓ ସମ୍ପାଦକ ବିବେକାନନ୍ଦ ବାରିକଙ୍କ କହିବା ମୁତାବକ, ଉକ୍ତ ବଜାରରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଅନେକ ସମୟରେ ବିଭିନ୍ନ ଦୋକାନରୁ ଚୋରି, ଝଗଡ଼ା ଓ ମାର୍‌ପିଟ ଭଳି ଘଟଣା ଘଟୁଛି। ଫଳରେ ପିଲାମାନେ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟକୁ ଯିବାକୁ ଭୟ କରୁଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ବଜାର କମିଟିର ସମସ୍ତ ସଦସ୍ୟ ରାସ୍ତା ଅବରୋଧ କରିବା ପାଇଁ ବାଧ୍ୟ ହୋଇଛନ୍ତି। ଖବରପାଇ ଥାନା ଏସ୍‌ଆଇ ନୀଳମଣି ନାୟକ ଘଟଣାସ୍ଥଳରେ ପହଞ୍ଚି

**କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ହଟିଲା**

ଅବରୋଧକାରୀଙ୍କୁ ବୁଝାଶୁଝା କରିବା ସହ ଚୋରାମଦ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅବରୋଧ ପ୍ରତ୍ୟାହୃତ ହୋଇଯାଇଥିଲା। ଆଗାମୀ ଦିନରେ ଚୋରା ମଦ ବିକ୍ରି ଉପରେ ଅଙ୍କୁଶ ନ ଲାଗିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବରୋଧରେ କମିଟିର ସଦସ୍ୟ ରଶ୍ମିରଞ୍ଜନ ତ୍ରିପାଠୀ, ଉମେଶ ବିଶ୍ୱାଳ, ଖୋକନ ମହାନ୍ତି, ପ୍ରଶାନ୍ତ ଦଳାଇଙ୍କ ସମେତ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।

# ନାବାଳିକାଙ୍କୁ ବାଂଲା ଅନୁପ୍ରବେଶକାରୀଙ୍କ ଅପହରଣ

ରାଜନଗର, ୫।୫(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଛି। ବାଂଲା ଅନୁପ୍ରବେଶକାରୀ ନାବାଳିକାଙ୍କୁ ଅପହରଣ କରିନେଇଛନ୍ତି। ମାର୍ଚ୍ଚ ୧୫ରୁ ନାବାଳିକାଙ୍କୁ ଅପହରଣକରି ନେଇଥିବା ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ନିଖୋଜ ମାମଲା ରୁଜୁକରି ଚୁପ୍ ବସିଛି। ଏ ନେଇ ପରିବାର ଲୋକେ ସୋମବାର କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଝିଅଙ୍କ ବାପା ଏସ୍‌ପିଙ୍କ ନିକଟରେ କରିଥିବା ଅଭିଯୋଗ ମୁତାବକ, ସାତଭାୟାରେ ରହୁଥିବା ବାଂଲା ଅନୁପ୍ରବେଶକାରୀ ରଶ୍ମିରଞ୍ଜନ ଦଳାଇ ମାର୍ଚ୍ଚ ୧୩ ତାରିଖରେ ଥାନା ଅଞ୍ଚଳର ନାବାଳିକାଙ୍କୁ ଅପହରଣକରି ନେଇଛନ୍ତି। ରାଜନଗର ପୋଲିସ କେବଳ ନିଖୋଜ ମାମଲା କରି ଚୁପ୍ ହୋଇ ବସିଛି। ଝିଅ ସମ୍ପର୍କରେ ଜାଣିବାକୁ ଥାନାକୁ ଗଲେ ପୋଲିସ ବିରକ୍ତ ହେଉଛି। ଅପହରଣକାରୀ ବାଂଲା ଅନୁପ୍ରବେଶକାରୀ ହୋଇଥିବାରୁ ସେମାନେ ଝିଅକୁ କେଉଁ ଆଡ଼େ ଚାଲାଣ କରିଦେଇଛନ୍ତି କିମ୍ବା ମାରି ଦେଇଥିବା ନେଇ ସନ୍ଦେହ ହେଉଛି। ଝିଅ ନିଖୋଜ ହେବା ଦିନ ଫୋନ କରିଥିଲୁ, ଝିଅ କାନ୍ଦି କାନ୍ଦି ବାପା କହିବା ଭିତରେ ସେମାନେ ଫୋନ ଛଡ଼ାଇ ନେଇ ସୁଇଚ୍ ଅଫ୍ କରି ଦେଇଛନ୍ତି। ଝିଅକୁ ନ ପାଇ ମା' ରୋଗ ଶଯ୍ୟାରେ, ଜୀବନ ହରିବାକୁ ବାରମ୍ବାର ଚେଷ୍ଟା କରୁଛି। ମୁଁ ମଧ୍ୟ ମାନସିକ ଭାରସାମ୍ୟ ହରାଇ ବସୁଛି। ମୋ ଝିଅକୁ ଖୋଜି ଫେରାଇ ଆଣିବାକୁ ଅନୁରୋଧ କରୁଛି। ମେ ୧୯ ତାରିଖ ସୁଦ୍ଧା ଝିଅକୁ ଖୋଜି ବାହାର ନ କଲେ ବାଧ୍ୟହୋଇ ପରିବାର ସହ ଥାନା ଆଗରେ ଆମରଣ ଅନଶନରେ ବସିବୁ। ଆବଶ୍ୟକସ୍ଥଳେ ଆତ୍ମାହୁତି ଦେବାକୁ ପଛାଇବୁ ନାହିଁ ବୋଲି ନିଖୋଜ ନାବାଳିକାଙ୍କ ବାପା କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ଡିପିଓ ପଟ୍ଟାମୁଣ୍ଡାଇଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସାରା ରାଜ୍ୟରେ ଅପହରଣ ମାମଲା ଉପରେ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାର ଜୋର ଦେଉଥିବାବେଳେ ରାଜନଗର ପୋଲିସ ନାବାଳିକା ଅପହରଣ ମାମଲାରେ କୌଣସି ପଦକ୍ଷେପ ନ ନେବା ସମସ୍ତଙ୍କୁ ଆଚମ୍ବିତ କରିଛି।

# ପଙ୍ଖାରେ ଝୁଲିପଡ଼ିଲେ ଯୁବକ

ନାଉଗାଁ,୫।୫(ସୁଧା ବେହୁରା)

**ପାରିବାରିକ କଳହରୁ ଆତ୍ମହତ୍ୟା ଆଶଙ୍କା**

ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ଗ୍ରାମରେ ଜଣେ ଯୁବକ ରବିବାର ବିଳମ୍ବିତ ରାତିରେ ପଙ୍ଖାରେ ଝୁଲି ପଡ଼ିଥିବା ଆଶଙ୍କା କରାଯାଉଛି। ସେ ହେଲେ ଏହି ଗ୍ରାମର ଅଭିମନ୍ୟୁ ମହାନ୍ତି (୩୭)। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ଆଶଙ୍କା କରାଯାଉଛି। ସ୍ତ୍ରୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ସମସ୍ତେ ଶୋଇବା ପରେ ଘରର ପଛପାର୍ଶ୍ୱ କବାଟ ବନ୍ଦ କରି ଅଭିମନ୍ୟୁ ପଙ୍ଖାରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ। କିଛି ସମୟ ପରେ ସ୍ତ୍ରୀ କବାଟ ଖୋଲିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ଖୋଲି ନ ଥିଲା। ଏନେଇ ସେ ପଡୋଶୀଙ୍କୁ ଜଣାଇଥିଲେ। ସେମାନେ ପହଞ୍ଚି କବାଟ ଭାଙ୍ଗିବା ପରେ ଅଭିମନ୍ୟୁଙ୍କୁ ଝୁଲୁଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ବାଇକ୍‌ରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଅଭିମନ୍ୟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଥାନା ପକ୍ଷରୁ ମୃତଦେହ ଜବତ କରାଯିବା ସହ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିମନ୍ୟୁଙ୍କର ଗୋଟିଏ ଲେଖାଏଁ ଛୋଟ ପୁଅ, ଝିଅ ଥିଲାବେଳେ ସେ ଗ୍ରାମରେ ପାନଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ନ କରି ୧୦ ଲକ୍ଷ ଆତ୍ମସାତ୍ ଅଭିଯୋଗ

ଏରସମା, ୫।୫ ( ଦୀପ୍ତି ଖଣ୍ଡୁଆଳ )

ଏରସମା ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତସ୍ଥିତ ହରିପା ପୋଦନା ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାର୍ଯ୍ୟ କରା ନ ଯାଇ ୧୦ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। କେତେଜଣ ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ବିଡିଓଙ୍କ ନିକଟରେ କରାଯାଇଥିବା ଅଭିଯୋଗ ଅନୁଯାୟୀ, ହରିପା ପୋଦନା ଘେରି ପୋଖରୀ ସହ ୨ଟି ଘେରିବନ୍ଧର ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲା। ଏହାକୁ ବିଚାରକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ୩ଟି ପ୍ରକଳ୍ପ ପାଇଁ ଏମଜିଏନ୍‌ଆର୍‌ଇଜିଏସ୍‌ରେ ୧୦ ଲକ୍ଷ



ବିଡିଓଙ୍କୁ ହରିପା ପୋଦନା ଗ୍ରାମର ଲୋକେ ଅଭିଯୋଗ କରିବାକୁ ଆସିଛନ୍ତି।

ମଞ୍ଜୁର କରାଯାଇଥିଲା। ମାତ୍ର ଠିକାଦାର କାର୍ଯ୍ୟ ନ କରି ଆବଶ୍ୟକ ସରକାରୀ କାଗଜପତ୍ର ଦାଖଲ କରି ୧୦ ଲକ୍ଷ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅନନ୍ତ ସାହୁ, ବିକାଶ କୁମାର ସ୍ୱାଇଁ, କାମଦେବ ଖଣ୍ଡୁଆଳ, ସପନା ମଲ୍ଲିକ, ରମେଶ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପକ ଦାସଙ୍କୁ ପଚାରିବାରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା, ମାତ୍ର କାଳବୈଶାଖୀ ଯୋଗୁ କାର୍ଯ୍ୟ ଅଟକି ଯାଇଥିଲା ବୋଲି କହିଛନ୍ତି।

# ୬୪ ଅଭିଯୋଗରୁ ୪ ତତ୍କାଳ ଫଇସଲା

ଜଗତ୍‌ସିଂହପୁର, ୫।୫ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ବିରିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୬୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୯ ଓ ଗୋଷ୍ଠୀଗତ /ଗ୍ରାମ୍ୟ ସମସ୍ୟା ଉପରେ ୫ ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କିତ ୨, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬, ଜମିଜମା ସମସ୍ୟା ୧୭, ଭତ୍ତା ସଂକ୍ରାନ୍ତୀୟ ୫, ପୋଲିସ ସହାୟତା ୩ ଓ ଅନ୍ୟାନ୍ୟ ୨୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। କେବଳ ୪ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଏନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବିରିଡ଼ି ବିଡିଓ ଆୟୁଷୀ ପତି, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଗାଁ ବୁଲିଲା କୁମ୍ଭୀର ସଚେତନତା ପ୍ରଚାର ଗାଡ଼ି

ରାଜନଗର, ୫।୫ (ଭାସ୍କର ରାଉତରାୟ)

ବର୍ଷାଋତୁରେ କୁମ୍ଭୀରମାନେ ନଦୀ, ନାଳର ଉପର ମୁଣ୍ଡକୁ ଚାଲି ଆସନ୍ତି। ଏହି ସମୟ ସେମାନଙ୍କ ପ୍ରଜନନ ଋତୁ ହୋଇଥିବାରୁ ସେମାନଙ୍କ ସ୍ୱଭାବରେ ଉଗ୍ରତା ପରିଲକ୍ଷିତ ହୁଏ। ଏଣୁ ନଦୀ, ନାଳଠାରୁ ନିଜକୁ ତଥା ନିଜର ଗୃହପାଳିତ ପ୍ରାଣୀମାନଙ୍କୁ ଦୂରେଇ ରଖନ୍ତୁ। ଆବଶ୍ୟକ ସ୍ଥଳେ ନଳକୂପ ଓ ପୁଷ୍କରିଣୀ ବ୍ୟବହାର କରନ୍ତୁ କିମ୍ବା ବନ ବିଭାଗ ଦ୍ୱାରା ନଦୀ, ନାଳରେ ନିର୍ମାଣ କରାଯାଇଥିବା ସୁରକ୍ଷା ଗାଧୁଆତୁଠକୁ ବ୍ୟବହାର କରନ୍ତୁ। କେବଳ ସଚେତନତା ଦ୍ୱାରା ହିଁ ନିଜେ ସୁରକ୍ଷିତ ରହିବା ସହ ଧନଜୀବନକୁ ରକ୍ଷା କରିହେବ ବୋଲି ଲୁଣା ଜଙ୍ଗଲ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀଙ୍କ ପକ୍ଷରୁ ସୋମବାର ଗାଁକୁ ଗାଁ ପ୍ରଚାର ଗାଡ଼ି ବୁଲିବା ସହ ବନ କର୍ମଚାରୀମାନେ ନଦୀକୂଳିଆ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରାଉଛନ୍ତି। ନଦୀ କୂଳିଆ ଗାଁଗୁଡ଼ିକରେ ପୂର୍ବରୁ ପ୍ରାଚୀର ପତ୍ର ଲଗାଯାଇଥିଲା। ସୋମବାର ପ୍ରଥମ ଦିନରେ ରାଜନଗର ଡିଭିଜନ କାର୍ଯ୍ୟାଳୟରୁ ଏହି ପ୍ରଚାର ଗାଡ଼ି ବାହାରି କେରେଡ଼ାଗଡ଼, ରାଜପୁର, ବାଲି, ବେଲପାଳ, ଓସ୍ତିଆ, ନଗଡ଼ ଆଦି ଗାଁ ପରିକ୍ରମା କରିଛି। ୮ଦିନ ଧରି ଏହି ପ୍ରଚାର ଗାଡ଼ି ବୁଲିବ, ପ୍ରତି ଗାଁକୁ ଯିବ। କୁମ୍ଭୀର ଆକ୍ରମଣରେ ମୃତ୍ୟୁ ସଂଖ୍ୟା ବଢୁଥିବାରୁ ଲୋକଙ୍କୁ ଅଧିକ ସଚେତନ କରିବାକୁ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସମସ୍ତ ରେଞ୍ଜର ରେଞ୍ଜ ଅଫିସର ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ରାଜନଗର ବନ ବିଭାଗ ପକ୍ଷରୁ ଡିଏଫ୍‌ଓ ଯାଦବ ପତାକା ଦେଖାଇ ଏହି ସଚେତନତା ଗାଡ଼ିର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏସିଏଫ୍ ଗଗନ ମଲ୍ଲିକ, ରେଞ୍ଜର ଚିତ୍ତରଞ୍ଜନ ବେଉରା, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ବିଶ୍ୱରଞ୍ଜନ ତରାଇ, ଗୀତାଞ୍ଜଳି ସାହୁ, ବନ କର୍ମଚାରୀ ମନୋରଞ୍ଜନ ସାହୁ, ଚନ୍ଦନ କୁମାର ମଲ୍ଲିକ, ସଞ୍ଜୟ କୁମାର ସେଠୀ ପ୍ରମୁଖ ଏହି ଗାଁଗୁଡ଼ିକରେ ପହଞ୍ଚି ଲୋକମାନଙ୍କୁ ସଚେତନ କରିଛନ୍ତି।

# କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରକୁ ପ୍ରଶାସନିକ ନିୟନ୍ତ୍ରଣ ନାହିଁ



ଜନଶୁଣାଣି ଶିବିରକୁ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ପିଲାମାନେ ଅଭିଯୋଗ କରିବାକୁ ଆସିଛନ୍ତି।

କେନ୍ଦ୍ରାପଡ଼ା, ୫।୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇସ୍ଥିତ ନ୍ୟୁ କମର୍ସିଆଲ ଇନ୍‌ଫର୍ମେଶନ ଟେକ୍ନୋଲୋଜି କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ୍‌ରେ ବିଶ୍ୱଜିତ ପ୍ରଧାନ ଓ ଦୀପକ ମାହାଳୀ ପିଜିଡିସିଏ ପାସ୍ କରିଛନ୍ତି। ସେମାନଙ୍କୁ ମିଳିଥିବା ସାର୍ଟିଫିକେଟରେ ରେଜିଷ୍ଟ୍ରେଶନ ନମ୍ବର ଉଲ୍ଲେଖ ନାହିଁ। ଫଳରେ ଏହି ସାର୍ଟିଫିକେଟ କୌଣସି କାର୍ଯ୍ୟରେ ଆସୁନାହିଁ। ସମ୍ପୃକ୍ତ ଅନୁଷ୍ଠାନ ବିରୋଧରେ ଏପ୍ରିଲ ୧୭ରେ ମାର୍ଶାଘାଇ ଥାନା ଓ ସୋମବାର ଅନୁଷ୍ଠିତ ଜିଲାସ୍ତରୀୟ ଜନଶୁଣାଣି ଶିବିରରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏପରି ଅଭିଯୋଗ ଜିଲାର ଶିକ୍ଷାର୍ଥୀଙ୍କ ପାଇଁ ନୂଆ ନୁହେଁ। ଏ ପ୍ରକାର ସାର୍ଟିଫିକେଟ ହିତାଧିକାରୀ ବାରମ୍ବାର ଠକେଇର ଶିକାର ହୋଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ପ୍ରତି ଜିଲା ପ୍ରଶାସନର ନିୟନ୍ତ୍ରଣ ନ ଥିବା ବୁଦ୍ଧିଜୀବୀମାନେ ମତ ରଖିଛନ୍ତି। ଏପରିକି ଶିକ୍ଷା କେନ୍ଦ୍ରର ଭିତ୍ତିଭୂମି ତନଖି କରାଯାଉ ନ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଅଭିଯୋଗକାରୀ ବିଶ୍ୱଜିତ, ଦୀପକ, ସାମାଜିକ କର୍ମୀ ଅମରବର ବିଶ୍ୱାଳ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିଛି। ସାମ୍ପ୍ରତିକ ସମୟରେ କମ୍ପ୍ୟୁଟର ଶିକ୍ଷା ଯୁବପିଢ଼ିଙ୍କ ପାଇଁ ଅପରିହାର୍ଯ୍ୟ ହୋଇଛି। ଏହାର ସୁଯୋଗ ଶିକ୍ଷା ବ୍ୟବସାୟୀ ନେଉଛନ୍ତି। କମ୍ପ୍ୟୁଟର ଶିକ୍ଷା ନାମରେ ଅନୁଷ୍ଠାନ ଖୋଲି ଶିକ୍ଷାର୍ଥୀଙ୍କୁ ଶୋଷଣ କରାଯାଉଛି। ଘରୋଇ ଶିକ୍ଷାନୁଷ୍ଠାନ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ରଖିବା ଓ ସେହି ଅନୁଷ୍ଠାନଗୁଡ଼ିକ ଜିଲା ପ୍ରଶାସନ ନିୟନ୍ତ୍ରଣରେ ରହିବା ନିହାତି ଜରୁରୀ। ତେବେ ଘରୋଇ ଅନୁଷ୍ଠାନଗୁଡିକ କୋଚିଂ କ୍ଲାସ୍, ସମାନ୍ତରାଳ ଶିକ୍ଷା ବ୍ୟବସାୟରେ ଲାଭବାନ ହେଉଥିବାବେଳେ କେତେକ ସ୍ଥଳରେ ଛାତ୍ରୀଛାତ୍ର ଠକାମିର ଶିକାର ହେବା ସହ ଜୀବନ ଯାଇଥିବା ବହୁ ନଜିର ଅଛି। ମିଳୁଥିବା ପ୍ରମାଣପତ୍ର ଗ୍ରହଣ ହେଉ ନ ଥିବାରୁ ବିଭିନ୍ନ କର୍ମନିଯୁକ୍ତି କ୍ଷେତ୍ରରେ ନିଯୁକ୍ତି ଆଶାୟୀ ଯୁବବର୍ଗ ହତାଶର ଶିକାର ହେଉଛନ୍ତି। ଜିଲାରେ ଥିବା ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନ ଓ ଭିତ୍ତିଭୂମିକୁ ପୁନର୍ବାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ରବୀନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ମାର୍ଶାଘାଇ ଅଭିଯୋଗ ପତ୍ର ସମ୍ପର୍କରେ ତଦନ୍ତ ପାଇଁ ଆଦେଶ ଦିଆଯାଇଛି। କୌଣସି ଅନିୟମିତତା ଥିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆନେକ୍ସ କପ୍ ଉଦ୍‌ଘାଟିତ

ଜଗତ୍‌ସିଂହପୁର, ୫।୫ (ପ୍ରମୋଦ କୁମାର ନାୟକ)

ସର୍ବ ଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଉଦ୍‌ଘାଟକଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ମୁଖ୍ୟ ଅତିଥିଭାବେ ଭବାନୀଶଙ୍କର ଉଦ୍‌ଗାତା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ନଟବର ବାରିକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟ ନିର୍ବାହି ଅଧିକାରୀ ସୀମା ଜେନା, ଜଗତ୍‌ସିଂହପୁର ତହସିଲଦାର ତାରେଣୀ ରଞ୍ଜନ ରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜଗତ୍‌ସିଂହପୁର ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଅନିଲ କୁମାର ବିଶ୍ୱାଳ, ପୂର୍ବତନ କାଉନସିଲର ହେମନ୍ତ କୁମାର ଲେଙ୍କା, ହିନ୍ଦୁସ୍ତାନ ସ୍ପୋର୍ଟିଂ ସମ୍ପାଦକ ବିଧୁଭୂଷଣ ଦାସ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏସ୍‌ଡିଓ ତପନ ରାଉତ, ହିନ୍ଦୁସ୍ତାନ ସ୍ପୋର୍ଟିଂର ଉପଦେଷ୍ଟା ସୁଶାନ୍ତ ରଞ୍ଜନ ସ୍ୱାଇଁ, ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ଓତା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ମ୍ୟାଚ ଭୁବନେଶ୍ୱରର ବାପୁଜୀ କ୍ରିକେଟ କ୍ଲବ ଓ କଟକର ସୋଲାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି।




ଆନେକ୍ସ କପ୍ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

# ଭାରିଯାନ ଚଳାଚଳ ଉପରେ ଯାଞ୍ଚ ହେବ: ମନ୍ତ୍ରୀ



ସମୀକ୍ଷା ବୈଠକରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ପ୍ରଶାସନିକ ଅଧିକାରୀମାନେ।

**ଦୁର୍ଘଟଣାରେ ମୃତାହତ ପରେ ପ୍ରଶାସନିକ ସମୀକ୍ଷା**

ପାରାଦୀପ, ୫।୫ (ଶରତ ରାଉତ)

ପାରାଦୀପରେ ୨ ଦିନରେ ଦୁର୍ଘଟଣା ଯୋଗୁ ୩ ଜଣଙ୍କ ମୃତ୍ୟୁ ହେବା ସହ ୨ ଜଣ ଗୁରୁତର ହୋଇଛନ୍ତି। ଏହି ଘଟଣା ପରେ ସୋମବାର ପ୍ରଶାସନିକ ସ୍ତରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆବଜାରସ୍ଥିତ ସର୍କିଟ ହାଉସରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ଏଥିରେ ଜଗତ୍‌ସିଂହପୁର ଜିଲାପାଳ ଜେ.ସୋନାଲ, ଏସ୍‌ପି ଭବାନୀଶଙ୍କର ଉଦଗାତା, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା, ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାର ନିର୍ମଳ ମହାନ୍ତି, ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବୈଠକ ପରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ପାରାଦୀପଠାରୁ ଦୋଛକି ଏବଂ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ପ୍ରତି ଟ୍ରାଫିକ୍ ପଏଣ୍ଟରେ ପୋଲିସ ମୁତୟନ ହେବ। ଯେଉଁ ଭାରିଯାନ ରଙ୍ଗ ରୁଟରେ ଯିବ, ସେହି ଗାଡିର ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯିବ। ଦୁର୍ଘଟଣା ପରେ ଆହତ ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରତି ପଏଣ୍ଟରେ ନମ୍ବର ରହିବ। ପ୍ରତି ଦୁର୍ଘଟଣା ପରେ ଏଭଳି ସମୀକ୍ଷା ବୈଠକ ପୂର୍ବରୁ ଅନେକ ଥର ହୋଇଛି। କେତେବେଳେ ପାର୍କିଂ ହଟିବ ତ କେତେବେଳେ ଭାରିଯାନ ଯାଞ୍ଚ ହେବ ବୋଲି ଗଣମାଧ୍ୟମରେ ସୂଚନା ଦିଆଯାଇଛି। ମାତ୍ର କିଛି ଦିନ ପରେ ସବୁ ନିୟମ ଉଭେଇ ଯାଇଛି। ସୂଚନାଯୋଗ୍ୟ, ରାତି ପ୍ରାୟ ୧୦ଟା ପରେ ପାରାଦୀପଠାରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ରାଜପଥ ଉପରେ ସାଧାରଣ ଲୋକଙ୍କ ଯାତାୟାତ କରିବା ସହଜ ହୁଏ ନାହିଁ। କାରଣ ରାସ୍ତାର ଦୁଇ ପାର୍ଶ୍ୱରେ ଭାରିଯାନ ସମ୍ପୂର୍ଣ୍ଣ କଭର କରି ଯାତାୟାତ କରିଥାଏ।

# ନାଟ୍ୟ ଜଗତକୁ ନୂଆ ଦିଶା ଦେଖାଇଥିଲେ ସୁଧାକର ଦ୍ୱିବେଦୀ

**ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ତମ ଜୟନ୍ତୀ**

ଜଗତ୍‌ସିଂହପୁର, ୫।୫ (ପ୍ରମୋଦ କୁମାର ନାୟକ)



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ମାସେ କି ବର୍ଷେ ନୁହେଁ। କେଉଁ ଆବାହନ କାଳରୁ ମନୋରଞ୍ଜନ ମାଧ୍ୟମରେ ସଂସ୍କୃତିକୁ ବାନ୍ଧି ରଖିବା ସାଙ୍ଗକୁ ସାମାଜିକ ସଂସ୍କାର ପାଇଁ ନାଟକ ଗୁରୁ ଭୂମିକା ନିଭାଇ ଆସିଛି। ଓଡ଼ିଶାରେ ଅନେକ ନାଟ୍ୟକାର ସେମାନଙ୍କ ଦ୍ୱାରା ରଚିତ ନାଟକ ମାଧ୍ୟମରେ ସମାଜକୁ ନୂଆ ଦିଶା ଦେଖାଇ ଆସିଛନ୍ତି। ଯେଉଁମାନଙ୍କ ମଧ୍ୟରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅନ୍ୟତମ। ସୋମବାର ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ତମ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ସମାରୋହରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି।

ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ନାଟ୍ୟକାରଙ୍କ ପ୍ରତିଭା ଓ ସମାଜ ପାଇଁ ଥିବା ଉତ୍ତର ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। ପରିଷଦର ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଦ୍ୱିବେଦୀ ମାତ୍ର ୩୨ବର୍ଷ ଭିତରେ ୨୦ଖଣ୍ଡ ଉଚ୍ଚମାନର ନାଟକ ରଚନା କରି ନାଟ୍ୟ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ ବୋଲି କୁହାଯାଇଥିଲା। ଏଥିସହ ତାଙ୍କ ବହୁ ଚର୍ଚ୍ଚିତ ନାଟକ ମଧ୍ୟରୁ ଗୃହଲକ୍ଷ୍ମୀ, ଶପଥ ନୁହେଁ କଳଙ୍କ, ଶଙ୍ଖା ଶାଢ଼ୀ ସିନ୍ଦୂର ଓ ବିପ୍ଳବୀର ଅପମୃତ୍ୟୁ ଆଦି ନାଟକ ଉପରେ ତଥ୍ୟଭିତ୍ତିକ ଆଲୋଚନା ହୋଇଥିଲା। ସ୍ୱର୍ଗତ ଦ୍ୱିବେଦୀଙ୍କ ନାଟକଗୁଡ଼ିକ ତାଙ୍କ ଉତ୍ତରପିଢ଼ୀର ନାଟ୍ୟକାରମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କୁହାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଓ ଉପସ୍ଥାପିକା ସଂଗୀତା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ସମ୍ମାନିତ ଅତିଥି ଜିଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅବସରପ୍ରାପ୍ତ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ, ନାଟ୍ୟକାର କୈଳାସ ମଲ୍ଲିକ ଓ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ ରମା ରଞ୍ଜନ ସ୍ୱାଇଁ, ବାବାଜୀ ଚରଣ ସାହୁ, ପରିଷଦ ଉପସଭାପତି କୈଳାସ ଚନ୍ଦ୍ର ମଲ୍ଲିକ, ବନମାଳୀ ମହାରଣା, ସୁରେନ ରାଉତ, ଅଧ୍ୟାପକ ଶାନ୍ତନୁ ମିଶ୍ର, ଅରୁଣ କୁମାର ରାଉତରାୟ, ଅକ୍ଷୟ କୁମାର ମହାନ୍ତି, ସଂଗଠନ ସମ୍ପାଦକ ବିଜନ ମହାପାତ୍ର, ପ୍ରଶାନ୍ତ କୁମାର ଦାଶ ଓ ପ୍ରଦୀପ୍ତ କୁମାର ରଥ ପ୍ରମୁଖ ସ୍ୱର୍ଗତ ଦ୍ୱିବେଦୀଙ୍କ ନାଟ୍ୟ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ମୃତିପତ୍ର ସୁଧା ସୌରଭ ଉନ୍ମୋଚିତ ହୋଇଥିଲା। ସେହିପରି ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳ ଓ ନାଟ୍ୟକାର ଇଂ. କିଶୋର ମହାପାତ୍ରଙ୍କୁ ମରଣୋତ୍ତର ସମ୍ମାନ ସହ ୯ ଜଣ କୃତୀ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର ହୋଇଥିବା ଧୃତି ସୁନ୍ଦର ସ୍ୱାଇଁଙ୍କ ସମେତ ରଘୁନାଥପୁର ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ସୂର୍ଯ୍ୟକାନ୍ତ ଜେନା, ଜଗତସିଂହପୁର ବ୍ଲକ ଟପ୍ପର ସ୍ୱୟଂକାନ୍ତ ମିଶ୍ର, ସୁସ୍ମିତା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କୃତୀ ଶିକ୍ଷକ ଅଞ୍ଜନ କୁମାର ସାହୁ ଅତିଥି ପରିଚୟ, ପରିଷଦର ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପରିଷଦର କୋଷାଧ୍ୟକ୍ଷ ରବି ମହାନ୍ତି ଧନ୍ୟବାଦ ଦେଇଥିଲେ।

ପ୍ରତ୍ୟୁଷରେ ନାଟ୍ୟକାରଙ୍କ ଜନ୍ମସ୍ଥାନ ଗହ୍ମାପୁରଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାବିତ ଶିଶିର କୁମାର ତ୍ରିପାଠୀ, ସୁକାନ୍ତ କୁମାର ଦ୍ୱିବେଦୀ, ଅଞ୍ଜନ କୁମାର ସାହୁ, ତୁଳସୀ ପ୍ରସାଦ ମହାପାତ୍ର, ନରେଶ ଦାସ, ରାଜକିଶୋର ସାହୁ, ସ୍ମୃତିରଞ୍ଜନ ରାଉତ, ଅଶୋକ କୁମାର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଚୋରି ରାକେଟ ଠାବ: ୨ ଗିରଫ

ଫୁଲବାଣୀ,୫।୫ (ରାକେଶ କୁମାର ରାଉତ)

ଫୁଲବାଣୀ ଟାଉନ ଥାନା ପୋଲିସ ଏକ ଗାଡ଼ି ଚୋରି ରାକେଟ ଠାବ କରିଛି। ୨ ବାଇକ, ୨ ସ୍କୁଟର ଓ ଗୋଟିଏ ଅଟୋରିକ୍ସା ସହିତ ଗୋଟିଏ ଆଇ ଫୋନ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଫୁଲବାଣୀ ମୁଣ୍ଡିଆସାହିରେ ରହୁଥିବା ଖଜୁରିପଡା ଥାନା ଅନ୍ତର୍ଗତ ଆଡାଶିପଡା ପଞ୍ଚାୟତ ଘୋଡାପଥର ଗ୍ରାମର ରାହୁଲ ନାୟକ(୨୨) ଏବଂ ମୁଣ୍ଡିଆ ସାହିର କୈଳାଶ କାମ୍ପ(୨୪)। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ମଧ୍ୟ ପୋଲିସ ଧରିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଟାଉନ ଥାନାରେ ଗାଡି ଚୋରି ନେଇ ୮୫/୨୫,୧୪୪/୨୫, ୧୫୭/୨୫ ଏବଂ ୧୭୬/୨୫ରେ ୪ଟି ମାମଲା ରୁଜୁ ହୋଇଥିଲା। ଏସ୍ଆଇ ମନୋରଞ୍ଜନ ଭୋଇଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଥିଲା। ସୋମବାର ସକାଳେ ପାଟ୍ରୋଲିଂ ବେଳେ ୩ ଅଭିଯୁକ୍ତଙ୍କୁ ଏକ ସ୍କୁଟର ସହ ସନ୍ଦେହ ଜନକ ଅବସ୍ଥାରେ ଧରିଥିଲା ପୋଲିସ। ସମ୍ପୃକ୍ତ ସ୍କୁଟର ସମ୍ପର୍କରେ ଯାଞ୍ଚ ବେଳେ ତାହା ଚୋରା ଗାଡ଼ି ବୋଲି ଜଣାପଡ଼ିଥିଲା। ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା ପରେ ସେମାନେ ୧୩ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଏହା ଚୋରି କରିଥିବା ସ୍ୱୀକାର କରିଥିଲେ। ସ୍କୁଟରଟି ଜଣେ ଡାକ୍ତରଙ୍କ ବୋଲି ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ ଏକାଧିକ ଗାଡ଼ି ଚୋରି ସହ ସମ୍ପୃକ୍ତ ଥିବା ଏବଂ ପୂର୍ବରୁ ବିଭିନ୍ନ ମାମଲାରେ ଜଡିତ ଥିବା ଜଣାପଡିଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ସୋମବାର ସ୍ଥାନୀୟ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ ଏବଂ ଟାଉନ ଥାନା ଅଧିକାରୀ ପି.ସ୍ୱରୂପ କିଶନ ପ୍ରକାଶ କରିଛନ୍ତି।

### ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

ଧରାକୋଟ, ୫।୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟଗଡ଼ରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ଦିଲିପ ସ୍ୱାଇଁଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଶିବ ପାର୍ବତୀଙ୍କ ଦେବ ରୀତିନୀତି ଅନୁଯାୟୀ ବିବାହ, ଦେବଦେବୀଙ୍କ ନଗର ପରିକ୍ରମା ଏବଂ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ନିଷ୍ପତ୍ତି ହେଇଥିଲା। ଅନ୍ତିମ ଦିବସରେ ଜଗନ୍ନାଥ ନାଟ୍ୟ ସଂସଦ ପକ୍ଷରୁ ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ମଞ୍ଚସ୍ଥ ହେବ। ଶୀତଳ ଷଷ୍ଠୀ ଯାତ୍ରା ପରିଚାଳନା ପାଇଁ ଦିଲୀପ ସ୍ୱାଇଁଙ୍କୁ ସଭାପତି ରୂପେ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ସୁନୀଲ ଗୌଡ ଏବଂ ଯାତ୍ରା ପରିଚାଳକ ଭାବେ ସୁନୀଲ ସ୍ୱାଇଁ ମନୋନୀତ ହୋଇଛନ୍ତି। ଏହି ଯାତ୍ରା ପରମ୍ପରା ଅନୁଯାୟୀ ତିନିଦିନ ଧରି ହେବ। ଦେବ ଦେବୀଙ୍କ ବିବାହ ସଂପନ୍ନ ପାଇଁ ଶ୍ୟାମ ସୁନ୍ଦର ତ୍ରିପାଠୀ, ରବିନ୍ଦ୍ର ମହାପାତ୍ର, ରଜନୀ ବେହେରା, ଶିବରାମ ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ବୁଧବାର ଶୁଭ ଖୁଣ୍ଟି ସ୍ଥାପନ ସହ ଧର୍ମ ଝଣ୍ଡା ପ୍ରତିଷ୍ଠା କରାଯିବ।

### 'ସିଦ୍ଧାନ୍ତ'ରୌପ୍ୟ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି,୫।୫(ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡିସ୍ଥିତ ବିଶ୍ୱନାଥ କଲ୍ୟାଣ ମଣ୍ଡପରେ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ସିଦ୍ଧାନ୍ତ'ର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଡ. ଅନ୍ନପୂର୍ଣ୍ଣା ଦେବୀଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲାପାଳ ବିଜୟ କୁମାର ଦାଶ, ବିଶିଷ୍ଟ ଅତିଥି ଭାବେ ଗୁଣୁପୁର ଉପଜିଲାପାଳ କିରଣଦୀପ କୌରସହତା, ସ୍ୱତନ୍ତ୍ର ଅତିଥି ଭାବେ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ (ବ୍ରହ୍ମପୁର) ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ,ସମ୍ମାନିତ ଅତିଥି ରୂପେ ଡ.ସୁରେନ୍ଦ୍ର ନାଥ ସାହ, ଡ.ସୁଜିତ୍ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ବି. କୋମଳାଙ୍ଗୀଙ୍କ ରଚିତ ପୁସ୍ତକ ଓଡ଼ିଶାର ଦକ୍ଷିଣାଞ୍ଚଳ: ଆଧୁନିକତାର ଆବର୍ତ୍ତରେ ପ୍ରାଚୀନ ଶାବରୀ ସଂସ୍କୃତି ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏଥିସହିତ ରୌପ୍ୟ ଜୟନ୍ତୀ ବିଶେଷାଙ୍କ 'ସିଦ୍ଧାନ୍ତ' ମଧ୍ୟ ଉନ୍ମୋଚିତ ହୋଇଥିଲା। ସୁରେନ୍ଦ୍ରନାଥ ସାହୁଙ୍କୁ 'ସିଦ୍ଧାନ୍ତ ସମ୍ମାନ' ପ୍ରଦାନ କରାଯାଇଥିଲା। ଲାବଣ୍ୟ ଶବର, ତାରିଣୀସେନ ଦାଶ, କୃଷ୍ଣ ଶବର, ଫାଲଗୁନି ଶବର, ଗାୟତ୍ରୀ ଶବର, ହାରାବତୀ ଗମାଙ୍ଗ, ଆମ୍ରି ପାଣିଗ୍ରାହୀଙ୍କୁ ସିଦ୍ଧାନ୍ତ ପତ୍ରିକା ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ସହରରେ ଅଚଳ ସବୁ ସିସିଟିଭି

କବିସୂର୍ଯ୍ୟନଗର,୫।୫( କୃପାସିନ୍ଧୁ ସ୍ୱାଇଁ)


ସହରର ଏକ ଅଚଳ ସିସି କ୍ୟାମେରା।

କବିସୂର୍ଯ୍ୟନଗର ଅସୁରକ୍ଷିତ ହୋଇ ପଡିଛି। ସହରରେ ଲାଗିଥିବା ସବୁ ସିସିଟିଭି କ୍ୟାମେରା ଅଚଳ ହୋଇପଡିଛି। କ୍ୟାମେରା ନିୟନ୍ତ୍ରଣ କକ୍ଷରେ ତାଲା ଝୁଲୁଛି । ଫଳରେ ଅପରାଧୀମାନେ ବିଭିନ୍ନ ସମୟରେ ଲୁଟ୍, ଛିନ୍‌ତାଇ କରି ସହଜରେ ଖସିଯାଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। କବିସୂର୍ଯ୍ୟନଗର ଏନଏସିରେ ୧୮ଟି ୱାର୍ଡରେ ୨୫ହଜାର ୨୦୦ ଲୋକ ବସବାସ କରନ୍ତି। ବ୍ଲକରେ ୨୧ଟି ପଞ୍ଚାୟତ, ଆସିକା ଏବଂ ପୁରୁଷୋତ୍ତମପୁର କିଛି ଅଞ୍ଚଳ କବି ସୂର୍ଯ୍ୟନଗର ସହର ଉପରେ ନିର୍ଭରଶୀଳ। ଗତ ୧୨।୮।୨୦୨୨ରେ କବିସୂର୍ଯ୍ୟନଗରରେ ୨୨ଟି ସିସି କ୍ୟାମେରା ଜନଗହଳି ପୂର୍ଣ୍ଣ ବସଷ୍ଟାଣ୍ଡ, ଗଣେଶ ବଜାର ଓ ମୁଖ୍ୟ ରାସ୍ତାରେ ଲାଗିଥିଲା। ଏହାକୁ ସେତେବେଳେ ନୂଆ ବସ୍‌ଷ୍ଟପ ନିକଟରେ ଦକ୍ଷିଣାଞ୍ଚଳ ଆଇଜି ଶୁଭାରମ୍ଭ କରିଥିଲେ। ପୋଲିସ ଆଉଟପୋଷ୍ଟରେ ଏହାର କ୍ୟାମେରା ନିୟନ୍ତ୍ରଣ କକ୍ଷ ରହିଥିଲା । ତେବେ ଉଦ୍‌ଘାଟନ ପରଠାରୁ ଆଉ ସିସି କ୍ୟାମେରାଗୁଡିକ କାମ କରୁନି। ନିୟନ୍ତ୍ରଣ କକ୍ଷରେ ତାଲା ଝୁଲୁଛି। ଅଢେଇ ବର୍ଷ

## ଅସୁରକ୍ଷିତ କବିସୂର୍ଯ୍ୟନଗର

ଧରି ଅଚଳ ହୋଇପଡିଥିବା ଏହି ସିସି କ୍ୟାମେରାଗୁଡିକ ପ୍ରତି କାହାର ନଜର ନାହିଁ । ଦୁର୍ଘଟଣା, ଅଘଟଣ ଘଟିଲେ ଦୋକାନୀମାନଙ୍କ ସିସି କ୍ୟାମେରା ଉପରେ ନିର୍ଭର କରୁଛି ପୋଲିସ । ଅନ୍ୟପକ୍ଷରେ ଉଦ୍‌ଘାଟନ ସମୟରେ ଲାଗିଥିବା ଏଲଇଡି ଏବେ କେଉଁଠି ଅଛି ଲୋକେ ତାକୁ ନେଇ ପ୍ରଶ୍ନ ଉଠାଇଲେଣି । ସେହିପରି ସାଧାରଣ ଲୋକଙ୍କୁ ସୁରକ୍ଷା ଦେବାକୁ କାର୍ଯ୍ୟକ୍ଷମ ହୋଇଥିବା ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟନ ପରଠୁ କେନ୍ଦ୍ରରେ ତାଲା ଝୁଲୁଛି। ସିସି କ୍ୟାମେରାଗୁଡିକ କାର୍ଯ୍ୟକ୍ଷମ କରିବାକୁ ଗଞ୍ଜାମ ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା, ପାନୀୟ ଜଳ ଯୋଗାଣକୁ ନେଇ ଉଦ୍‌ବେଗ



ପଞ୍ଚାୟତ ସମିତିର ସାଧାରଣ ଅଧିବେଶରେ ଯୋଗ ଦେଇଥିବା ଜନପ୍ରତିନିଧି।

ଦଶପଲ୍ଲା,୫।୫(ପ୍ରକାଶ କୁମାର ପାଣି)

## ଦଶପଲ୍ଲା ପଞ୍ଚାୟତ ସମିତିର ଦଶମ ଅଧିବେଶନ

ସୋମବାର ଦଶପଲ୍ଲା ପଞ୍ଚାୟତ ସମିତି ଦଶମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଡ଼ିଓ ଭୁବନାନନ୍ଦ ପଟ୍ଟନାୟକ, ଆସିଷ୍ଟାଣ୍ଟ ଇଞ୍ଜିନିୟର ସନାତନ ଭୋଳ, ଏବିଡ଼ିଓ ଭବାନୀ ପ୍ରସାଦ ମହାନ୍ତି,ଏମ୍‌ପିଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ, ହରିଶ୍ଚନ୍ଦ୍ର ଜାନୀ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ,ସମିତି ସଭ୍ୟ, ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ରାସ୍ତା ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଆଲୋଚନା ହୋଇଥିଲା। ସର୍ବ ପ୍ରଥମେ ନୂତନ ଭାବେଯୋଗଦାନ କରିଥିବା ବିଡ଼ିଓ ଏବଂ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ବୈଠକରେ ବାରମ୍ବାର ପଞ୍ଚାୟତର ରାସ୍ତା ନିର୍ମାଣ ଓ ମରାମତି ଉପରେ ଆଲୋଚନା ହୋଇଥିଲା। ବାରମ୍ବାର ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସମସ୍ତ ସଭ୍ୟାସଭ୍ୟ କ୍ଷୋଭ ପ୍ରକାଶ କରିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାକୁ ଗ୍ରାମସଭା ମାଧ୍ୟମରେ ଆସିଥିବା ପ୍ରକଳ୍ପ ପାଇଁ ଆବଶ୍ୟକ ଜନସଂଖ୍ୟା ଭିତରେ ୨୫ରୁ ୨୬ ବର୍ଷ ପାଇଁ ତାଲିକା ଦେବା ପାଇଁ ଆଲୋଚନା ହୋଇଥିଲା। ପାନୀୟ ଜଳ ପାଇଁ ନୂତନ ଭାବେ ନଳକୂପ ତାଲିକା ପ୍ରତି ପଞ୍ଚାୟତରେ ଆବଶ୍ୟକ ଅନୁସାରେ ଦେବାପାଇଁ ସଭ୍ୟାସଭ୍ୟଙ୍କୁ କୁହାଯାଇଥିଲା। ଅଚଳ ପାଇପ ଓ ନଳକୂପକୁ ସଚଳ କରିବା ପାଇଁ ଆଲୋଚନା ହୋଇଥିଲା। ରାଶନ କାର୍ଡ ପାଇଁ ଏବେ ଇକେୱାଇସି ଚାଲିଛି। ନୂତନ କାର୍ଡ ପାଇଁ ଗାଇଡ଼ ଲାଇନ ଅନୁସାରେ ହେବ। କୌଣସି ଯୋଗ୍ୟ ହିତାଧିକାରୀ ଯେମିତି ବାଦ ନ ପଡିବେ ବୈଠକରେ ତାହା ଉପରେ ଆଲୋଚନା କରାଯାଇଥିଲା। ଏଥି ସହିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରତି ପଞ୍ଚାୟତର ରାସ୍ତା କୁ ବ୍ଲକ କରିବା ସହ ବନବିଭାଗକୁ ମଧ୍ୟ ଦାୟିତ୍ୱ ଦିଆଯାଇ ଥିଲା। ନୂଆଗାଁ ଚଢ଼େୟା ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ନାହିଁ। ତୁରନ୍ତ ତାହା ଯୋଗାଇ ଦେବାକୁ ଆଲୋଚନା କରାଯାଇଥିଲା।

# ମିଳିନି ଖରିଫ୍ ଫସଲ ବୀମା ସହାୟତା

ଛତ୍ରପୁର,୫।୫(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

## ଜିଲାପାଳଙ୍କୁ ନିବେଦନ କଲେ ଚାଷୀ


ଚାଷୀମାନେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଫେରୁଛନ୍ତି ।

ଛତ୍ରପୁର ବ୍ଲକ ବିପୁଲିଙ୍ଗି ପଞ୍ଚାୟତର ଚାଷୀମାନେ ୨୦୨୪-୨୫ ଖରିଫ ଫସଲ ପାଇଁ ବ୍ୟାଙ୍କରୁ ଋଣ ନେଇ ରିଲିଆନ୍ସ କମ୍ପାନୀରେ ଫସଲ ବୀମା କରିଥଲେ। ଅଦିନିଆ ବର୍ଷାରେ ଫସଲ କ୍ଷତି ହେଲା। ମାତ୍ର ଏ ଯାଏ ଫସଲ କ୍ଷତି ବୀମା ସହାୟତା ମିଳି ନ ଥିବା ଚାଷୀମାନେ କହିଛନ୍ତି। ସୋମବାର ଚାଷୀମାନେ ଛତ୍ରପୁର ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ବୀମା ସହାୟତା ପାଇଁ ନିବେଦନ କରିଛନ୍ତି। ଅଦିନିଆ ବର୍ଷାରେ ସରକାର ଗଞ୍ଜାମ ଜିଲାକୁ ଅଧିକ କ୍ଷତିଗ୍ରସ୍ତ ଜିଲା ଭାବେ ଘୋଷଣା କରିଥିଲେ। ଏହି ଆଧାରରେ ରିଲିଆନ୍ସ କମ୍ପାନୀ ତରଫରୁ ଏକ ଟୋଲ ଫ୍ରି ନମ୍ବର ମାଧ୍ୟମରେ ଚାଷୀମାନଙ୍କୁ କ୍ଷୟକ୍ଷତିକୁ ତାଲିକାଭୁକ୍ତ କରିବା ପାଇଁ ଖବର ପ୍ରସାରିତ ହୋଇଥିଲା। ଏହି ନମ୍ବରରେ ବହୁବାର ଚେଷ୍ଟା କରି ମଧ୍ୟ ୮୦ରୁ ୯୦ ଭାଗ ଚାଷୀ ନିଜକୁ ତାଲିକାଭୁକ୍ତ କରାଇ ପାରିନାହାନ୍ତି। ଯେଉଁ କେତେଜଣ ତାଲିକାଭୁକ୍ତ କରାଇଲେ ସେମାନଙ୍କ ମଧ୍ୟରୁ ଅଧାରୁ କମ ଚାଷୀ ସହାୟତା ପାଇଛନ୍ତି। ତେଣୁ ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଚୌଧୁରୀ, ଚିତ୍ତରଞ୍ଜନ ପାଣିଗ୍ରାହୀ, ହରିକୃଷ୍ଣ ଚୌଧୁରୀ, କେ ମୁରଲୀ ରେଡ୍ଡୀ, ଘନଶ୍ୟାମ ପାତ୍ର, ରାମା ରେଡ୍ଡୀ, ଘନଶ୍ୟାମ ରେଡ୍ଡୀ,ସୁଦର୍ଶନ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ବୀମା ସହାୟତା ପ୍ରଦାନ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି।

## ଆଦିବାସୀମାନଙ୍କୁ ଜଙ୍ଗଲ ଅଧିକାର ଦାବି

ଛତ୍ରପୁର,୫।୫(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲା ଖଲ୍ଲିକୋଟ ଓ କୋଦଳା ତହସିଲ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କୁ ଜଙ୍ଗଲ ଅଧିକାର ପ୍ରଦାନ ପାଇଁ ଦାବି ହୋଇଆସୁଛି। ବାରମ୍ବାର ଏ ସମ୍ପର୍କରେ ଜିଲାପାଳଙ୍କଠାରୁ ଆରମ୍ଭ କରି ତହସିଲଦାର ଓ ବନ ବିଭାଗକୁ ଲିଖିତ ଜଣାଇଥିଲେ ମଧ୍ୟ ବିଭିନ୍ନ କ୍ଷେତ୍ରରେ କାଗଜପତ୍ର ଅଟକି ରହିଥିବାରୁ ଦାବି ପୂରଣ ହେଉ ନ ଥିବା ଆଦିବାସୀଙ୍କ ପକ୍ଷରୁ କୁହାଯାଇଛି । ସୋମବାର ଛତ୍ରପୁର ଠାରେ ଅତିରିକ୍ତ ଜିଲାପାଳଙ୍କୁ ଭିଟାମାଟି ସୁରକ୍ଷା ଅଭିଯାନ ଓ ଆଦିବାସୀ ଲୋକସଂଗଠନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଖଲ୍ଲିକୋଟ ତହସିଲ ଅଧୀନ ବାଦପଲି ପଞ୍ଚାୟତର ମିନାପୁର, ଛକାସିଂ, ଫାଶୀଖୋଲ, ଖଜୁରୀସାହି, କୁମାରସିଂ, ବଡ଼ମାଳ ପାଞ୍ଚକା, ସିଆଳଲରାମପୁର, ଖଣ୍ଡିଆନାଳ, ମରେଇନୂଆଗାଁ, ନୋଲୁସିଂ ଏବଂ କୋଦଳା ତହସିଲ ଅଧୀନ ଝୁଣ୍ଟିଆତୋଟା ଗିଲିଣ୍ଡା ଗ୍ରାମରେ ଜଙ୍ଗଲ ଅଧିକାରକୁ ନେଇ ସମସ୍ୟା ସମାଧାନ ପାଇଁ ଦାବି ହୋଇଛି । ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି କୁହାଯାଇଛି।

## ଜୁଆଖେଳ ଉପରେ ଚଢ଼ାଉ, ୪ ଗିରଫ

ବୁଗୁଡା,୫।୫(କାଳିଚରଣ ଦାଶ)-ବୁଗୁଡ଼ା ଥାନା ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମ ନିକଟ ଆମ୍ବ ତୋଟାରେ ଚାଲିଥିବା ଜୁଆଖେଳ ଉପରେ ପୋଲିସ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ସେଠାରୁ ୯୦୬୦ ଟଙ୍କା, ୩ଟି ମୋବାଇଲ ଓ ୫ଟି ବାଇକ୍ ଜବତ ହୋଇଛି। ଏ ନେଇ ୨୮୮/୨୫ରେ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ପଙ୍କଳସାହି ଗାଁର ଏବଂ ୩ ଜଣ ବି.କରଡ଼ାବାଡ଼ି ଗ୍ରାମର।

# ସରକାରୀ ଜମି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ



ଖଜୁରିପଡ଼ା,୫।୫ ( ବିଦୁର ବେହେରା)

ଖଜୁରିପଡ଼ା ତହସିଲ ଅଞ୍ଚଳରେ ରାଜସ୍ୱ ବିଭାଗ ଆଖିରେ ଧୂଳିଦେଇ ମାଫିଆମାନେ ସରକାରୀ ଜମିଜବରଦଖଲ କରୁଛନ୍ତି। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ସୋମବାର ତହସିଲଦାର ଶୁଭଶ୍ରୀ ରଥ, ଅତିରିକ୍ତ ତହସିଲଦାର ବ୍ରହ୍ମା ନନ୍ଦ ଥାଟି, ଆରଆଇ ଜୟନ୍ତ ସାହୁ, ଥାନା ଅଧିକାରୀ ଚାପଧାରୀ ପ୍ରଧାନ ଏବଂ ପୋଲିସ ବାହିନୀ ଜମିରେ ପହଞ୍ଚି ଜବରଦଖଲକାରୀଙ୍କୁ ତାଗିଦ କରିଛନ୍ତି। ନିର୍ମାଣ ଚାଲିଥିବା ଘରର ସମସ୍ତ ସାମଗ୍ରୀ ସେଠାରୁ ହଟେଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ

**■ଧରିତ୍ରୀ ପ୍ରଭାବ**

ଖିଲାପ କଲେ ବୁଲ୍‌ଡୋଜର ଲଗାଯିବ ବୋଲି ତହସିଲଦାର କହିଛନ୍ତି। ଖଜୁରିପଡ଼ା ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରେ ଥିବା ଏକ ସରକାରୀ ଜାଗାକୁ କେତେ ଜଣ ବ୍ୟକ୍ତି ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ କରି ଆସୁଛନ୍ତି। ତତ୍କାଳୀନ ତହସିଲଦାର ଏହି ସରକାରୀ ଜମିରେ ବେଆଇନ ପ୍ରବେଶ ଦଣ୍ଡନୀୟ ଅପରାଧ ବୋଲି ଫଳକ ଲଗାଇ ଥିଲେ। ଏହା ଉପରେ କପଡ଼ା ଘୋଡ଼ାଇ ସେଠାରେ ବେଆଇନ ଭାବେ ଘର ନିର୍ମାଣ ଚାଲିଥିଲା।

# ମାଟ୍ରିକ୍ ଟପ୍ପରଙ୍କୁ ସ୍କୁଲ ତରଫରୁ ସମ୍ବର୍ଦ୍ଧନା

ଶରଣକୁଳ,୫।୫(ଦୀପକ କର)


କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

ଚଳିତ ବର୍ଷର ମାଟ୍ରିକ ଫଳ ପ୍ରକାଶ ପାଇଛି। ନୟାଗଡ଼ ଜିଲା ଶରଣକୁଳ କେଏସବି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ ଏଥିରେ ସଫଳତା ଅର୍ଜନ କରିଛନ୍ତି। ୨ଜଣ ଛାତ୍ରୀଛାତ୍ର ଏ-ୱାନ୍ ଗ୍ରେଡ୍ ପାଇଥିବା ବେଳେ ଛାତ୍ର ଲକ୍ଷ୍ମୀଧର ସାହୁ ୫୬୦ ନମ୍ବର ରଖି ଓଡ଼ଗାଁ ବ୍ଲକ୍‌ରେ ଟପ୍ପର ହୋଇଛନ୍ତି। ସେହିପରି ଛାତ୍ରୀ ଦିବ୍ୟଦର୍ଶିନୀ ଭଞ୍ଜ ୫୪୬ ନମ୍ବର ରଖି ଏ-ୱାନ ପାଇଥିବା ବେଳେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ଆଣିଛନ୍ତି। ଏନେଇ ସୋମବାର ସ୍କୁଲ ପରିଚାଳନା କମିଟି ପକ୍ଷରୁ ଉଭୟ ଏ-ୱାନ ଛାତ୍ରୀଛାତ୍ରଙ୍କ ସହିତ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଏ-୨ ପାଇଥିବା ୩ ଛାତ୍ରୀଛାତ୍ର ବିଷ୍ଣୁପ୍ରିୟା ମହାପାତ୍ର, ସୃଷ୍ଟିଧର ମହାପାତ୍ର ଓ ଏସ. ସାଇ ଶଙ୍କରଙ୍କୁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଅଧ୍ୟକ୍ଷ ନୀଳମାଧ ତ୍ରିପାଠୀ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗତ ୧୦ବର୍ଷ ହେବ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କ୍ରମାଗତ ଭାବେ ଏ-ୱାନ ସହିତ ଶତ ପ୍ରତିଶତ ସଫଳତା ପାଇ ଆସୁଛନ୍ତି।

# କୁଲାଡ ମନ୍ଦିରରୁ ଚୋରି ଅଳଙ୍କାର ଉଦ୍ଧାର, ୪ ଗିରଫ

ଭଞ୍ଜନଗର,୫।୫(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳରେ ଗତ ୨୫ ତାରିଖ ରାତିରେ କୁଲାଡ ବ୍ୟାଘ୍ରଦେବୀ ମନ୍ଦିରରୁ ହୋଇଥିବା ଚୋରି ଘଟଣାରେ ପୋଲିସ ସୋମବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଲାଡ ଅଞ୍ଚଳର ସନ୍ତୋଷ ନାୟକ, ସୁଶାନ୍ତ ନାୟକ, ରବିନ୍ଦ୍ର ନାୟକ ଓ ଟୁକୁନା ସ୍ୱାଇଁ। ସେମାନଙ୍କଠାରୁ ଅଧିକାଂଶ ଚୋରି ଅଳଙ୍କାର ପୋଲିସ ଜବତ କରିବାରେ ସକ୍ଷମ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଭଞ୍ଜନଗର କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ସୁଜିତ୍ ନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ସମୟରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣାରେ ଆଉ ୪ ଜଣ ଜଡ଼ିତ ଥିବା ଜଣାପଡିଛି। ପୋଲିସ ସେମାନଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଛି । ଘଟଣା ଦିନ ରାତିରେ ଦୁର୍ବୃତ୍ତମାନେ କଳା ମୁଖା ପିନ୍ଧି ମନ୍ଦିର ଭିତରେ ପଶି ଦେବୀଙ୍କ ୩୫ଟି ରୁପା ଆଖି, ୩ଟି ସୁନା ଚିତା, ୨ଟି ରୁପା ଭୁଲତା ଚୋରି କରି ନେଇଥିଲେ। ଏନେଇ ମନ୍ଦିର କର୍ମକର୍ତ୍ତାଙ୍କ ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତମାନଙ୍କୁ ଧରିଛି। ସୂଚନାଯୋଗ୍ୟ, କୁଲାଡ ବ୍ୟାଘ୍ର ଦେବୀ ମନ୍ଦିର ହେଉଛି ଭଞ୍ଜ ରାଜବଂଶର ଆରାଧ୍ୟ ଦେବୀ।

# ତୃତୀୟ ଦିନରେ କାଇଁଚପୁର ଠାକୁରାଣୀ ଯାତ୍ରା

ଗଞ୍ଜାମ,୫।୫(ବିଦ୍ୟାଧର ସାହୁ)

ଠାକୁରାଣୀ ଯାତ୍ରା ପାଇଁ କାଇଁଚପୁର ଗାଁ ଚଳଚଞ୍ଚଳ ହୋଇଉଠିଛି। ଏହି ଯାତ୍ରା ସୋମବାର ତୃତୀୟ ଦିନରେ ପହଞ୍ଚିଛି। ବର୍ତ୍ତମାନ ମା' ଶୀତଳୟା ଅସ୍ଥାୟୀ ମଣ୍ଡପରେ ପୂଜା ପାଉଛନ୍ତି। ମା'ଙ୍କୁ ପୂଜାର୍ଚ୍ଚନା ପରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଘଟ ପରିକ୍ରମା କରାଯାଉଛି। ମା' ଶୀତଳାଙ୍କ ଆଳତି ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମୁଛି। ଘଟ ପରିକ୍ରମା ବେଳେ ସାହିର ପିଲାମାନେ ବିଭିନ୍ନ ବେଶ ହୋଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ମା'ଙ୍କୁ ଫୁଲ ଚଢା ଯାଇଥିଲା। ମା'ଙ୍କ ମସ୍ତକରୁ ଫୁଲ ଖସିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଘଣ୍ଟ ମୃଦଙ୍ଗ ସହ ବିଭିନ୍ନ ବାଦ୍ୟ ବାଜଣାରେ କମ୍ପି ଉଠିଥିଲା। ଗ୍ରାମ ପୂଜକ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଯାତ୍ରା ପରିଚାଳନା କମିଟି ସଭାପତି ତଥା ୧୫ ନଂ ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସମ୍ପାଦକ ଭାଗ୍ୟ ରେଡ୍ଡୀ, କୋଷାଧ୍ୟକ୍ଷ ପି.କ୍ରିଷ୍ଣା ରେଡ୍ଡୀ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀ, ଶାନ୍ତି କମିଟି ସଦସ୍ୟ କେ.ରଜନୀ ରେଡ୍ଡୀ, ରାବଣା ରେଡ୍ଡୀ, ମାସେନୁ ରେଡ୍ଡୀ, ଈଶ୍ୱର ସେଠୀ, ଶିବଶଙ୍କର ସେଠୀ, ଲୋକନାଥ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି। ପୂର୍ବରୁ ଏହି ଯାତ୍ରା ୩ ବର୍ଷକୁ ଥରେ ଅନୁଷ୍ଠିତ ହେଉଥିଲା କିନ୍ତୁ କୌଣସି କାରଣରୁ ତାହା ବନ୍ଦ ହୋଇଯାଇଥିଲା। ୧୨ବର୍ଷ ପରେ ଚଳିତ ବର୍ଷ ମା'ଙ୍କ ଯାତ୍ରା ଅନୁଷ୍ଠିତ ହେଉଥିବାରୁ କାଇଁଚପୁର ଗ୍ରାମ ଉତ୍ସବ ମୁଖର ହୋଇ ଉଠିଛି।

# ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ପାରଳାଖେମୁଣ୍ଡି,୫।୫(ଗିରିଧାରୀ ପରିଚ୍ଛା)

ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ ସର୍ବଭାରତୀୟ ଦାବି ଦିବସ ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ଆଶାକର୍ମୀ,ଅଙ୍ଗନବାଡି କର୍ମୀ ଓ ମୋଟର କର୍ମଚାରୀ ପାରଳାଖେମୁଣ୍ଡି ନୂଆ ବସଷ୍ଟାଣ୍ଡ ନିକଟରୁ ଏକ ଶୋଭା ଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସର୍ବନିମ୍ନ ମଜୁରି ସହ ସମାନ କାମକୁ ସମାନ ଦରମା, ଆଶା କର୍ମୀଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ସହ ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛଇ। ବର୍ଦ୍ଧିତ ବଜାର ଦର ତୁଳନାରେ କୁଶଳୀ, ଅଣ କୁଶଳୀ, ଅର୍ଦ୍ଧ କୁଶଳୀ ଶ୍ରମିକ ସରକାରୀ ନିର୍ଦ୍ଧାରିତ ବଜୁରିଠାରୁ ଢେର କମ ପାଉଛନ୍ତି। ଏହାକୁ ବିରୋଧ କରି ଅଙ୍ଗନୱାଡି, ଆଶା କର୍ମୀ ସଂଘ ଓ ମୋଟର କର୍ମଚାରୀ ସଂଘ ମିଳିତ ଭାବେ ଏପରି ଆନ୍ଦୋଳନ କରିଛନ୍ତି। ସରକାର ଏହାକୁ ବିଚାରକୁ ନେଇ ପଦକ୍ଷେପ ଗ୍ରହଣନ କଲେ ଆସନ୍ତା ୨୦ ତାରିଖରେ ଭୁବନେଶ୍ୱରରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ବ୍ରାହ୍ମଣ ଦେବୀ ଯାତ୍ରା:୯ରେ ଶୁଭଖୁଣ୍ଟି ସ୍ଥାପନ

ବେଲଗୁଣ୍ଠା,୫।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):


ବୈଠକରେ ଉପସ୍ଥିତ ବିଧାୟକ, ନଗରପାଳ ଓ ଅନ୍ୟମାନେ।

ବେଲଗୁଣ୍ଠାର ପ୍ରସିଦ୍ଧ ମା' ବ୍ରାହ୍ମଣ ଦେବୀ ଯାତ୍ରା ପାଇଁ ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସୋରଡା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ସହରବାସୀଙ୍କ ତରଫରୁ ତାଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ କରାଯାଇଥିଲା। ପରମ୍ପରା ଅନୁସାରେ ବ୍ରାହ୍ମଣ ଦେବୀ ଯାତ୍ରା ମହୋତ୍ସବ କମିଟିର ସଭାପତି ଭାବେ ବିଧାୟକ ବିଷୋୟୀ ଦାୟିତ୍ୱ ନିର୍ବାହ କରିବା ପାଇଁ ନଗରପାଳ ସେଠୀ ପ୍ରସ୍ତାବ ରଖିଥିଲେ। ବିଧାୟକ ଏହାକୁ ସମ୍ମତି ଜଣାଇ ଯାତ୍ରାକୁ ସୂଚାରୁରୂପେ ତଥା ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ସହରବାସୀଙ୍କ ସହଯୋଗ ଲୋଡ଼ିଥିଲେ। କାର୍ଯ୍ୟକାରୀ ସଭାପତି ଭାବେ ନଗରପାଳ ସେଠୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟିର ଉପଦେଷ୍ଟା ଭାବେ ପୂର୍ବତନ ନଗରପାଳ ରବିନ୍ଦ୍ରନାଥ ମହାପାତ୍ର ଓ ବରିଷ୍ଠ ନେତା ନୀଳାଚଳ ମହାପାତ୍ର, ସମ୍ପାଦକ ଭାବେ ଏଲ୍. ସତିଶ ରେଡ୍ଡୀ ଓ ସହ ସମ୍ପାଦକ ଭାବେ ଦିବ୍ୟରଞ୍ଜନ ଦାଶ ଦାୟିତ୍ୱ ନିର୍ବାହ କରିବା ନେଇ ବିଧାୟକ ପ୍ରକାଶ କରିଥିଲେ। ଆସନ୍ତା ୯ ତାରିଖରେ ବଡ଼ଦାଣ୍ଡଠାରେ ବିଧାୟକଙ୍କ ଉପସ୍ଥିତିରେ ଶୁଭଖୁଣ୍ଟି ସ୍ଥାପନ କରାଯିବ ବୋଲି ସୂଚନା ମିଳିଛି। ଯାତ୍ରାରେ ବାଣ ପଟୁଆର ଓ ମା'ଙ୍କ ନଗର ପରିକ୍ରମା ଦେଖିବା ପାଇଁ ଲୋକଙ୍କ ଉତ୍କଣ୍ଠା ରହିଥାଏ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୋରଡା ନିର୍ବାଚନ ମଣ୍ଡଳୀ ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର ନାୟକ, ପୂର୍ବତନ ନଗରପାଳ ଚନ୍ଦ୍ରମଣି ସାମଲ, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ଉପନଗରପାଳ ପ୍ରତିନିଧି ସତ୍ୟନାରାୟଣ ମହାପାତ୍ର, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା, ସନ୍ତୋଷ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................................

ବୟସ: ..............................................

ଜନ୍ମ ତାରିଖ: ..............................................



ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଶୁଭେଚ୍ଛୁ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଭିବୃଦ୍ଧିଶୀଳ ଆଞ୍ଚଳିକ ଅର୍ଥନୀତି ମଧ୍ୟରୁ ଓଡ଼ିଶା ଅନ୍ୟତମ

**ଭୁବନେଶ୍ୱର,୫।୫**

ଦେଶର ପ୍ରମୁଖ ଭାଗ ଖଣିଜ ସମ୍ପଦ ଓଡ଼ିଶା ରାଜ୍ୟରେ ଥିଲାବେଳେ ଓଡିଶାର ଅଭିବୃଦ୍ଧି ବର୍ତ୍ତମାନ ସମୟରେ ଅନ୍ୟ ରାଜ୍ୟଗୁଡିକ ତୁଳନାରେ ବହୁ ପଛରେ ରହିଛି। ଏପରିକି ଓଡିଶାରେ ଭାରତର ୩୫% ଲୁହା ଖଣିଜ, ୫୯% ବକ୍ସାଇଟ୍ ଏବଂ କୋଇଲା, କ୍ରୋମାଇଟ୍ ଏବଂ ମାଙ୍ଗାନିଜ୍‌ର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ ରହିଛି। ଏହାକୁ ଭାରତର ଖଣିଜ ସୁରକ୍ଷାର ମେରୁଦଣ୍ଡ ଭାବେ ନାମିତ କରିଛି, ଯାହାକି ଭିତ୍ତିଭୂମି, ଶକ୍ତି, ପରିବହନ, ନବୀକରଣୀୟ ଶକ୍ତି ଏବଂ ପ୍ରତିରକ୍ଷା ପାଇଁ ନିତାନ୍ତ ଅତ୍ୟାବଶ୍ୟକ ବୋଲି କୁହାଯାଉଛି। ବିଶେଷ କରି ଓଡିଶାରେ ବକ୍ସାଇଟ୍, ଲୁହାପଥର ଏବଂ କୋଇଲାର ସର୍ବଶ୍ରେଷ୍ଠ ରଣନୈତିକ କ୍ଷେତ୍ରକୁ ପ୍ରତିନିଧିତ୍ୱ କରିଥାଏ। ନିବେଶ, ନିଯୁକ୍ତି, ଭିତ୍ତିଭୂମି ଏବଂ ବିଶ୍ୱ ପ୍ରତିଯୋଗିତାକୁ ଆଗେଇ ନେବାରେ ଏହାର ଭୂମିକା ଯଥେଷ୍ଟ ରହିଛି, ତଥାପି, ବକ୍ସାଇଟ୍ ଭଳି ଖଣିଜ ପଦାର୍ଥର କମ ବ୍ୟବହାର, ପ୍ରକ୍ରିୟାଗତ ବାଧା, ଆନ୍ତଃରାଜ୍ୟ ସମ୍ପତ୍ତି ନିଷ୍କାସନ ଏବଂ ସାହସିକ ତଥା ଜରୁରୀ ସଂସ୍କାରର ଆବଶ୍ୟକତାକୁ ଇଙ୍ଗିତ କରି ଅତୀତରେ ହାତଛଡ଼ା ହୋଇଥିବା ସୁଯୋଗ ଯୋଗୁଁ ଓଡ଼ିଶା କେବଳ ଏହାର ଖଣିଜ ସମ୍ଭାବ୍ୟତାର ପୃଷ୍ଠକୁ କ୍ଷୁଣ୍ଣ କରିଛି। ଓଡିଶାର ସମ୍ଭାବନା ଖଣି: ଆତ୍ମନିର୍ଭରତା ଏବଂ ସମୃଦ୍ଧିକୁ ଭାରତର ଯାତ୍ରାକୁ ଶକ୍ତି ପ୍ରଦାନ କରୁଛି' ଏକ ଶ୍ୱେତପତ୍ର ଉନ୍ମୋଚନ ଅବସରରେ ବିଶେଷଜ୍ଞମାନେ ଏଭଳି କିଛି କହିଛନ୍ତି। ଓଡ଼ିଶା ଏବେ ନୁହେଁ ତ କେବେ ନୁହେଁ ଏକ ମୁହୂର୍ତ୍ତରେ ଅଛି। ଏହା ଈଶ୍ୱର-ପ୍ରଦତ୍ତ ସମ୍ପଦକୁ ଲୋକ-କୈନ୍ଦ୍ରିକ ଅଭିବୃଦ୍ଧିରେ ପରିବର୍ତ୍ତନ ବିଷୟରେ ଆମକୁ ନିଶ୍ଚିତ କରିବା ଉଚିତ। ଆଗାମୀ ପିଢ଼ିର ଓଡ଼ିଆମାନେ କେବଳ ସମୃଦ୍ଧ ମାଟିର ଐତିହ୍ୟ ନୁହେଁ, ବରଂ ଅନ୍ତର୍ଭୁକ୍ତିମୂଳକ ପ୍ରଗତି, ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଏବଂ ସ୍ଥାୟୀ ସମୃଦ୍ଧିର ଐତିହ୍ୟ ପାଇବେ। ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଓଡ଼ିଶାର ଖଣିଜ ଶକ୍ତିକୁ ଅନ୍ତର୍ଭୁକ୍ତିମୂଳକ ଶିଳ୍ପାୟନ ଏବଂ ଆଞ୍ଚଳିକ ଉନ୍ନତିରେ ପରିଣତ କରିବା ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛି ବୋଲି ବରିଷ୍ଠ ପ୍ରଶାସକ ଡ. ଜୟଦେବ ଷଡଙ୍ଗୀ ଏଆଇଡିଇଏନଟି, ଆନ୍ ଇନିସିଏଟିଭ୍ ଫର୍ ଡେଭଲପମେଣ୍ଟ ଆଣ୍ଡ୍ ଏମ୍ପାୱାରମେଣ୍ଟ ଦ୍ୱାରା ପ୍ରସ୍ତୁତ ଶ୍ୱେତପତ୍ର ଉନ୍ମୋଚନ ପରିପ୍ରେକ୍ଷୀରେ କହିଛନ୍ତି।

ଏହି ଶ୍ୱେତପତ୍ରରେ ଖଣି ଏବଂ ଉତ୍ପାଦନ ପ୍ରତି ଏକ ଦୃଢ଼ ପୃଷ୍ଠଭୂମି ଦ୍ୱାରା ଚାଳିତ ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ଆଞ୍ଚଳିକ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବେ ଓଡ଼ିଶାର ଉଦୟକୁ ଉଜ୍ଜ୍ୱଳ କରିଛି। ଏହି ପରିପ୍ରେକ୍ଷୀରେ ଡ. ଜୟଦେବ ଷଡଙ୍ଗୀ, ସଞ୍ଜୀବ କେ ସିଂହ, ଡ. ପ୍ରବାସ ରଞ୍ଜନ ମିଶ୍ର, ଡ. ଦୁଃଖବନ୍ଧୁ ସାହୁ ଏବଂ ଡ. ସିପ୍ରା ସାଗରିକା ପ୍ରମୁଖ ଉପସ୍ଥିତ ରହି ଖଣି-ନେତୃତ୍ୱାଧୀନ ବିକାଶକୁ ଶିଳ୍ପ ଏବଂ ସାମାଜିକ ସମୃଦ୍ଧି ପାଇଁ ଏକ ସ୍ଥାୟୀ ମଡେଲରେ ପରିଣତ କରିବା ପାଇଁ ଓଡ଼ିଶା କିପରି 'ଏବେ-ନ ହେଲେ-କେବେ ନୁହେଁ' ପରିବର୍ତ୍ତନ ବିନ୍ଦୁରେ ଅଛି ସେ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ।




ଶ୍ୱେତପତ୍ର ଉନ୍ମୋଚନ ଅବସରରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

# ଏନ୍‌ଭିସିଏଲ୍‌ର ୪ର୍ଥ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୫।୫**

ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ (ଏନ୍‌ଭିସିଏଲ)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସେହିଭଳି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ପାଇଁ କମ୍ପାନୀର ଅଡିଟ ହୋଇ ନ ଥିବା ଆର୍ଥିକ ଫଳାଫଳ ଘୋଷଣା ହୋଇଛି। କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ ୫.୭ ଏମ୍‌ଏମ୍‌ଟିର ମୋଟ ସିମେଣ୍ଟ ବିକ୍ରି ରେକର୍ଡ ହାସଲ କରିଥିବାବେଳେ ଆର୍ଥିକ ବର୍ଷରେ ମୋଟ ୧୯.୪ ଏମ୍‌ଏମ୍‌ଟି ସିମେଣ୍ଟ ବିକ୍ରି କରିଛି। ୪ର୍ଥ ତ୍ରୈମାସିକରେ ପରିଚାଳନାରୁ ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୪% ବୃଦ୍ଧି ପାଇ ୩୦୪୨ କୋଟି ଟଙ୍କା ରହିଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ମୋଟ ରାଜସ୍ୱ ୧୦,୩୫୭ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ଏନଭିସିଏଲର ଏମଡି ଜୟକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧଭାଗରେ କମ୍ ଚାହିଦା ଥିବା ସତ୍ତ୍ୱେ କମ୍ପାନୀ ଦ୍ୱିତୀୟାର୍ଦ୍ଧରେ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲା। କମ୍ପାନୀ ଏହାର ବଜାର ଉପସ୍ଥିତିକୁ ମଜଭୁତ କରିବା ପାଇଁ ନୂଆ ସୁଯୋଗଗୁଡିକ ଉପରେ ପୁଞ୍ଜି ହାସଲ କରି ସୁଗମତାର ସହ ପ୍ରତିକ୍ରିୟା ଦେଇଥିଲା। କ୍ରମାଗତ ଭାବେ ତ୍ରୈମାସିକଗୁଡିକରେ ଉନ୍ନତ ଚାହିଦା ପ୍ରିମିୟମାଇଜେଶନ ଉପରେ ଆମର ମହତ୍ତ୍ୱ ସହ ଜଡିତ ଥିଲା।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୫।୫**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୨୯୫ (୨୯୪.୮୫) ପଏଣ୍ଟ ବୃଦ୍ଧି ଘଟି ୮୦,୭୯୭ (୮୦,୭୯୬.୮୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୪ (୧୧୪.୪୫) ପଏଣ୍ଟ ବଢି ୨୪,୪୬୧ (୨୪,୪୬୧.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଏପ୍ରିଲରେ ୧୧,୯୬୨ ୟୁନିଟ ଟ୍ରାକ୍ଟର ବିକ୍ରି

**ଭୁବନେଶ୍ୱର,୫।୫ (ଅଭୟ ଦାଶ)**

ସୋନାଲିକା ଟ୍ରାକ୍ଟର୍ସର ମାସିକ (ଏପ୍ରିଲ ମାସ) ଗାଡି ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୫ ଏପ୍ରିଲରେ କମ୍ପାନୀ ମୋଟ ୧୧,୯୬୨ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ୨୦୨୫ ଏପ୍ରିଲରେ ଆମେ ୧୧,୯୬୨ ୟୁନିଟ ଟ୍ରାକ୍ଟର ବିକ୍ରିର ଏକ ସକାରାତ୍ମକ ଆରମ୍ଭ ସହିତ ଚଳିତ ଆର୍ଥିକ ବର୍ଷର ଯାତ୍ରା ଆରମ୍ଭ କରିଛୁ। ଅପରପକ୍ଷରେ କୃଷକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ଆମର ହେଭି-ଡ୍ୟୁଟି ଟ୍ରାକ୍ଟରଗୁଡିକୁ ଉନ୍ନତ ମୂଲ୍ୟ ରଣନୈତିକ ଭାବେ ବିକଶିତ ଓ ଅବସ୍ଥାପିତ କରାଯାଉଛି। ଏପରିକି ପ୍ରତ୍ୟେକ କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବା ପାଇଁ ଆମର କୃଷକ-ପ୍ରଥମ ଆଦର୍ଶ ଦ୍ୱାରା ଏହା ପରିଚାଳିତ ହେଉଛି। ସୋନାଲିକା ଟ୍ରାକ୍ଟର୍ସ ସର୍ବୋତ୍ତମ ଶ୍ରେଣୀର ଟ୍ରାକ୍ଟର ପ୍ରଦାନ କରିବା କ୍ଷେତ୍ରରେ ଏହାର 'ନୋ କମ୍ପ୍ରମାଇଜ୍' ନୀତି ଅନୁସରଣ କରୁଛି, ଯାହା ହିତାଧିକାରୀଙ୍କ ସ୍ୱାର୍ଥକୁ ସର୍ବାଧିକ କରିଥାଏ। ଏହା ଆଗକୁ ବର୍ଷ ସାରା ଯୋଜନା କରାଯାଇଥିବା ନୂତନ ପଦକ୍ଷେପଗୁଡିକ ସହିତ ଆମର ଗ୍ରାହକଙ୍କୁ ଚିରସ୍ଥାୟୀ ଖୁସି ପ୍ରଦାନ କରିବା ନିଶ୍ଚିତ କରିବ। ସେହିଭଳି କୃଷକମାନଙ୍କ ଅଞ୍ଚଳ-କେନ୍ଦ୍ରିତ ଆବଶ୍ୟକତା ଅନୁଯାୟୀ ଏହାର ଷ୍ଟେଟ-ଅଫ-ଦ-ଆର୍ଟ ଟ୍ରାକ୍ଟରଗୁଡିକୁ କଷ୍ଟମାଇଜ କରି ସୋନାଲିକା ନିରନ୍ତର ଭାବେ ମୂଲ୍ୟ-ଚାଳିତ ସମାଧାନଗୁଡିକୁ ଆଣିବା କ୍ଷେତ୍ରରେ ଆଗରେ ରହୁଛି। ଯାହା ଭାରତବ୍ୟାପୀ କୃଷକଙ୍କ ପାଇଁ ସ୍ଥାୟୀ ଓ ଲାଭଦାୟକ ଅଭିବୃଦ୍ଧିକୁ ସଶକ୍ତ କରୁଛି। ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ଏହାର ବହୁପ୍ରତୀକ୍ଷିତ 'ସୋନାଲିକା ତୁଫାନି ଧମାକା' ଅଫର୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି।

# ଘରୋଇ ଜୀବନ ବୀମା କ୍ଷେତ୍ରରେ ଆଭିଭା ପ୍ରଥମ

**ଭୁବନେଶ୍ୱର,୫।୫**

କ୍ରମାଗତ ୭ ବର୍ଷ ପାଇଁ ଅଭିଭା ଲାଇଫ ଇନସ୍ୟୁରାନ୍ସ ଇଣ୍ଡିଆଜ ମୋଷ୍ଟ ଟ୍ରଷ୍ଟେଡ ପ୍ରାଇଭେଟ ଲାଇଫ ଇନ୍ସ୍ୟୋରାନ୍ସ ବ୍ରାଣ୍ଡ ଭାବେ ସ୍ୱୀକୃତି ହାସଲ କରିଛି ବୋଲି ଟିଆର୍‌ଏର ବ୍ରାଣ୍ଡ ଟ୍ରଷ୍ଟ ରିପୋର୍ଟ ୨୦୨୫ରେ ଉଲ୍ଲେଖ କରଯାଇଛି। ଏପରିକି ଘରୋଇ ଜୀବନ ବୀମା କ୍ଷେତ୍ରରେ ନିଜର ନେତୃତ୍ୱ ଆହୁରି ସୁଦୃଢ କରି ଅଭିଭା ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷରେ ୩୦ ଦିନ ମଧ୍ୟରେ ୧୦୦% ଦାବି ସମାଧାନ ସହିତ ସର୍ବୋତମ ଦାବି ସମାଧାନ ସମୟ ମାନ୍ୟତା ହାସଲ କରିଛି। ଅଭିଭା ଲାଇଫ ଇନ୍ସୁରାନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ବିନିତ କପାଥି କହିଛନ୍ତି, ଆମର ପ୍ରତିଶ୍ରୁତିବଦ୍ଧତା ପାରମ୍ପରିକ ସୁରକ୍ଷାଠାରୁ ଆଗକୁ ବିସ୍ତାର ହୋଇଛି, କାରଣ ଆମେ ପ୍ରତିରୋଧ, ସ୍ୱାସ୍ଥ୍ୟ ଓ ସାମଗ୍ରିକ ସୁସ୍ଥତା ଦିଗରେ ଧ୍ୟାନ ଆକର୍ଷିତ କରି ଜୀବନ ବୀମାକୁ ନୂଆ ରୂପ ଦେବା ପାଇଁ ଲକ୍ଷ୍ୟ ରଖିଛୁ।

# ବିଏନଡିର ଶୁଭାରମ୍ଭ

**ଭୁବନେଶ୍ୱର,୫।୫**

ଏୟାରଟେଲ ବିଜନେସ୍ ପକ୍ଷରୁ ବିଜନେସ୍ ନେମ୍ ଡିସପ୍ଲେ (ବିଏନଡି) ନାମକ ଏକ ନୂତନ ସେବାର ଶୁଭାରମ୍ଭ କରାଯାଇଛି। ଯାହା ଏଣ୍ଟରପ୍ରାଇଜ (ବ୍ୟବସାୟିକ ସଂସ୍ଥା)ଗୁଡ଼ିକର ଗ୍ରାହକ ଯୋଗାଯୋଗକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହା ମାଧ୍ୟମରେ କମ୍ପାନିଗୁଡ଼ିକ ନିଜ ବ୍ରାଣ୍ଡ ନାମ ଗ୍ରାହକଙ୍କ ମୋବାଇଲ୍ ସ୍କ୍ରିନ୍ ଉପରେ ଦେଖାଇପାରିବେ, ଯାହାଦ୍ୱାରା ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି ପାଇବ ଏବଂ ସ୍ପାମ କଲ୍ ଓ ବିଜନେସ୍ କଲ୍ ମଧ୍ୟରେ ପାର୍ଥକ୍ୟ ଜାଣିବାରେ ତାହା ସାହାଯ୍ୟ କରିବ। ଏୟାରଟେଲ ଭାରତର ପ୍ରଥମ ସ୍ପାମ୍-ବିରୋଧୀ ନେଟୱାର୍କ ଆରମ୍ଭ ସହ ଜାତୀୟସ୍ତରରେ ସଚେତନତା ଅଭିଯାନ ଚଳାଇ ଗ୍ରାହକଙ୍କୁ ସ୍ପାମରୁ ରକ୍ଷା କରିଛି। ଏହି ପଦକ୍ଷେପଗୁଡ଼ିକ ଗ୍ରାହକଙ୍କୁ ସ୍ପାମ୍ କଲ୍ ଏବଂ ଅଜଣା ନମ୍ବରରୁ ଆସୁଥିବା କଲକୁ ଅଗ୍ରାହ୍ୟ କରିବାକୁ ଉତ୍ସାହିତ କରୁଛି। ଏୟାରଟେଲ ବିଜନେସର ନିର୍ଦ୍ଦେଶକ ଏବଂ ସିଇଓ ଶରତ୍ ସିହ୍ନା କହିଛନ୍ତି, ଆମେ ସବୁବେଳେ ଏକ ସୁରକ୍ଷିତ, ସ୍ୱଷ୍ଟ ଏବଂ ଅଧିକ ବିଶ୍ୱସନୀୟ ଯୋଗାଯୋଗ ଅନୁଭୂତି ପ୍ରଦାନ କରିବାକୁ ନିଅନ୍ତର ଉଦ୍ୟମ କରୁଛୁ।


# Classified Everyday

**0674-2580101, 9692975378**



**REAL ESTATE**


**SALE**

House for sale 10x70 plot 700sqft. old construction, Puri 5 mins walk from Shree Jagannath Temple 10 mins from Sea Beach. Peaceful Locality. Direct owner, no brokers. Call : 7992594010. D-412

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

CV Raman କଲେଜ ପାଖରେ 3132sqft. Gharabari plot sale ହେବ। Phone No.- 9778928492 and 9937910363. D-74728

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260



5000 sqft. Godown with Office available for rent at Palasuni, Prime location. 1BHK and 2BHK for rent near Machesear, behind Bhubaneswar Water Works. Open space and Godown around 50,000sqft. at Meherpally, Keshura, Puri Bypass Road. Contact- 7205010464, 9437468247, 9437035347. D-410

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**2 Office space - 1000sqft. in 3rd floor & 750sqft. in 2nd floor fully furnished office at 5-Janpath, Unit-3, Kharvelnagar behind Kalsi Petrol Pump, Bhubaneswar, Odisha-751001.Readily available to operate. Contact: 9437001845, 7504050186.** D-76819

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377




Full body massage by experience therapist with homely atmosphere. 9114559860. D-402

**Relax, Refresh your body, mind at Saikrupa SPA with best therapies. 7848011468.** D-363

**AFFIDAVIT**

By virtue of an affidavit No.- 1734 dated 29.04.2025, sworn before the Executive Magistrate, Dharmasala, I, Narayan Malik, At- Choramuhan, P.O.- Dharmasala, Dist.- Jajpur, declare that my minor son old name Rabi Malik changed to new name Rabindra Malik. Henceforth, he shall be known as Rabindra Malik for all purpose. D-413

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ତ୍ରିଲୋଚନ ସାମଲ, ପି- ୰ଦିବାକର ସାମଲ, ସା- ଜୁଆଣିଆ, ପୋ- ଗୋବିନ୍ଦପୁର କଚେରି, ଥା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା, ଏହି ଶପଥପତ୍ର ଦ୍ୱାରା ତା ୨୪।୦୪।୨୦୨୫ରେ ନୋଟାରି ପବ୍ଲିକ୍, କେନ୍ଦ୍ରାପଡ଼ା ସମ୍ମୁଖରେ ଘୋଷଣା କରୁଛି ଯେ, ଆଧାର- XXXX XXXX ୨୩୨୭ ଏବଂ ମାଟ୍ରିକ୍ ସାର୍ଟିଫିକେଟ୍ ଅନୁଯାୟୀ ମୋର ନାମ ତ୍ରିଲୋଚନ ସାମଲ, କିନ୍ତୁ ଖାତା ନଂ.- ୯୪୮/୪୭୧ ଥିବା R.O.R. ରେ ମୋର ନାମ ପ୍ରଦୀପ କୁମାର ସାମଲ ଭାବରେ ଉଲ୍ଲେଖ ଅଛି। ତ୍ରିଲୋଚନ ସାମଲ ଏବଂ ପ୍ରଦୀପ କୁମାର ସାମଲ ଉଭୟ ଜଣେ ବ୍ୟକ୍ତି । ଧ-୪୧୭

By virtue of an affidavit sworn before the Notary Public, Bhubaneswar, dated- 10.02.2025, I, Sakhi Nayak, Address: resident of Vill.- Jamapada, P.O.- Jamapada, P.S.- Bari Ramachandrapur, Dist.- Jajpur, Odisha, PIN- 755005, declare that I have changed my name from Sambit Kumar Nayak to Sakhi Nayak. Henceforth I shall be known as Sakhi Nayak for all purposes.
Sakhi Nayak D-407

By virtue of affidavit before the Notary Public, Bhubaneswar, dated- 02.11.2024, I, Rajashree Guni, Address: resident of Saheed Nagar, P.O./P.S.- Saheed Nagar, Bhubaneswar, Dist.- Khordha, Odisha, PIN- 751007, declare that I have changed my name from Pintu Guni to Rajashree Guni. Henceforth I shall be known as Rajashree Guni for all purposes.
Rajashree Guni D-406

ଆମ୍ଭେ ବେଣୁଧର ମଣ୍ଡଳ, ପି- ସହଦେବ ମଣ୍ଡଳ, ଗ୍ରା/ପୋ- ଗାରେଡ଼ିପାଞ୍ଚଣ ପ୍ରକାଶ କରୁଅଛୁ କି ଆମ୍ଭର ନାମ ତ୍ରୁଟିପୂର୍ଣ୍ଣ ଭାବରେ ଡ୍ରାଇଭିଂ ଲାଇସେନ୍ସରେ ବେଣୁଧର ପ୍ରଧାନ ହୋଇଅଛି। ଆମ୍ଭର ପ୍ରକୃତ ନାମ ବେଣୁଧର ମଣ୍ଡଳ ଅଟେ ।
ସ୍ୱା./- ବେଣୁଧର ମଣ୍ଡଳ ଧ-୭୪୬୫୦

By virtue of an affidavit sworn before Executive Magistrate, Bhubaneswar, dated- 05.05.2025, I, Purna Chandra Mallick, Address: At- Samantarapurpatna, P.O.- Gopinathpur, P.S.- Dhauli, Dist.- Khordha, Odisha, PIN- 751002, declare that I have changed my daughter's name from Ankita Mallick to Laxmipriya Mallick. Henceforth, she shall be known as Laxmipriya Mallick for all purposes.
Purna Chandra Mallick D-405

By virtue of an affidavit sworn before the Executive Magistrate, Narasinghpur, on dated 28th April 2025, I, Jajneswara Sahoo, Address: Village- Kanjiapada, P.O./P.S.- Kanpur, Dist.- Cuttack, 754037, Odisha declare that I have changed my name from Jangyeswar Sahoo to Jajneswara Sahoo. Henceforth, I shall be known as Jajneswara Sahoo for all purposes.
Jajneswara Sahoo D-404

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**LEGAL NOTICE**

ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
ନୋଟିସ
ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟ ବିଧି ସଂହିତା, ୧୯୦୮ ଅନୁଯାୟୀ
ଏଲ୍.ଏ.ରେଫରେନ୍ସ କେସ୍ ନଂ.- ୨୮୭/୨୦୨୨
(ଆରାଇଜିଙ୍ଗ ଆଉଟ ଅଫ୍ ଏଲ୍.ଏ.କେସ୍ ନଂ.-୦୨/୨୦୧୯)
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା
....ଆବେଦନକାରୀ
ବନାମ
୧. ଭ୍ରମର ମହାପାତ୍ର, ପି: କୃଷ୍ଣ ମହାପାତ୍ର, ୨. ଉଜ୍ଜ୍ୱଳା ବେହେରା, ସ୍ୱା- ଦୀନବନ୍ଧୁ ବେହେରା, ୩. ଭୋବନି ବେହେରା, ପି: ଭଗିଆ ବେହେରା, ଏ ସମସ୍ତଙ୍କର ଠିକଣା ସା: ପଥରଗାଡ଼ିଆ, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
.....ବିରୋଧୀପକ୍ଷମାନେ

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. ରେଫରେନ୍ସ କେସ୍ ନଂ.- ୨୮୭/୨୦୨୨ଆରାଇଜିଙ୍ଗ ଆଉଟ ଅଫ୍ ଏଲ୍.ଏ.କେସ୍ ନଂ.-୦୨।୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ପଥରଗାଡ଼ିଆ, ଖାତା ନଂ.-୧୩୪୨, ପ୍ଲଟ୍ ନଂ.-୬୦୨୩, ରକବା ଏ୦.୦୧୬୦ଡି. ଅଟେ। **ଉକ୍ତ ବିରୋଧୀପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୩୦।୦୬।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା ୨୫।୦୪।୨୦୨୫ରିଖ।
ସ୍ୱାକ୍ଷର/ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକ
ଧ-୩୭୦

ବିଶେଷଜ୍ଞଙ୍କ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
**10 A.M. TO 8 PM.**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

**ମନେ ପଡ଼ନ୍ତି**

୨୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁରେନ୍ଦ୍ର ନାଥ ମହାପାତ୍ର
(ଖରିଗର, ନିଆଳି, କଟକ)
ଆବିର୍ଭାବ: ୦୭।୧୧।୧୯୫୩
ତିରୋଧାନ: ୨୨।୦୪।୧୯୯୮
(ବୈଶାଖ ଶୁକ୍ଳ ଦଶମୀ)

ତୁମେ ଯିବାର ଚାହୁଁ ଚାହୁଁ ୨୭ ବର୍ଷ ବିତିଗଲେ ମଧ୍ୟ ତୁମେ ମୋ ହୃଦୟରେ ଅଲିଭା ସ୍ମୃତି ହୋଇ ରହିଛ ଆଉ ରହିଥିବ ମଧ୍ୟ। ସବୁ ସମୟରେ ତୁମର ଅନୁପସ୍ଥିତି ମୁଁ ଅନୁଭବ କରୁଅଛି। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ମୋର କାମନା।

ଶୋକସନ୍ତପ୍ତ:- ହତଭାଗିନୀ ସ୍ତ୍ରୀ ଲକ୍ଷ୍ମୀ, ଝିଅ- ଲୀନା, ଲିଜା, ଜ୍ୱାଇଁ- ଭବାନୀ, ପ୍ରଦୀପ୍ତ, ନାତି- ଅରଜିତ୍, ଅଭିଜ୍ଞାନ, ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୪୧୧

# କିଚେନ୍‌କୁ ଥଣ୍ଡା ରଖିବାକୁ ହେଲେ...

ଖରାଦିନେ କିଚେନ୍‌ରେ ରୋଷେଇ କରିବା ବହୁ କଷ୍ଟକର ହୋଇଥାଏ। କେତେକଙ୍କ କିଚେନ୍ ଯେମିତି ନିଆଁଘର ପରି ମନେହୁଏ। ଗରମ ଏତେ ହେଉଛି ଯେ କୁଲର, ଏସି ଏବଂ ଫ୍ୟାନ୍ ବିନା ରହି ହେଉନାହିଁ। ଖାସ୍‌କରି ମହିଳାଙ୍କ ଲାଗି ଏହିଦିନ ବହୁ କଷ୍ଟଦାୟକ ହୋଇଥାଏ। କାହିଁକି ନା ସେମାନଙ୍କୁ ଦିନରାତି କିଚେନ୍‌ରେ ହିଁ ରୋଷେଇ କରିବାକୁ ପଡ଼ିଥାଏ। ଏମିତିରେ ଏହିଦିନରେ କିଚେନ୍‌କୁ କିପରି ଥଣ୍ଡା ରଖିବେ ଜାଣନ୍ତୁ କେତୋଟି ଟିପ୍ସ...

⏭। ସକାଳୁ ଜଲ୍‌ଦି ରୋଷେଇ ସାରି ଦିଅନ୍ତୁ। କେତେଜଣ ମହିଳା ତାଙ୍କ ରୋଷେଇ ସକାଳ ୧୧ରୁ ଆରମ୍ଭକରି ଦିନ ୧ଟା ପର୍ଯ୍ୟନ୍ତ କରିଥାନ୍ତି। ସକାଳ ୧୦ଟା ପରେ ପ୍ରଚଣ୍ଡ ଖରା ହୋଇଥାଏ। ଆପଣ ଖରାବେଳେ ରୋଷେଇ କରିବା ଦ୍ୱାରା ଅଧିକ ଗରମ ଅନୁଭୂତ ହେବ। ସକାଳ ଜଳଖିଆ କରିବା ପରେ ମଧ୍ୟାହ୍ନଭୋଜନ ଖାଦ୍ୟ ବି ଜଲ୍‌ଦି ରାନ୍ଧି ଦେଲେ ଅସୁବିଧା ନାହିଁ; ଯେଉଁଥିରେ ଖାସ୍‌କରି ବେଶି ସମୟ ଲାଗୁଛି।

⏭। ମଧ୍ୟାହ୍ନ ଗରମରୁ ଦୂରେଇ ରୁହନ୍ତୁ। କମ୍ ସମୟରେ ଯେଉଁ ରୋଷେଇ ସରିବ ତାକୁ ସାରନ୍ତୁ। ଏହାଦ୍ୱାରା ଗ୍ୟାସ୍ ପାଖରେ ଯେପରି କମ୍ ସମୟ ଛିଡ଼ାହେବାକୁ ପଡ଼ିବ ସେଇଟା ଦେଖନ୍ତୁ। କିଚେନ୍‌ରେ ଚିମିନି ଏବଂ ଏଗ୍‌ଜଷ୍ଟ ଫ୍ୟାନ୍‌ର ଉପଯୋଗ କରନ୍ତୁ। ରାନ୍ଧନ୍ତୁ। ଏମିତିରେ ବି ଆପଣଙ୍କୁ ଭେରାଇଟି ଖାଦ୍ୟ ଖାଇବାକୁ ମଧ୍ୟ ମିଳିଯିବ।

⏭। ଖରାଦିନରେ ଥଣ୍ଡା ଜିନିଷ ଖାଆନ୍ତୁ। ଫଳରେ ଶରୀରକୁ ଥଣ୍ଡା ଲାଗିବା ସହ ଝାଳ ମଧ୍ୟ ଏତେଟା ବାହାରିବ ନାହିଁ।

⏭। ଆପଣ ଚାହିଁଲେ ରାତିରେ ବି କିଛି ଜିନିଷ କରି ରଖି ଦିଅନ୍ତୁ। ଯେମିତିକି ଅଟା ଚକଟି ଦିଅନ୍ତୁ, ପରିବା କାଟି ରଖିଦିଅନ୍ତୁ ଏବଂ ମସଲା ବାଟି ମଧ୍ୟ ରଖି ଦିଅନ୍ତୁ। ଆପଣଙ୍କୁ ଅଳ୍ପ ଟାଇମ୍ ମ୍ୟାନେଜମେଣ୍ଟ କରିବାକୁ ପଡ଼ିବ। ଏମିତିରେ ଯଦି ଦିନରେ ରୋଷେଇ କରିବେ ବୋଲି ଭାବିବେ ବେଶି ସମୟ ଲାଗିବ ନାହିଁ।

⏭। ଯଦି କିଚେନ୍‌ରେ ବଡ଼ ଝରକା ଅଛି ତେବେ ତାକୁ ଦିନ ସମୟରେ ବନ୍ଦ କରିରଖନ୍ତୁ। କିଚେନ୍‌ରେ ଯଦି



ସ୍ପେସ୍ ଅଛି ତେବେ କୁଲିଂ ପ୍ଲାଣ୍ଟ ଲଗାନ୍ତୁ। ରାତିରେ ଝରକା ଖୋଲିବା ଦ୍ୱାରା ଘର ଭେଣ୍ଟିଲେଟ୍ ହେବ।

⏭। ଚେଷ୍ଟା କରନ୍ତୁ ଯେଉଁ ରୋଷେଇ ବେଶି ସମୟ ଲାଗୁନାହିଁ ତାକୁ ରାନ୍ଧିବାକୁ। ଖରାଦିନେ ବେଶି ତେଲ ମସଲା ଖାଇବା ଆବଶ୍ୟକ ନୁହେଁ। ଯାହାକୁ ପ୍ରସ୍ତୁତ କରିବାକୁ ଆପଣଙ୍କୁ ଘଣ୍ଟା ଘଣ୍ଟା କିଚେନ୍‌ରେ ଯେପରି ଛିଡ଼ା ହେବାକୁ ନ ପଡ଼ିପାରେ।

⏭। ଏପରି ରେସିପି ଚୟନ କରନ୍ତୁ, ଯେଉଁଠି କମ୍ ସମୟ ଲାଗୁଥିବ, ତାକୁ

⏭। କେତେଜଣ ଲୋକଙ୍କ ଘରେ ଏଗ୍‌ଜଷ୍ଟ ଫ୍ୟାନ୍ ଏବଂ ଚିମିନି ଲାଗିଛି ହେଲେ ତାକୁ ବ୍ୟବହାର ସେମାନେ କରନ୍ତି ନାହିଁ। ଯଦି ଏ ସବୁର ସୁବିଧା ଅଛି ତେବେ ଏହାକୁ ଲଗାଇ ଉପଯୋଗ କରନ୍ତୁ।

# ପର୍ସ ବ୍ୟବହାର କରୁଥିଲେ...



⏭। ପର୍ସକୁ ସବୁବେଳେ ସଫା ରଖନ୍ତୁ। ଏହାଦ୍ୱାରା ଧନ ଏବଂ ସକାରାତ୍ମକ ଭାବନା ଯୋଡ଼ି ହୋଇ ରହିବ। ଏହାଦ୍ୱାରା ଟଙ୍କାର ଅଭାବ ରହିବ ନାହିଁ।

⏭। କଳା ପର୍ସ ରଖନ୍ତୁ ନାହିଁ। କାହିଁକି ନା ଏହା ନକାରାତ୍ମକ ଉର୍ଜାକୁ ଆକର୍ଷିତ କରିଥାଏ। ଏହା ବଦଳରେ ଆପଣ ଲାଲ, ନାରଙ୍ଗୀ, ସବୁଜ ରଙ୍ଗର ପର୍ସ ଚୟନ କରିପାରିବେ।

⏭। ପର୍ସକୁ କେବେ ବି ଖାଲି ରଖନ୍ତୁ ନାହିଁ। କାହିଁକି ନା ଏହାଦ୍ୱାରା ଧନର କମ୍ ହୋଇପାରେ। ପର୍ସରେ କିଛି ନା କିଛି ଟଙ୍କା ରଖନ୍ତୁ। ପର୍ସକୁ ସବୁବେଳେ ସଫା ପାଣିରେ ଧୁଅନ୍ତୁ ଏବଂ ଶୁଖିଲା କପଡ଼ା ସାହାଯ୍ୟରେ ସଫା କରନ୍ତୁ।

⏭। କେବେ ବି ଲୋକଙ୍କ ସାମ୍ନାରେ ପର୍ସ ଖୋଲନ୍ତୁ ନାହିଁ। କାରଣ ଏହାଦ୍ୱାରା ନକାରାତ୍ମକ ଭାବନା ରହିପାରେ। ପର୍ସକୁ ସବୁବେଳେ ବନ୍ଦ ରଖନ୍ତୁ। ଏହାଦ୍ୱାରା ଧନ ସୁରକ୍ଷିତ ରହିପାରିବ ଏବଂ ଧନର କେବେ ବି ଅଭାବ ଦେଖାଯିବନି।

# କର୍ମଜୀବୀ ଓ ପରିବାର



ଆଜିକାଲି ମହିଳାମାନେ କର୍ମଜୀବୀ ହେବା କିଛି ନୂଆ କଥା ନୁହେଁ। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହେଲେଣି। ତେବେ ଜଣେ ଯଦି କର୍ମଜୀବୀ ହୋଇଥାନ୍ତି ତାଙ୍କୁ ଗୋଟିଏ ପଟେ କର୍ମସଂସ୍ଥାନ ଏବଂ ଅନ୍ୟପଟେ ପରିବାର-ଏ ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ଆଗେଇ ନେବାକୁ ପଡ଼ିଥାଏ। ତେବେ ଏହି ସମୟରେ କେଉଁ ଦିଗ ପ୍ରତି ଅଧିକ ଦୃଷ୍ଟିଦେବା ଆବଶ୍ୟକ ସେ ସମ୍ପର୍କରେ ସୂଚନା...

"ଜଣେ କର୍ମଜୀବୀ ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ହେଲେ ଏହାର ପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନ ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରନ୍ତି ନାହିଁ। ତେଣୁ ନିଜ ଜୀବନକୁ ସରସ ସୁନ୍ଦର କରିବା ପାଇଁ ତଥା ନିଜ କର୍ମକ୍ଷେତ୍ରରେ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ପାଇଁ ପ୍ରଥମେ ନିଜକୁ ଚିନ୍ତାମୁକ୍ତ ରଖନ୍ତୁ। ଯଦି କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତେବେ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରନ୍ତୁ।"

**ସମୟର ଠିକ୍ ଉପଯୋଗ:** ଜଣେ କର୍ମଜୀବୀ ପାଇଁ ସବୁଠାରୁ ଜରୁରୀ ହେଉଛି ନିଜ ସମୟର ଠିକ୍ ଉପଯୋଗ କରିବା। ଯେହେତୁ ଆପଣ ଚାକିରି କରିଛନ୍ତି ତେଣୁ ସେଠାରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିବାକୁ ପଡ଼ିବ। ତା'ସହ ଏପଟେ ପରିବାର କଥା ମଧ୍ୟ ବୁଝିବାକୁ ହେବ। ପିଲାମାନଙ୍କର ଯତ୍ନ, ସେମାନେ ସ୍କୁଲ ଯାଉଥିଲେ ସେ ବିଷୟରେ ଧ୍ୟାନଦେବାକୁ ମଧ୍ୟ ପଡ଼ିଥାଏ। ତେଣୁ ଏନେଇ ଯଦି ସମୟକୁ ଠିକ୍ ଭାବରେ ଉପଯୋଗ ନ କଲେ ତେବେ ସମସ୍ୟାର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। କାରଣ ସବୁ କ୍ଷେତ୍ରରେ ସମୟର ମୂଲ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜଣେ କର୍ମଜୀବୀ ନିଜର ପ୍ରତିଟି କାମକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ଏକ ରୁଟିନ୍ ଲାଇଫ୍ ଅନୁସରଣ କରିବା ଦରକାର।

**ଚିନ୍ତାମୁକ୍ତ ରୁହନ୍ତୁ:** ଜଣେ କର୍ମଜୀବୀ ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ହେଲେ ଏହାର ପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନ ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରନ୍ତି ନାହିଁ। ତେଣୁ ନିଜ ଜୀବନକୁ ସରସ ସୁନ୍ଦର କରିବା ପାଇଁ ତଥା ନିଜ କର୍ମକ୍ଷେତ୍ରରେ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ପାଇଁ ପ୍ରଥମେ ନିଜକୁ ଚିନ୍ତାମୁକ୍ତ ରଖନ୍ତୁ। ଯଦି କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତେବେ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରନ୍ତୁ।

**ବିଚଳିତ ହୁଅନ୍ତୁ ନାହିଁ:** କର୍ମଜୀବୀ ନିଜ କାମ ତୁଲାଇବାକୁ ନିଜକୁ ଯେତେ ପ୍ରସ୍ତୁତ କରିଥିଲେ ମଧ୍ୟ ବେଳେବେଳେ କେତେକ କାରଣରୁ ବିଚଳିତ ହୋଇପଡ଼ନ୍ତି। ଏହା ଯଦି ଦୀର୍ଘ ସମୟ ଧରି ଲାଗି ରୁହେ, ତେବେ ଏହାଦ୍ୱାରା କାମ ପ୍ରଭାବିତ ହୋଇଥାଏ। ତେଣୁ କାମ, ପରିବାରକୁ ନେଇ ବିଚଳିତ ହେବା ପରିବର୍ତ୍ତେ ନିଜ ଦାୟିତ୍ୱ କିପରି ଠିକ୍ ଭାବରେ ତୁଲାଇପାରିବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ନିଜର ମନୋଭାବକୁ ଯଥାସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟାକରନ୍ତୁ। ଘର ସଂସାର ଏବଂ ଚାକିରି କରିଥିଲେ ସମସ୍ୟା ତ ଆସିବ। ହେଲେ ସେଥିରେ ବିଚଳିତ ହୋଇପଡ଼ିଲେ କିଛି ଲାଭ ନାହିଁ। ନିଜକୁ ଦୃଢ଼ ମାନସିକତା ସହ ଆଗକୁ ଆଗେଇବାକୁ ପଡ଼ିବ। ତେଣୁ ନିଜ କାମକୁ ଠିକ୍ ଭାବରେ ତୁଲାଇବା ପାଇଁ ରୁଟିନ୍ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ଠିକ୍ ଭାବରେ ଅନୁସରଣ ମଧ୍ୟ କରନ୍ତୁ।

**ପିଲାମାନଙ୍କ ଯତ୍ନ:** ଘରକାମ କରିବା ଅଲଗା କଥା, ହେଲେ ପିଲାମାନଙ୍କର ଯତ୍ନନେବାକୁ ସବୁଠାରୁ ବଡ଼ କଥା। କାରଣ ଆମେ ସେମାନଙ୍କୁ ଯେମିତି ଗଢ଼ିବା ସେମାନଙ୍କ ଭବିଷ୍ୟତ ସେପରି ହେବ। ଯେହେତୁ ଆପଣ କର୍ମଜୀବୀ ତେଣୁ ପିଲାକୁ ନିଶ୍ଚୟ ଅଧିକ ସମୟ ଦେଇପାରୁ ନ ଥିବେ। ତେଣୁ ଏହି ଶୂନ୍ୟତାକୁ ସେ ଯେପରି ଅନୁଭବ ନ କରେ ସେ ନେଇ ପ୍ରସ୍ତୁତ ହେବା ଦରକାର। ଘରେ ଯେତିକି ସମୟ ରହୁଛନ୍ତି ସେହି ସମୟ ଭିତରେ ପିଲାମାନଙ୍କର ପ୍ରତିଟି କଥାକୁ ଗୁରୁତ୍ୱର ସହ ନିଅନ୍ତୁ। ସେମାନଙ୍କ ଭଲମନ୍ଦ, ପାଠପଢ଼ା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ତା'ସହ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଅବଗତ ରୁହନ୍ତୁ। ସେମାନଙ୍କ କୌଣସି କାମକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ପିଲାମାନଙ୍କର ଯଦି କୌଣସି ଦୋଷତ୍ରୁଟି ରହୁଛି ତେବେ ତାହାକୁ ସୁଧାରି ନିଅନ୍ତୁ। ବେଳେବେଳେ ପିଲାମାନେ ସେମାନଙ୍କର ସମସ୍ୟା କହିବାକୁ କୁଣ୍ଠାବୋଧ କରିଥାଆନ୍ତି। ସେମାନଙ୍କର ଚାଲିଚଳଣିକୁ ଲକ୍ଷ୍ୟକରନ୍ତୁ। କୌଣସି ସମସ୍ୟା ବିଷୟରେ ସୂଚନା ପାଇଲେ ତାହାକୁ ସମାଧାନ କରନ୍ତୁ।

**ମନକୁ ଶାନ୍ତ ରଖନ୍ତୁ:** ଅଫିସରେ କାମ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। କାରଣ ଅଫିସରୁ ଘରକୁ ଯିବା ପରେ ସେଠାରେ ପୁଣି ଆପଣଙ୍କର ଦାୟିତ୍ୱ ରହିଛି। ତେଣୁ ପ୍ରତିଟି କଥା କିପରି ସୁଚାରୁ ରୂପେ ସମ୍ପାଦନ କରିହେବ ସେ ନେଇ ଥଣ୍ଡା ମନରେ ଚିନ୍ତାକରନ୍ତୁ। ମନ ଯଦି ଶାନ୍ତ ରହିଲା, ତେବେ ଆପଣ କାମଟିକୁ ଠିକ୍ ଭାବରେ ତୁଲାଇପାରିବେ।

**ବ୍ୟବହାର:** ଜଣେ କର୍ମଜୀବୀଙ୍କ ବ୍ୟବହାର ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅଫିସରେ ହେଉ ଅବା ଘରେ- ନିଜ ବ୍ୟବହାର ପ୍ରତି ସତର୍କ ରୁହନ୍ତୁ। ବେଳେବେଳେ କର୍ମ ଚାପରେ ଅନେକେ ଚିଡ଼ିଚିଡ଼ା ହୋଇଯାଆନ୍ତି। ସେହି ସମୟରେ କାହାକୁ କ'ଣ କହି ଦିଅନ୍ତି ଜାଣିପାରନ୍ତି ନାହିଁ। ତେଣୁ ଏହି ସମୟରେ ବେଶ୍ ସତର୍କତା ଅବଲମ୍ବନ କରନ୍ତୁ। ଯେହେତୁ ଜଣେ କର୍ମଜୀବୀ ତେଣୁ ଏପଟେ ଅଫିସ ସେପଟେ ଘର-ଏହି ଦୁଇଟିକୁ ଆପଣଙ୍କୁ ସମାନ୍ତରାଳ ଭାବରେ ଆଗେଇନେବାକୁ ପଡ଼ିବ। ନିଜର ବ୍ୟବହାର ଏପରି ରଖନ୍ତୁ ଯେପରି ଆପଣ ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହେବେ।

**ସାମାଜିକ ସମ୍ପର୍କ:** କେତେଜଣ କର୍ମଜୀବୀ ନିଜ ଚାକିରି ଏବଂ ଘରକାମ ଭିତରେ ସାମାଜିକ ସମ୍ପର୍କକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ସବୁବେଳେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖନ୍ତୁ। କାରଣ ଆବଶ୍ୟକ ପଡ଼ିଲେ ସେ କୌଣସି କାମରେ ଆପଣଙ୍କୁ ସାହାଯ୍ୟର ହାତ ବଢ଼ାଇପାରିବେ। ଆପଣ ଯେଉଁଠି ରହୁଛନ୍ତି ସେଠାରେ ଏକ ବନ୍ଧୁତାର ବଳୟ ସୃଷ୍ଟିକରନ୍ତୁ। ଏହାଦ୍ୱାରା ଆପଣଙ୍କୁ କେତେକାଂଶରେ ଖୁସି ଲାଗିବ। ଅନ୍ୟ ସାଙ୍ଗସାଥୀଙ୍କ ସହ ସମୟ କଟାଇଲେ କର୍ମ ବୋଝ ହାଲୁକା ଲାଗିବ। ତା'ସହ କଥାବର୍ତ୍ତା ମଧ୍ୟରେ ଆପଣ ଅନେକ କିଛି ନୂଆ କଥା ଜାଣିପାରିବେ।

## ଏମାନେ କ'ଣ କରନ୍ତି

### ସମାନ୍ତରାଳ ଭାବରେ ଚାଲିଥାଏ



ଯେହେତୁ ମୁଁ କର୍ମଜୀବୀ ତେଣୁ ମୋତେ ଅଫିସ ବ୍ୟତୀତ ଆହୁରି ଅନେକ କଥା ବୁଝିବାକୁ ପଡ଼େ। ବିଶେଷଭାବରେ ଘରକଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦିଏ। ଯେହେତୁ ଦିନତମାମ ମୋତେ ବାହାରେ ରହିବାକୁ ପଡ଼େ, ତେଣୁ ଘରେ କ'ଣ ହେଉଛି ତାହାର ଖବର ମଧ୍ୟ ନେଇଥାଏ। ଅନ୍ୟପକ୍ଷରେ ଅଫିସର କାମ କିପରି ସୁରୁଖୁରୁରେ କରିପାରିବି ସେ ନେଇ ନିଜକୁ ସବୁବେଳେ ଆଲର୍ଟ ରଖେ। ଘର କଥା ଏବଂ ଅଫିସ କାମକୁ ମୋତେ ସମାନ୍ତରାଳ ଭାବରେ ଆଗେଇ ନେବାକୁ ପଡ଼ିଥାଏ। ତେଣୁ ଏହି ସମୟରେ ମୁଁ ଆଦୌ ବିଚଳିତ ହୁଏନାହିଁ। ସବୁବେଳେ ମନକୁ ଦୃଢ଼ ରଖି ଆଗେଇଥାଏ। ତା'ସହ ପରିବାର ସଦସ୍ୟଙ୍କ ସହଯୋଗ ଯୋଗୁ ମୋ କର୍ମଜୀବୀ ଜୀବନ ସୁରୁଖୁରୁରେ ଅତିବାହିତ ହେଉଛି। **-ସ୍ମିତା କାନୁନ୍‌ଗୋ** (ଅଧ୍ୟାପିକା, ଜଗତ୍‌ସିଂହପୁର)

### ଚାପମୁକ୍ତ ରହିବାକୁ ଚେଷ୍ଟାକରେ



ମୁଁ ଜଣେ କର୍ମଜୀବୀ ହୋଇଥିବାରୁ ମୋତେ ଉଭୟ ଘର ଏବଂ କର୍ମକ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଥାଏ। ଏହି ସମୟରେ ମୁଁ ନିଜକୁ ଯେତେ ସମ୍ଭବ ଚାପମୁକ୍ତ ରଖିବାକୁ ଚେଷ୍ଟା କରେ। କାରଣ ଜଣେ କର୍ମଜୀବୀଙ୍କ ଜୀବନ କେତେ ଟେନ୍‌ସନପୂର୍ଣ୍ଣ ତାହା ମୁଁ ଜାଣିଛି। ତେଣୁ ନିଜକୁ ଏହି ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇରଖିବାକୁ ଚେଷ୍ଟାକରେ। ଅଫିସରେ ଯଦି କାମ ଅଧିକ ରହିଲା କିମ୍ବା ସେ ନେଇ ବ୍ୟସ୍ତ ରହିଲି ସେହି ଟେନ୍‌ସନକୁ ମୁଁ ହାଲୁକା ଭାବରେ ନିଏ। କାରଣ ସବୁବେଳେ ମୁଁ ରୁଟିନ୍ ଲାଇଫ୍ ଅନୁସରଣ କରେ। ପ୍ରତିଟି କାମ ପୂର୍ବରୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। କାମଗୁଡ଼ିକୁ କିପରି ଭଲ ଭାବରେ ତୁଲାଇପାରିବି ସେ ନେଇ ଥଣ୍ଡା ମନରେ ଚିନ୍ତାକରି ଆଗେଇଥାଏ।

**-ବି.କେ. ଭୂମିକା** (କର୍ମଜୀବୀ, ଜୟଦେବ ବିହାର, ଭୁବନେଶ୍ୱର)








## ସୌନ୍ଦର୍ଯ୍ୟ

# ସ୍କିନ୍ ଟ୍ୟାନ୍‌ର ଯତ୍ନ



ଖରାଦିନରେ ସ୍କିନ୍‌ଟ୍ୟାନ୍‌ରୁ ରକ୍ଷାପାଇବାକୁ ହେଲେ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ, ଢିଲା ପୋଷାକ ପିନ୍ଧନ୍ତୁ। ଅଧିକ ପରିମାଣରେ ପାଣି ପିଅନ୍ତୁ। କିଛି ଘରୋଇ ଉପାୟ ଆପଣାନ୍ତୁ। ଟମାଟୋ ଜୁସ୍, ବେସନ, ଦହି, କାକୁଡ଼ି ନଡ଼ିଆ ପାଣି ଆଦିକୁ ବ୍ୟବହାର କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ...

⏭। ଖରାଦିନରେ ସନ୍ ଟ୍ୟାନ୍, ସନ୍‌ବର୍ଣ୍ଣ ଆଦି ସମସ୍ୟା ଦେଖାଯାଇଥାଏ। ଏମିତିରେ ଘରୁ ବାହାରିବା ପୂର୍ବରୁ ଭଲ କ୍ୱାଲିଟିର ସନ୍‌ସ୍କ୍ରିନ୍ ଆପ୍ଲାଏ କରନ୍ତୁ। ସନ୍‌ସ୍କ୍ରିନ୍ ୩୦ପ୍ରତିଶତ ଏସିପିଏଫ୍ ଯୁକ୍ତ ନିଅନ୍ତୁ କିମ୍ବା ତା'ଠାରୁ ଅଧିକ। ଦିନ ମଧ୍ୟରେ ଦୁଇଥର ସକାଳ ଏବଂ ସନ୍ଧ୍ୟାରେ ସନ୍‌ସ୍କ୍ରିନ୍ ଲଗାନ୍ତୁ।

⏭। ଖରାରେ ବାହାରକୁ ଯିବା ପୂର୍ବରୁ ଶରୀରକୁ ସମ୍ପୂର୍ଣ୍ଣ ଢାଙ୍କି ରଖନ୍ତୁ। ଭୀଷଣ ଖରାରେ ସ୍କିନ୍ ଡଲ୍ ହୋଇଯାଏ। ବେକ, ହାତ,ପାଦରେ ସନ୍ ଟ୍ୟାନ୍ ଆଦି ହେବାର ଦେଖାଯାଏ। ଏମିତିରେ କଟନ୍‌ର ଢିଲା କପଡ଼ା ପିନ୍ଧନ୍ତୁ,ହାଲ୍‌କା ରଙ୍ଗ କପଡ଼ା ପିନ୍ଧନ୍ତୁ ଫଳରେ ଖରା ଅଧିକ ଆପଣଙ୍କୁ କାଟିବ ନାହିଁ।



⏭। ସ୍କିନ୍ ଟ୍ୟାନ୍‌ରୁ ରକ୍ଷା ପାଇବାକୁ ହେଲେ ପାଣି ଏବଂ ତରଳ ପଦାର୍ଥ ପିଅନ୍ତୁ। ଟ୍ୟାନିଂ ଦୂର କରିବାକୁ ହେଲେ ଥଣ୍ଡାପାଣିରେ ହିଁ ଗାଧାନ୍ତୁ।

⏭। ଶରୀରର ଯେଉଁ ଭାଗ ଖରା ସଂସ୍ପର୍ଶରେ ଆସୁଛି ସେ ସ୍ଥାନରେ ଆଲୋଭେରା ଜେଲ ଲଗାନ୍ତୁ। ଏହା ଲଗାଇବା ଦ୍ୱାରା ସନ୍ ଟ୍ୟାନ୍ ସମସ୍ୟା କମ୍ ହେବ।

⏭। ଆପଣ ଚାହିଁଲେ ନିଜ ସାଙ୍ଗରେ ସନ୍ ଟ୍ୟାନ୍ ରିମୁଭାଲ କ୍ରିମ୍ ରଖନ୍ତୁ। ଯଦି ନାହିଁ ତେବେ କିଣିନିଅନ୍ତୁ। ଏହା ସହ ଘରୋଇ ଉପଚାର ଆପଣାଇପାରିବେ। ଆପଣ ପ୍ରଭାବିତ ଭାଗରେ ଲାଇକୋପୀନ୍‌ରେ ଭରପୂର ଟମାଟୋ ଜୁସ୍ ଲଗାନ୍ତୁ। ଏହାକୁ ଲଗାଇବା ଦ୍ୱାରା ଅଲ୍‌ଟ୍ରାଭାଓଲେଟ୍ କିରଣ ଯୋଗୁ ପ୍ରଭାବିତ ହେଉଥିବା କ୍ଷତିରୁ ରକ୍ଷା ପାଇପାରିବେ। ବେସନ ଦହି, କାକଡ଼ି ରସ,ନଡ଼ିଆପାଣି ଟ୍ୟାନିଂ ସମସ୍ୟାକୁ ଦୂର କରିଥାଏ।

## ଖାଦ୍ୟରୁଚି // ମସାଲା ଚାର୍ଟ




**ଆବଶ୍ୟକ ସାମଗ୍ରୀ:** ସିଝା ଆଳୁ ୨-୩ଟା, ସିଝା ମଟର ୧ କପ, କଟାହୋଇଥିବା ଟମାଟୋ ଓ ପିଆଜ ,କଞ୍ଚାଲଙ୍କା ୨-୩ଟି, ଧନିଆଁପତ୍ର ଏକଚତୁର୍ଥାଂଶ, ଜିରା ପାଉଡର ୧ ଚାମଚ, ଗରମ ମସଲା ପାଉଡର ଅଧା ଚାମଚ, ଆମଚୁର ପାଉଡର , କଳାଲୁଣ ଏକ ଚତୁର୍ଥାଂଶ ,ଲୁଣ ସ୍ୱାଦ ଅନୁସାରେ, ଲେମ୍ବୁରସ ୧ ବଡ଼ ଚାମଚ , ପ୍ରସ୍ତୁତି ପାଇଁ ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ମସଲା ଚାର୍ଟ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ଏଥିରେ ଜିରା ପକାଇ ଭାଜନ୍ତୁ। ଜିରା ପକାଇବା ଦ୍ୱାରା ମସଲା ଚାର୍ଟରେ ଏକ ଭଲ ଫ୍ଲେବର ଆସିଥାଏ। ଏହା ପରେ ସେଥିରେ ପିଆଜ,ଟମାଟୋ, କଞ୍ଚାଲଙ୍କା ପକାଇ ଗୋଳାନ୍ତୁ। ପିଆଜ,ଟମାଟୋ ଓ କଞ୍ଚାଲଙ୍କା ଭାଜିବା ଦ୍ୱାରା ଏକ ଭଲ ବାସ୍ନା ଆସିଥାଏ। ବର୍ତ୍ତମାନ ସିଝିଥିବା ଆଳୁ,ମଟର ଏବଂ ଚଣା ସେଥିରେ ପକାଇ ମିଶାନ୍ତୁ। ଆଳୁ,ମଟର ଏବଂ ଚଣା ମିଶାଇବା ଦ୍ୱାରା ମସଲା ଚାର୍ଟରେ ଏକ ଭଲ ସ୍ୱାଦ ଆସିଥାଏ। ଏବେ ଏଥିରେ ଜିରା ପାଉଡର, ଗରମ ମସଲା ପାଉଡର,ଆମଚୁର ପାଉଡର, ବିଟଲୁଣ, ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଏଥିରେ ଲେମ୍ବୁରସ ପକାନ୍ତୁ। ଏହାର ଭଲ ବାସ୍ନା ଆସିଥାଏ। ଶେଷରେ ଏଥିରେ ଧନିଆଁପତ୍ର ପକାଇ ଗାର୍ଣ୍ଣିସିଙ୍ଗ କରନ୍ତୁ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୬/୨୦୨୫ Bhubaneswar, Tuesday, May 6/ 2025

# ବର୍ଷା: ମ୍ୟାଚ୍ ଅଧାରୁ ବାତିଲ


ଉଇକେଟ ନେବା ପରେ ଉଲ୍ଲସିତ ପ୍ୟାଟ୍ କମିନ୍ସ।

**ହାଇଦ୍ରାବାଦ,୫ା୫**

ଚଳିତ ଆଇପିଏଲ୍‌ରେ ସୋମବାର ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁ ଆଧାରୁ ବାତିଲ ହୋଇଛି। ଏଥିରେ ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦିଲ୍ଲୀ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରତିପକ୍ଷ ହାଇଦ୍ରାବାଦ ଆଗରେ ୧୩୪ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ହାଇଦ୍ରାବାଦ ଇନିଂସ୍ ଆରମ୍ଭ ପୂର୍ବରୁ ବର୍ଷା ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇ ପଏଣ୍ଟ ଭାଗ କରାଯାଇଥିଲା। ଏଥିସହିତ ହାଇଦ୍ରାବାଦ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଛି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ମୁମ୍ବାଇ

ବନାମ ଗୁଜରାଟ

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ହାଇଦ୍ରାବାଦ ଅଧିନାୟକ ପ୍ୟାଟ କମିନ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୨୯ ରନ ମଧ୍ୟରେ ପ୍ରମୁଖ ୫ ଉଇକେଟ ହରାଇଥିଲା। କରୁଣ ନାୟର (୦), ଫାଫ ଡୁ' ପ୍ଲେସି (୩), ଅଭିଷେକ ପୋରେଲ (୮), ଲୋକେଶ ରାହୁଲ (୧୦) ଓ ଅଧିନାୟକ ଅକ୍ଷର ପଟେଲ (୬) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏଭଳି ପରିସ୍ଥିତିରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ବିପ୍ରଜ ନିଗମ ଷଷ୍ଠ ଉଇକେଟରେ ୩୩ ରନ ଯୋଡ଼ିଥିଲେ। ୧୭ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ବିପ୍ରଜ ୧୮ ରନ କରି ରନଆଉଟ୍ ହୋଇଥିଲେ। ଏହାପରେ ଷ୍ଟବ୍ସ ଓ ଆଶୁତୋଷ ଶର୍ମା ସପ୍ତମ ଉଇକେଟରେ ୪୫ ବଲରେ ୬୬ ରନ ଯୋଡ଼ି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଆଶୁତୋଷ ଶର୍ମା ୪୧ ରନ କରି ଆଉଟ୍ ହୋଇଥିବା ବେଳେ ଷ୍ଟବ୍ସ ୪୧ ରନ କରି ଅପରାଜିତ ରହିଥିଲେ। ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। ସନରାଇଜର୍ସ ପକ୍ଷରୁ ପ୍ୟାଟ କମିନ୍ସ ସର୍ବାଧିକ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୩୩/୭(ଟ୍ରିଷ୍ଟାନ ଷ୍ଟବ୍ସ-୪୧*, ଆଶୁତୋଷ ଶର୍ମା-୪୧, ବିପ୍ରଜ ନିଗମ-୧୮, ପ୍ୟାଟ କମିନ୍ସ-୩/୧୯, ଜୟଦେବ ଉନାଡକଟ-୧/୧୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

## ରାବାଡା ଆଇପିଏଲ୍ ଲାଗି ଉପଲବ୍ଧ

**ନୂଆଦିଲ୍ଲୀ,୫ା୫:** କାଗିସୋ ରାବାଡା ଚଳିତବର୍ଷ ଜାନୁଆରୀରେ ଅନୁଷ୍ଠିତ ସା୨୦ ପ୍ରତିଯୋଗିତା ବେଳେ ରିକ୍ରିଶନାଲ ଡ୍ରଗ ସେବନ କରିଥିଲେ। ଡ୍ରଗ୍ ଟେଷ୍ଟରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିବା ନେଇ ତାଙ୍କୁ ଏପ୍ରିଲରେ ଅବଗତ କରାଯାଇଥିଲା। ସେତେବେଳେ ସେ ଗୁଜରାଟ ଟାଇଟନ୍ସ ଲାଗି ଆଇପିଏଲ୍‌ରେ ଖେଳୁଥିଲେ। ସେ ତୁରନ୍ତ ଦକ୍ଷିଣ ଆଫ୍ରିକାକୁ ଫେରି ଏକ ଚିକିତ୍ସା କାର୍ଯ୍ୟକ୍ରମର ସମ୍ମୁଖୀନ ହୋଇଥିଲେ, ଯାହାକୁ ସେ ସଫଳତାର ସହ ଶେଷ କରିଛନ୍ତି। ଏଥିଯୋଗୁ ସେ କ୍ରିକେଟ ଖେଳିବା ପାଇଁ ଯୋଗ୍ୟ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର ଡ୍ରଗ-ଫ୍ରୀ ସ୍ପୋର୍ଟ (ଏସ୍‌ଏଆଇଡିଏସ୍) ପକ୍ଷରୁ ଜାରି କରାଯାଇଥିବା ବିବୃତି ଅନୁଯାୟୀ, 'ସବଷ୍ଟାନ୍ସ ଅଫ ଆବ୍ୟୁଜ'ରେ ପଜିଟିଭ ଚିହ୍ନଟ ହୋଇଥିବା ନେଇ ଏପ୍ରିଲ ୧ ତାରିଖରେ ରାବାଡାଙ୍କୁ ଜଣାଇ ଦିଆଯାଇଥିଲା। ଯାହା ପରେ ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିଲା। ଏଥିଯୋଗୁ ସେ ତୁରନ୍ତ ଭାରତରୁ ଦକ୍ଷିଣ ଆଫ୍ରିକା ଫେରିଥିଲେ। ଏହି ବିବୃତିରେ ରାବାଡା ନିର୍ଦ୍ଦିଷ୍ଟ ଭାବେ କେଉଁ ଡ୍ରଗ ବ୍ୟବହାର କରିଥିଲେ, ତାହା ଉଲ୍ଲେଖ କରାଯାଇ ନାହିଁ। ହେଲେ ଏସ୍‌ଏଆଇଡିଏସ୍ କୋଡ୍‌ର 'ସବଷ୍ଟାନ୍ସ ଅଫ ଆବ୍ୟୁଜ' ତାଲିକାରେ କୋକେନ, ହିରୋଇନ, ଏମ୍‌ଡିଏମ୍‌ଏ ଓ ଟିଏଚ୍‌ସି ସାମିଲ ରହିଛି। ଏସ୍‌ଏଆଇଡିଏସ୍‌ର ୧୦.୨.୪.୧ ଧାରା ଅନୁଯାୟୀ, ଯଦି ଆଥଲେଟ୍ ପ୍ରତିଯୋଗିତା ନ ଥିବା ବେଳେ କିମ୍ବା ବ୍ୟବହାର କରିଥିବା ଡ୍ରଗ ପ୍ରଦର୍ଶନ ବୃଦ୍ଧିକାରୀ ନୁହେଁ ବୋଲି ପ୍ରମାଣ କରିପାରନ୍ତି, ତେବେ ତାଙ୍କୁ ଅତିକମ୍‌ରେ ୩ ମାସ ଲାଗି ବାସନ୍ଦ କରାଯାଇପାରେ। ବାସନ୍ଦାଦେଶକୁ ଆହୁରି ୧ ମାସ କମାଇ ଦିଆଯାଇପାରିବ। କିନ୍ତୁ ଏଥିଲାଗି ଆଥଲେଟ୍‌ଙ୍କୁ ସବଷ୍ଟାନ୍ସ ଆବ୍ୟୁଜ ଟ୍ରିଟ୍‌ମେଣ୍ଟ ପ୍ରୋଗ୍ରାମକୁ ସଫଳତାର ସହ ଶେଷ କରିବାକୁ ପଡ଼ିବ।

## ପିଆଷ୍ଟ୍ରି ଜିତିଲେ ମାୟାମି ଗ୍ରାଁ ପ୍ରି



**ମାୟାମି ଗାର୍ଡେନ୍ସ, ୫ା୫ (ଏପି)**

ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ତାଙ୍କ ଟିମ୍‌ମେଟ୍ ଲାଣ୍ଡୋ ନୋରିସଙ୍କୁ ପଛରେ ପକାଇ ମାୟାମିଠାରେ ତାଙ୍କର କ୍ରମାଗତ ୩ୟ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୬ଟି ରେସ୍ ମଧ୍ୟରୁ ଏହା ହେଉଛି ତାଙ୍କର ଚତୁର୍ଥ ବିଜୟ। ପିଆଷ୍ଟ୍ରି ଚତୁର୍ଥ ସ୍ଥାନରୁ ରେସ୍ ଆରମ୍ଭ କରି ମର୍ସିଡିଜ୍‌ର କିମି ଆଣ୍ଟୋନେଲି ଓ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ଅତିକ୍ରମ କରି ଶେଷ ପର୍ଯ୍ୟନ୍ତ ତାଙ୍କ ଅଗ୍ରଣୀ ବ୍ୟବଧାନ ବଜାୟ ରଖିବାରେ ସମର୍ଥ ହୋଇଥିଲେ। ରେସ୍‌ରେ ମର୍ସିଡିଜର ଜର୍ଜ ରସେଲ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭର୍ଷ୍ଟାପେନ ୪ର୍ଥ ଓ ୱିଲିୟମ୍ସର ଆଲେକ୍‌ଜାଣ୍ଡର ଆଲବନ ୫ମ ହୋଇଥିଲେ। ସୂଚନାଯୋଗ୍ୟ, ମ୍ୟାକଲରେନ ଗତ ଦୁଇ ସିଜନ ନୋରିସଙ୍କ ଜରିଆରେ ମାୟାମିରେ ବିଜୟ ହାସଲ କରିଥିଲା। ନୋରିସ ଗତ ସିଜନରେ ଆହୁରି ମଧ୍ୟ ତାଙ୍କ କ୍ୟାରିୟର ପ୍ରଥମ ଫର୍ମୁଲା-୧ ବିଜୟୀ ହୋଇଥିଲେ। ୨୮ବର୍ଷରେ କ୍ରମାଗତ ତିନୋଟି ଫର୍ମୁଲା ୱାନ ରେସ୍ ଜିତିବାରେ ପିଆଷ୍ଟ୍ରି ହେଉଛନ୍ତି ମ୍ୟାକ୍‌ଲରେନର ପ୍ରଥମ ଡ୍ରାଇଭର। ପୂର୍ବରୁ ମିକା ହାକିନେନ୍ ୧୯୯୭ ସିଜନର ଫାଇନାଲ ରେସ୍ ଏବଂ ୧୯୯୮ର ପ୍ରଥମ ଦୁଇ ରେସ୍ ଜିତିଥିଲେ। ମାୟାମିରେ ବିଜୟ ଦ୍ୱାରା ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ନୋରିସଙ୍କଠାରୁ ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରିଙ୍କ ପଏଣ୍ଟ ବ୍ୟବଧାନ ୧୬କୁ ବୃଦ୍ଧି ପାଇଛି। ପିଆଷ୍ଟ୍ରିଙ୍କଠାରୁ ୩୨ ପଏଣ୍ଟ ବ୍ୟବଧାନରେ ଭର୍ଷ୍ଟାପେନ୍ ତୃତୀୟ ସ୍ଥାନରେ ଅଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ କିମି ଆଣ୍ଟୋନେଲି (ମର୍ସିଡିଜ), ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ଲିୱିସ ହାମିଲଟନ (ଫେରାରି), କାର୍ଲୋସ ସେଞ୍ଜ ଜୁନିୟର (ୱିଲିୟମ୍ସ), ୟୁକି ଟିସୁନୋଡା (ରେଡ୍‌ବୁଲ୍)।


# ଗ୍ରୀଷ୍ମକାଳୀନ ଆଥଲେଟିକ କୋଚିଂ ଶିବିର ଆରମ୍ଭ

**ଭୁବନେଶ୍ୱର,୫ା୫ (ଅନାଦି କର)**

ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ (ଓଏଏ) ପକ୍ଷରୁ କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ସୋମବାରଠାରୁ ଗ୍ରୀଷ୍ମକାଳୀନ କୋଚିଂ ଶିବିର ଆରମ୍ଭ ହୋଇଯାଇଛି। ୩ ସପ୍ତାହ ଧରି ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲାର ଯୁବ ଆଥଲେଟ୍‌ମାନେ ଭାଗ ନେଇଛନ୍ତି।

ଏହି ତୃଣମୂଳ ସ୍ତରୀୟ କୋଚିଂ ପ୍ରୋଗ୍ରାମକୁ ଟ୍ରେନିଂ, ସ୍କିଲ ଡେଭଲପମେଣ୍ଟ ଓ ମୋଟିଭେଶନକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ୩ ସପ୍ତାହ ଧରି ଅଭିଜ୍ଞ ଓ ଭେଟେରାନ କୋଚ୍‌ମାନେ ଯୁବ ଆଥଲେଟ୍‌ଙ୍କୁ ପେଶାଦାର ଟ୍ରେନିଂ ଦେବା ସହ ସେମାନଙ୍କର ସଂଘର୍ଷ, ନିଷ୍ଠା ଓ ସଫଳତାରେ ପହଞ୍ଚିବାର ଯାତ୍ରା ସମ୍ପର୍କରେ ପ୍ରକାଶ କରିବେ। ଏହି ଶିବିରକୁ ଅନ୍ତର୍ଜାତୀୟ ମାରାଥନର ଡ. ବିବେକାନନ୍ଦ ତ୍ରିପାଠୀ ଓ ଡ. ଆଶୀର୍ବାଦ ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଲିମ୍ପିଆନ ଅରୁନ୍ଧତୀ ବିଶ୍ୱାଳ, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର କୋଷାଧ୍ୟକ୍ଷ ଭକ୍ତ ବଲଭ ଦାସ, ଓଏଏର ଟେକନିକାଲ କମିଟି ଚେୟାରମ୍ୟାନ ଅଭୟ ମହାପାତ୍ର, ଅରୁଣ କୁମାର ଦାଶ, ନିଳମାଧବ ଦେଓ, ଟେକନିକାଲ କମିଟି ସଦସ୍ୟ ଚିତ ରଞ୍ଜନ ମହାପାତ୍ର, ଓଏଏ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଯୋଗ ଦେଇଥିଲେ।


ତାଲିମ ଶିବିରରେ ଭାଗ ନେଇଥିବା ଖେଳାଳି ଓ କର୍ମକର୍ତ୍ତା।


ଟ୍ରଫି ସହ କାସ୍ପର ରୁଡ୍।

## ରୁଡ୍‌ଙ୍କୁ ପ୍ରଥମ ମାଷ୍ଟର୍ସ ଟାଇଟଲ

**ମାଡ୍ରିଡ୍, ୫ା୫ (ଏପି):** କାସ୍ପର ରୁଡ୍ ମାଡ୍ରିଡ୍ ଓପନ ଫାଇନାଲ ଜିତିଛନ୍ତି। ସେ ଜ୍ୟାକ୍ ଡ୍ରାପରଙ୍କୁ ୭-୫, ୩-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ସେ ନରୱେର ପ୍ରଥମ ଖେଳାଳି ହିସାବରେ ମାଷ୍ଟର୍ସ ୧,୦୦୦ ଟାଇଟଲ ହାସଲ କରିଛନ୍ତି। ୧୫ତମ ର୍‌ୟାଙ୍କିଂପ୍ରାପ୍ତ ୨୬ ବର୍ଷୀୟ ରୁଡ୍ ସୋମବାର ପ୍ରକାଶିତ ସଦ୍ୟତମ ର୍‌ୟାଙ୍କିଂ ତାଲିକାରେ ଟପ୍ ୧୦ରେ ପ୍ରବେଶ କରିବା ସହ ୭ମ ସ୍ଥାନ ଅଧିକାର କରି ନେଇଛନ୍ତି। ୧୯୯୦ରେ ମାଷ୍ଟର୍ସ ସିରିଜର ପ୍ରଚଳନ ହେବାପରଠାରୁ ୧୩ ଥର ଟୁର୍ ଚାମ୍ପିୟନ ନରୱେର ପ୍ରଥମ ଖେଳାଳି ଭାବେ ଏକ ମାଷ୍ଟର୍ସ ୧୦୦୦ ଟ୍ରଫି ହାସଲ କରିଥିବା ଏଟିପି କହିଛି। ଗତବର୍ଷ ମଣ୍ଟେ କାର୍ଲୋଠାରେ ଷ୍ଟିଫାନସ ସିତ୍‌ସିପାସ ଏବଂ ୨୦୨୨ରେ ମାୟାମିରେ କାର୍ଲୋସ ଅଲ୍‌କରାଜଙ୍କ ପରେ ରୁଡ୍‌ଙ୍କର ଏହାଥିଲା ତୃତୀୟ ଫାଇନାଲ। ଆହୁରି ମଧ୍ୟ ୨୦୨୦ ଆରମ୍ଭରୁ ଅନ୍ୟ ଯେକୌଣସି ଖେଳାଳିଙ୍କ ତୁଳନାରେ ରୁଡ୍ ସବୁଠାରୁ ଅଧିକ ୧୨ଟି କ୍ଲେ ଟାଇଟଲ ହାସଲ କରିଛନ୍ତି। ଡ୍ରାପର ମାର୍ଚ୍ଚରେ ଇଣ୍ଡିଆନ ୱେଲ୍ସ ଚାମ୍ପିୟନ ହୋଇଥିଲେ। ମାଡ୍ରିଡ୍‌ରେ କ୍ୱାର୍ଟରଫାଇନାଲ ଜିତିବା ପରେ ର୍‌ୟାଙ୍କିଂ ତାଲିକାର ୫ମ ସ୍ଥାନ ଅଧିକାର କରିନେଇଛନ୍ତି।

## ଶାମିଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ,୫ା୫:** ଭାରତୀୟ ପେସର ମହମ୍ମଦ ଶାମିଙ୍କୁ ରବିବାର ଇ-ମେଲ ଜରିଆରେ ହତ୍ୟା ଧମକ ମିଳିଛି। ଏ ନେଇ ଉତ୍ତର ପ୍ରଦେଶର ଆମରୋହା ଜିଲାର ସାଇବର କ୍ରାଇମ ଥାନାରେ ଏଫ୍‌ଆଇଆର୍ ରୁଜୁ ହୋଇଛି। ଶାମିଙ୍କ ଭାଇ ହସିବ ଅଭିଯୋଗ ଦାଖଲ କରିଛନ୍ତି। ରାଜପୁତ ସିନ୍ଦର ନାମକ ଆଇଡିରୁ ହତ୍ୟା ଲାଗି ଧମକ ଦିଆଯିବା ସହିତ ଏକ କୋଟି ଟଙ୍କା ଦାବି କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଭାରତୀୟ ପେନାଲ କୋଡର ଧାରା ୩୦୮(୪) ଓ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ୬୬ ଡି ଓ ୬୬ ଇ ଅଧିନିୟମରେ ମାମଲା ରୁଜୁ କରାଯାଇଛି।

# ଜୁନିୟର ଆଥଲେଟିକ୍ସରେ ଡୋପିଙ୍ଗ ସ୍କାଣ୍ଡାଲ

**ନୂଆଦିଲ୍ଲୀ, ୫ା୫**

ଦେଶର ଏକ ପ୍ରମୁଖ ଜୁନିୟର ଆଥଲେଟିକ୍ସ ଏକାଡେମୀରେ ଏକ ଡୋପିଙ୍ଗ ସ୍କାଣ୍ଡଲ ଲୋକଲୋଚନକୁ ଆସିବା ପରେ ବିଶିଷ୍ଟ କୋଚ୍ ରମେଶ ନାଗପୁରୀଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତାକୁ ନେଇ ସନ୍ଦେହ ଦେଖା ଦେଇଛି। କେବଳ ସେତିକି ନୁହେଁ ଭାରତର ଜୁନିୟର ଆଥଲେଟିକ୍ସ ପ୍ରୋଗ୍ରାମର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନାଗପୁରୀଙ୍କଠାରୁ କୋଚିଂ ନେଇ ଯେଉଁମାନେ ସଫଳତା ଅର୍ଜନ କରିଛନ୍ତ ସେମାନଙ୍କ ଭାବମୂର୍ତ୍ତି ଉପରେ ହୁଏତ ଆଞ୍ଚ ଆସିପାରେ। ଶୀଘ୍ର ନାମ କମାଇବା ପାଇଁ ନାଗପୁରୀ ଡୋପିଙ୍ଗକୁ ଏକ ଶର୍ଟକଟ୍ ମାଧ୍ୟମ ଭାବେ ଗ୍ରହଣ କରି ନାହାନ୍ତି ତ ବୋଲି ଅନେକଙ୍କ ମନରେ ଧାରଣା ସୃଷ୍ଟି ହୋଇଛି। ଡୋପିଙ୍ଗରେ ସହଯୋଗିତା ପାଇଁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା ଜାତୀୟ ଜୁନିୟର ଦଳର ମୁଖ୍ୟ କୋଚ୍ ନାଗ୍‌ପୁରୀ ସସ୍‌ପେଣ୍ଡ ଇତିମଧ୍ୟରେ ହୋଇ ସାରିଛନ୍ତି। ୭ଜଣ ଆଥଲେଟ୍‌ଙ୍କୁ ଡୋପ୍ ଟେଷ୍ଟରୁ ଏଡାଇବାରେ ସେ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ଭାରତୀୟ ଆଥଲେଟିକ୍ସରେ ଚହଳ ସୃଷ୍ଟି କରିଥିଲା। ସହଯୋଗିତା ଏବଂ ନିଷିଦ୍ଧ ପଦାର୍ଥ ପ୍ରୟୋଗ ପାଇଁ ଅନ୍ୟ ଦୁଇ ଜଣ କୋଚ୍ କରମବୀର ସିଂ ଓ ରାକେଶ ମଧ୍ୟ ସସ୍‌ପେଣ୍ଡ ହୋଇଛନ୍ତି। ନାଡା ଦ୍ୱାରା ପ୍ରକାଶିତ ଡୋପ୍ ଅପରାଧୀ ତାଲିକାରେ ସସ୍‌ପେଣ୍ଡ ହୋଇଥିବା ୭ ଆଥଲେଟଙ୍କ ନାମ ପ୍ରକାଶ ପାଇଛି। ସେମାନେ ହେଲେ ପାରସ ସିଂଘଲ, ପୂଜା ରାଣୀ, ନାଲୁବୋଥୁ ଶନମୁଗା ଶ୍ରୀନିବାସ, ଚେଲିମି ପ୍ରତ୍ୟୁଶା, ଶୁଭମ ମାହାରା, କିରଣ ଓ ଜ୍ୟୋତି। ନାଗପୁରୀ ହେଉଛନ୍ତି ଜଣେ ଜଣାଶୁଣା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା।

**ସନ୍ଦେହରେ ନାଗପୁରୀଙ୍କ ଭୂମିକା**

# ଗୋପୀନାଥଦେବ ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର,୫ା୫ (ଅନାଦି କର)**

**ରସୁଲଗଡ଼ ପ୍ରିମିୟର ଲିଗ୍**

ରସୁଲଗଡ଼ ୟୁଥ କ୍ଲବ ଦ୍ୱାରା ଆୟୋଜିତ ଦଶମ ରସୁଲଗଡ଼ ପ୍ରିମିୟର ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମା' କୋଚିଲେଇ ଏକାଦଶକୁ ୮ ଉଇକେଟରେ ହରାଇ ଗୋପୀନାଥଦେବ ଏକାଦଶ ଚାମ୍ପିୟନ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ମା' କୋଚିଲେଇ ୧୨ ଓଭରରେ ୮୧ ରନ କରି ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ କ୍ରାନ୍ତି ଖଟୁଆ ୧୯ ରନ କରିଥିବା ବେଳେ ଗୋପୀନାଥଦେବ ଦଳ ପାଇଁ ବୋଲିଂରେ ସ୍ୱୟମ ନାୟକ ୩ ଉଇକେଟ ନେଇଥିଲେ। ଜବାବରେ ଗୋପୀନାଥଦେବ ୭.୧ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ଶ୍ରୀତମ ଜେନା ୪୬ ରନ କରିଥିଲେ। ଅମ୍ପାୟାର ଭାବେ ଶିବରାଜ ଚମ୍ପତି ଓ ଉମାକାନ୍ତ ଜଗଦେବ ମ୍ୟାଚ୍ ପରିଚାଳନା କରିଥିଲେ। ସ୍ୱୟମ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ କରାଯାଇଥିବା ବେଳେ ସମ୍ବିତ ପାଇକରାୟଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଓ ଅଂଶ ଦାସଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପ୍ରକାଶ ରାଉତ୍ରାୟ, ଅନୀଲ ବଳିଆରସିଂ, ସାଗର ପରିଡ଼ା, ସୁଭେନ୍ଦୁ ରାଉତ, ଅସମିତ ଦାସ, ବିପ୍ଳବ ବେହେରା, ସ୍ନେହାଶିଷ ଜେନା ଯୋଗ ଦେଇଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଗୋପୀନାଥଦେବ ଏକାଦଶ ଦଳର ଖେଳାଳି।

# କିଟ୍, ବରଗଡ଼, ଯାଜପୁର, କେନ୍ଦୁଝର ବିଜୟୀ

**ଭୁବନେଶ୍ୱର, ୫ା୫ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ସୁପର ଲିଗ୍‌ରେ ସୋମବାର ମ୍ୟାଚରେ କିଟ୍, ବରଗଡ଼, ଯାଜପୁର ଓ କେନ୍ଦୁଝର ବିଜୟୀ ହୋଇଛନ୍ତି। କଟକ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ କିଟ୍ ୧୨ ରନରେ ଭୁବନେଶ୍ୱରକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୯୫ ରନ କରିଥିଲା। ଟପ୍ ସ୍କୋରର ରାନୀ ଟୁଡୁ ୪୮ ବଲ୍‌ରୁ ୪୭ ରନ କରିଥିଲେ। ଜବାବରେ ଭୁବନେଶ୍ୱର ୬ ଉଇକେଟ ହରାଇ ୮୬ରନ କରିପାରିଥିଲା। ରାନୀ ଟୁଡୁ ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବାଲେଶ୍ୱର ବିପକ୍ଷରେ ବରଗଡ଼ ୪ଉଇକେଟରେ ବିଜୟ ଲାଭ କରିଛି। ବାଲେଶ୍ୱର ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୬୨ ରନ କରିଥିଲା। ଜବାବରେ ବରଗଡ଼ ୧୯.୨ ଓଭରରେ ୬ଉଇକେଟ ହରାଇ ୬୪ ରନ କରି ମ୍ୟାଚ ଜିତି ନେଇଥିଲା। ବିଜୟୀ ଦଳର ଲୁଇସା ଦାଶ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪୮ ବଲ୍‌ରୁ ୪୩ ରନ କରି ଅପରାଜିତ ରହିବା ସହ ୧୬ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡ ମ୍ୟାଚରେ ଭଦ୍ରକ ବିପକ୍ଷରେ ଯାଜପୁର ୪୫ ରନରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ଆଲିସ୍ପା ବିଶ୍ୱାଳ (୬୯ବଲ୍‌ରୁ ୫୩ରନ)ଙ୍କ ଅର୍ଦ୍ଧଶତକ ବଳରେ ୪ ଉଇକେଟ ହରାଇ ୧୨୫ ରନ କରିଥିଲା। ଭଦ୍ରକ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୮୦ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ଯାଜପୁରର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୧୬ ବଲ୍‌ରେ ୨୧ ରନ କରିବା ସହ ୯ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ ସମ୍ବଲପୁରକୁ ୫୬ରନରେ ହରାଇ ଦେଇଛି କେନ୍ଦୁଝର। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର କୁସୁମ ତିରିଆଙ୍କ ୪୭ ଏବଂ ଅର୍ଚ୍ଚନା ପରିଡ଼ାଙ୍କ ୪୦ରନ ସହାୟତାରେ ୨ଉଇକେଟ ବିନିମୟରେ ୧୬୫ ରନ କରିଥିଲା। ସମ୍ବଲପୁର ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୦୯ ରନ କରି ପରାଜିତ ହୋଇଥିଲା। ଏଥିରେ ବିଜୟୀ ଦଳର ଅର୍ଚ୍ଚନା ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪୦ରନ କରିବା ସହ ଗୋଟିଏ ଉଇକେଟ ମଧ୍ୟ ନେଇଥିଲେ।


ଅର୍ଚ୍ଚନା ପରିଡ଼ା


ଲୁଇସା ଦାଶ


ରାନୀ ଟୁଡୁ


କାଜଲ ଜେନା

**ଆନ୍ତଃଜିଲା ମହିଳା କ୍ରିକେଟ**

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ